ଦେବ ବୈକୁଣ୍ଠନାଥ ଦେବ ଏବଂ ଏହି ପ୍ରଶ୍ନରେ ମାନ୍ୟବର କିଶୋରୀ ଲାଲ ଗୋସ୍ୱାମୀ ଗୋଟିଏ ସଂଶୋଧନ ପ୍ରସ୍ତାବ କରିଅଛନ୍ତି ।

---

ଅମ୍ଭେମାନେ ଅତି ଆନନ୍ଦ ସହକାରେ ଅବଗତ ହେଲୁଁ ଯେ ବାଲେଶ୍ୱର ଜିଲ୍ଲା ବୋର୍ଡର ଭାଇସ-ଚେୟାରମାନ ବାବୁ ବୁଧାଚରଣ ଦାସ ଗତ ଜାନୁୟାରୀ ମାସ ତା ୧୯ ରିଖରୁ ମୋଫସଲ ଗସ୍ତରେ ବାହାରିଅଛନ୍ତି । ଏହାଙ୍କ ଗସ୍ତକାଳ ଆଗାମୀ ମାର୍ଚ୍ଚ ମାସ ତା ୧୯ ରିଖଯାଏ ରହିବ । ବାବୁ ମହାଶୟ ବାଟ, ଘାଟ, କାଞ୍ଜିହାଉସ, ସ୍କୁଲ ଓ ଡାକ୍ତରଖାନା ଇତ୍ୟାଦି ସମସ୍ତ ପରିଦର୍ଶନ କରି ବୁଲୁଅଛନ୍ତି ଏବଂ ସମସ୍ତ ଖର୍ଚ୍ଚ ଆପଣା ଉପରେ ନେଉଅଛନ୍ତି । ଏହା ଯେ ଅତୀବ ପ୍ରଶଂସାର ବିଷୟ ଏଥିରେ ସନ୍ଦେହ ନାହିଁ । ଏହା ଓଡ଼ିଶାର ନାହିଁ ବଙ୍ଗପ୍ରଦେଶ ମଧ୍ୟରେ ବୁଧାଚରଣ ବାବୁ ବର୍ତ୍ତମାନ ଆଦର୍ଶ ଭାଇସଚେୟାରମାନ ହୋଇଅଛନ୍ତି ବୋଇଲେ ଅତ୍ୟୁକ୍ତି ହେବ ନାହିଁ ।

---

ଚୀନସ୍ଥାନରୁ ଅନେକ ଜାଲ ନୂଆ ଟଙ୍କା ଏ ଦେଶକୁ ଆସିଥିବାର ସମ୍ବାଦପତ୍ରମାନଙ୍କରୁ ଅବଗତ ହେଲୁଁ । ସେଥିର ରୂପା ଭଲ ଏବଂ ଏମନ୍ତ କୌଶଳରେ ନିର୍ମିତ ଯେ ସାଧାରଣ ଲୋକେ ଦେଖି ନ ଜାଣିଲେ ଠଉରାଇବାର ଉପାୟ ନାହିଁ । ଅମ୍ଭେମାନେ ଶୁଣିଅଛୁଁ ଯେ ବର୍ତ୍ତମାନ ଟଙ୍କାରେ ସରକାରଙ୍କର ଲାଭ ଅନେକ ଥିବାରୁ ନାନାସ୍ଥାନରୁ ଜାଲ ମୁଦ୍ରା ବଜାରକୁ ଆସୁଅଛି । ଏବଂ ଲୋକେ ଚିହ୍ନି ନ ପାରି ଠକିବାରେ ପଡ଼ୁଅଛନ୍ତି । ଟଙ୍କାଟା ରୂପାର ମୂଲ୍ୟ ସଙ୍ଗେ ସମାନ ହେଉଥିଲେ ଏତେ ଜାଲ ଦେଖାଯାନ୍ତା ନାହିଁ ଏବଂ ଏହି କାରଣରୁ ଆଗ ଟଙ୍କା ଏତେ ଜାଲ ହେଉ ନ ଥିଲା । ଏ ବିଷୟରେ ଗବର୍ଣ୍ଣମେଣ୍ଟ ଶୀଘ୍ର ପ୍ରତିକାର ବିଧାନ କରିବାର ଆଶା କରାଯାଏ ।

---

ଭାରତ ବ୍ୟବସ୍ଥାପକ ସଭାର ଗତମାସ ୨୪ ରିଖର ଅଧିବେଶନରେ ବିନା ଖର୍ଚ୍ଚରେ ଲୋକଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ ସମ୍ବନ୍ଧରେ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କଠାରୁ ରିପୋର୍ଟ ଆସି ପହଞ୍ଚିଅଛି କି ନାହିଁ ଏଥିର ପ୍ରଶ୍ନ ଉତ୍ଥାପିତ ହୋଇଥିଲା । ସରକାର ପକ୍ଷରୁ ଉତ୍ତର ମିଳିଲା ଯେ ରିପୋର୍ଟମାନ ଆସି ଭାରତ ଗବର୍ଣ୍ଣମେଣ୍ଟଙ୍କ ନିକଟରେ ଉପସ୍ଥିତ ହୋଇଅଛି ମାତ୍ର ଅର୍ଥାଭାବରୁ କିଛି କରାଯାଇ ନାହିଁ । ବେତନ ଛାଡ଼ିଦେବା ଟିକସ ଛାଡ଼ିଦେବା ସଙ୍ଗେ ସମାନ । ଏତଦ୍ୱାରା ବିଦ୍ୟାଳୟର ସଂଖ୍ୟା ବଢ଼ିବ ନାହିଁ ଏବଂ ଏହା ଓ ଅନ୍ୟାନ୍ୟ କାରଣରୁ ଏଥିର ଘୋର ସମାଲୋଚନା ହୋଇଅଛି । ଯଦି ଆର୍ଥିକ ଅବସ୍ଥା ଭଲ ହେଲେ ଏହା ପୁନର୍ବିଚାର କରାଯିବ ଏବଂ ସେତେବେଳର ଅବସ୍ଥା ଦୃଷ୍ଟିରେ ମୀମାଂସା ହେବ—ବର୍ତ୍ତମାନ କିଛି ସ୍ଥିର କରି ବୋଲାଯାଇ ନ ପାରେ ।

---

ବଙ୍ଗ ବ୍ୟବସ୍ଥାପକ ସଭାର ଗତ ଅଧିବେଶନରେ ଅବୈତନିକ ବେଞ୍ଚ ମାଜିଷ୍ଟ୍ରେଟମାନଙ୍କର ନିଯୁକ୍ତିକାଳ ତିନିବର୍ଷ ପରିବର୍ତ୍ତେ ପାଞ୍ଚବର୍ଷ ଓ ଉପରେ ତାଙ୍କର କାର୍ଯ୍ୟ ରହିବ କରାଯିବାର ପ୍ରସ୍ତାବ ଆଗତ ହୋଇଥିଲା । ମାତ୍ର ସରକାର-ପକ୍ଷରୁ ଏ ବିଷୟର ଯେରୂପ ଉତ୍ତର ହୋଇ ଯାବଜ୍ଜୀବନ ନିଯୁକ୍ତ ପରିବର୍ତ୍ତେ ତିନିବର୍ଷ ଓ ତହିଁ ପରେ ପୁନର୍ନିଯୋଗ କରାଯିବାର ନିୟମ କରାଯାଇଅଛି ତାହା ଶୁଣି ପ୍ରସ୍ତାବକ ଆପଣାର ପ୍ରସ୍ତାବ ଉଠାଇ ନେଲେ । ଅମ୍ଭମାନଙ୍କ ବିବେଚନାରେ ତିନିବର୍ଷ ନିଯୁକ୍ତ ଓ ପରେ ଯୋଗ୍ୟତା ଦେଖା ଗଲେ ପୁନର୍ନିଯୋଗ ସୁନ୍ଦର ଭଲ ଅଟେ । କେବେ କଥା ଏତିକି ଯେ ଯୋଗ୍ୟତା ପ୍ରତି ସମ୍ୟକ ଦୃଷ୍ଟି ରଖା ନ ଯିବାରୁ ବେଳେ୨ ଅନିଷ୍ଟ ଘଟଇ । ଏଥିର ବିହିତ ବନ୍ଦୋବସ୍ତ ହେଲେ କାହାର ଗୁହାରି ରହିବ ନାହିଁ ।

—※—

ଗତ ନବେମ୍ବର ମାସ ତା ୯ ରିଖରେ କଲିକତା ପୁଲିସର ସବଇନ୍ସପେକ୍ଟର ନନ୍ଦଲାଲ ବାନାର୍ଜି ହତ ହୋଇଥିବା ହେତୁ ତାଙ୍କର ଏକମାତ୍ର ଉତ୍ତରାଧିକାରିଣୀ ତାଙ୍କର ମାତାଙ୍କୁ ଗବର୍ଣ୍ଣମେଣ୍ଟ ଜାଗିର ଦେବାର ସ୍ଥିର କରିଥିଲେ ମାତ୍ର ସେ ଇତ ମଧ୍ୟରେ ପରଲୋକ ଗମନ କରିବାରୁ ସେ ଜାଗିର ତାଙ୍କର ମାତାମହ ମଜଫରପୁର ନିବାସୀ ରାୟ ଶିବଚନ୍ଦ୍ର ଚାଟୁର୍ଯ୍ୟା ବାହାଦୁରଙ୍କୁ ଦିଆଯିବାର ଆଦେଶ ହୋଇଅଛି । ନନ୍ଦଲାଲ ବାବୁ ମାତାମହଙ୍କ ଘରେ ଥାଇ ବିଦ୍ୟା ଶିକ୍ଷା କରିଥିଲେ । ଏହି ଜାଗିରର ପରିମାଣ ୯୨୦ ଏକର ଭୂମି । ଏଥିରୁ ବର୍ଷିକ ଟ ୧୨୫୦ ଙ୍କା ଖଜଣା ଆଦାୟ ହେବ ଏବଂ ସରକାରଙ୍କୁ ଟ ୫୦୪ । ରାଜସ୍ୱ ଦେବାକୁ ପଡ଼ିବ । ଜାଗିରଦାର ଏହା ହସ୍ତାନ୍ତର କରି ପାରିବେ ନାହିଁ ଏବଂ ପୁତ୍ର ପୌତ୍ରାଦିର ଅଭାବ ହେଲେ ଗବର୍ଣ୍ଣମେଣ୍ଟ ତାହା ଫେରାଇ ନେବେ ।—ଗବର୍ଣ୍ଣମେଣ୍ଟଙ୍କ ଏ ବଦାନ୍ୟତା ପ୍ରଶଂସନୀୟ ।

---

ନୀଳାଚଳ ସମାଚାରରୁ ଅବଗତ ହେଲୁଁ ଯେ କୁଅଲପୁର ମହାରାଜାଙ୍କ ଜ୍ୟେଷ୍ଠଭ୍ରାତା ପ୍ରଭୁ-ଠାରୁ ଦର୍ଶନାଭିଳାଷରେ ଆସି ବାସ୍ତବ ଗଲା ପରେ ତାଙ୍କର କର୍ମଚାରୀମାନେ, ଶ୍ରୀଜଗନ୍ନାଥ ମନ୍ଦିରର ସେବକ, ପଣ୍ଡିତ ଓ ଅନ୍ୟ ବ୍ରାହ୍ମଣମାନଙ୍କୁ ଯଥାଯୋଗ୍ୟ ଦକ୍ଷିଣା ଦେଇ ବିଦାୟ କରିଅଛନ୍ତି । ପ୍ରାୟ ୬୦୦୦ ଟଙ୍କା ବଣ୍ଟା ହୋଇଥିଲା । ଏ ଛଡ଼ା ପ୍ରାୟ ଏକହଜାର କଙ୍ଗାଳୀ ତହିଁ ଅର-ତଦ ବିଦାୟ ହୋଇଥିଲେ । ଏହାଙ୍କ ପଣ୍ଡା କେବେ ଯାଇ ଅଛନ୍ତି ସହଯୋଗୀ ଲେଖି ନାହାନ୍ତି । ଏହିପରି ଦାନ ପ୍ରଚଳିତ ରୀତି ଅନୁଯାୟୀ ପ୍ରଶଂସନୀୟ ହେଲେହେଁ ଏହାଦ୍ୱାରା ଅମ୍ଭମାନଙ୍କ ଦେଶର ଭିକ୍ଷୁକଙ୍କ ସଂଖ୍ୟା ତଥା ଦାରିଦ୍ର୍ୟ ଦିନ୨ ବୃଦ୍ଧି ଓ ଉଦ୍ୟୋଗ୨ ପରିଶ୍ରମ ଓ ବିଦ୍ୟା ଚର୍ଚ୍ଚା ଊଣା ହୋଇ ଯାଉଅଛି । ରାଜା ମହାରାଜାମାନେ ପଣ୍ଡିତମାନଙ୍କର ସଭା କରାଇ ଯୋଗ୍ୟତା ଅନୁସାରେ ଦାନ କରୁଥିଲେ ଅବଶ୍ୟ ବିଦ୍ୟାର ଆଦର ବଢ଼ିବା ସଙ୍ଗେ୨ ତହିଁର ଚର୍ଚ୍ଚା ମଧ୍ୟ ବଢ଼ନ୍ତା । ଏବଂ ଏହାହିଁ ପୂର୍ବକାଳର ରୀତି ଓ ଶାସ୍ତ୍ରାନୁମୋଦିତ । ବର୍ତ୍ତମାନ ଯେପରି ସମୟ ଉପସ୍ଥିତ ତହିଁରେ ଅକାରଣ ଦାନମାନ ଶିକ୍ଷାର୍ଥ ନିୟୋଜିତ କଲେ ଶିକ୍ଷାର ଉନ୍ନତି ସଙ୍ଗେ ଦେଶର ମଧ୍ୟ ଉନ୍ନତି ହୁଅନ୍ତା । ଅକାରଣ ଦାନ ଯୋଗେ ଭିକ୍ଷୁକ ଅଲସୁଆ ବ୍ରାହ୍ମଣମାନଙ୍କର ସଂଖ୍ୟା ବଢ଼ୁଅଛି । ତାହା ବନ୍ଦ ହୋଇଗଲେ ଏମାନେ ଅନନ୍ୟୋପାୟ ହୋଇ ଅବଶ୍ୟ ପାଠାଦିରେ ଲାଗି ଦେଶର ଓ ସମାଜର ଅଙ୍ଗପୁଷ୍ଟି କରନ୍ତେ ।

---

କଲିକତା ହାଇକୋର୍ଟର ଭୂତପୂର୍ବ ଜଜ ମାନ୍ୟବର ସୟଦ ଅମୀରଅଲି ମହାଶୟ ବିଲାତ ପ୍ରିଭିକାଉନସିଲରେ ବିଚାରପତିସ୍ୱରୂପ ନିଯୁକ୍ତ ହେବାରୁ ତାଙ୍କୁ ଅଭ୍ୟର୍ଥନା କରିବାକାରଣ ଗତମାସ ତା ୨ ରିଖ ସନ୍ଧ୍ୟାସମୟରେ ବିଲାତ-ଠାରେ ଭୋଜୀ ହୋଇଥିବାର ଅବଗତ ହେଉ-ଅଛୁ । ଏ ଭୋଜିରେ ନ ୧୬୦ ଣ ସଭ୍ୟ ଯୋଗ ଦେଇଥିଲେ । ଲର୍ଡ ରେ ମହୋଦୟ ଅମୀରଅଲି ମହାଶୟଙ୍କ କଥା ପକାଇ ପ୍ରକାଶ କଲେ ଯେ ତାଙ୍କ ନିଯୋଗରେ ଭାରତର ହିନ୍ଦୁ ଓ ମୁସଲମାନମାନଙ୍କମଧ୍ୟରେ ସଦ୍ଭାବ ବୃଦ୍ଧି ହେବ, କାରଣ ସେ ଉଭୟ ସମ୍ପ୍ରଦାୟ ପ୍ରତି ନିରପେକ୍ଷ ବିଚାର କରିବାକାରଣ ଆକାଂକ୍ଷିତ । ସେ ଆହୁରି କହିଲେ ଯେ ଲର୍ଡ ଓ ପ୍ରିଭିକାଉନସିଲ ଅଦାଲତ ମିଶିଲେ ଅଲି ମହୋଦୟ ବିଲାତ ପାର୍ଲିଆମେଣ୍ଟର ଲର୍ଡମାନଙ୍କ ସଭାରେ ସ୍ଥାନ ପାଇବେ ଏବଂ ତଦ୍ୱାରା ସୁଫଳ ଫଳିବ । ଏଥିଉତ୍ତାରେ ମାନ୍ୟବର ଅମୀରଅଲି ମହୋଦୟ ଗାତ୍ରୋତ୍ଥାନପୂର୍ବକ ବ୍ୟକ୍ତ କଲେ ଯେ ତାଙ୍କ ନିଯୋଗରେ ସେ ଭାରତ-ସାମ୍ରାଜ୍ୟର ସମସ୍ତ ସମ୍ପ୍ରଦାୟରୁ ଧନ୍ୟବାଦ ପାଇ ଅଛନ୍ତି ଏବଂ ଭାରତବର୍ଷରେ ଇଂରାଜମାନଙ୍କର ନ୍ୟାୟପର ଶାସନର ଉଦାହରଣ ପୃଥିବୀର ଇତି-

Digitized by srujanika@gmail.com

Split by PDF Splitter



ହାସରେ ଅନୁପମ ଅଟେ । ସେହି ଦଳ ଅପରାହ୍ନକାଳରେ ସେ ନଗରର ପୂର୍ବାଞ୍ଚଳ ଉପସ୍ଥିତ ସଭାରୁ ଯେଉଁ ଅଭିନନ୍ଦନପତ୍ର ପାଇଥିଲେ ତହିଁରେ ତାଙ୍କ ଯୋଗେ ତୁରସ୍କ ଓ ପାରସ୍ୟର ସ୍ଥଳରେ ଯୁଦ୍ଧକାର୍ଯ୍ୟରେ ଲବ୍ଧ ହୋଇଥିବାର ଲେଖାଥିଲା ।

—o—

ବୀରେନ୍ଦ୍ର ନାଥ ଦତ୍ତ ଗୁପ୍ତ ନାମକ ଯେଉଁ ଯୁବକ କଲିକତା ହାଇକୋର୍ଟ ମଧ୍ୟରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଖାଁ ବାହାଦୁର ସମସୁଲ ଆଲମଙ୍କୁ ହତ୍ୟା କରିଥିଲା ତାହା ପ୍ରତି ଗତ ମାସ ତା ୧ ରଖରେ ହାଇକୋର୍ଟର ଦଉରା ବସ-ଲରେ ପ୍ରଧାନ ବିଚାର ପତିଙ୍କ ନିକଟରେ ପ୍ରାଣଦଣ୍ଡର ଆଦେଶ ହୋଇଅଛି । ପ୍ରଧାନ ବିଚାର ପତିଙ୍କ ନିର୍ଦ୍ଦେଶ ମତେ ହାଇକୋର୍ଟର ଓକିଲ ଏନ୍, ସି, ସେନ ମହାଶୟ ଆସାମୀ ପକ୍ଷରୁ ଉପସ୍ଥିତ ହୋଇ ଆସାମୀ ପାଗଳ କି ନା ତାହ ପରୀକ୍ଷା କରିବା କାରଣ ପ୍ରାର୍ଥନା କରିଥିଲେ ମାତ୍ର ଆସାମୀ ଓକେଲ ତାହଙ୍କର ଲୋକ ନ ଥିବାର ପ୍ରକାଶ କର ଓକିଲଙ୍କ ଅଭିଯୋଗରେ କୌଣସି ଜବାବ ନ ଦେବାରୁ ପ୍ରମାଣ ନିଆଗଲା ଏବଂ ଜୁରିମାନେ ଏକ ବାକ୍ୟରେ ଆସାମୀ ଦୋଷୀ ଥିବାର ରାୟ ଦେଲେ । କି ଅଭିପ୍ରାୟରେ ଆସାମୀ ହତ୍ୟା କରିଅଛି ତାହା ପ୍ରକାଶ ନ ପାଇଲେ ସୁଦ୍ଧା ଅଭିପ୍ରାୟ ସଙ୍ଗେ ଅପରାଧର କୌଣସି ସମ୍ବନ୍ଧ ନ ଥିବାର ପ୍ରଧାନ ବିଚାରପତି ମହୋଦୟ ପ୍ରକାଶ କଲେ । ଏହି ହତ୍ୟା ସଂଘଟିତ ହେବା କାରଣ ଆସାମୀ ସଙ୍ଗେ ଲିପ୍ତ ଥିବା ଲୋକଙ୍କର ଅନୁସନ୍ଧାନ କରିବାକୁ ଯାଇ ପୁଲିସ ଜଣେ ଛାତ୍ର ଏବଂ ଅନ୍ୟ ଲୋକଙ୍କୁ ଧରିଥିଲେ ମାତ୍ର ପ୍ରମାଣ ଅଭାବରେ ସେମାନେ ମୁକ୍ତ ପାଇଅଛନ୍ତି । କେବଳ କୃଷ୍ଣନଗରର ଓକିଲ ଲଳିତମୋହନ [illegible] ଓ ତାଙ୍କର ମୋହରର ନବାରଣ ଚନ୍ଦ୍ର ମଜୁମଦାର ଉକ୍ତ ଏମାନଙ୍କ ସଙ୍ଗୀ ଥିବା ସନ୍ଦେହରେ ହାଜତରେ ଅଛନ୍ତି । ଆସାମୀକୁ ଧରିଥିବା ହେତୁ ହାଇକୋର୍ଟର ଦ୍ୱାରବାନ୍ ସୁମଧନ ତାହାର ସରକ ସହର ଟ ୫୦୦ ଙ୍କା ଏବଂ ଘୋଡ଼ସବାର ପୁଲିସ କର୍ମଚାରୀ ଅଲି ମହମ୍ମଦ ଖାଁ ଓ କନେଷ୍ଟବଲ ହିମଳନ ସିଂହ ଓ ଧରମ ସିଂହ ପ୍ରତ୍ୟେକେ ଟ ୨୦୦ ଙ୍କା ଲେଖାଏଁ ପୁରସ୍କାର ପାଇଅଛନ୍ତି । ମୃତ ବ୍ୟକ୍ତିଙ୍କ ସ୍ତ୍ରୀ ପୁତ୍ରାଦିଙ୍କି ବର୍ତ୍ତମାନ ସଦାଶୟ ସରକାର ଟ ୧୩୦୦ ଙ୍କା ଦାନ କର ଚାକ୍‌ରି ଦେବା ବିଷୟ ବିବେଚନା କରୁଅଛନ୍ତି । ଆସାମୀ ଶୀଘ୍ର ଦଣ୍ଡରେ ଦଣ୍ଡିତ ହେବା ଯେମନ୍ତ ଉଚିତନ୍ତ ତାହା ଧରିବା କାରଣ ସାହସିକ କାର୍ଯ୍ୟହେତୁ ପୁରସ୍କାର ଓ ମୃତ ବ୍ୟକ୍ତିର ପରିବାର ପ୍ରତିପାଳନର ବ୍ୟବସ୍ଥା କରିବା ଗବର୍ଣ୍ଣମେଣ୍ଟଙ୍କ ପକ୍ଷେ ଯେମନ୍ତ ଶୋଭନୀୟ ହୋଇଅଛି ।

—※—

## କୃଷି ଓ ଶିଳ୍ପର ଫଳ ।

ଭାରତ କୃଷି ପ୍ରଧାନ ଦେଶ ମାତ୍ର କୃଷିକାର୍ଯ୍ୟ ବିଶେଷରୂପେ ବର୍ଷାର ଅପେକ୍ଷା କରେ । ଅନାବୃଷ୍ଟି ଓ ଅତିବୃଷ୍ଟି ହେତୁ ଫସଲ ହାନି ହେଲେ କୃଷି ପ୍ରଧାନ ଦେଶରେ ଦୁର୍ଭିକ୍ଷ ଓ ଲକ୍ଷନତ ଲୋକ ନାଶ ଅବଶ୍ୟମ୍ଭାବୀ ହୋଇପଡ଼େ । କୃଷି ସଙ୍ଗେ ଶିଳ୍ପାଦି ବ୍ୟବସାୟ ଥିଲେ ଲୋକେ ଦୁର୍ଭିକ୍ଷର ଦାଉରୁ ସମ୍ଭାଳି ନେଇପାରିବା ବିଷୟ ଆମ୍ଭେମାନେ ବାରମ୍ବାର ପ୍ରକାଶ କରିଅଛୁଁ । ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ଭିନ୍ନ ୨ ସ୍ଥାନର ବିବରଣ 'ଗେଜେଟିୟର' ନାମକ ପୁସ୍ତକରେ ଖଣ୍ଡ ୨ କରି ବାହାର କରୁଥିବାରୁ ହାବଡ଼ା ଜିଲ୍ଲାର ଯେଉଁ ପୁସ୍ତକ ବାହାର ଅଛି ତହିଁରୁ ଏ କଥାର ଯଥାର୍ଥ୍ୟ ବହୁପରିମାଣରେ ପ୍ରମାଣିତ ହେଉଅଛି । ୧୮-୬୪ ମସିହାରେ ସେ ଅଞ୍ଚଳରେ ପ୍ରବଳ ତୋଫାନ ଏବଂ ୧୮୮୫ ଓ ୧୮୯୦ ମସିହାରେ ବିଶେଷ ବନ୍ୟା ହୋଇଥିଲା । ମାତ୍ର ୧୭୭୦ ମସିହାରୁ ସେ ଅଞ୍ଚଳରେ ଦୁର୍ଭିକ୍ଷର ଦେଖା ନାହିଁ । ଏଜିଲ୍ଲାର ଶତକଡ଼ା ୮୦ ଲୋକ ମୋଫସଲରେ ବାସ କରୁଥିଲେହେଁ ୪୨.୩ ଜଣ କେବଳ କୃଷି ଉପରେ ନିର୍ଭରକରନ୍ତି । ସେ ଜିଲ୍ଲାରେ ନାନାପ୍ରକାର କାରଖାନାମାନ ସ୍ଥାପିତ ହୋଇଅଛି ଯେ ଶତକଡ଼ା ୨୬ ଣ ତହିଁରେ କାର୍ଯ୍ୟ କରି ଜୀବିକା ନିର୍ବାହ କରନ୍ତି । ଏମାନେ ମିଭାଗ୍ରହରେ ରହି ୩୪ ଲକ୍ଷଟଙ୍କା ମନିଅର୍ଡରଦ୍ୱାରା ଆପଣା ୨ ଗୃହାଦିକୁ ପଠାଇଥିଲେ ଏବଂ ସେଭିଂ ବାଙ୍କରେ ଏମାନଙ୍କ କର୍ତ୍ତୃକ ଜମା ହୋଇଥିବା ଟଙ୍କା ମଧ୍ୟ ସେମାନେ ଯାହା କର୍ଜ କମା ଆପଣା ୨ ର ଶସ୍ୟକ୍ଷେତ୍ର କାର୍ଯ୍ୟରେ ଲଗାଇ ଅଛନ୍ତି ତାହା ଦେଖିଲେ ଏମାନଙ୍କର ଅବସ୍ଥା ଅନେକାଂଶରେ ଭଲ ଥିବାର ଦେଖାଯିବ । ହାବଡ଼ା ଜିଲ୍ଲାର ଭୂମି ବଙ୍ଗଳାର ଅନ୍ୟାନ୍ୟ ସ୍ଥାନର ଭୂମି ଅପେକ୍ଷା ଅଧିକ ଉର୍ବର ନୁହେ । ଏମନ୍ତ ସ୍ଥଳେ ଦୁର୍ଭିକ୍ଷର ଦାଉ ସେ ଅଞ୍ଚଳରେ ହୋଇ ନ ଥିବାର ଏକମାତ୍ର କାରଣ ନାନାବିଧ କାରଖାନା ଓ ଶିଳ୍ପକାର୍ଯ୍ୟାଦିର ଅନୁଷ୍ଠାନ ବୋଲି ବୁଝିବାକୁ ହେବ । ଏଥିରୁ ସ୍ପଷ୍ଟ ଦେଖାଯାଉ ଅଛି ଯେ ଦେଶରେ ଶିଳ୍ପକାର୍ଯ୍ୟର ଅନୁଷ୍ଠାନ ହେବା ନିତାନ୍ତ କର୍ତ୍ତବ୍ୟ, ଅବଶ୍ୟ କୃଷିକାର୍ଯ୍ୟ ହେଳାର ବିଷୟ ନୁହେ । ଗବର୍ଣ୍ଣମେଣ୍ଟ କୃଷିକାର୍ଯ୍ୟର ଉନ୍ନତିବିଧାନାର୍ଥ ନାନାପ୍ରକାର ଉପାୟରେ ଲୋକଙ୍କୁ ଶିକ୍ଷାଦେବାର ବ୍ୟବସ୍ଥା କରି ଅଛନ୍ତି ଏବଂ ସେ ହେତୁ ଦେଶ ଲୋକେ ଗବର୍ଣ୍ଣମେଣ୍ଟଙ୍କଠାରେ ଋଣୀ ଅଟନ୍ତି । ଏତିକରେ କିନ୍ତୁ ଦୁର୍ଭିକ୍ଷକୁ ଅନ୍ତର କରିଯାଇ ନ ପାରେ । ଗବର୍ଣ୍ଣମେଣ୍ଟ ଦୁର୍ଭିକ୍ଷହେତୁ ସାହାଯ୍ୟ ଦାନାର୍ଥରେ ଅନେକ ଟଙ୍କା ବ୍ୟୟକରୁ ଅଛନ୍ତି ଏବଂ ଶିଳ୍ପାଦିର ଅନୁଷ୍ଠାନ ଦ୍ୱାରା ଲୋକଙ୍କର ମଙ୍ଗଳର ଉପାୟ ନ ଦେଖି ତହିଁରେ ସୁଦ୍ଧା ମନୋଯୋଗୀ ହୋଇ ନାନାପ୍ରକାର ଉପାୟ ଅବଲମ୍ବନ କରିବାକୁ ଲାଗି ଯାଆନ୍ତୁ । ମାତ୍ର ଦେଶଲୋକେ ବିଶେଷତଃ ଶିକ୍ଷିତ ସମ୍ପ୍ରଦାୟ ଏଥିରେ ମନ ଦେଇ ଆପଣା ଦେଶର ଅବସ୍ଥା ଉନ୍ନତ କରିବାକୁ ଯତ୍ନଶୀଳ ନ ହେଲେ କାର୍ଯ୍ୟ ଚଳବ ନାହିଁ । “ ବାଣିଜ୍ୟେ ବସତେ ଲକ୍ଷ୍ମୀଃ” ଏହା ଶାସ୍ତ୍ରର ବଚନ ଏବଂ ଶିଳ୍ପହୀନ ବାଣିଜ୍ୟର ଉନ୍ନତି ଅସମ୍ଭବ । ଅତଏବ ଆମ୍ଭେମାନେ କୃଷିସଙ୍ଗେ ଶିଳ୍ପକାର୍ଯ୍ୟରେ ମନୋଯୋଗୀ ହେବା କାରଣ ଦେଶ ଲୋକଙ୍କୁ ଅନୁରୋଧ କରୁଅଛୁଁ ।

———

## କାଚ କାରଖାନା ।

ଭାରତବର୍ଷରେ ବିଦେଶୀୟ କାଚର ବ୍ୟବସାୟ ବିସ୍ତରରୂପେ ଚଳୁ ଅଛି । ବ ୬ ବର୍ଷ ତଳେ ଏ ଦେଶକୁ ୯୨ ଲକ୍ଷ ଟଙ୍କାର କାଚ ଆମଦାନୀ ହୋଇଥିବା ସ୍ଥଳେ ୧୯୦୭—୮ ବର୍ଷରେ ଆମଦାନୀ କାଚ ଦ୍ରବ୍ୟର ମୂଲ୍ୟ ୧୨୧ ଲକ୍ଷ ଟଙ୍କା ଅର୍ଥାତ୍ ଦେଢ଼ା ହୋଇଥିଲା । ସ୍ୱଦେଶୀ ଆନ୍ଦୋଳନ ପ୍ରତ୍ୟକ୍ଷେ ଏହା ସ୍ୱଳ୍ପତର ନୁହଇ । ଆମଦାନୀ କାଚର ଦ୍ରବ୍ୟମଧ୍ୟରେ କାଚର ଚୁଡ଼ି, ମାଳ, ଝୁଟା ମୋତି, ବୋତଲ, ଗିଲାସ, ଲେମ୍ପ ସର ଗ୍ଲାସ ଏବଂ ଆଇନା ଇତ୍ୟାଦି ଅଛି । ଏହି ବିଦେଶୀ କାଚର ଚୁଡ଼ି ବର୍ଷକରେ ୪୩ ଲକ୍ଷ ଏବଂ ମାଳ ଓ ଝୁଟା ମୋତି ୨୪ ଲକ୍ଷ ଟଙ୍କାର ଆମ୍ଭେମାନେ କିଣୁ ଅଛୁଁ । ସୁତରାଂ ବିଦେଶ ଉପରେ ଏତେ ଅଧିକ ନିର୍ଭର ରଖିବା ଆମ୍ଭମାନଙ୍କର ଅମନସ୍କତା ଭିନ୍ନ ଆଉ କ ହୋଇପାରେ ? କାଳି ଅଦ୍ୟ ଯେଉଁ ଉପକରଣରୁ କାଚ ପ୍ରସ୍ତୁତ ହୁଏ ତାହା ଏ ଦେଶରେ ଅପର୍ଯ୍ୟାପ୍ତ ପରିମାଣରେ ବିଦ୍ୟମାନ ଅଛି । କେବଳ ଶିକ୍ଷାର ଅଭାବ ଓ ଆଳସ୍ୟ ଦୋଷରୁ ଆମ୍ଭେମାନେ ବିଦେଶର ଶିଳ୍ପିଙ୍କ ପାରିଶ୍ରମିକ, ଜାହାଜଭଡ଼ା, ବନ୍ଦରମାସୁଲ ଓ ରେଳ ଖର୍ଚ୍ଚାଦି ଦେଇ ଅଧିକ ମୂଲ୍ୟରେ କଣି ଗୃହଚାକଚକ୍ୟରେ ଭୂଷିତ ହୋଇ ଘରର ଧନ ଓ ପରିଶ୍ରମ ବଗାଇ କଙ୍ଗାଳ ହେଉଅଛୁଁ । ଅମ୍ବାଲାନଗରର କାଚ କାରଖାନାର ସେକ୍ରେଟରୀ ଶ୍ରୀଯୁକ୍ତ ଅଲେଖ ଧାରୀ ମହାଶୟ ଭାରତରେ କାଚ କାରଖାନା ସ୍ଥାପନସମ୍ବନ୍ଧରେ ଗୋଟିଏ ଚିନ୍ତାଶୀଳ ଶିକ୍ଷାପ୍ରଦ ପ୍ରବନ୍ଧ ପ୍ରକାଶ କରି ଦେଖାଇ

Digitized by srujanika@gmail.com

Split by PDF Splitter



ଅଛନ୍ତି ଯେ ସ୍ୱଇଡନରେ ଗତ ବ ୧୮୭୦ ଈ-
ସ୍ୱୀରେ ଅନେକ ସ୍ଥାନରେ କାଠର କାରଖାନା
ହୋଇ ତାହା ଉପଯୁକ୍ତ ଶିକ୍ଷା ଓ ବ୍ୟବସାୟିକ ଗୁଣ
ଲୋକ ଅଭାବରୁ ଉଠି ଯାଇଅଛି । ଅମ୍ଭମାନଙ୍କର
କାରଖାନାରେ ଶିକ୍ଷିତ କୃଲିଙ୍କ ଅଭାବଯୋଗୁଁ
ଘଣ୍ଟା କାଠର ଦ୍ରବ୍ୟ ପ୍ରସ୍ତୁତ ହୋଇପାରୁ ନାହିଁ ।
କଲିକତାରେ ଗୋଟିଏ କାଠର କାରଖାନା
ସ୍ଥାପିତ ହୋଇ ୩୪ ବର୍ଷ ହେଲା ଭଲ କାର୍ଯ୍ୟ
ଚଳାଉ ଅଛି ଏବଂ ଆଉ ଗୋଟିଏ ବୃହତ୍ କାର-
ଖାନା ସ୍ଥାପିତ ହେବାକୁ ଉଦ୍ୟମ ଚାଲିଅଛି ।
ମୁଥିଲପୁରରେ ମଧ୍ୟ ଗୋଟିଏ କାରଖାନା ମହା-
ରାଜାଙ୍କ ପକ୍ଷରୁ ସ୍ଥାପନ କରାଯିବାର ପ୍ରସ୍ତାବ
ହୋଇଅଛି । ଅଲବାରର ମହାରାଜା ଓ କଳା-
ଜପୁର ଦରବାରରୁ ମଧ୍ୟ ଏ ସମ୍ବନ୍ଧରେ ଉଦ୍ୟମ
ଚାଲିଅଛି । ବରଦାର ଗାଇକୁମାର ମଧ୍ୟ କହନ୍ତି
ନ ଥାଇ ସେଠାରେ ସ୍ଥାପିତ ହୋଇଥିବା କାଚର
ଶିଳ୍ପ କାର୍ଯ୍ୟ ଉପରେ କାଠର କାର୍ଯ୍ୟ ଶିଖାଇବାକୁ
ଯତ୍ନ କରୁଅଛନ୍ତି । ଏଥିରୁ ଦେଶଲୋକଙ୍କର ଦୃଷ୍ଟି
ଏଥିପ୍ରତି ଆକର୍ଷିତ ହୋଇଥିବାର କ୍ରମରୂପେ
ଜଣାଯାଉଅଛି । ଅଟଲଣଧାସ୍ତ ମହାଶୟ ଗୋଟିଏ
ପ୍ରକ୍ରିୟାର ଅସୁବିଧା ଦେଖାଇ ଗବର୍ଣ୍ଣମେଣ୍ଟ ଅଥବା
ଦେଶୀୟ ରାଜା ଉଦ୍ଦେଶ୍ୟରେ ନିରୂପଣ କରି
ମୀମାଂସା କର ଦେଲେ କାଠର ଦ୍ରବ୍ୟ ସହଜରେ
ପ୍ରସ୍ତୁତ ହୋଇ ପାରିବାର କହୁଅଛନ୍ତି । ଶିଳ୍ପାଦି
କାରଖାନାମାନଙ୍କ ମୂଳରେ ଶିକ୍ଷା ଥିବା ବିଷୟରେ
ସନ୍ଦେହ ନାହିଁ ଏବଂ ଦେଶୀୟ ଧନୀ ଓ ରାଜନ୍ୟ-
ବର୍ଗ ସମବାୟସୂତ୍ରରେ ଚେଷ୍ଟା କଲେ ସହ-
ଜରେ ସମସ୍ତ ଅସୁବିଧା ଦୂର ହୋଇ ଯାଇବ । ପ୍ରତ୍ୟେକ
ରାଜ୍ୟର ରାଜା ପୃଥକ୍ ଚେଷ୍ଟା କରିବା ଠାରୁ
ଅନେକର ଏକଥା ନୁହେ ମତ ବ୍ୟବସାୟ ବ୍ୟାପା-
ରରେ ଦସ ଜଣ ମିଳି କାର୍ଯ୍ୟ କରିବା ହିଁ ଦେଲେ
ଫଳପ୍ରଦ ଏବଂ ତାହାହିଁ ୟୁରୋପୀୟ କାରଖାନା-
ମାନଙ୍କର ସଫଳତାର ମୂଳମନ୍ତ୍ର ଅଟେ । ଅମ୍ଭେ-
ମାନେ ଭରସା କରୁଁ ଶିକ୍ଷିତ ଓ ଧନୀ ଲୋକ-
ମାନେ ଏ ବିଷୟରେ ଚିନ୍ତାଶୀଳ ଓ ଯତ୍ନବାନ୍
ହେବେ ।

---

### ଚିନି କାରଖାନା ।

ବାମଣ୍ଡାର ଉନ୍ନତିପ୍ରିୟ ରାଜା ମହୋଦୟ
ଆପଣା ରାଜ୍ୟରେ ରମ୍ପେର ଶମାରରେ କାର-
ଖାନା ବସାଇ ଚିନି ପ୍ରସ୍ତୁତ କରୁଥିବାରୁ ତଦ୍ୱାରା
ଅନୁକୃଷ୍ଟ ହୋଇ ଖଡ଼ିଆଳପୁରର ରାଜା ମହୋଦୟ
ସେଠାରୁ ଅକ୍ଷିଲଚନ୍ଦ୍ର ମହାପାତ୍ର ନାମକ ଜଣେ
ଶିକ୍ଷିତ ଯୁବକଙ୍କୁ ପଠାଇ ସେଠାରେ ମା ୩।୪ ମ-
ହାଲ ଶିକ୍ଷା କରାଇ ବର୍ତ୍ତମାନ ଆପଣା ରାଜ୍ୟରେ
ଚିନି ପ୍ରସ୍ତୁତ କରୁଥିବାର ସମ୍ବଲପୁର ହିତୈଷି-
ଣୀରୁ ଅବଗତ ହୋଇ ଆନନ୍ଦିତ ହେଲୁଁ । ସହ-
ଯୋଗୀଜୀ ଲେଖିଅଛନ୍ତି ଯେ ଖଡ଼ିଆଳପୁରଠାରୁ
ଯେଉଁ ଚିନି ସେ ପାଇଥିଲେ ତାହା ନିର୍ଦ୍ଦୋଷ
ଅଥବା କାଶୀର ନଂ ୧ ମର ଚିନିର ଅନୁରୂପ
ହୋଇଅଛି । ଏ ସମ୍ବାଦ ଅମ୍ଭମାନଙ୍କ ଦେଶବାସି-
ମାନେ ପାଇ ଯେ ଆନନ୍ଦିତ ହେବେ ଏଥିରେ
ସନ୍ଦେହ ନାହିଁ । ଶିଳ୍ପକାରଖାନାମାନଙ୍କରେ
ବହୁତର ବ୍ୟୟ ହୁଏ ଏବଂ ରାଜାମାନେ ତହିଁରେ
ହାତ ଦେଲେ ବ୍ୟୟ କରିବାର ଭାବନା ନ
ଥାଏ । ମାତ୍ର ବ୍ୟୟରୁ ଲାଭ ଉଠାଇ ନ ପାରିଲେ
ସେ ବ୍ୟୟ ବୃଥା ହୋଇ ଦେଶର କୌଣସି
କାର୍ଯ୍ୟରେ ଆସି ନ ପାରେ । ପାଠକେ ଜାଣନ୍ତି
ଅମ୍ଭମାନଙ୍କ ଦେଶରେ ବହୁତ ଅଧିକ ବ୍ୟୟ
ହୁଏ ମାତ୍ର ୟୁରୋପ ଛଡ଼ି ତାହାରୁ ଅପର୍ଯ୍ୟାପ୍ତ
ପରିମାଣରେ ଏ ଦେଶକୁ ଚିନି ଆମଦାନି ହୋଇ
ଆସୁଅଛି । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ଅମ୍ଭ
ଦେଶର ଅଧିକାଂଶ ଦେଶକୁ ସମ୍ପ୍ରଦାୟ ଚିନି
ଯୋଗାଇବାକୁ ଅକ୍ଷମ ଅଥବା ଯେଉଁ ଆଖୁ ହୁଏ
ତହିଁରୁ ଗୁଡ଼ କରିବା ଛଡ଼ା ଅଧିକ ଅମ୍ଭେମାନେ
କିଛି କରି ନ ପାରିବାରୁ ବିଦେଶୀ ଚିନି ଏବେ
ଅଧିକ ପରିମାଣରେ ବଜାର ମାଡ଼ି ବସିଅଛି ।
ଗୁଡ଼ ଏବଂ ଚିନିର ଖର୍ଚ୍ଚ ଅମ୍ଭେମାନେ ବହୁତ
କରୁଥିଲେ ସୁଦ୍ଧା ଚିନି ପ୍ରସ୍ତୁତ କଲେ ଯେ
ତହିଁରୁ ଲାଭ ନ ହେବ ଏହା ବୋଲିଯାଇ ନ
ପାରେ । ବରଂ ବିଦେଶରୁ ଖର୍ଚ୍ଚା ସହିତ ଚିନି
ଆସି ଯେତେବେଳେ ଏତେ କମ୍ ଅଛି ବିଦେ-
ଶର ମହାଜନ ଲାଭ ପାଉ ନ ଥିଲେ ଏଠାକୁ
ଚିନି ପଠାଉ ନ ଥାନ୍ତେ ଏହା ସହଜରେ ବୁଝି
ହେବାକୁ ହେବ । ଫଳ କଥା ଏହି ଯେ ଶିଳ୍ପ
କାର୍ଯ୍ୟଦ୍ୱାରା ଉନ୍ନତି ସାଧନ କରିବାପ୍ରତି ଅଦ୍ୟାପି
ଅମ୍ଭମାନଙ୍କର ଦୃଷ୍ଟି ନାହିଁ । ଅମ୍ଭେମାନେ ଆଶା
କରୁଁ ସହଯୋଗିଜୀ ରମ୍ପେର ଶମାରରେ ଯେଉଁ
କାରଖାନା ବସିଅଛି ତହିଁରେ ଦିନକୁ କେତେ
ଚିନି ଉତ୍ପନ୍ନ ହୁଏ, ତହିଁ ସଂଲଗ୍ନ କେତେ
ଜମି ଆଖୁଗଛ ନିମନ୍ତେ ଖଞ୍ଜା ଅଛି ଏବଂ ଅନ୍ୟ
ସ୍ଥାନରୁ କେତେ ଆଖୁ ଅଣାଯାଏ ଆଉ ସେହି
କାରଖାନାରେ କେତେ ଲୋକ ନିଯୁକ୍ତ ଥାଇ କି
ପ୍ରଣାଳୀରେ ଚିନି ପ୍ରସ୍ତୁତ କରନ୍ତି ତାହା ପ୍ରକାଶ
କରିବେ । ରମ୍ପେର କାରଖାନାରେ କଳ ଆଣି
ବାକୁ କେତେ ଖର୍ଚ୍ଚ ପଡ଼ିଅଛି ଏବଂ କାରଖାନାକୁ
ସ୍ଥାପନ କରିବା କାରଣ କେତେ ଖର୍ଚ୍ଚ ହୋଇ
ଅଛି ଓ ତାହା ଚଳାଇବାକୁ କେତେ ଖର୍ଚ୍ଚପଡ଼େ
ଏବଂ କି ନିୟମରେ କାରଖାନାର ଲୋକମାନଙ୍କୁ
ବେତନ ଦିଆଯାଏ ତାହା ମଧ୍ୟ ଜଣାଇଲେ
ଲୋକେ ତଦନୁକରଣରେ କାର୍ଯ୍ୟ କରିବାକୁ
ତତ୍ପର ହେବେ । ଅମ୍ଭେମାନେ ପୂର୍ବେ କହୁଅଛୁଁ
ଯେ ଶିକ୍ଷିତ ଲୋକ ଏବଂ ଉଦ୍ୟମଶୀଳ ଜମିଦାର
ପ୍ରଭୃତି ଯେଉଁ ସ୍ଥାନରେ ବହୁତ ପରିମାଣରେ
ଆଖୁଗଛ ହୁଏ ସେହି ସ୍ଥାନ ବାଛି କାରଖାନା
ସ୍ଥାପନ ପ୍ରତି ଯତ୍ନଶୀଳ ହେଲେ ଯେମନ୍ତ ଦେଶର
ଅନେକ ଲୋକେ କାର୍ଯ୍ୟ ପାଇ ପ୍ରତିପାଳିତ
ହେବେ ତେମନ୍ତ ସେମାନେ ଲାଭ ମଧ୍ୟ ହେବ ।
ଖଡ଼ିଆଳପୁର ରାଜା ମହୋଦୟଙ୍କୁ ମଧ୍ୟ ଅମ୍ଭେ-
ମାନେ ଅନୁରୋଧ କରୁଅଛୁଁ ଯେ ସେ କି ପ୍ରଣା-
ଳୀରେ ଦେଶୀୟର କାର୍ଯ୍ୟ କରି ପାରୁଅଛନ୍ତି
ଜଣାଇବେ । ଅନେକ ଲୋକେ ମିଶି କାରଖା-
ନା ସ୍ଥାପନ କରିବାହିଁ ବାଞ୍ଛନୀୟ କାରଣ ତଦ୍ୱାରା
ଯେମନ୍ତ ଅର୍ଥ ସମାଗମର ସୁବିଧା ହୁଏ ତେମନ୍ତ
ବୃହତ୍ କାର୍ଯ୍ୟ ଚଳାଇବାରେ କଷ୍ଟ ପଡ଼େ ନାହିଁ
ପାଶ୍ଚାତ୍ୟଖଣ୍ଡରେ ଏହି ନିୟମରେ କୋମ୍ପାନୀମାନ
ଗଠିତ ହୋଇ ଅତିଶୀଘ୍ର ଉଠିବସିବାର ଦେଖା
ଯାଏ । ଅମ୍ଭ ଦେଶରେ ଚେଷ୍ଟା କଲେ ଯେ
ଆଶୁଫଳ ମିଳିବ ତହିଁରେ ସନ୍ଦେହ ନାହିଁ । ମାତ୍ର
କଥା ଏହି ଯେ ଅମ୍ଭେମାନେ ତେମନ୍ତ ଉଦ୍ୟମ-
ଶୀଳ ନୋହୁଁ । ବର୍ତ୍ତମାନ ଅଲସ୍ୟ ତ୍ୟାଗପୂର୍ବକ
ଏ ସବୁ ଉଦ୍ୟମରେ ନ ଲାଗିଲେ ଅମ୍ଭମାନଙ୍କର
ଯେ ଉନ୍ନତି ହେବ ନାହିଁ ଏହା ଧ୍ରୁବସତ୍ୟ କଥା ।
ଆମେ ପୁରୁଣାକାଳର କଥା ଶୁଣିରେ ଦେଶଲୋକେ
ଆଖୁରୁ ରସ ବାହାର କରୁଥିଲେ । ତହିଁରେ
ଅନେକ କଷ୍ଟ ହେଉଥିଲା । ବର୍ତ୍ତମାନ ଚକ୍ରବି-
ଶରେ ଆଖୁର ରସ କଲସାହାଯ୍ୟରେ ବାହାର
ହେଉଅଛି । ଆଉ ପାହାରେ ଉଠି କାରଖାନା
ବସାଇବାରେ ମନ ଦେଲେ ଅମ୍ଭେମାନେ କୃତ-
ଭାର୍ଥ ହେବୁଁ ।

---

### ଭୂପେନ୍ଦ୍ରନାଥବସୁଙ୍କ ଅଭ୍ୟର୍ଥନା

ମାନ୍ୟବର ଭୂପେନ୍ଦ୍ରନାଥବସୁ ବଙ୍ଗୀୟ ବ୍ୟବ-
ସ୍ଥାପକ ସଭାର ମେମ୍ବର ପଦରେ ନିଯୁକ୍ତ ହୋଇ
ଭାରତ ବ୍ୟବସ୍ଥାପକ ସଭାର ସଭ୍ୟସ୍ୱରୂପ ମନୋ-
ନୀତ ହୋଇଥିବାରୁ ତାଙ୍କୁ ଅଭ୍ୟର୍ଥନା କରିବା-
କାରଣ ଇଣ୍ଡିୟା କ୍ଲବରେ ଗୋଟିଏ ଭୋଜି ଗତ
ଜାନୁୟାରୀ ମାସ ତା ୨୮ ଖରେ ହୋଇଥିଲା ।
ଏ ଭୋଜିରେ ୬୭ ଜଣ ସଭ୍ୟ ଓ ବନ୍ଧୁବର୍ଗ
ଯୋଗ ଦେଇଥିଲେ ଏବଂ ମାନ୍ୟବର ବର୍ଦ୍ଧମାନ-
ପତି ସର୍ ବିଜୟ ମହାଶୟ ସଭାପତି ପଦରେ ବରଣ
ହୋଇଥିଲେ । ବର୍ଦ୍ଧମାନପତି ମହାଶୟ ବସୁମହୋ-
ଦୟଙ୍କର ଗୁଣାନୁବାଦପୂର୍ବକ ପ୍ରକାଶ କଲେ ଯେ
ସେ ଏହା ପ୍ରଜାବର୍ଗର ଲୋକ ନ ଥାଇ ଗବର୍ଣ୍ଣ-
ମେଣ୍ଟଙ୍କର ବିଶ୍ୱାସଭାଜନ ମଧ୍ୟ ଅଟନ୍ତି । ଏଥିଉତ୍ତରରୁ
ମାନ୍ୟବର ବସୁ ମହୋଦୟ ଯେଉଁ ବକ୍ତୃତା କଲେ
ତହିଁରେ ଦେଖାଇଲେ ଯେ ଯେଉଁ ଶିକ୍ଷିତ ଲୋକ-
ମାନେ ଅନେକ କଥା ବାଦ ସହ ସଭାର ପ୍ରସାର

Digitized by srujanika@gmail.com

ଶେଷ ବକ୍ତୃତାର ସହ ହେଲେ ସେମାନଙ୍କୁ ଶରୀରୁ ପଡ଼ାଇଦିଆଯିବା ଏବଂ ଯେଉଁମାନେ ଲୁଚ ହୋଇ ବସି ବଡ଼ାଇ କରିବା ସଙ୍ଗେ ସରକାରଙ୍କର ଅନୁଗତ ଭାବ ଜଣାଉଥିଲେ ସେମାନଙ୍କପ୍ରତି ସନ୍ଦେହ ହେଉ ବା ନିୟମ ଭଙ୍ଗ ହୋଇନାହିଁ। ମାତ୍ର ସେ କହନ୍ତି ଯେ ସେହି କାରଣରୁ ସଭାର ସଦସ୍ୟ ହେବାକୁ ସମ୍ମତ ବା ଅପ୍ରସ୍ତୁତ ନ ହେବା ଭଲ ନୁହେ। ଗବର୍ଣ୍ଣମେଣ୍ଟ ଯେତେବେଳେ ବନ୍ଧୁଭାବରେ ତାଙ୍କୁ ସଦସ୍ୟ ହେବା ସକାଶେ କହିଲେ ସେତେବେଳେ ସେ ବନ୍ଧୁଭାବରେ ତାହା ଗ୍ରହଣକଲେ। ଲୋକମାନେ ସରକାରଙ୍କ ସଙ୍ଗେ ଏକଯୋଗହୋଇ କାର୍ଯ୍ୟକରିବା ଯେତେବେଳେ ଗବର୍ଣ୍ଣମେଣ୍ଟଙ୍କ ଇଚ୍ଛା ସେତେବେଳେ ତାହା ସ୍ୱୀକାର କରି ଆପଣାମର୍ଯ୍ୟାଦା ରକ୍ଷା କରିବାହିଁ ଉଚିତ। ସରକାରଙ୍କ ପକ୍ଷରୁ କୌଣସିକଥା ବାଧ୍ୟକର ବୋଲି ତାହା ଏଡ଼ି ହେବା ଉଚିତ ନୁହେ ଏବଂ ତାହା କଲେ ଅମ୍ଭେମାନେ ଉଚ୍ଛନ୍ନ ହେବୁଁ। ସରକାରଙ୍କଠାରୁ ବିଚ୍ଛିନ୍ନହେବାର ଭାବ ଧରିଲେ ଅମ୍ଭମାନଙ୍କର ଉନ୍ନତି, ବ୍ୟବସାୟ, ବାଣିଜ୍ୟ, ଶିଳ୍ପ, ଜୀବନ ଓ ସମ୍ପତ୍ତି ରକ୍ଷା ସବୁ ନଷ୍ଟ ହେବ ଏବଂ ଅନ୍ତରେ ଶୂନ୍ୟଦଶାରେ ପଡ଼ିବୁଁ। ଭବାରତର ନିୟମମାନ ଅନ୍ୟାୟ କହି ସଭାରେ ଅଳ୍ପକାଳ ସକାଶେ ଯୋଗ ନ ଦେଲେ ଶୀଘ୍ର ତହିଁର ପ୍ରତିକାର ହେବବୋଲି ଯେ ମତ ହୋଇଅଛି ତାହା ମଧ୍ୟ ଅଯୌକ୍ତିକ। ଲର୍ଡ ମିଣ୍ଟୋ ଏବଂ ଷ୍ଟେଟସେକ୍ରେଟରୀ ମହୋଦୟମାନେ ନିୟମମାନ ଅବଶ୍ୟକମତେ ସଂଶୋଧିତହେବାର ଜଣାଇ ଦେଇଅଛନ୍ତି ଏବଂ ଦେଶଲୋକେ ଉପଯୁକ୍ତଭାବରେ ସରକାରଙ୍କ ସମ୍ମୁଖରେ ପକ୍ଷ ଆପଣାର ଗୁହାରି ଜଣାଇଲେ ଅବଶ୍ୟ ପ୍ରତିକାର ମିଳିବ। ମାତ୍ର ଅଭିମାନ ଥିବା ଖାତିର ନ କରି ତହିଁରୁ ଅଲଗା ହେଲେ ଅଧିକାରପ୍ରାପ୍ତ ଲୋକେ ଆପଣାର କାର୍ଯ୍ୟ ବା ମତ ଭୁଲବୋଲି ସ୍ୱୀକାର କରିବା କଷ୍ଟକର ଜାଣୁଥିବାସ୍ଥଳେ ଏବଂ ବଙ୍ଗଳା ତଥା ଭାରତର ଆନ୍ଦୋଳନ ଦେଖୁଥିବା ସ୍ଥଳେ ସେପରି ଆଚରଣ ଉଚିତ ନୁହେ। ସରକାର ଯେତେ ଅମ୍ଭମାନଙ୍କୁ ଦେଉଅଛନ୍ତି ତେତେକର ଅପବ୍ୟବହାର କଲେ ଅମ୍ଭମାନଙ୍କର ଭେଳା ବୁଡ଼ିଯିବ। ସୁତରାଂ ଅମ୍ଭେମାନେ ସରକାର ଓ ଅମ୍ଭମାନଙ୍କମଧ୍ୟରେ ଥିବା ପାର୍ଥକ୍ୟ ଏବଂ ମତଭେଦ ଭୁଲିଯାଇ କାର୍ଯ୍ୟ କରିବୁଁ। ଉନ୍ନତିଶୀଳ ସମୟରେ ସରକାର ଓ ଲୋକଙ୍କମଧ୍ୟରେ ନାନାପ୍ରକାର ମତଭେଦ ଘଟି ପାରେ। ତଥାପି ଅମ୍ଭେମାନେ ଏକଯୋଗ ହୋଇ କାର୍ଯ୍ୟ କରିବା ଓ ଫଳ ପାଇବାର ଦେଖାଇବୁଁ। ଶେଷରେ ଅଗ-ଜନତାଙ୍କ ଓ ଦୟା ଆଦି କଥା କହି ବକ୍ତୃତା-

ଯଦି ହେଲେ ସରକାରଙ୍କ ସଙ୍ଗେ ମତଭେଦ କରିବାକୁ ଠିଆହେବା ଉଚିତ ନୁହେ। ଯଦି ଅମ୍ଭମାନଙ୍କ କଥାକୁ ସରକାର ନ ଶୁଣନ୍ତି ତେବେ ଅମ୍ଭେମାନେ ହାର ମାନି ଯାଇ ସ୍ୱଦେଶ ଦେଖି ପ୍ରତିକାର କଥା ଭାବିଲେ ଅବଶ୍ୟ ଜଣି ପାରିବୁଁ। ସରକାରଙ୍କର ଲୋକଙ୍କପ୍ରତି କର୍ତ୍ତବ୍ୟ ଅଛି ସତ୍ୟ ମାତ୍ର ଲୋକଙ୍କର ମଧ୍ୟ ସରକାରଙ୍କପ୍ରତି କର୍ତ୍ତବ୍ୟ ଅଛି। ଯେଉଁମାନେ ଅମ୍ଭମାନଙ୍କର ଉପକାର କରିବାକୁ ଚାହୁଁଅଛନ୍ତି ସେମାନଙ୍କ ଅପକାରକାରୀ ଭାବରେ ଦୁର୍ବଳ କରିବାର ଦ୍ୱେଷୀ ହେବା ବିଚକ୍ଷଣତାର କାର୍ଯ୍ୟ ନୁହେ। ବରଂ ଅଛୁନ୍ଦ ହେଲେ ଯେ ସଦବାସନା ସମ୍ଭବର କ୍ଷୟ ବଢ଼ାଇବା ଅଛନ୍ତି ତେବେ ସେ ଧାରା ଭଲ ଜାଣି ଆପଣାର ଶତ୍ରୁ ହେବାର ବସୁ ମହୋଦୟ ବଙ୍ଗଳାର ଆନ୍ଦୋଳନ ସମୟରେ ଦଳ ବାନ୍ଧିଥିଲେ। ସରକାରଙ୍କ ସମୟରେ ଶୁଣିଥିଲେ ତାଙ୍କର କଷ୍ଟ ଲାଘବ ହୋଇ ନ ଥିଲା। ମାତ୍ର ନ୍ୟାୟ ଓ କର୍ତ୍ତବ୍ୟର ଅନୁରୋଧରେ ସେ ତାହା କରିଥିଲେ ଓ ତାଙ୍କର ବନ୍ଧୁ ଓ ମତଦଳମାନେ ଶେଷକୁ ତାହା ଜାଣିପାରି ଲେଉଟି ଆସିଲେ। ପରଶେଷରେ ବନ୍ଧୁବର୍ଗଙ୍କ ଉପରେ ସେ କାର୍ଯ୍ୟ କରିବାକୁ ସମ୍ମତ ହୋଇଥିବା ଓ ସେତେକର ଲୋକରେ ବନ୍ଧୁବର୍ଗ ତାଙ୍କୁ ଛାଡ଼ି ନ ଥିବାର ପରିଚୟ ପାଇ ଆନନ୍ଦସହକାରେ ତାଙ୍କ ଧନ୍ୟବାଦ ଦେଇ ବକ୍ତୃତା ଶେଷ କଲେ। ମାନ୍ୟବର ବସୁ ମହୋଦୟଙ୍କ କଥାଗୁଡ଼ିକ ଅମୂଲ୍ୟ ଏବଂ ସାରଗର୍ଭ। ଦେଶଲୋକେ ଏହିପରି ଭାବରେ ପ୍ରଣୋଦିତ ହୋଇ ସରକାରଙ୍କ ସହିତ ଯୋଗଦାନ କରି କାର୍ଯ୍ୟ କଲେ ଯେମନ୍ତ ଶାସନକାର୍ଯ୍ୟ ସୁଚାରୁରୂପେ ଚଳିବ ତେମନ୍ତ ଉତ୍ତରୋତ୍ତର ଅମ୍ଭେମାନେ ଆପଣା ଯୋଗ୍ୟତା ଦେଖାଇ ଅଧିକତର ଅଧିକାର ପାଇ ସୁଖୀ ହେବୁଁ।

———

## ନୂତନ ମୁଦ୍ରାଯନ୍ତ୍ର ଆଇନ।

ଭାରତ ବ୍ୟବସ୍ଥାପକ ସଭାର ଗତମାସ ତା ୪ ରଖର ଅଧିବେଶନରେ ମୁଦ୍ରାଯନ୍ତ୍ର ସମ୍ବନ୍ଧୀୟ ନୂତନ ଆଇନ ଆଗତ ହୋଇଥିଲା। ସେଦିନର ସଭାରେ ୬୦ ଜଣ ସଭ୍ୟ ଏବଂ ଦର୍ଶକଙ୍କ ସ୍ଥାନରେ ଅନେକଗୁଡ଼ିଏ ମହିଳା ଉପସ୍ଥିତ ଥିଲେ। ଏରୂପେ କଉନ୍ସିଲ ଦରବାର ଗୋଟିଏ ଛୋଟ ପାର୍ଲିଆମେଣ୍ଟ ସଦୃଶରୂପେ ପ୍ରତୀୟମାନ ହେଉଥିଲା। ଲର୍ଡ ମହୋଦୟ ପ୍ରଥମ ଅଧିବେଶନରେ ମୁଦ୍ରାଯନ୍ତ୍ର ସମ୍ବନ୍ଧୀୟ ଆଇନର ଆଭାସ ଦେଇଥିଲେ ଏବଂ ଏ ସଭାରେ ତାହା ଆଗତ ହେବା ହେତୁ ଅନେକେ ଅତ୍ୟନ୍ତ ଆଗ୍ରହସହକାରେ ଉପସ୍ଥିତ ହୋଇଥିଲେ। ମାନ୍ୟବର ସର ହର୍ବର୍ଟ ରିଜଲି ସାହେବ ମହୋଦୟ ଆଇନର ଖସଡ଼ା ଆଗତ କରିବା ସମୟରେ ପ୍ରକାଶ କଲେ ଯେ ୧ ଇଂରାଜ, ୨ ଭାରତୀୟ, ୩ ଇଙ୍ଗରେଜୀ ୪ ଦେଶୀୟ ଭାଷାର ସମସ୍ତ ଭାରତବର୍ଷର ମୁଦ୍ରାଯନ୍ତ୍ରମାନଙ୍କ ଅଧିକ କରିବା କାରଣ ଆଇନ ଜାରି ହେବାର ପ୍ରୟୋଜନ ହୋଇଅଛି। ତାଙ୍କ କଥାରୁ ପ୍ରକାଶ ପାଇଲା ଯେ ନୂତନ ଆଇନରେ କୌଣସି ମୁଦ୍ରାଯନ୍ତ୍ର ବସାଇବାକୁ ହେଲେ ଚିଫ ପ୍ରେସିଡେନ୍ସି ମାଜିଷ୍ଟ୍ରେଟଙ୍କ ବିଚାରମତେ ୫୦୦ ଟଙ୍କାଠାରୁ ୫୦୦୦ ଟଙ୍କା ଜାମିନସ୍ୱରୂପ ଡିପୋଜିଟ୍ କରିବାକୁ ହେବ ଏବଂ କୌଣସି ସମ୍ବାଦପତ୍ର ପ୍ରକାଶକ ମଧ୍ୟ ସେହିପରି ଡିପୋଜିଟ ଦେବ। ପ୍ରିଣ୍ଟର ବା ପ୍ରକାଶକରୁ ଡିପୋଜିଟ ହେବାକୁ ହେବ ନାହିଁ। ଯେଉଁ ମୁଦ୍ରାଯନ୍ତ୍ର ବା ସମ୍ବାଦପତ୍ର ବର୍ତ୍ତମାନ ଚଳୁଅଛି ତହିଁ ସକାଶେ ଡିପୋଜିଟ ଆବଶ୍ୟକ ନାହିଁ ମାତ୍ର ତହିଁରେ କୌଣସି ରାଜଦ୍ରୋହସୂଚକ ପ୍ରବନ୍ଧ ପ୍ରକାଶିତ ହେଲେ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ମୁଦ୍ରାଯନ୍ତ୍ରର ମାଲିକ ବା ସମ୍ବାଦପତ୍ରର ପ୍ରକାଶକ ପ୍ରତି ସେହିପରି ଡିପୋଜିଟର ଆଦେଶ କରି ପାରିବେ। ଜାମିନ ଡିପୋଜିଟ ହେଲା ପରେ ରାଜଦ୍ରୋହସୂଚକ ପ୍ରବନ୍ଧ ପ୍ରକାଶିତ ହେଲେ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଜାମିନ ଜବତ କରିବେ ଏବଂ ସେମାନେ ମୁଦ୍ରାଯନ୍ତ୍ର ବା ସମ୍ବାଦପତ୍ର ପୁଣି ଚଳାଇବାକୁ ଇଚ୍ଛା କଲେ ଟ ୧୦୦୦୦ ଙ୍କ ପର୍ଯ୍ୟନ୍ତ ଅଧିକା ଜାମିନ ମାଜିଷ୍ଟ୍ରେଟଙ୍କ ବିଚାରମତେ ଦେବେ। ଏଥିଉତ୍ତାରୁ ରାଜଦ୍ରୋହସୂଚକ ପ୍ରବନ୍ଧ ପ୍ରକାଶିତ ହେଲେ ମୁଦ୍ରାଯନ୍ତ୍ରର ମାଲିକଙ୍କର ମୁଦ୍ରାଯନ୍ତ୍ର ଓ ଜାମିନ ଓ ସମ୍ବାଦପତ୍ରର ପ୍ରକାଶକଙ୍କ ଜାମିନ ଜବତ ହେବ। ଭାରତବର୍ଷର ବାହାରେ ଯେଉଁ ରାଜଦ୍ରୋହସୂଚକ ପୁସ୍ତକାଦି ଛାପା ହୋଇ ଭାରତକୁ ଆସିବ ତାହା ବନ୍ଦ କରିବା କାରଣ ଡାକଘରମାନଙ୍କରେ ଓ ବନ୍ଦରମାନଙ୍କରେ ପାର୍ଶଲ ଇତ୍ୟାଦି ଖୋଲା ହୋଇ ଦେଖାଯିବାର ବିଧି ହୋଇଅଛି ମଧ୍ୟ ରାଜଦ୍ରୋହସୂଚକ ପୁସ୍ତକାଦି ବାହାରିଲେ କର୍ତ୍ତୃପକ୍ଷଙ୍କୁ ପଠାଯିବ ନାହିଁ। ସମ୍ବାଦପତ୍ରର ପ୍ରିଣ୍ଟରମାନେ ଛାପା କଲା ସମୟରେ ଦୁଇଖଣ୍ଡ ସରକାରଙ୍କୁ ଦେବାର ମଧ୍ୟ ନିୟମ ହୋଇଅଛି ଏବଂ ଏପରି ନିୟମ କରିବାର କାରଣ ଏହି ଯେ ପୂର୍ବେ ନିୟମିତରୂପେ ଅନେକେ ସରକାର ଯେତେ ଖଣ୍ଡ ଖର୍ଚ୍ଚ ଦେଇ କିଣନ୍ତି ତାହା ପଠାଇଲେ ନାହିଁ ଏବଂ ଏତ ସ୍ଥଳରେ ମୂଲ୍ୟ ଦଶଗୁଣ ସରକାରଙ୍କଠାରୁ ନିଅନ୍ତି। ଜାମିନ ବା ମୁଦ୍ରାଯନ୍ତ୍ର ଜବତ ହେଲେ ତହିଁ ବିରୁଦ୍ଧରେ ହାଇକୋର୍ଟରେ ଅପିଲ ହେବ ଏବଂ ତିନିଜଣ ବିଚାରପତି ଏକ ମତରେ ବା ଅଧିକାଂଶ ମତରେ ତାହା ନିଷ୍ପତ୍ତି

Digitized by srujanika@gmail.com

Split by PDF Splitter



କରିବେ । ସାହେବ ମହୋଦୟ ପ୍ରକାଶ କଲେ ଯେ ସକଳସ୍ଥଳରେ ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟ ସମାଲୋଚନା କରିବାର ବାଧା ନାହିଁ । ମାତ୍ର ଯହିଁରେ ସରକାର ଅଥବା ଦେଶୀୟ ରାଜନ୍ୟବର୍ଗଙ୍କ ଶାସନ ପ୍ରତି ଲୋକଙ୍କର ବିଦ୍ୱେଷ ଜାତ ହେବ ଅଥବା ସୈନିକବର୍ଗ ଉତ୍ତେଜିତ ହେବେ ସେପରି ଲେଖା କି କରିବା ଅନୁଚିତ । ସେ ଅନ୍ତର ଦେଖାଇଲେ ଯେ ଅନ୍ୟାନ୍ୟ ଦେଶରେ ଯେଉଁ କଠିନ ନିୟମ ଅଥବା ପୁଲିଶ ପ୍ରତି ହେଲେତ କାର୍ଯ୍ୟ କରିବାର ଭାର ଅଛି ତାହା ଭାରତରେ ନାହିଁ । ଫଳତଃ ଯଥାସମ୍ଭବ ଅଳ୍ପରୁ କ୍ରମ କମ ଯାଉଅଛି । ସେ ଅନ୍ତର ଦେଖାଇଲେ ଯେ ପୂର୍ବେ ହିସାବ ଦ୍ରୋହ ସମ୍ବନ୍ଧରେ ଏକଟି ମୁଦ୍ରାଯନ୍ତ୍ର ଅଇନ ଜାରୀ ହୋଇଥିଲା ଏବଂ ସନ ୧୮୭୮ ମସୀହାରୁ ୧୮୮୧ ପର୍ଯ୍ୟନ୍ତ ଭାରତବର୍ଷ ଦେଶୀୟ ଭାଷାର ସମ୍ବାଦପତ୍ରମାନଙ୍କ ଉପରେ ସମାନେ ଜାରୀ ହୋଇଥିଲା । ସେହି ଉକ୍ତିବଶ ମଧ୍ୟରେ ହେଲେ ଏରେ ଅଇନମାନେ କାର୍ଯ୍ୟ କରିବାର ଅଶୋଗ୍ୟ ହୋଇଥିଲା । ବର୍ତ୍ତମାନ ଯେ ଅଇନମାନ ପ୍ରଚଳିତ ଅଛି ତହିଁର ଅନ୍ତର୍ଦ୍ଦ୍ୱେ ଗୋ ୪୨ ? ମେହେଦମର ବଣ୍ଟନ ହୋଇଥିଲା ଏବଂ ସେମସ୍ତ ସଫଳ ହୋଇ ଅଛି । ଯେଥିପି ଦ୍ରୋହସୂଚକ ବା ସମ୍ବାଦପତ୍ରମାନଙ୍କର ଭାଷା ଓ ଭାବ ନ ବଦଳିବାରୁ ବର୍ତ୍ତମାନ ଅଇନ କରିବାର ପ୍ରୟୋଜନୀୟ ହେଲା । ସେଦିନ ଏହି ଅଇନ ଅଗତ ହୋଇ ସିଲେକ୍ଟ କମେଟିକୁ ଏହି ମାସ ତା ୮ ରଖ ମଧ୍ୟରେ ରିପୋର୍ଟ ଦେବା ଭାରଣ ଅର୍ପିତ ହେଲା । ଏହି କମେଟିରେ ମାନ୍ୟବର ସିଂହ, ଗୋଖଲେ, ମଧୋଲକର, ମାଳବ୍ୟ, ଅଡଭୋକେଟ ଜେନେରଲ, ବର୍ଦ୍ଧମାନ ମହାରାଜା, ଲଥନ, ଭୂପେନ, ସର ହାରଲ୍ଡ ଷ୍ଟୁଅର୍ଟ, କୁଲପିହାର ଅନ୍ଲଙ୍ଗା ଓ ଜସଇ ମହୋଦୟମାନେ ନିଯୁକ୍ତ ହେଲେ । ଏମାନେ ଏହି ଅଳ୍ପ ସମୟ ମଧ୍ୟରେ ଅଇନଟି ପରୀକ୍ଷା କରି ରିପୋର୍ଟ ଦେଲେ । କେବଳ ମାନ୍ୟବର ଗୋଖଲେ, ମାନ୍ୟବର ମଧୋଲକର ଏବଂ ମାନ୍ୟବର ପଣ୍ଡିତ ମଦନମୋହନ ମାଳବ୍ୟ ଅଇନର ବିଧି ବିରୁଦ୍ଧରେ ମତ ଥିବାର ଲେଖି ଦେଲେ । ଗତ ମଙ୍ଗଳବାର ଦିନ ଏହି ଅଇନର ବିଷୟ ସମ୍ବନ୍ଧରେ ସଦସ୍ୟମାନେ ଅପଣା ମତ ବ୍ୟକ୍ତ କଲେ । ମାନ୍ୟବର ଭୂପେନ୍ଦ୍ରନାଥ ବସୁ ଓ ଦାଦ ଭଟ୍ଟ ମହାଶୟମାନେ ଅଇନଟି ଲୋକ ପ୍ରିୟ ହେବା ଓ ଆବଶ୍ୟକ ନ ଥିବାର ବ୍ୟକ୍ତ କଲେ । ସେ ଯାହା ହେଉ ସେହିଦିନ ଅଇନଟି ବିଧିବଦ୍ଧ ହୋଇଗଲା । ବର୍ତ୍ତମାନ ଦେଶ ଲୋକଙ୍କର ମହାକାଳେଶ୍ୱର ସମସ୍ତ ଉପସ୍ଥିତ । ଇଂରାଜ ଗବର୍ଣ୍ଣମେଣ୍ଟ ସଭ୍ୟ ଜଗତରେ ଯେମନ୍ତ ଶାସନ ନେମନ୍ତ କଥାର ସ୍ୱାଧୀନତା ଦାନ କରିବାରେ ଶ୍ରେଷ୍ଠ । ଏ ଭଳ ଗବର୍ଣ୍ଣମେଣ୍ଟଙ୍କ ବର୍ତ୍ତମାନ ଏମନ୍ତ ଅଇନ କରିବା ନିତାନ୍ତ ପ୍ରୟୋଜନୀୟ ନ ହେଲେ ହୋଇ ନ ଥାନ୍ତା ବୋଲି ଯେଣନାହିଁ ଉଚିତ ! ମାନ୍ୟବର ଟସଲ ସାହେବ ମହୋଦୟ ଯଥାର୍ଥ କହିଲେ ଗବର୍ଣ୍ଣମେଣ୍ଟ ଯେବେ ଭଲ ହେଉନ୍ତୁ ପଛକେ ଥଇଲୁ ଉଚିତର ତାଙ୍କ ଧଡ଼ାପଡ଼ା ଉତ୍ପାତ କଥା କହିଲେ ଗଜବଲୁ ଅକ୍ଷମେଳଙ୍କର ସୁବିଧା ମତ ବଦଳିତ ହେବ । ସୁତରାଂ ଏ ସବୁ କଥା ଯେପରି ନ ହୁଏ ତହିଁ ସହାଯେ କହେଣା କରିବା ଅବଶ୍ୟ ଉଚିତ । ଅମ୍ଭମାନଙ୍କର ଗବର୍ଣ୍ଣମେଣ୍ଟ ବିଦେଶୀ । ତାଙ୍କର ସାଧୁ ଇଚ୍ଛା ସବୁ ସମୟରେ ଲୋକେ ବୁଝିବା କଠିନ । ଏମନ୍ତ ସ୍ଥଳେ ହେତେତ୍ୱଭାବ ସମ୍ବାଦପତ୍ର ବୃଥା ଦୁର୍ନାମ ରଟାଇବା ଏବଂ ତହିଁ ସଙ୍ଗେ ଅରାଜକତାରୂପ ଘୃଣିତ କାଣ୍ଡମାନ ସଂଘଟିତ ହେବାର ଦେଖି ଗବର୍ଣ୍ଣମେଣ୍ଟ ନିଶ୍ଚିନ୍ତ ହୋଇ ରହି ନ ପାରନ୍ତି । ତଥାପି ଅମ୍ଭେମାନେ ସସମ୍ଭ୍ରମରେ ଏତକ କହି ପାରୁଁ ଯେ ପ୍ରଚଳିତ ଅଇନଦ୍ୱାରା ସମ୍ବାଦପତ୍ରାଦି ବନ୍ଦ ଓ ଯନ୍ତ୍ରାଳୟ ଯନ୍ତ ହୋଇ ପାରୁଥିବା ଓ ରାଜଦ୍ରୋହୀ ଲୋକଙ୍କୁ ଅଭାବରେ ଯଥାଯୋଗ୍ୟ କଠିନ ଦଣ୍ଡ ଦିଆଯାଇ ପାରୁଥିବା ସ୍ଥଳେ ବର୍ତ୍ତମାନ ଅଇନଟିର ଆବଶ୍ୟକତା ବୁଝିବା କଠିନ । ସେ ଯାହାହେଉ ଯେତେବେଳେ ଅଇନ ହେଲା ତେତେବେଳେ ଦେଶୀୟ ବିଦେଶୀୟ ସମସ୍ତଙ୍କ ପକ୍ଷେ ସମାନ ଭାବରେ ଅଇନ କରିବା ଶୋଭନୀୟ । ଅଇନରେ ଧର୍ମ, ସମ୍ପ୍ରଦାୟ, ଜାତି ପ୍ରଭୃତିର ବିଦ୍ୱେଷଭାବ ସୃଜନ ପ୍ରବନ୍ଧ ଦ୍ୱାରା ଅଶାନ୍ତି ବିଧାନ ବିରୁଦ୍ଧରେ ବିଧି ହୋଇଥିବାରୁ ଯେମନ୍ତ ଇଂରାଜ ବିଦ୍ୱେଷୀ ଦେଶୀୟ ସମ୍ବାଦପତ୍ର ତେମନ୍ତ ଦେଶୀୟ ବିଦ୍ୱେଷୀ ଇଂରାଜ ସମ୍ବାଦପତ୍ର ଦଣ୍ଡନୀୟ ହେବେ । ଦେଶର ଅବସ୍ଥା ଦୃଷ୍ଟିରେ ଏ ନ୍ୟାୟ ସମୀଚୀନ ଅଟେ । ଅମ୍ଭେମାନେ ଭରସା କରୁଁ ଏଣିକି ସମ୍ବାଦପତ୍ର ବା ଯନ୍ତ୍ରାଳୟର ସ୍ୱତ୍ୱାଧିକାରୀମାନେ ଏମନ୍ତ ଭାବରେ ଚଳନ୍ତୁ ଯେପରି କି ତାହା କାର୍ଯ୍ୟରେ ପରିଣତ ହେବାର ଅବକାଶ ନ ହେବ । ମାନ୍ୟବର ରିସ୍ଲି ସାହେବ ମଧ୍ୟ କହିଅଛନ୍ତି ଯେ ଅଇନଟି ଚଳାଇବାର ଆବଶ୍ୟକ ନ ଥିବାର ଦେଖାଗଲେ ତାହା ଉଠାଇ ଦିଆଯିବ । ଅମ୍ଭେମାନେ ଏହାକୁ ଅପେକ୍ଷାରେ ରହିଁ ପଡୁ । ଶତବର୍ଷର ସଭାରେ ପ୍ରଥମ ଅଧିବେଶନ ଦିନ ଏବମ୍ଭୂତ କଠିନ ଅଇନ ବିଧିବଦ୍ଧ ହେବାର ଦୁଃଖର ବିଷୟ ହେଲେହେଁ ସମସ୍ତଙ୍କର ତର୍କ ବିତର୍କ ପରେ ସ୍ୱୟଂ ବଡ଼ଲାଟ ମହୋଦୟ ସ୍ୱଦସ୍ତ ବକ୍ତୃତାଦ୍ୱାରା ଅଇନର ଆବଶ୍ୟକତା ପ୍ରତିପନ୍ନ ପୂର୍ବକ ସନ ୧୯୦୮ ମସୀହା ଡିସେମ୍ବର ମାସରେ ବାବୁ ଅଶ୍ୱିନୀକୁମାର ଦତ୍ତ ପ୍ରଭୃତି ଯେଉଁମାନେ ନିର୍ବାସିତ ହୋଇଥିଲେ ସେ ସମସ୍ତଙ୍କୁ ଛାଡ଼ ଦିଆଯିବ ବୋଲି ପ୍ରକାଶ କଲେ । ଏ ଶୁଭସମ୍ବାଦରେ ସଭ୍ୟମାନେ ଅତି ସନ୍ତୋଷରେ କରତାଳି ପ୍ରଦାନ କଲେ । ଅମ୍ଭେମାନେ ମଧ୍ୟ ଏଥିରେ ଅତ୍ୟନ୍ତ ହୋଇଅଛୁଁ ଏବଂ ଦେଶଲୋକେ ଅତି ସନ୍ତୋଷରେ ଏ ସମ୍ବାଦ ଗ୍ରହଣ କରିଅଛନ୍ତି । ଏହିରୂପେ ନୂତନ କାଉନସିଲର ପ୍ରଥମ ଅଧିବେଶନ ଶେଷ ହେଲା । ଅମ୍ଭମାନଙ୍କର ବଡ଼ଲାଟ ମହୋଦୟ ଯେ ଗମ୍ଭୀର ସଜନଗଣ (?) ଯୋଗ ବାହୁଲ୍ୟ । ବର୍ତ୍ତମାନ ଏ ଭଳ ଅଇନ ହେଲା ଉକ୍ତ ସେ ଯଥାର୍ଥ କହିଲେ ଯେ ତାଙ୍କ ଅନ୍ତ ଅପହାର ରଖିବାର ପ୍ରୟୋଜନ ନାହିଁ ।

# ସାପ୍ତାହିକ ସମ୍ବାଦ ।

କଲିକତା ଗେଜେଟ ।

ସାଧାରଣ ଶିକ୍ଷାବିଭାଗ ଡେ: କଲେକ୍ଟର ମି: ଏଇଚ୍, ଏ ଟ୍ରେ ବସ୍ତୁ ସହଯୋଗୀ ବଦଳି ହେଲେ ।

ବେଳାର କୃଷିବିଭାଗ ଓ ସମବାୟ ଋଣସମିତିର ସଦିଚ୍ଛାଏଣ୍ଟ ଡିରେକ୍ଟର ମି: ଡବ୍ଲିଉ, ଏଇ, ସୁବିଲ ଦନ୍ତ ଅଟେର ପର୍ଯ୍ୟନ୍ତ ବେଲା ବତ୍ରଭଇ ସେକ୍ରେଟେରିର କାର୍ଯ୍ୟ କରିବେ ଓ ସମବାୟ ଋଣସମିତିର ରେଜିଷ୍ଟ୍ରାର ଓ କୃଷିବିଭାଗର ସହକାରୀ ଡିରେକ୍ଟର ମି: ଡବ୍ଲିଉ, ଏଇଚ୍ ବୃତ୍ତନ ତାହାଙ୍କ କାର୍ଯ୍ୟ କରିବେ ।

ଛୁଟିରେ ଥିବା ଷ୍ଟେଡିରେଣ: ଡବ୍ଲିଉ, ଏଇଚ୍, ଉତ୍ତର ବିଭାଗର ଡାଇରେକ୍ଟର ନିଯୁକ୍ତ ହେଲେ ।

ବାବୁ ସତୀଶଚନ୍ଦ୍ର ଘୋଷ ବିଏ, ସବ ଓ ଡାଲେଶ୍ୱରଚନ୍ଦ୍ର, ମାଜିଷ୍ଟ୍ରେଟ ସେଟଲମେଣ୍ଟ ସଫିସର ନିଯୁକ୍ତ ହେଲେ ।

ଓଡ଼ିଶାର ବନ୍ଦୋବସ୍ତ କାର୍ଯ୍ୟରୁ ସମ୍ପାଦିତ ପାଇ ସବ-ଡେ: କଲେକ୍ଟର ବାବୁ ସୁଧାଂଶୁ ବସୁ ଚଟ୍ଟଗ୍ରାମର ଗାଇବନ୍ଧା ସବଡିଭିଜନରେ ସଦସ୍ଥାପିତ ହେଲେ ।

ପୁରୀର ସବ, ଡେ: କଲେକ୍ଟର ବାବୁ ସୁଧୀରକୁମାରଙ୍କୁ ପୁଣି ଏକମାସ ଛୁଟି ପାଇଲେ ।

ବୃତ୍ତରସର ସ୍କୁଲ ସବ-ଇନସ୍ପେକ୍ଟର ବାବୁ ଶ୍ୟାମଚାନ୍ଦ ପାଣିଗ୍ରାହୀ ସନ ୧୯୧୦ ଫେବୃଆରୀ ତା ୧୫ ରଖରୁ ଏକମାସ ପନ୍ଦରଦିନ ଛୁଟି ନେବାରୁ ସହକାରୀ ସବ-ଇନ୍ସପେକ୍ଟର ବାବୁ ଲକ୍ଷ୍ମଣ ନାୟକ ତାଙ୍କ କାର୍ଯ୍ୟରେ ନିଯୁକ୍ତ ହେଲେ ।

ବାବୁ ଜଗନ୍ନାଥ ତ୍ରିପାଠୀ ବି, ଏ ସନ ୧୯୧୦ ଜାନୁଆରୀ ତା ୧୫ ରଖରୁ କଟକ ରେଭେନସା କଲେଜର ସ୍କୁଲ ସହକାରୀ ଶିକ୍ଷକ କାର୍ଯ୍ୟରେ ବାହାଲ ହେଲେ ।

ମୌଲବୀ ସବୁଲ ମୁଜଫ ମହମ୍ମଦ ଲତିଫ ବିଏ ରେଭେନସା କଲେଜଏଟ ସ୍କୁଲର ହେଡ ମୌଲବୀ ନିଯୁକ୍ତ ହେଲେ ରେଭେନସା କଲେଜର ପାରସୀ ଓ ଅରବୀ ଲେକଚରର କାର୍ଯ୍ୟ କରିବେ ।

ବାଲେଶ୍ୱର ନଗର ଇଲମାଇଜେସନ ଟେଠା ବୋର୍ଡର ମେମ୍ବରମାନ ନିଯୁକ୍ତ ହେଲେ ।

ଓଡ଼ିଶାର ନିମ୍ନଲିଖିତ ବ୍ୟକ୍ତିମାନେ ଆଇନର ପ୍ରଥମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ବାବୁ ସୁରେନ୍ଦ୍ରନାଥ ଦତ୍ତ
„ ରମେଶଚନ୍ଦ୍ର ମିଶ୍ର
„ ଶରତଘୋଷ ବସୁ

ଗତ ତା ୬ ରଖରେ ଶେଷହେବା ସପ୍ତାହରେ ଚାଉଳର ଦର ଥିଲା କଟକରେ ସେ ୧୫/, ବାଲେଶ୍ୱରରେ ସେ ୧୬, ସମ୍ବଲପୁରରେ ସେ ୧୯/, ପୁରୀରେ ସେ ୧୩।୶, ଓ ଅନୁଗୁଳରେ ସେ ୧୬ (।

Digitized by srujanika@gmail.com

## ସାଧାରଣ ସମାଚାର ।

ହେ ଅରଗାଓ ନାମକ ମାଳାଜର ଜଣେ ସେଠ ସବିଷ ତାହାର ଗୋଦାମରେ ଅଗ୍ନିଲାଗିବାରୁ ସୁନା ଓ ଜହର ସବୁ ନଷ୍ଟ ହେବାରୁ ବ ହାଇ ଡ୍ରବ୍ୟାଦ ମଧ୍ୟରେ ଗୋଟିଏ ବିସ୍ତୃତ ଲୋଟା ଏବଂ ସ୍ଥାନାନ୍ତର ହୁଡ଼ିକ ସୁସ୍ତକମାନ ତାହାଠାରେ କଳଙ୍କିତ ହୁଡ଼ିକ ଦ୍ରବ୍ୟମାନ ତାହାର ଶ୍ରୀ ହଳର ପାଖରେ ମିଳି ହୋଇଥିବା ଓ ଯୋଡା ମଧ୍ୟରେ ସୁନା ରତ୍ନ ପଇସା । ଏ ସେବକେ ଦେଖିଲେ ସାର୍ଦ୍ଧ ବୁଝେବର୍ଷ ଦ୍ୱାରା ସମ୍ଭବ ମନେ ହୋଇଅଛି ।

ସୋମବାର ଜନୈକ ଜଣ୍ଡା ବ୍ୟକ୍ତି କଲିକତା ସହରରେ ଠିକଣାରେ ଦେଖିବା ପାଇଁ ଗୋଟିଏ ଦେଶୀ ଗାଡ଼ି ଜନୈ ଭେଟି, ଅଣୁଥିବା ସମୟରେ କୋମ୍ପାନୀଠାରେ ପାହାର ପରିବାରଙ୍କ ଉପରେ ସଂସାର ଏ ର ସମ୍ବାଦ ପାଇ ଉପସ୍ଥିତ ଲୋକମାନେ ଜମା ହୋଇଥିଲେ । ତାହାର ମାଲମାନ ତାହାଙ୍କ ମଧ୍ୟରେ ଖରା-ବୁ ସେ ସବୁ ସେଠ ପାଇ ପାରିଲେ ନାହିଁ । ଏ ସେଠ ଅତିବା-ହିତରୁ କେନାଠାରେ "ଭକ୍ତାରୁ" ନାମକ ଗୋଟିଏ ସଙ୍ଗ ହୋଇ ଥିବେ ପତ୍ରିକା ପ୍ରକାଶ କରିବାରେ ନିଯୁକ୍ତ ଥିଲ ଏବଂ ସେଥିର ସମ୍ପାଦକ ଏକ ହୋଇଥିଲେ ଏପରି ଜଣେ ଲୋକ ଉତ୍ତରମାନଙ୍କ ଠାରେ ତାହା ସେ ରୂପେ ସହିଅଛି । ଏ ଲେକଟାର ଠିକଣା ଅଦ୍ୟ ମିଳିନାହିଁ ।

ଅକାଳରେ ଗୋଟିଏ ଦୁମଙ୍କେ ଦେଖା ଯାଇ ଅନ୍ତର୍ଗତ ଗୋଟିଏ ଦୁମଙ୍କେ ବାହାରିବେ ଦେଖିବାରେ ପ୍ରକାଶ ସମ୍ବାଦ ପାଇଁରେ ଦେଖିଥିବାର ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇଅଛି । ବର୍ତ୍ତମାନ ହେଲି ଦୁମକେତୁ ଅଦୃଶ୍ୟ ହୋଇ-ଅଛନ୍ତି ।

ଅସ୍ମାନଙ୍କର ଗୋଟିଏ ପତ୍ରୀ ମହୋଦୟଙ୍କ ଯତ୍ନରେ ସେ ସ୍ଥାନରେ ଗତମାସ ତା ୨ ରିଖରେ ଗୋଟିଏ ମହିଳା ସମିତି ହୋଇଥିବାର ସମ୍ବାଦ ପାଇ ଅସ୍ମେମାନେ ଆନନ୍ଦିତ ହୋଇଅଛୁଁ । ତହିଁରେ ଏଥର ସୁନ୍ଦର ହୋଇଥିଲା ଏବଂ ଶ୍ରୀମତୀ ଦେବର ମହୋଦୟା ଏ ବର୍ଷ ଭ୍ରମଣ କରିବାରୁ ଅନ୍ୟୂନ ୬୦ ଜଣ ମହିଳା ସମ୍ମିଳିତ ହୋଇଥିଲେ । ଏମାନଙ୍କ ମଧ୍ୟରେ ଭୂତପୂର୍ବ ଓ ବର୍ତ୍ତମାନର ମହାରାଣୀ ଏବଂ ରାଜକୁମାରୀ ଛଡ଼ା ଅନ୍ୟମାନଙ୍କର ମୂରକ୍ଷିତ ମହାରାଣୀ ମଧ୍ୟ ଥିଲେ । ସ୍ତ୍ରୀଲୋକମାନଙ୍କର ଏମନ୍ତ ମିଳନଦ୍ୱାରା ଯେ ସୁଫଳ ଜାତହେବ ଏହା ବୋଲ ବାହୁଲ୍ୟ ।

ହିନ୍ଦର ମହାରାଜା ତାଙ୍କ ରାଜ୍ୟରେ ଅମୃତବଜାର ପତ୍ରିକା, ପଞ୍ଜାବୀ ଓ ବଙ୍ଗବାସୀ ପ୍ରଭୃତି କେତେକ ସମ୍ବାଦପତ୍ରର ପ୍ରବେଶ ନିଷେଧ କରିବାର ସମ୍ବାଦ ମିଳିଲା । ସମ୍ବାଦପତ୍ରର ସମ୍ପାଦକମାନେ ସାବଧାନ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

---

ମହାଶୟ !

ଗତ ଯାଜପୁର ପ୍ରଦର୍ଶନୀରୁ ଅଲଗଡ଼ା ଶ୍ରୀ ବ୍ରଜ-ସୁନ୍ଦର ଦେବ ମହୋଦୟ, ତାଙ୍କ ସର୍କସଦଳକୁ ଗମନାଗମନ ବ୍ୟୟ ସମସ୍ତ ବହନକର ଯାଜପୁରକୁ ନେଇଥିଲେ । "ଅଳର ସର୍କସ" ଓଡ଼ିଶାର ଗୋଟିଏ ଅଦ୍ଭୁତ ଉଦ୍ୟମ । ସ୍ୱୟଂ ରାଜାବାହା-ଦୁର ଏହାର ମାଲିକ ଶିକ୍ଷକ; ଚାଳକ ଓ ପୃଷ୍ଠ ପୋଷକ । ଦଳସ୍ଥ ସମସ୍ତେ ମଧ୍ୟ ଓଡ଼ିଆ—ଶାଗ ପଖାଳଖିଆ ଓଡ଼ିଆମାନେ ଏହି ଏକବର୍ଷମଧ୍ୟରେ ଶାହାର ନେପଥ୍ୟ ଚିତ୍ରତା ଓ କୃତିତ୍ୱସହ କସରତ ସବୁ ଦେଖାଇଲେ ତାହା ଅତ୍ୟାଶ୍ଚର୍ଯ୍ୟର ବିଷୟ । ସେଠ, ବ୍ୟ.ଘ୍ର, ଭଲ୍ଲୁକ, ଅଶ୍ୱ ଓ ମର୍କଟମାନଙ୍କର ବଶ୍ୟତା ଓ ଶୋଭୁଥିବମାନଙ୍କର ଖେଳ ଦେଖି-ଲେ କେହି ସେମାନଙ୍କ ପ୍ରଶଂସା ନ କରି ରହି ପାରିବ ନାହିଁ । ବାସ୍ତବିକ ସର୍କସଦଳର କସରତ ଓଡ଼ିଆ ଜାତିର ସ୍ୱଳ୍ପତା ଓ ଦୁର୍ବଳତା ବିଷୟରେ ମିଥ୍ୟା ପ୍ରତିବାଦ କରୁଥିଲା । ଅମ୍ଭେମାନେ ଶ୍ରୀ ରାଜା ବ୍ରଜସୁନ୍ଦର ଦେବ ମହୋଦୟଙ୍କ, ଉକ୍ତ ଉଦ୍ୟମ ନିମନ୍ତେ ଉତ୍କଳବାସିଙ୍କ ପକ୍ଷରୁ କୃତଜ୍ଞତା ଓ ସାଧୁବାଦ ଅର୍ପଣ କରୁଅଛୁଁ । କେନ୍ଦ୍ରାପଡ଼ା ବକିଲ ହରେକୃଷ୍ଣ ବାବୁ ତାଙ୍କୁ ଲେଖିଥିଲେ:—

"I have great hopes in your Circus. We will prove what can be done in Orissa by a single individual of intelligence".

ହରେକୃଷ୍ଣ ବାବୁଙ୍କର ଏହି ଆଶା ଯାଜପୁରରେ ସମ୍ପୂର୍ଣ୍ଣ ଫଳବତୀ ହୋଇଅଛି । ଆଶାକରୁଁ ରାଜା ବାହାଦୁର ଦଳର ସର୍ବାଙ୍ଗୀନ ଉନ୍ନତି କରି ଉତ୍କଳର ଗୋଟିଏ ଅଭାବ ମୋଚନ କରିବେ ଓ ଓଡ଼ିଆ ଜାତିର ଗୌରବ ବଢ଼ାଇବେ । ଇତି

ବଶମ୍ବଦ

୩୧—୧—୧୦ }
ରାମବାଗ } ଶ୍ରୀ ଗୋପାଳ ପ୍ରସାଦ ସିଂହ
ରାମବାଗ
ଯାଜପୁର ।

---

ମହାଶୟ !

ଅତ୍ୟନ୍ତ ଦୁଃଖର ସହିତ ଜଣାଉଅଛୁଁ ଯେ ଗଞ୍ଜାମ ଜିଲ୍ଲାନ୍ତର୍ଗତ ବୃହତ ଖେମଣ୍ଡି ଅଧୀଶ୍ୱର ଶ୍ରୀ ଗଜପତି ମହାରାଜାଙ୍କର ଗୋଟି ୪ ଟି କନ୍ୟା ଥିଲେ, ମଧ୍ୟ ପୁତ୍ରାଭାବହେତୁ ଅତ୍ୟନ୍ତ ମନଃ କଷ୍ଟରେ ଥାଇ ପୁତ୍ରୋତ୍ପତ୍ତି କାମନାରେ ସର୍ବଦା ଧର୍ମାନୁଷ୍ଠାନରେ ରତ ଥିଲେ । ଜଗଦୀଶ୍ୱରଙ୍କ କୃପାରେ ୧୯୦୮ ଖ୍ରୀଃ ନବେମ୍ବର ମାସରେ ତାଙ୍କର ଦ୍ୱିତୀୟ ପଟ୍ଟ ମହିଷୀ, ୧୯୦୯ଖ୍ରୀଃ ଡିସେମ୍ବର ମାସରେ ପ୍ରଥମା ପଟ୍ଟ ମହିଷୀ ଏକ ଏକ ପଟ୍ଟ କୁମାର ପ୍ରସବ କଲେ । ବଡ଼ ଦୁଃଖର ବିଷୟ ଦ୍ୱିତୀୟ ପଟ୍ଟ-ମହିଷୀଙ୍କ ଗର୍ଭଜାତ ପଟ୍ଟକୁମାର କ୍ରମାଗତ ୧୦।୧୨ ଦିନ କାଳ ପୀଡ଼ିତ ରହି ୨୩।୧।୧୦ ଖ୍ରୀଃ ରାତ୍ର ୨ ଘଣ୍ଟା ସମୟରେ ଏବଂ ତାଙ୍କର ଉତ୍ତମା—ଦ୍ୱିତୀୟ ପଟ୍ଟମହିଷୀଙ୍କ କନିଷ୍ଠା କନ୍ୟା କେତେକ ଦିନ ସାମାନ୍ୟ ଜ୍ୱରରୋଗ ଭୋଗ କରି ତା ୨୫ ରିଖ ରାତ୍ର ପ୍ରାୟ ଦ ୮ଟା ସମୟରେ ଇହ ସଂସାର ପରିତ୍ୟାଗ କରିଅଛନ୍ତି । ଇତିପୂର୍ବେ ମହାରାଜ ମହୋଦୟଙ୍କର ୮ ଗୋଟି ପୁତ୍ର କନ୍ୟା ଏହିପରି ଅତି ଶୈଶବାବସ୍ଥାରେ କାଳ କବଳିତ ହେବାରୁ ମହାରାଜ ମହୋଦୟ ଅତ୍ୟନ୍ତ ବ୍ୟାକୁଳ ହୋଇ ଦ୍ୱିତୀୟବାର ଦାର ପରିଗ୍ରହ କରିଥିଲେ । ବର୍ତ୍ତମାନ ତାଙ୍କରି ଗର୍ଭଜାତ ପୁତ୍ର, କନ୍ୟା ଦୁଇ ଗୋଟି ଏକ ସମୟରେ ଲୋକାନ୍ତରିତ ହେବାରୁ ମହାରାଜା ଏବଂ ମହାରାଣୀମାନଙ୍କ ମନରେ ଯେଉଁ ଦୁଃସହ ଦୁଃଖ ଜାତ ହୋଇଅଛି ତାହା ବର୍ଣ୍ଣନାତୀତ ।

ବର୍ତ୍ତମାନ ତତ୍ପଶ୍ଚାତ୍ ନିମିତ୍ତ ମହାରାଣୀ ଓ କୁମାର, କୁମାରୀମାନଙ୍କର ଅବସ୍ଥିତି ସ୍ଥାନର ପରିବର୍ତ୍ତନ କରା ଯାଇଅଛି । ସେମାନେ ବର୍ତ୍ତମାନ ରାଜ ଭବନର ଶ୍ରୀ ମହାରାଜାଙ୍କ ବ୍ୟବହାର୍ଯ୍ୟ ଅଂଶରେ ବାସ କରୁଅଛନ୍ତି । ଏବଂ ମହାରାଜ ମହୋଦୟ କଟେଶ୍ୱ ନିକଟସ୍ଥ ଗୃହମାନ ନିଜର ବ୍ୟବହାର ନିମନ୍ତେ ନିର୍ଦ୍ଦିଷ୍ଟ କରିଅଛନ୍ତି ।

ବର୍ତ୍ତମାନ ଶ୍ରୀମାନ୍ ମହାରାଜ ମହୋଦୟଙ୍କ ବ୍ୟବହାରାର୍ଥ ନିର୍ଦ୍ଦିଷ୍ଟ ଥିବା ଗୃହମାନଙ୍କ ମଧ୍ୟରେ ପ୍ରେସ ଅଫିସ ଅନ୍ୟତମ ଥିବାରୁ କିଛିକାଳ-ନିମନ୍ତେ ପ୍ରେସ୍ କାର୍ଯ୍ୟ ବନ୍ଦ ଅଛି । ସୁତରାଂ ଗୁଣ-ଦର୍ପଣ ପ୍ରକାଶ ସ୍ଥଗିତ ଅଛି ।

ବଡ଼ଖେମଣ୍ଡି } ନିବେଦକ
୩୦।୧।୧୦ } ଶ୍ରୀ ବଂଶୀଧର ବିଶ୍ୱନାଥ

---

## ମୂଲ୍ୟ ପ୍ରାପ୍ତି ।

| | | |
|---|---|---|
| ଶ୍ରୀ ଶ୍ରୀ ଶ୍ରୀଦବାସ ଦେଓ | ମଣ୍ଡାଣା | ଟ ୧ |
| ରଜା । ତ । ରଣପୁର | | ଟ । |
| ଶ୍ରୀ ବାବୁ ବସନ୍ତ ମହାନ୍ତି | ଚକଶିଆ | ଟ ୧ |
| „ ଚନ୍ଦ୍ରାମଣି ସାମନ୍ତରାୟ | ଘଣ୍ଟପଡ଼ା | ଟ । |
| „ ବ୍ରଜବନ୍ଧୁ ମହାପାତ୍ର | କୈନ୍ଦୋଏକ | ଟ ୪ |
| „ ନାରାୟଣ ମିଶ୍ର | କଣ୍ଟାଗାଁ | ଟ । |
| „ ଯୁଗଳକିଶୋର ଦାସ | ପଟାମୁଣ୍ଡାଇ | ଟ । |
| „ ଲୋକନାଥ ମହାନ୍ତି | ଯାମନଗର | ଟ । |
| „ ଗଙ୍ଗାଧର ମହାନ୍ତି | ମଢ଼ି | ଟ ୧ |
| ମୁନସି ଲଳିତ ବକସ | ବଟକ | ଟ ୧ |
| ଶ୍ରୀ ବାବୁ ଗୋପୀନାଥ ସାହୁ ଓ ବ୍ରଜମୋହନ ସାହୁ | ସୁଜାନଗର | ଟ । |
| ଲୁଚନାରାୟଣ ପଣ୍ଡା | ମହାବଲା | ଟ । |
| „ ଏ, ଟୁମ୍ ଥମ୍ସନ ଏସ କୁମାର | ଅସକା | ଟ । |
| „ ମଧୁସୂଦନ ମହାକୁଅର | ପୁରୀ | ଟ ୧। |
| „ ହରିମିଶ୍ର | ବାଲେଶ୍ୱର | ଟ । |
| „ ସାଧୁଚରଣ ମହାନ୍ତି | ପୁରୀ | ଟ । |
| „ ପଦ୍ମନାଭ ମିଶ୍ର | ଠଣ୍ଠଣା | ଟ । |
| „ ଧର୍ମଦାସ | ଜଗତସିଂହପୁର | ଟ । |
| „ ଈଶ୍ୱର ସାହୁ | ଗଣିଚାଟ | ଟ । |
| „ ଜଗନ୍ନାଥ ଷଡ଼ଙ୍ଗୀ | ନରସିଂପୁର | ଟ । |
| „ ଜଗବନ୍ଧୁ ମହାପାତ୍ର | ତିରନପୁର | ଟ ୧ |
| „ ଈଶ୍ୱର ମହାପାତ୍ର | ଚାହାଡ଼ଙ୍ଗୋଲ | ଟ । |
| „ ସନ୍ନ୍ୟାସୀ ସାହୁ | ରାମଗଡ଼ | ଟ । |
| „ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ | ଭଟନଗର | ଟ ୨ |
| „ ରଘୁନାଥ କନଷ୍ଟେବଲ | ମଧୁପୁର | ଟ । |
| „ ହରେକୃଷ୍ଣ ପଣ୍ଡା | ବନ୍ଧାଗୋଲ | ଟ । |
| „ ବୈଦ୍ୟନାଥ ଦାସ | କଡ଼ଗଡ଼ | ଟ । |
| „ କପିଳ ପାତ୍ରଥୀ | ସୁବର୍ଣ୍ଣ | ଟ । |
| „ ପଦ୍ମନାଭ ମିଶ୍ର | ଉଦୟଗିରି | ଟ ୧ |

Split by PDF Splitter

Digitized by srujanika@gmail.com

Split by PDF Splitter



## NOTICE.

Wanted a Head Teacher for the Jolahsahi U. P. Girl's School Cuttack on a monthly salary of Rs9. A female candidate will be preferable. Applications with copies of testimonials regarding their qualifications will be recieved by the undersigned up to 10th march 1910.

15-2-10 } Ahmed Bukhsh,
Secretary Jolahsahi U. P.
Girls School Nimusahi,
Cuttack.

## NOTICE.

Wanted a qualified Female Hospital Assistant on Rs 50 P.M. with free quarters for the Female Dispensary at Bhawani Patna the Head quarters Station of the Kalahandy State. Applications with copies of testimonials will be received by the undersigned till 31st March 1910

Bhawani Patna
Via Sambalpur
B. N. R.
8-2-1910 } J. K. Tripathi.
Superintendent
Kalahandy State.

## PUBLIC WORKS DEPARTMENT, ORISSA CIRCLE.

## NOTICE.

NOTICE is hereby given that the undermentioned Canals in Orissa will be closed for annual repairs during the periods specified below:—

(1) The Taldanda and Machgong Canals from 1st to 30th April 1910, both days inclusive.

(2) The Kendrapara Canal System from 1st May 1910 to 15th June 1910, both days inclusive. In case the river does not rise by the 15th June, the closure will be extended until flood water comes down.

(3) The High Level Canal, Range 1 from 20th April 1910 to 31st May 1910, both days inclusive.

(4) The High Level Canal, Range II, from 16th April 1910 to 31st May 1910, both days inclusive.

(5) The High Level Canal, Range III, and the Jajpur Canal from 15th April 1910 to 31st May. 1910, both days inclusive.

R. E Carter,
Superintending Engineer,
Cuttack, Orissa Circle.
2.2.1910.

### ବିଜ୍ଞାପନ ।

ଏତଦ୍ବାରା ସର୍ବସାଧାରଣଙ୍କୁ ଜଣାଉ ଦିଆଯାଉଅଛି ଯେ କଟକଜିଲା ଅନ୍ତଃପାତୀ ଢମପଡ଼ା ଓ୍ୟାର୍ଡ଼ସ୍ ଷ୍ଟେଟର କୌଣସି ଭୂସମ୍ପତ୍ତି ଆମ୍ଭର ବିନା ଅନୁମତିରେ ଅର୍ଥାତ ଓ୍ୟାର୍ଡ଼ସ ମ୍ୟାନେଜରଙ୍କ ବିନାନୁମତିରେ କୌଣସି ପ୍ରକାର ହସ୍ତାନ୍ତର ହୋଇ ପାରିବ ନାହିଁ । ଯଦି କୌଣସି ଉକ୍ତ ବିନାନୁମତିରେ ହସ୍ତାନ୍ତର ହୋଇଥିବାର ପ୍ରକାଶ

ପାଏ ତାହାହେଲେ ଉକ୍ତ ଜମିର ଚାଷୀମାନଙ୍କ ଅନୁମତିରେ ଲଗିବୁ ଲେଖିଲେ ଚଳିବ । ଇତି ।

Balmukund Kanungo,
ମ୍ୟାନେଜର

ଭବାନୀପାଟଣା ମିଡ଼ିଲ ଇଂରାଜୀ ବାଳିକା ବିଦ୍ୟାଳୟ ନିମନ୍ତେ ମାସିକ ୮ ୧୮ ୧ ଟଙ୍କା ବେତନରେ ଏକଜଣ ପ୍ରଧାନ ଶିକ୍ଷୟିତ୍ରୀ ଆବଶ୍ୟକ । ସେ ମଧ୍ୟ ବିନା ଭଡ଼ାରେ ଆବାସ ଗୃହ ପାଇ ପାରିବେ । ମେଡ଼ିକଲ କଲେଜର ପରୀକ୍ଷୋତ୍ତୀର୍ଣ୍ଣ ଓ ନୂତନ ନିୟମରେ ଶିକ୍ଷା ଦେବାକୁ ଅଭ୍ୟସ୍ତାଙ୍କ ଭିନ୍ନ ଅପର କାହାର ଆବେଦନ ଗୃହୀତ ହେବ ନାହିଁ । ଆବେଦନକାରିଣୀମାନେ ଆପଣା ପ୍ରଶଂସା ପତ୍ର ସହ ଆମ୍ଭ ନିକଟକୁ ଆବେଦନ କରିବେ । ଆବେଦନ ପତ୍ର ଚଳିତ ମାସ ତା ୨୨ ରଖ ପର୍ଯ୍ୟନ୍ତ ଗ୍ରହଣ ହେବ । ଇତି ।

ଭବାନୀ ପାଟଣା ଷ୍ଟେଟ
ତା ୭।୨।୧୯୧୦ } Bhagawan Mahapatra
ଦେଓ୍ୟାନ

### ନୋଟିସ ।

ଏତଦ୍ବାରା ସମସ୍ତଙ୍କ ଅବଗତ ସକାଶେ କହେ କରୁଅଛୁଁ କି ଆମ୍ଭେ ଶ୍ରୀ ମହାଦେଓ ଦେଓଙ୍କର କୁଅଁର ଓ ଆମ୍ଭେ ବାବୁ ବଳରାମଦାସ ଭଗତ । ସା । ଥା । କାଳୁବଜାର । ସ । ଝରେକରର ଗ୍ରାମ ମୋକଦ୍ଦମାମାନ ଚଳାଇବା ଓ ଜମିଦାରୀ ଆଦି ଇନ୍ତଜାମ କରିବାର ଜଣା ଓସେର ଅଦାୟ ଅସୁଲ ଇତ୍ୟାଦି କରିବାର କ୍ଷମତା ଓ ଟୋଓସରେ ଆମ୍ଭଙ୍କୁ ବୁଝାଇବା କାରଣ ସମସ୍ତ ଏକାରନାମା ଓକିଲ ପତ୍ର । ସା । ମାହିଦାସ ବଜାର । ସ । କଟକଙ୍କ ନାମେ ସୁଅଡ଼ା ଅଗ୍ନିସ୍ତାପ ଅମ୍ଭେ କୁଟେ ଲେଖି ଦେଇଥିଲୁଁ ମାତ୍ର ଉକ୍ତ ସମସ୍ତ ଆମ୍ଭମାନଙ୍କ କୌଣସି କାଗଜପତ୍ର ଓ ଟଙ୍କା ଓ ମାଲମୋକଦ୍ଦମା ଓସେରର ଦଲିଲ ଦସ୍ତାବିଜମାନ ବହୁ ନ ଦେଇ କମା ବୁଝାଇ ନ ଦେଇ ଓ ଆମ୍ଭମାନଙ୍କ ବରୁଦ୍ଧେ ନାନାପ୍ରକାର ଅନିଷ୍ଟ କାର୍ଯ୍ୟମାନ କରି ଆମ୍ଭମାନଙ୍କୁ ବିଶେଷ ଓ କ୍ଷତିଗ୍ରସ୍ତ କରିଥିବାରୁ ଉକ୍ତ ସମସ୍ତ ପତ୍ରଙ୍କୁ ଆମ୍ଭମାନଙ୍କର ଅନୁଗ ଅଗ୍ନିସ୍ତାପ କାରପରଦାଜରୁ ବରଖାସ୍ତ କରିଅଛୁଁ । ଉକ୍ତ ସମସ୍ତ ପତ୍ରଙ୍କୁ ଯେ ଯାହା ଦେଇଥିବ ଓ ଦେବ ତାହା ଆମ୍ଭମାନଙ୍କର ଦୃଷ୍ଟିର ସ୍ବୀକାର ହୋଇ ନ ଥିବେ ଆମ୍ଭେମାନେ ତାହା ମଞ୍ଜୁର କରୁନାହୁଁ ଓ ସେଥିରେ ଆମ୍ଭେମାନେ ଦାୟୀ ହେବୁନାହିଁ—ଇତି ୧୭।୨।୧୯୧୦ ମସିହା ;—

By permission
Basudev Das
ମାୟାଧର ମହାନ୍ତି
Authorised Agents

### ନୋଟିସ ।

ଅମ୍ଭେ ଶ୍ରୀ ଗୋପାଳଚନ୍ଦ୍ର ଭଗତ । ସା । କାଳୁବଜାର । ସ । କଟକ ଏତଦ୍ବାରା ସର୍ବସାଧାରଣଙ୍କୁ ଜଣାଉ ଦେଉଅଛୁ ଯେ ତା ୮।୧୪ ମୁଦ୍ର ଲଉନରୁ । ପ୍ର । ଝଳଗା ତପେ ଗୋପାଳପୁର ଜମିଦାରୀ । ପ୍ର । ଛଇଣ । ସ । ପାଟଣା ନିବାସୀ ବାବୁ ଲକ୍ଷ୍ମୀଧର ପଣ୍ଡା ଜଗନ୍ନାଥଙ୍କର ଥିଲା ତାହା ତାଙ୍କର ଦେଣରେ ଅଦାଲତର ଡିକ୍ରି ନିଲାମରେ ଆମ୍ଭେ ଖରିଦ କରି ବର୍ତ୍ତରେ ନାଲିଶ ଓ ପରୋଲନାର ଅର୍ଥ, ଉକ୍ତ ଜମିଦାରୀର ମୌଜାମାନଙ୍କର ପ୍ରଜାମାନେ ଏହ ମେଲ ହୋଇ ସନ ୧୯୧୦ ମସିହା ଜାନୁଆରୀ ମାସ ତା ୨୯ ରଖ ରବିବାର ସନ୍ଧ୍ୟାରେ ଉକ୍ତ ଜମିଦାରୀ ଇଲାକା ଗୋପାଳପୁର କଚେରି ଘରେ ପ୍ରବେଶ କରି ଲୁଟ କରିଲେ କଚେରିଦ୍ୱାରା ଆମ୍ଭର ନଗଦ ଟଙ୍କା ଆଉ ଅନେକ ଜିନିଷପତ୍ରଙ୍କ ସହିତ ସନ୍ଧି-ପତ୍ର ଭଲରକୁ ଇନ୍ଦ୍ରଜାର ପାଞ୍ଚଶ ୧୫୦୦ ଶ୍ରୀ ନେଇ ପାରୁଣ ସେଥିମଧ୍ୟରେ ଏକହଜାର ୧୦୦୦ ଶ୍ରୀ ପାଉଣାରେ ମେ ହଲ ଜାରି ହୋଇଥିଲା ତାହା ସମସ୍ତ ନେଇ ଯାଇଅଛନ୍ତି ଏ ସମସ୍ତ ହାଲ ଆମ୍ଭର କର୍ମଚାରୀମାନେ ଅସିଷ୍ଟେଣ୍ଟ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କଦ୍ୱାରା ତଦନ୍ତ କରାଇ ଅଛନ୍ତି ମଧ୍ୟ ଧର୍ମଶାଳା ଥାନାରେ ଏତଲାଇ ଦେଇଅଛନ୍ତି ଉକ୍ତ ପାଉଣମାନଙ୍କ ଉକ୍ତ ଜମିଦାରୀର ହେଉ . ପ୍ରଜାମାନେ କେବେ କାହିଁ ବ୍ୟବହାର କରିବେ ନାହିଁ ବ୍ୟବହାର କଲେ ଲୁଟଗଣଦ୍ୱାରା ତାହା ଶ୍ରେଷ୍ଠ ହୋଇଥିବା ଅପରାଧରେ ଗିରଫ୍ଦ ହୋଇ ଦଣ୍ଡନୀୟ ହେବେ ଏହିକ ଆମ୍ଭେ ଅନ୍ୟ ରକମ ବନ୍ଦୋବସ୍ତ ଓ ନୂତନ ବଡ଼ ମୋହର ଛାପା କରି ନୂଆ ଦସ୍ତଖତରେ ଜମା ଆମ୍ଭେ ଯାହାକୁ ସମ୍ମତି ଦେବୁଁ ତାଙ୍କର ନାମାଙ୍କିତ ଦସ୍ତଖତରେ ଏକଜଣ ଅଧିକ କର୍ମଚାରୀରେ ପାଉଣା ବ୍ୟବହାର ହେବ ଏକହଜାର ଉତ୍ତରଣ ମୋ ୧୦୪୮ ଟାରେକ ପାଉଣା ଆମ୍ଭର ପୁତ୍ର ଏବଂ ଅମମୁକ୍ତାର ଶ୍ରୀ ଦୁର୍ଗାପ୍ରସାଦ ଭଗତଙ୍କର ନାମରେ ଦସ୍ତଖତରେ ବ୍ୟବହାର ହୋଇଅଛି ତାହା ନକଲ ଉପରେ ଲେଖାଯାଇ ଗଲା ତଦ୍ଭିନ୍ନ ଆଉ ଅଧିକ ବ୍ୟବହାର ହୋଇ ନାହିଁ ।

ତପସିଲ

| | | |
|---|---|---|
| ୧ ମୌ । ଗୋପାଳପୁର (ଏକଦଶ ଆଣା ଜମିଦାରୀ) | ମୋ | ୧୧୫ ଟା |
| ୧ ମୌ । ଦଣ୍ଡିଆ (ଖଣ୍ଡ) | ମୋ | ୭୦ ଟା |
| ୧ ମୌ । ଇଛାପୁର (ସମ୍ପୂର୍ଣ୍ଣ) | ମୋ | [illegible] ଟା |
| ୧ ମୌ । କାଜଳକୁଦା (ଖଣ୍ଡ) | ମୋ | [illegible] ଟା |
| ୧ ମୌ । ଗୋପୀନାଥ (ସମ୍ପୂର୍ଣ୍ଣ) | ମୋ | [illegible] ଟା |
| ୧ ମୌ । କଳାପଥ (ସେହିପରି) | ମୋ | [illegible] ଟା |
| ୧ ମୌ । ଦେଓଗ (ଖଣ୍ଡ) | ମୋ | ୨୬ ଟା |
| ୧ ମୌ । ବ.ଦ (ଏକ ଦେଶ) | ମୋ | ୧୫୦ ଟା |
| ୧ ମୌ । ଆମଳଗା (ଖଣ୍ଡ) | ମୋ | ୧[illegible] ଟା |
| ୧ ମୌ । କେନ୍ଦୁଆ (ସବ) | ମୋ | ୮ ଟା |
| ଜୁ (ଏକହଜାର ଉନ୍ନତିଶ) | ମୋ | ୧୦୪୮ ଟା |

Digitized by srujanika@gmail.com

କରିବା ବିଷୟରେ ଏବଂ ତାହାଙ୍କର ମନୋଗତ ମତେ ମାନ୍ୟବର ସପ୍ତମ ଉଥବିମହମ୍ମଦ ଖାଁଙ୍କ ବିହୁଟ ଭାଗଲପୁର ଓ ଶେଠଠାକୁର ବସ୍ତ୍ରମାନ ଘରରୁ କାଢ଼ି ସ୍ଥାପନ ସ୍ଥାନ ସ୍ୱଭ୍ୟ ହେବା ବିଷୟରେ ତଦନ୍ତ କରିବାର ପ୍ରାର୍ଥନା କରିଥିଲେ । ମାନ୍ୟବର ବଙ୍ଗେଶ୍ୱର ମହୋଦୟ ତଦନ୍ତ କରି ବୁଝିଅଛନ୍ତି ଯେ ସପ୍ତମ ଉଥବି ମହମ୍ମଦଙ୍କ କଦ୍ୟାଚାର ଅବୈଧ ପ୍ରକାରେ ହୋଇଥିବାର କୌଣସି ହେତୁ ନାହିଁ । ଅତଏବ ସେ ବିଷୟରେ ନିବାରଣ ହୋଇଥିବାର ଚଳିତ ଗେଜେଟରେ ବିଜ୍ଞାପିତ ହୋଇ ଅଛି ।

—※※—

ଗତ ସୋମବାର ସରସ୍ୱତୀପୂଜା ଦିନ କଟକ ଚାନ୍ଦିର ମହାକାଳୀ ପାଠଶାଳାରେ ସରସ୍ୱତୀପୂଜା ହୋଇଥିଲା । ସକାଳ ଦଶଘଣ୍ଟା ପର୍ଯ୍ୟନ୍ତ ବେଦପାଠ ଓ ପୂଜା, ତହିଁ ଉତ୍ତାରୁ ସ ୧୧ ଘଣ୍ଟା ପର୍ଯ୍ୟନ୍ତ କୁମାରୀମାନଙ୍କର ମୌଖିକ ସ୍ତୋତ୍ର ଆବର୍ତ୍ତନ ହୋଇଥିଲା । ମଧ୍ୟାହ୍ନରେ କୁମାରୀମାନେ ପ୍ରସାଦ ପାଇଥିଲେ ଏବଂ ସନ୍ଧ୍ୟାସମୟରେ ଉପାସନା ଓ ସ୍ତବ ପାଠ କରିଥିଲେ । ଏହାପରେ ସଙ୍ଗୀତ ମିଶାଇ ସାହିତ୍ୟଚର୍ଚ୍ଚା କରିଥିଲେ ଏବଂ ଅହରଟୋଲରେ ସଙ୍ଗୀତମଜଲିସ ହୋଇଥିଲା । ନଗରର କେତେ ଗାୟକ ଓ ବାଦକମାନେ ତହିଁରେ ଯୋଗ ଦେଇଥିଲେ । ବିଖ୍ୟାତ ମୃଦଙ୍ଗୀ ବାବୁ ଉପେନ୍ଦ୍ରନାଥ ବଣାକ ସଙ୍ଗୀତନିପୁଣତା ଦେଖାଇଥିଲେ । ଏହି ସମସ୍ତ ଚର୍ଚ୍ଚା ଶଚୀମଣିଙ୍କର କାର୍ଯ୍ୟ ଅଟେ । କଲିକତାରେ ତହିଁର ବିଷୟ ଅନୁଷ୍ଠାନ ହେବାର ଶୁଣି ଆନନ୍ଦିତ ହେଲୁଁ ।

———

ଓଡ଼ିଶାବିଭାଗ୍ର ଜିଲାର ଗତ ଡିସେମ୍ବର ମାସର ଜନ୍ମ ମୃତ୍ୟୁ ତାଲିକା ଯଥା

| ଜିଲା | ଜନ୍ମ | ମୃତ୍ୟୁ |
|---|---|---|
| କଟକ | ୬୧୭୯ | ୪୩୧୪ |
| ବାଲେଶ୍ୱର | ୩୧୫୬ | ୨୮୧୬ |
| ପୁରୀ | ୩୧୨୪ | ୨୮୨୩ |
| ସମ୍ବଲପୁର | ୨୪୨୪ | ୧୨୯୪ |

ଏଥି ମଧ୍ୟରେ ଓଲାଉଠାରେ କଟକରେ ୪୪ ଓ ପୁରୀରେ ୧୫୮ ଏବଂ ବସନ୍ତରେ ପୁରୀରେ ୪୦ ମୃତ୍ୟୁ ହୋଇଥିଲା । ଅନ୍ୟାନ୍ୟ ଜିଲାରେ ଏ ରୋଗ ବିଷୟ ପ୍ରକୋପ ନ ଥିଲା । ସର୍ବଦୋଷେ ମୃତ୍ୟୁର ପ୍ରଧାନ କାରଣ ଜ୍ୱର ଥିଲା । ଲୋକସଂଖ୍ୟାର ମୃତ୍ୟୁର ଅନୁପାତ ସମ୍ବଲପୁରରେ ସବାପେକ୍ଷା ଊଣା ଯଥା ଶତକଡ଼ା ୨୪ ଓ ପୁରୀରେ ସବାପେକ୍ଷା ଅଧିକ ଯଥା ଶତକଡ଼ା ୩୫ ଥିଲା ।

———

ଏ ନଗରର କଲେଜ ଓ ସ୍କୁଲଛାତ୍ରମାନେ ଅନ୍ୟ ସ୍ଥାନରେ ଗତ ସୋମବାର ଶ୍ରୀପଞ୍ଚମୀରେ ସରସ୍ୱତୀ ପ୍ରତିମାପୂଜା ଯଥାସମାରୋହରେ ସମ୍ପନ୍ନ କରିଥିଲେ । ପୋଷାକ ଜମକାଳିଆ ଓ ବାଦ୍ୟ ବଣ୍ଟା ହୋଇଥିଲା । ତହିଁରେ ଓ ଅନ୍ୟାନ୍ୟ ଆଡ଼ମ୍ବରରେ ବୃଥା ବ୍ୟୟ ହେବେ ହୋଇଥିଲା ଅନାୟାସରେ ବୁଝାଯାଏ । ଛାତ୍ରଙ୍କ ପକ୍ଷରେ ଏହା ସୁନାମ ନୁହେ । ଆମ୍ଭେମାନେ ପୂର୍ବପରି ବର୍ତ୍ତମାନ ମଧ୍ୟ କହୁଅଛୁଁ ଯେ ସ୍କୁଲ ଛାତ୍ରଙ୍କ ପକ୍ଷରେ ପ୍ରତିମାପୂଜାଠାରୁ କେବଳ ପୁସ୍ତକ କଲମ ପୂଜା ଉଚିତର । କାରଣ ପ୍ରତିମା ପୂଜାରେ ମନ କଲେ ସକଳ ସ୍କୁଲର ଏକତ୍ରେ ମିଶି ଗୋଟିଏ ପୂଜା କଲେ ଏକତା ବଢ଼ିବ ଏବଂ ବ୍ୟୟ ଲାଘବ ହେବ । ସୌହାର୍ଦ୍ଦ୍ୟର ସବାପେକ୍ଷା ଅଧିକ ଲାଭ । ଅନ୍ୟ ପୂଜା ତହିଁର ପ୍ରତିକୂଳ ହେବା ଅଦ୍ଭୁତ ନୁହେ ।

—※—

କଲିକତା ବିଶ୍ୱବିଦ୍ୟାଳୟର ଆଇନର ପ୍ରଥମ ପରୀକ୍ଷା ଗତ ଡିସେମ୍ବର ମାସରେ ହୋଇଥିଲା ତହିଁର ଫଳ ବାହାରିଅଛି ଏବଂ ଓଡ଼ିଶାର ଯେଉଁ ଛାତ୍ରମାନେ ସଫଳ ହୋଇଅଛନ୍ତି ସେମାନଙ୍କର ନାମ ଗତ ସପ୍ତାହରେ ପ୍ରକାଶ କରିଅଛୁଁ । କେବଳ ସାଖୀଗୋପାଳ ପାଲଟ ଛଡ଼ା ଓଡ଼ିଶାର ସକଳ ପରୀକ୍ଷାର୍ଥୀ ପାସ କରିଅଛନ୍ତି । ଏ ପରୀକ୍ଷାରେ ସର୍ବସୁଦ୍ଧା ୨୧୮ ଜଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଯେ ତହିଁ ମଧ୍ୟରେ ୭ ଜଣ ପ୍ରଥମ ବିଭାଗରେ ସ୍ଥାନ ପାଇଅଛନ୍ତି । କଲିକତା ରିପନ କଲେଜ ସର୍ବୋଚ୍ଚ ସ୍ଥାନ ଅଧିକାର କରିଅଛି । ପାସ କରିଥିବା ୨୧୮ ଜଣ ମଧ୍ୟରେ ଏହା ରିପନ କଲେଜର ୧୧୬ ବିଶ୍ୱବିଦ୍ୟାଳୟ କଲେଜର ୩୪ ମେଟ୍ରୋପଲିଟନ କଲେଜର ୧୯ ଓ ଢାକା କଲେଜର ୨୧ ଛାତ୍ର ଅଛନ୍ତି । ଅନ୍ୟାନ୍ୟ କଲେଜର ପାସ ସଂଖ୍ୟା ଅତ୍ୟଳ୍ପ ଅଟେ । ଏଥିରୁ ଦେଖାଯାଏ ଯେ ବେସରକାରୀ ରିପନ କଲେଜ ସରକାରୀ ବିଶ୍ୱବିଦ୍ୟାଳୟ କଲେଜଠାରେ ଅବନତ ହୋଇ ନାହିଁ ।

———

ସରକାରୀ ସମ୍ବାଦରେ ପ୍ରକାଶ ଯେ କସ୍ତୁରୀର ଅବସନ୍ନମାନେ ମେଳ କରିବାର କସ୍ତୁରୀର ବଡ଼ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଅଛନ୍ତି । ମେଳର କାରଣ ଜଣାଯାଇ ନାହିଁ । ମେଳିଆମାନେ କେତେକ ବଜାର ଲୁଟି ନେଇଅଛନ୍ତି ଏବଂ କେତେକ ପୁଲିସଘାଣ୍ଟି ଓ ଡାକଘର ପୋଡ଼ି ଦେଇ ଅଛନ୍ତି । ଏପରି ଜଣେ ସରକାର୍ମଗୃହୀ ଶୁଗୁରର ଅସାଡ ପ୍ରାପ୍ତ ହୋଇଅଛି । ମେଳିଆମାନଙ୍କର ଅସ୍ତ୍ର କେବଳ ଦାଣ୍ଡ ଓ ବାଉଁଶ ଧାରମଣ ବିଗତ ଜାନୁଆରୀ ୧୨୦ ଜଣ ଅଷ୍ଟ୍ରାଲିଆ ପୁରୁଷ ପ୍ରେରଣ ହୋଇଅଛନ୍ତି । ଆଶା କରୁଅଛୁ ତାହା ଯଥେଷ୍ଟ ହେବ । ବସ୍ତୁର ସଙ୍ଗୀ ପଥ ପ୍ରତ୍ୟାବର୍ତ୍ତନ ଦ୍ୱାରା ନୋକଲେ ଗୋଟିଏ ରାଜାଙ୍କ ତହିଁର ଅସୁରକ୍ଷା ୧୩୦୬୨ ପର୍ଯ୍ୟନ୍ତ ଏବଂ ଲୋକସଂଖ୍ୟାର ଉନ୍ନତାଂଶ ଅବମଙ୍ଗଳ (ସବଳ ଉତ୍ପାତ) କହନ୍ତି । ମେଳର କାରଣ ଏ ପରେ ଜଣାଯିବ ଏବଂ ସେମାନଙ୍କର ପ୍ରକୃତରେ ଦଣ୍ଡ ଦିଆଯିବ ତହିଁର ବିହିତ ପ୍ରତୀକାର ପ୍ରଭୃତି ଗବର୍ଣ୍ଣମେଣ୍ଟ ବ୍ୟବସ୍ଥା କରିବେ ।

———

ଦୁର୍ଭିକ୍ଷ ସାହାଯ୍ୟ ଜମାରୁ ସାଧାରଣ ଦାନଦ୍ୱାରା ସ୍ଥାପିତ ଭାରତବାସୀୟ ଦୁର୍ଭିକ୍ଷଭଣ୍ଡାର ନାମରେ ଯେଉଁ ପାଣ୍ଠି ସ୍ଥାପିତ ହୋଇଅଛି ତହିଁର ଗତ ୧୯୦୯ ସାଲର ହିସାବ ବାହାରିଅଛି । ଏହି ଭଣ୍ଡାରରେ ୨୮ ଲକ୍ଷ ୧୦ ହଜାର ଟଙ୍କା ଶତକଡ଼ା ୪ ୩॥ ହାରର ସରକାରୀ କାଗଜରେ ଜମା ହୋଇଅଛି । ଏ ବର୍ଷ ତହିଁର ସୁଧ ୪୯୮୩୪୦ ଟଙ୍କା ଏବଂ ଅଠଗଡ଼ ସହାୟର ଦେଣା ୪ ୪୦୦୧ ଟଙ୍କା ଆୟ ହୋଇଥିଲା ଏପରି ଅନ୍ୟ ପଣ୍ଠିର ପ୍ରାୟ କୁଞ୍ଚକ ଟଙ୍କା ଏ ପାଣ୍ଠି ସଙ୍ଗରେ ମିଶିବାରେ ସର୍ବସୁଦ୍ଧା ୩ ଲକ୍ଷ ୧୬ ହଜାର ଟଙ୍କା ଆୟ ହୋଇଥିଲା ମାତ୍ର ଦରଭଙ୍ଗା ଜିଲାର ଦୁର୍ଭିକ୍ଷ ସହାୟେ ୨୪ ହଜାର ଟଙ୍କା ସାହାଯ୍ୟ ଦାନ ଛଡ଼ା ଅଉ କିଛି ବ୍ୟୟ ହୋଇ ନ ଥିଲା । ସୁତରାଂ ଅନେକ ଟଙ୍କା ବଳ ପଡ଼ିବାରୁ ୩ ଲକ୍ଷ ୨୦ ହଜାର ଟଙ୍କାର ସରକାରୀ ୪ ୩॥ ହାରୀ ସୁଧର କାଗଜ କିଣାଯାଇ ସ୍ଥାୟୀ ପାଣ୍ଠିରେ ମିଶିଅଛି । କୌଣସି ପ୍ରଦେଶର କୌଣସି ବୃହତ୍ ଭୂମିଖଣ୍ଡରେ ଦୁର୍ଭିକ୍ଷ ପଡ଼ିବାର ଭାରତ ଗବର୍ଣ୍ଣମେଣ୍ଟ ଘୋଷଣା ପ୍ରଚାର କରିଲେ ଏ ପାଣ୍ଠିରୁ ସାହାଯ୍ୟ ଦିଆଯିବାର ନିୟମ ନାହିଁ । ଗତବର୍ଷ ବୃହତ୍ ଅନୁପାତରେ ଅକାଳ ନ ପଡ଼ିବା ହେତୁ ଭଣ୍ଡାର ବଢ଼ିଅଛି ।

———

ଗତ ୧୮ ତାରିଖର ବ୍ୟବସ୍ଥାପକ ସଭାର ଅଧିବେଶନରେ ମହାମାନ୍ୟ ଗବର୍ଣ୍ଣରଜେନେରାଲ ଲର୍ଡ଼ ମିଣ୍ଟୋ ବାହାଦୁର ବଙ୍ଗଳାର ନବଜଣ ବ୍ୟକ୍ତିମାନଙ୍କୁ ମୁକ୍ତି ଦେବାର କଥା ପ୍ରକାଶ କଲେ । ସେମାନଙ୍କ ଦୋଷ ନୁହେ ତହିଁର ଆଦେଶ ସେମାନେ ଅଟକ ଥିବାର ଜେଲ ସମୂହରୁ ପଠାଯିବାରେ ସଙ୍ଗ ପ୍ରଥମେ ଗତ ବୁଧ ତା ୧୧ଖରେ ବାବୁ କୃଷ୍ଣକୁମାର ମିତ୍ର କଲିକତାରେ ସ୍ୱଗୃହକୁ ଫେରିଅଛନ୍ତି । ଏଥିମଧ୍ୟରେ ଆଉ ସମସ୍ତେ ଆପଣା ଘରକୁ ଫେରିଥିବି ଅସ୍ୱୀକୃ ବନ୍ଧୁଲୁଣ୍ଠନ ଓ ଜନସାଧାରଣଙ୍କର ଅନେକ ବଡ଼ାଇ

Split by PDF Splitter

Digitized by srujanika@gmail.com

ଅଛନ୍ତି । ସେମାନଙ୍କର ସ୍ୱାସ୍ଥ୍ୟ ଭଲ ଥିବାର ଦେଖାଯାଏ ଏବଂ ଜେଲ କର୍ମଚାରୀମାନେ ସୁବ୍ୟବହାର କରୁଥିବାରୁ ସେମାନେ ସମସ୍ତେ ସନ୍ତୁଷ୍ଟ ଅଛନ୍ତି । ଏହି ଦୟାପୂର୍ଣ୍ଣ ସୁବନ୍ଦୋବସ୍ତର ସହାୟେ ଲର୍ଡ଼ ମିଣ୍ଟୋ ସମସ୍ତ ଭାରତବାସୀଙ୍କର ଅଶେଷ କୃତଜ୍ଞତାଭାଜନ ହୋଇଅଛନ୍ତି ଏବଂ କେତେକ ଇଂରାଜୀ ସମ୍ବାଦପତ୍ରର ଅସନ୍ତୋଷସୂଚକ ମତରେ ଆସ୍ଥା ନ କରି ଅଧିକତର ମହତ୍ତ୍ୱ ଦେଖାଇଅଛନ୍ତି । ଭ୍ରମରେ ପଡ଼ିବା ମନୁଷ୍ୟ ତ ସ୍ୱାଭାବିକ ମାତ୍ର ଭ୍ରମ ଜାଣିବାମାତ୍ରେ ତାହା ସଂଶୋଧନ କରିବା ପ୍ରକୃତ ଉଦାରତା ଓ ଦେବତ୍ୱସୂଚକ ।

—o—

କେନ୍ଦ୍ରାପଡ଼ା ସମ୍ବାଦ ଦାତା ଲେଖିଅଛନ୍ତି “ସେଠା ମୁନସଫି ଅଦାଲତର ଉକିଲମାନଙ୍କ ଯତ୍ନରେ ଉକିଲଖାନା ମଧ୍ୟରେ କେନ୍ଦ୍ରାପଡ଼ା ବାର ଲାଇବ୍ରେରୀ ( Kendrapara Bar Library ) ନାମରେ ଏକ ପୁସ୍ତକାଳୟ ପ୍ରତିଷ୍ଠିତ ହୋଇଅଛି । ପୁସ୍ତକାଳୟରେ ଇତିମଧ୍ୟରେ ଅନେକ ଗୁଡ଼ାଏ ଆଇନ ପୁସ୍ତକ ଓ ପତ୍ରିକା ସଂଗୃହୀତ ହୋଇଅଛି ପରମ ପ୍ରୀତିକର କଥା । ପୁସ୍ତକାଳୟର ଉନ୍ନତିକଳ୍ପେ ଉଦ୍‌ଯୋକ୍ତାମାନଙ୍କର ଯେପରି ଉଦ୍ୟମ ଓ ଚେଷ୍ଟା ଦେଖିଲୁ ଆଶା ହୁଏ ଯେ ଅଚିରେ ଅତ୍ୟାବଶ୍ୟକ ମୂଲ୍ୟବାନ୍ ଗ୍ରନ୍ଥରାଜି ଦ୍ୱାରା ଏହାର ଶ୍ରୀବୃଦ୍ଧି ସାଧିତ ହେବାର ଦେଖାଯିବ । ସ୍ଥାନୀୟ ମୁକ୍ତାରମାନେ ଏହିପରି ଏକ ପୁସ୍ତକାଳୟ ପ୍ରତିଷ୍ଠାର ଚେଷ୍ଟା କରିବେ କି ? “Labour brings its own reward” ଏହି ମହାବାକ୍ୟ ଅନୁସରଣ କରି କାର୍ଯ୍ୟରେ ପ୍ରବୃତ୍ତ ହେଲେ ଭଗବାନ ସେମାନଙ୍କର ଆଶା କଦାପି ଅପୂର୍ଣ୍ଣ ରଖିବେ ନାହିଁ । ଏଥିରୁ ଆମ୍ଭେମାନେ ବିବେଚନା କରୁଁ ଯେ ଉକିଲମାନେ ମୁକ୍ତାରମାନଙ୍କୁ ବାର ଲାଇବ୍ରେରୀର ସଭ୍ୟ କଲେ ସମବେତ ଚେଷ୍ଟା ଓ ଯତ୍ନରେ ଅଧିକ ଉନ୍ନତି ହେବ ଏବଂ ପରସ୍ପର ସହାନୁଭୂତି ଓ ସହୃଦୟତା ବଢ଼ିବ ।

———

ସମ୍ବଲପୁର ହିତୈଷିଣୀରେ ଅତ୍ୟନ୍ତ ଦୁଃଖର ସହିତ ପାଠକଙ୍କ ଗତ ତା ୨ ରଖ ଗୁରୁବାର ରାତ୍ର ୨ ଟା ସମୟରେ ପାଟଣାର ମହାରାଜା ଦଳଗଞ୍ଜନ ସିଂହ ଦେବ ପ୍ରାୟ ୫୦ ବର୍ଷ ବୟସରେ ଇହଧାମ ପରିତ୍ୟାଗ କରିଅଛନ୍ତି । ଏହି ଦୁଃସମ୍ବାଦରେ ପାଟଣାର ସରଦାରମାନେ ଓ ପ୍ରଜାବର୍ଗ ଅତ୍ୟନ୍ତ ଦୁଃଖିତ ଅଛନ୍ତି । ସମସ୍ତ ଉତ୍କଳଖଣ୍ଡରେ ଏହା ଦୁର୍ଭାଗ୍ୟର ବିଷୟ । ଏମାନଙ୍କ ପୂର୍ବବର୍ତ୍ତୀ ମହାରାଜା ରାମ ଚନ୍ଦ୍ର ସିଂହ ବନ୍ଧୁକ ଗୁଳିରେ ଆତ୍ମହତ୍ୟା କରିବାରେ ତାହାଙ୍କର ପିତୃବ୍ୟ ଦଳଗଞ୍ଜନ ସିଂହ ଦେବ ସିଂହାସନ ଗ୍ରହଣ କରିଥିଲେ । ଦଳଗଞ୍ଜନ ସିଂହଙ୍କର ସୌଜନ୍ୟ ଓ ଶିଷ୍ଟାଚାରଦ୍ୱାରା ସକଳଶ୍ରେଣୀର ଲୋକଙ୍କୁ ମୁଗ୍ଧ କରିବାର ଅସାଧାରଣ ଗୁଣ ଥିଲା ଓ ସେ ସୁଶିକ୍ଷିତ ଉତ୍ସାହୀ ପ୍ରଜାରଞ୍ଜକ ଥିଲେ । ବହୁକାଳୁଁ ବାତରୋଗରେ ପ୍ରପୀଡ଼ିତ ଥିଲେ ଏବଂ କେତେକ ଦିନ ତଳେ କଲିକତା ଯାଇ ଲେଫ୍‌ଟନାଣ୍ଟ ବାହାଦୁରଙ୍କ ସହିତ ସାକ୍ଷାତ କରି ଫେରି ଆସିଥିଲେ । ଈଶ୍ୱର ତାହାଙ୍କର ଆତ୍ମାର ମଙ୍ଗଳ କରନ୍ତୁ । ବର୍ତ୍ତମାନ ଯୁବରାଜ ସାହେବ ସିଂହାସନାରୋହଣ କରିଅଛନ୍ତି । ଈଶ୍ୱର ମୃତରାଜାଙ୍କର ଆତ୍ମାର ମଙ୍ଗଳବିଧାନ ଏବଂ ନବରାଜାଙ୍କୁ ଦୀର୍ଘାୟୁ ଓ ସୁବୁଦ୍ଧି ପ୍ରଦାନ କରନ୍ତୁ । ଆଶାକରୁଁ ସହଯୋଗୀ ବାରାନ୍ତରେ ମୃତ ରାଜାଙ୍କ ଜୀବନ ଏବଂ ଯୁବରାଜଙ୍କର ଶିକ୍ଷା ଇତ୍ୟାଦି ବିଷୟ ପ୍ରକାଶ କରିବେ ।

———

ଗତ ସୋମବାର ଅଷ୍ଟମୀ ଦିନ ୪ ଘଟିକାର ପଡ଼ିଆରେ ପୁଲିସବାଲାଙ୍କର ଖେଳ ହୋଇଥିଲା । ଖେଳ ବିବିଧ ପ୍ରକାର ଯଥା ଦୌଡ଼ିବା, ଡିଆଁ, ବାଡ଼ି ଖେଳିବା, ଜଳପୂର୍ଣ୍ଣ କଳସ ମସ୍ତକରେ ଦେଇ ଦୌଡ଼ିବା, ଦଉଡ଼ି ଟାଣିବା ଇତ୍ୟାଦି ଥିଲା ଏବଂ ପ୍ରତ୍ୟେକ ଖେଳର ପ୍ରତିଯୋଗିତାରେ ଜିତିବା ବ୍ୟକ୍ତିର ପୁରସ୍କାର ଥିଲା । ଶ୍ରୀଯୁକ୍ତ ଲେଭିଞ୍ଜ ସାହେବ ଏକ୍ଟ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଏବଂ ଶ୍ରୀଯୁକ୍ତ ବର୍ଣ୍ଣ ମାଜିଷ୍ଟ୍ରେଟ, ଶ୍ରୀଯୁକ୍ତ ଶାପ୍ରିନ୍‌ସିପାଲ୍, ହେଣ୍ଡରସନ ସାହେବମାନେ ଓ କେତେକ ଦେଶୀୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ । ଇଉରୋପୀୟ ଏବଂ ଦେଶୀୟ ଭଦ୍ରଲୋକଙ୍କର ଜଳପାନାଦିର ଭଲ ବ୍ୟବସ୍ଥା ହୋଇଥିଲା । ଦିବା ତୃତୀୟ ପ୍ରହରଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଖେଳ ହୋଇଥିଲା ଏବଂ ପୁରସ୍କାର ବଣ୍ଟା ହୋଇ ପ୍ରାୟ ସାତ ଘଣ୍ଟା ବେଳେ କାର୍ଯ୍ୟ ସମାପ୍ତ ହେଲା ସନ୍ଧ୍ୟାବେଳେ ଅତସବାଜି ହୋଇଥିଲା । ପୁଲିସବାଲାଙ୍କ ସଙ୍ଗେ ଜେଲର ପହରାବାଲା, ସ୍କୁଲଛାତ୍ର ଏବଂ ସାହେବ ପିଲାମାନେ ପ୍ରତିଯୋଗିତାରେ ଯୁକ୍ତ ହୋଇଥିଲେ ଓ କେତେକ ଜଣ ସ୍କୁଲ ପିଲା ମଧ୍ୟ ବାଜିରେ ଜିଣି ପୁରସ୍କାର ଲାଭ କରିଥିଲେ । ପୁରସ୍କାର ନଗଦ ଟଙ୍କା ଥିଲା ଓ ତାହାର ପରିମାଣ ନିତାନ୍ତ ଅଳ୍ପ ନ ଥିଲା । ଅନେକ ଦର୍ଶକ ହୋଇଥିଲେ । ଏହି ଖେଳ ସକଳ ସୁବ୍ୟବସ୍ଥାରେ କର୍ତ୍ତୃପକ୍ଷ ଓ ପ୍ରୀତିକର ରୂପେ ସମାଧା ହେବାର ଦେଖି ସମସ୍ତେ ଆନନ୍ଦ ଲାଭ କରିଥିଲେ ।

———

କଲିକତା ଦୈନିକ ହିତବାଦୀରେ ଗଜେନ୍ଦ୍ର ଘଟିତ ବିଷୟ ପ୍ରକାଶ ହୋଇଥିବାରେ ତାହାର ପ୍ରିଣ୍ଟର ନାରଦଚରଣ ଦାସ ନାମରେ ସଡ଼ିସନ ମୋକଦ୍ଦମା ଚାଲିଥିବାର ପାଠକମାନଙ୍କୁ ଜଣା ଅଛି । ଗତ ଶନିବାର କଲିକତା ପ୍ରଧାନ ପ୍ରେସିଡେନ୍ସି ମାଜିଷ୍ଟ୍ରେଟ ମେ କିନିମାର ବିଚାର ଦିନ ଗତ ଶନିବାର ଶେଷ ନିଷ୍ପତ୍ତି ପ୍ରକାଶ କଲେ ଓ ଆସାମିକୁ ଦଣ୍ଡବିଧି ଆଇନର ଧା ୧୨୪ (କ) ଧାରେ ଦୋଷୀ ପ୍ରମାଣ କରି ଏକବର୍ଷ କଠିନ ପରିଶ୍ରମ ସହିତ କାରାଦଣ୍ଡ ଦେଲେ । ଆସାମୀ ହାଇକୋର୍ଟରେ ଅପିଲ କରିବା କାରଣ ଜାମିନ ପ୍ରାର୍ଥନା କରିଅଛି । ଗତ ୯ ତାରିଖ ଶ୍ରୀ ଫ୍ରିଷ୍ଟାଭ କାଗଜରେ ଲେଖାଅଛି । ଆଦେଶ ପ୍ରଚାରର କିଛି କ୍ଷଣ ପରେ ସମ୍ପାଦକର ପ୍ରତିନିଧିଙ୍କୁ ହାକିମ ତାହା ଦେଇ ଅବକାଶ ପ୍ରକାଶ ନ କରିବା କାରଣ ଅନୁରୋଧ କରି କହିଲେ ଯେ ବିଷୟରେ ଉକ୍ତ ସମ୍ବାଦପତ୍ରର ଯେଉଁ ଆପତ୍ତିଜନକ ଅଂଶମାନ ଦୃଷ୍ଟ ହୋଇଅଛି ସେ ସମସ୍ତ ପ୍ରକାଶ କରିବା ସାଧାରଣ ସ୍ୱାର୍ଥର ବିରୁଦ୍ଧ ହେବ । ଆମ୍ଭେମାନେ ଏହାର ତାତ୍ପର୍ଯ୍ୟ ମର୍ମ ବୁଝି ପାରୁ ନାହୁଁ । ଆପତ୍ତିଜନକ ଲେଖା ଯେଉଁମାନେ ପଢ଼ିଅଛନ୍ତି ଏବଂ ପ୍ରକାଶ୍ୟ ଅଦାଲତରେ ଶୁଣିଅଛନ୍ତି ସେମାନଙ୍କ ନିକଟରେ ଲୁଚି ରହି ନାହିଁ । ପୁଣି ପ୍ରକାଶ ହେଲେ ଅନ୍ୟ ଲୋକମାନେ ପଢ଼ି ସାବଧାନ ହେବେ ସୁତରାଂ ତାହା ସାଧାରଣ ସ୍ୱାର୍ଥର ବିରୁଦ୍ଧ ନ ହୋଇ ପ୍ରକୃତରେ ଅନୁକୂଳ ହେବ । ନିଷ୍ପତ୍ତିମାନ ଚକ୍ରରୂପେ ଆଇନ ବୁଝିବାର ସାହାଯ୍ୟ କରେ ମାତ୍ର ଅନିଷ୍ଟକର ବୋଲି ବର୍ତ୍ତମାନ ଶୁଣିଲୁଁ ।

———

ଗତ ୨୦।୧୨ ତ ଦେଶ କଲିକତା ସହର ନିମତଳା ଘାଟଷ୍ଟ୍ରୀଟରେ ଭୀଷଣ ଅଗ୍ନିକାଣ୍ଡ ସେଥିସଙ୍ଗରେ ହୋଇ ଅନେକ ଘର ସହିତ କାଠ ଓ ଅନ୍ୟାନ୍ୟ ପଣ୍ୟ ପ୍ରାୟ ୧୫।୨୦ ଲକ୍ଷ ଟଙ୍କା ନଷ୍ଟ ହୋଇଥିବାର ପାଠକମାନଙ୍କୁ ଜଣାଅଛି । ଏଥିରେ କେତେ ଲୋକର କେତେ ନଷ୍ଟ ହୋଇଅଛି ଅନୁମାନରେ ବୁଝାଯାଉଅଛି । କେତେଲୋକ କାଠ ବ୍ୟବସାୟ ବୀମା କରିଥିଲେ ସେମାନେ ବୀମା କମ୍ପାନୀର ସାହାଯ୍ୟରେ ଏବଂ ଅନ୍ୟମାନେ ଋଣ ଇତ୍ୟାଦିଦ୍ୱାରା ଗୋଲାଘର ନିର୍ମାଣ ଏବଂ ବ୍ୟବସାୟ ପୁନର୍ବାର ଆରମ୍ଭ କରୁଅଛନ୍ତି । ଅଳ୍ପକାଳରେ ବ୍ୟବସାୟ ଜାଗ୍ରତ ହେବ । ମାତ୍ର କଣ୍ୟାକ ମୃତ କାଳୀପ୍ରସନ୍ନ ଘୋଷଙ୍କ ପ୍ରକାଣ୍ଡ କୋଠାଘରର ଯେଉଁ ଅଂଶରେ କଲିକତାର ମୂଲ୍ୟବାନ୍ ପୁସ୍ତିକା ଓ ବୈଷ୍ଣବ ସମ୍ବାଦ ପତ୍ର ଥିଲା ଓ ଯାହା ସେ କଷ୍ଟକଷ୍ଟ୍ୟ-

Split by PDF Splitter
Digitized by srujanika@gmail.com

Split by PDF Splitter



ଲମ୍ପଟ ଘଟଣାର ବ୍ୟବହାର ନିମନ୍ତେ ଗଢ଼ି ହେଉଥିଲେ ସେ ସମସ୍ତ ପୋଡ଼ିଯାଇଥିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ଅଟେ । ଏହି କ୍ଷତି କୌଣସିମତେ ପୂର୍ଣ୍ଣ ହେବାର ଉପାୟ ନାହିଁ । ପ୍ରାଚୀନକାଳର ଅନେକ ପୁସ୍ତକ ବର୍ତ୍ତମାନ ଅପ୍ରାପ୍ୟ । ସରକାରୀ ଦପ୍ତରଖାନା ଅଗ୍ନି ଲଗାଇବା ସଙ୍ଗେ ସଙ୍ଗେ ଆସିଥିଲେ । ସେମାନଙ୍କ ନାମରେ ରିପୋର୍ଟ ଗ୍ରହଣ ଅବହେଳା ଲର୍ଯ୍ୟାଦ ହେଲେକ ସ୍କୁଲର ସ୍ବାର ଶୁଣାଯିବାରେ କଲିକତା ମିଉନିସିପାଲ କମିଶନରମାନଙ୍କର ଅନୁରୋଧମତେ ବଙ୍ଗ ଗବର୍ଣ୍ଣମେଣ୍ଟ ତହିଁର ଅନୁସନ୍ଧାନ କାରଣ ଗୋଟିଏ କମିଟୀ ବସାଇଅଛନ୍ତି ଏବଂ ଏଥିମଧ୍ୟରେ କମିଟୀ ପ୍ରକାଶ୍ୟ ବୈଠକରେ ସାକ୍ଷ୍ୟ ଗ୍ରହଣ କରୁଅଛନ୍ତି । ତଦନ୍ତର ଫଳ ଅଳ୍ପ ଦିନରେ ଜଣାଯିବ ।

---

ବାବୁ ମୋହିନୀମୋହନ ମହାପାତ୍ର ଯାଜପୁର ଅଦାଲତର ଜଣେ ପ୍ରଧାନ ଓକିଲ, ମିଉନିସିପାଲିଟିର ଭାଇସଚେୟାରମେନ, ଅନରେରି ମାଜିଷ୍ଟ୍ରେଟ ଓ ହାଇସ୍କୁଲର ଏ: ସେକ୍ରେଟେରି ଥାଇ ଉକ୍ତ କାର୍ଯ୍ୟମାନ ବିଶେଷ ଦକ୍ଷତା ସହିତ ନିର୍ବାହ କରୁଥିଲେ । ଗତ ତା ୧୫ ରଖ ମଙ୍ଗଳବାର ସେ ମିଉନିସିପାଲ ଟେକସ ଅସେସମେଣ୍ଟ କରି ବାଲୁ ଯାଇ ସନ୍ଧ୍ୟା ପରେ ଅପଣା ଘରେ ସନ୍ଧ୍ୟା ଅଧିକ ରାତ୍ରି ସାଢ଼େ ୧୦ ଘା ସମୟେ ବୈଠକ ଖାନାରେ ଏକଜଣ ମକ୍କେଲର ଅର୍ଜି ଦେଖି ସ୍ୱହସ୍ତରେ ତାହାର ଜବାବ ତିଆରି କରୁଥିବା ସମୟେ ତାଙ୍କର ଶରୀର କିଛି ଅସୁସ୍ଥ ହେବାରୁ ଲେଖା ବନ୍ଦ କରି ସମସ୍ତ କାଗଜ ପତ୍ର ଗୋଟାଇ ହେଡ଼ସ ମଧ୍ୟରେ ରଖି ସେହିଠାରେ ଗଡ଼ିପଡ଼ି ବେହୋସ ହୋଇଗଲେ ଓ ତାଙ୍କୁ ଧରାଧରି କରି ଘର ମଧ୍ୟକୁ ନେଇ ଗଲେ ମାତ୍ର ଆଉ ତାଙ୍କର ହୋସ ନ ହୋଇ ପରଲୋକପ୍ରାପ୍ତ ହେଲେ । ମୋହିନୀ ବାବୁ ସଚ୍ଚରିତ୍ର ଶାନ୍ତ ପ୍ରକୃତି ଏବଂ ଅମାୟିକ ଲୋକ ଥିଲେ ସେ ବିଶେଷ ଦକ୍ଷତା ସହିତ ବହୁକାଳ ମିଉନିସପାଲିଟିର ଭାଇସଚେୟାରମେନ କାର୍ଯ୍ୟ ନିର୍ବାହ କରି ଆସିଥିଲେ ଓ ସାଧାରଣ କାର୍ଯ୍ୟରେ ସେ ଜଣେ ଅଗ୍ରଣୀ ଥିବାରୁ ତାଙ୍କୁ ଆବାଳବୃଦ୍ଧବନିତା ସମସ୍ତେ ସ୍ନେହ ଓ ଭକ୍ତି କରୁଥିଲେ ତାଙ୍କର ଅକସ୍ମାତ ମୃତ୍ୟୁରେ ଟାଉନର ଆବାଳବୃଦ୍ଧ ଲୋକ ବିଶେଷ ଦୁଃଖିତ ଅଛନ୍ତି । ଟାଉନବାସୀ ଭଦ୍ରଲୋକମାନେ ଶବ ସହିତ ଶ୍ମଶାନ ଭୂମି ପର୍ଯ୍ୟନ୍ତ ଯାଇଥିଲେ ଓ ମିଉନିସିପାଲିଟିର ଚେୟାରମେନ ଓ ସବ ଡି ମାଜିଷ୍ଟ୍ରେଟ ସୁଦ୍ଧା ବସୁଦୁର୍ଗାଚରଣ,ମୌଲବୀ ବାହାଦୁର ସେଠାରେ ଉପସ୍ଥିତ ହୋଇଥିଲେ ତାଙ୍କର ସମ୍ମାନ ନିମନ୍ତେ ଦୁଇଦିନ ଅଦାଲତ ସବଡିଭିଜନ କଲେଜ ଏବଂ ହାଇସ୍କୁଲ ତା୧୬ରଖ ଛୁଟିବାର ବନ୍ଦ ହୋଇଥିଲା । ମୃତ୍ୟୁ ସମୟରେ ତାଙ୍କର ବୟସ ୫୨ ବର୍ଷ ହୋଇଥିଲା ।

---

ଏ ଜିଲାର ପ୍ରାଇମେରି ବିଦ୍ୟାଳୟର ଶିକ୍ଷକମାନେ ଡିଷ୍ଟ୍ରିକ୍ଟବୋର୍ଡ଼ ଗବର୍ଣ୍ଣମେଣ୍ଟଙ୍କ ପ୍ରଦତ୍ତ ଟଙ୍କାରୁ ମାସିକ ଅଠଅଣାଠାରୁ ଦୁଇଟଙ୍କା ପର୍ଯ୍ୟନ୍ତ ପାଉଅଛନ୍ତି । ଅନେକ ପାଠଶାଳାର ଶିକ୍ଷକମାନେ ଅଠଅଣା ବା ବାରଅଣା ଇତ୍ୟାଦି ନଗଦ ଉଣା, ବେତନ ପାଉଥିବା ହେତୁ ପାଠଶାଳାମାନଙ୍କର କାର୍ଯ୍ୟ ଭଲ ହେଉ ନ ଥିବାରୁ କଲେକ୍ଟର ସାହେବ ମହୋଦୟ ତାହାକୁ ଦୁଇ ଟଙ୍କା କରିବାର ମନସ୍ଥ କରିଥିଲେ । ଆମ୍ଭେମାନେ ଅବଗତ ହେଲୁଁ ଯେ ଏଠା ସ୍କୁଲ ଇନସ୍ପେକ୍ଟରଙ୍କର ମଧ୍ୟ ସେହି ମତ । ଅବଶ୍ୟ ଦୁଇ ଟଙ୍କାର ଉଣା ବେତନ ପାଇବା କିଛିମାତ୍ର ଅସନ୍ତୁଷ୍ଟ ଏବଂ ଏପରି ଦାମ ମଧ୍ୟ ବେତନ ଦ୍ୱାରା କେବଳ ଟର୍ଚ୍ଚା ଦେଖାଇ ଚଳାଇବ ମଧ୍ୟ କାର୍ଯ୍ୟ ହୁଏ ନାହିଁ । କେନ୍ତୁ ଦୁଇ ଟଙ୍କା ବେତନ ବଢ଼ାଇବାକୁ ଜଳ ମଧ୍ୟସ୍ଥ ହେତୁ ଦିଶାର ପାଠଶାଳା ଘଟକ ସହସ୍ରାଧିକ ଉଠିଯିବ ଏହା ମଧ୍ୟ ଉଚିତ ନୁହେ । ଆମ୍ଭେମାନେ ଶୁଣିଲୁ ଯେ ଟଙ୍କାଏ କରିଖ କର ଖଣ୍ଡା କମିଟି ଅନେକ ପାଠଶାଳା ରଖିବାର ବିଚାର କରୁଥିଲେ । ଏ ବିଷୟର ମଧ୍ୟ ଆମ୍ଭମାନଙ୍କ ମତ ଭଲ ନାହିଁ । ଆମ୍ଭମାନଙ୍କ ଜିଲ୍ଲାସମରେ ପ୍ରତ୍ୟେକ ଗ୍ରାମରେ ଗୋଟିଏ ଲେଖାଏ ବିଦ୍ୟାଳୟ ରଖାଯାଉ ଓ ଶିକ୍ଷକମାନଙ୍କୁ ଦୁଇ ଟଙ୍କା ବା ତତୋଧିକ ବେତନ ଦିଆଯାଉ । କିନ୍ତୁ ଏହିପରି ବର୍ତ୍ତମାନ ଅବସ୍ଥା ବଣ୍ୟକରୁଥିବା ଅନେକ ସଂଖ୍ୟକ ସବଇନ୍‌ସପେକ୍ଟର ଓ ଇନ୍‌ସ୍ପେକ୍ଟିଂ ପଣ୍ଡିତ ଅଛନ୍ତି । ପୂର୍ବାପେକ୍ଷା ସବଇନ୍‌ସ୍ପେକ୍ଟରଙ୍କ ସଂଖ୍ୟା ଅଧିକା ହୋଇଅଛି । ସେମାନଙ୍କ ମଧ୍ୟରୁ କେତେକ ଜଣଙ୍କୁ ବାହାର କରି ଦେଲେ କାର୍ଯ୍ୟରେ କିଛିମାତ୍ର ଅସୁବିଧା ହେବ ନାହିଁ ଏବଂ ସେହିଦ୍ୱାରା ପାଠଶାଳାର ସଂଖ୍ୟା କମାଇ ଦିଆଯାଇ ପାରେ ଅନେକ ଉଚ୍ଚ ଶିକ୍ଷାଦାନ କରାଯାଇ ପାରିବା ଉଦ୍ଦେଶ୍ୟ ଯୋଗ୍ୟ ବିଦ୍ୟାଳୟ ଥିଲେ ଏତେ ଇନସ୍ପେକ୍ଟରଙ୍କ କାର୍ଯ୍ୟର ପ୍ରୟୋଜନ ହେବ ? ଭରସା କରୁଁ ଜିଲାବୋର୍ଡ଼ର ସଭ୍ୟମାନେ ଏ ବିଷୟରେ ଏଥିର ବିଚାର କରିବେ । ତଦ୍‌ଦ୍ୱାରା ହୋଇ ନାମ ପାଇବା ପଠ ଏଥିରେ ଉଚିତ ନୁହେଁ ।

---

ନବଦ୍ୱୀପଠାରେ ପୂଜା ବସାଇବା ଅଇନ ପ୍ରଚଳିତ ଅଛି । ଜଣେ ଯାତ୍ରୀ ସେଠାରୁ ପାଇ ୧୦।୧୨ ମାସ ରହିବାର ସ୍ଥିରକରି ଜଣକ ଘରେ ଥିଲା । ମାତ୍ର ଗୃହସ୍ୱାମୀ ସେଥରେ ଯାତ୍ରୀ ରଖିବା କାରଣ ଲାଇସେନ୍ସ ନେଇ ନ ଥିବାହେତୁ ତାହା ଉପରେ ଅର୍ଥଦଣ୍ଡ ହେବାରୁ ସେ ହାଇକୋର୍ଟରେ ମୋସନ କରନ୍ତେ ବିଚାରପତି ଷ୍ଟିଫେନ ଓ କାରଡୁଫ ମହୋଦୟମାନେ ତାହା ଅଗ୍ରାହ୍ୟ କରି ସ୍ପଷ୍ଟ ଦେଇଅଛନ୍ତି ଯେ କୌଣସି ଲୋକ ଅପଣା ଘରକୁ ଫେରିଯିବାର ଇଚ୍ଛା କରି ଧର୍ମକାର୍ଯ୍ୟ ନିମିତ୍ତ ତୀର୍ଥ ସ୍ଥାନକୁ ଗଲେ ତାହାକୁ ଯାତ୍ରୀ ବୋଲିଯିବ । ଯଦି କେହି ମରିବା ଆଶାରେ ତୀର୍ଥବାସକୁ ଯାଏ ସେ ଯାତ୍ରୀ ନୁହେ ମାତ୍ର ଯେବେ କେହି କେତେକ ବର୍ଷ ଉତ୍ତାରୁ ଫେରି ଆସିବାର କାମ୍ନାକରି ମନ୍ଦିରକୁ ଯାଏ ତେବେ ତାହାକୁ ଯାତ୍ରୀ ବୋଲିଯିବ । ସୁତରାଂ ଯାତ୍ରୀ ହେବା ସଙ୍ଗେ କେତେକାଳ ବାସ କରିବାର ପ୍ରୟୋଜନ ତାହା ସ୍ଥିର କରିବା କଠିନ । ଅଇନ ଯେପରି ହୋଇଅଛି ତହିଁରେ ଅବଶ୍ୟ ବସାଘର ବାଲାଙ୍କର ପାର ହେବାର ଉପାୟ ନାହିଁ ମାତ୍ର ଯେଉଁମାନେ ବର୍ଷେ ରହନ୍ତି ତାଙ୍କୁ ଯାତ୍ରୀସ୍ୱରୂପ ଗଣ୍ୟ କଲେ ଚଳିବା କଠିନ । ପଞ୍ଚାନ୍ତରେ କାଶୀଧାମକୁ ମରିବା ଆଶାରେ ଯିବା ମଧ୍ୟ ଧର୍ମ ସାଧନ । ଏମନ୍ତ ସ୍ଥଳେ ଯେଉଁମାନେ ମୃତ୍ୟୁ ପର୍ଯ୍ୟନ୍ତ ବାସ କରିବେ ସେମାନେ ଯାତ୍ରୀ ନ ହେବାର କାରଣ କିଛି ବୁଝାଯାଉ ନାହିଁ । ଫଳତଃ ଦେଖାଯାଏ ଯେ କେତେକାଳ ରହିଲେ ଯାତ୍ରୀ ହେବାକୁ ହେବ ତହିଁର ଗଣନା ଅଇନ ଦ୍ୱାରା ହେବା ଉଚିତ । ଯେଉଁମାନେ ମାସକରୁ ଊର୍ଦ୍ଧ୍ୱ ବାସ କରନ୍ତି ଯାତ୍ରୀ ବସାଘର ତାଙ୍କୁ ପୋଷାଏ ନାହିଁ ଏବଂ ସେମାନେ ଅପଣା ସ୍ୱାସ୍ଥ୍ୟପ୍ରତି ବାଞ୍ଛୋଇ ଦୃଷ୍ଟି ରଖନ୍ତି ଓ ଚଳିବା ମତ ଘର ରହନ୍ତି । ମାତ୍ର ଅନ୍ୟମାନେ ଯେଉଁମାନେ ରହନ୍ତି ଅର୍ଥାତ୍ ଅଧିକ କାଳ ମାତ୍ର ରହି ଧର୍ମକାର୍ଯ୍ୟ ଚଳାଇଯାନ୍ତି ସେମାନଙ୍କ ସଂଖ୍ୟା ଅଧିକ ଓ ସେମାନେ ଅପଣା ସ୍ୱାସ୍ଥ୍ୟ ବିଧାନ ପ୍ରତି ଦୃଷ୍ଟି ନ ରଖିବା କିମ୍ବା ରଖିବାର ଆଶା ନ ଥିବାରୁ ସରକାର ତାଙ୍କର ତଥା ନଗରର ସ୍ୱାସ୍ଥ୍ୟ ନିମିତ୍ତ ଅଇନ କରିବାକୁ ବାଧ୍ୟ । ଏବଂ ଅଇନ ମତେ ସେହିମାନେ ଯାତ୍ରୀ ବୋଲାଯିବେ ମାତ୍ର ହାଇକୋର୍ଟର ବର୍ତ୍ତମାନ ମତର ଅନେକଦୂର ବଢ଼ିଗଲା ।

---

## ଇଂରାଜ ବଣିକର ମର୍ଯ୍ୟାଦା ।

ଅଳ୍ପଦିନ ତଳେ କଲିକତାଠାରେ ଇଂରାଜ ବ୍ୟବସାୟୀମାନଙ୍କ ସମ୍ମୁଖରୁ ଯେଉଁ ବାଣିଜ୍ୟ ଶ୍ରେଣୀ ହୋଇଥିଲା ତହିଁରେ ପରସ୍ପର ଇଉରୋପୀୟ ବଣିକ ଓ ଅନ୍ୟ ବ୍ୟବସାୟୀମାନଙ୍କର କଥା ଉତ୍ଥାପିତ ହେବାରୁ ଆମ୍ଭମାନଙ୍କର ଛୋଟଲାଟ କଲିକତା ହାଇକୋର୍ଟର ପ୍ରଧାନ ବିଚାରପତି ସର୍ ଲରେନ୍ସ ଜେନ୍‌କିନ୍‌ସ ମହୋଦୟ ଯେଉଁ ମନ୍ତବ୍ୟ ପ୍ରକାଶ କଲେ ତାହା ସର୍ବଜନସ-

Digitized by srujanika@gmail.com

ନ୍ତ ଏବଂ ସମୀଚୀନ ଥିବାରୁ ଅମ୍ଭେମାନେ ତହିଁପ୍ରତି ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରୁଅଛୁଁ । ବକ୍ତା ମହୋଦୟ ବନ୍ଧନକୁ ଶାସନ ନୀତିର ପ୍ରଧାନଅଙ୍ଗ ଥିବାବିଷୟରେ ସାର କଥାମାନ କହି ଶେଷରେ ଲର୍ଡ କର୍ଜନ ଯାହା ବଙ୍ଗଳାଟମାନଙ୍କୁ କହିଥିଲେ ତାହା ଉଲ୍ଲେଖ କଲେ । ତାହା ଏହିଯେ "ଲୋକମାନଙ୍କ ପ୍ରତି ସଦାଚରଣ କର, ତାଙ୍କୁ ପ୍ରେମ କର ଏବଂ ନ୍ୟାୟ ବିଚାର ଦଅ । ପ୍ରଶଂସା କିମ୍ବା ନିନ୍ଦା କି କୌଣସି ଅଡ଼କୁ ଦୃଷ୍ଟି ପକାଅ ନାହିଁ । ଦେଶର ସମ୍ଭ୍ରାନ୍ତ ଲୋକମାନଙ୍କପ୍ରତି ଦାମ୍ଭିକ ବା କଠିନସ୍ୱଭାବ ଧରିବ ନାହିଁ । ପଦମର୍ଯ୍ୟାଦା ଏବଂ କ୍ଷମତାରେ ତାଙ୍କଠାରୁ ପ୍ରାୟ ତୁମ୍ଭେମାନେ ସମାନ ମାତ୍ର ଶିଷ୍ଟାଚାର ସହିତ କ୍ଷମତାପରିଚାଳନ ହେଲେ ସର୍ବଦା ତାହା ଶ୍ରେଷ୍ଠ ଅଟେ ।" ବକ୍ତୃବର ମହୋଦୟ କହିଲେ ଯେ ସୌଜନ୍ୟ ବଙ୍ଗଳାଟମାନଙ୍କର ବିଶେଷ ଗୁଣ ଏବଂ ଲୋକମାନଙ୍କର ବଶତା ଉପାର୍ଜନ ଏବଂ ଗବର୍ଣ୍ଣମେଣ୍ଟପ୍ରତି ତାଙ୍କର ସ୍ନେହ ଆକର୍ଷଣ କରିବା ସମ୍ବନ୍ଧେ ଦୃଢ଼ତା ଏବଂ ନିରପେକ୍ଷ ନ୍ୟାୟ ବିଚାରହିଁ ଦୃଢ଼ତମ ବନ୍ଧନ ଅଟେ ।—ବଙ୍ଗଳାଟ ମହୋଦୟଙ୍କର ଏ କଥାଗୁଡ଼ିକ ସ୍ୱର୍ଣ୍ଣାକ୍ଷରରେ ପ୍ରତ୍ୟେକ ଅଦାଲତ ଓ ଶାସନ ବିଭାଗରେ ଖୋଦିତ ହୋଇ ରହିବା ଉଚିତ । ଭାରତବାସିମାନେ ଇଂରେଜମାନଙ୍କର ନ୍ୟାୟପର ଦୃଢ଼ ନିରପେକ୍ଷ ବିଚାର ଦେଖି ଯାହା ଭକ୍ତି ଜନ୍ୟ ସମର୍ପଣ କରିବା ସଙ୍ଗେ ଶାସକବର୍ଗମାନଙ୍କଠାରେ ସ୍ନେହଦୃଷ୍ଟିରେ ବନ୍ଧାହୋଇ ରହିଅଛନ୍ତି । କେତେକାଳ ସେହି ବିଚାର ନୀତିଅନୁଗତ ରହିଲେ ଭାରତବାସିଙ୍କଠାରୁ ଅନିଷ୍ଟର ଆଶଙ୍କା ହେବ ନାହିଁ । ଯେଉଁଠାରେ ଶାସନ ଦମ୍ଭ ସେହିଠାରେ ବିଶ୍ୱାସଘାତକରୁ ତାହା ଶତ ପ୍ରକାରେ ନାନା ପ୍ରକାର ଚେଷ୍ଟା ଦେଖାଯାଏ ଏବଂ ଅମ୍ଭମାନଙ୍କର ଦେଶରେ ତହିଁର ଉଦାହରଣର ଅଭାବ ନାହିଁ । ସମତାର ଅଭାବ ସଙ୍ଗେ ଯେଉଁଠାରେ ଶିଷ୍ଟାଚାର ଦେଶରେ ଲୋକମାନେ ବଣାହୋଇ ରହିଥିବାର ପ୍ରଭୃତି ଦେଖାଯାଉଅଛି । ଲର୍ଡ କର୍ଜନ ଓ ଲର୍ଡ ରିପନ ଦୁଇ ବଡ଼ଲାଟଙ୍କ ଶାସନ ତୁଳନା କରି ଦେଖିଲେ ଏହା ସ୍ପଷ୍ଟ ପ୍ରତୀୟମାନ ହେବ । ପ୍ରାତଃସ୍ମରଣୀୟ ରିପନ ମହୋଦୟ ଲୋକମାନଙ୍କୁ ଆପଣାର ଦେଖି ସେମାନଙ୍କର ହିତନିମିତ୍ତ ଯେଉଁ ସ୍ୱାୟତ୍ତ ଶାସନ ପ୍ରଣାଳୀ ଚଳାଇଲେ ଭାରତବାସୀ ଚିରକାଳ ତାଙ୍କଠାରେ କୃତଜ୍ଞ ଥାଇ କୀର୍ତ୍ତିର ଭାବରେ ତାଙ୍କର ଗୁଣ ଗାୟନ କରୁଅଛନ୍ତି ମାତ୍ର ଲର୍ଡ କର୍ଜନ ଦାମ୍ଭିକତାର ଅଙ୍କୁଶଯୋଗ ଲୋକଙ୍କ ହୃଦୟରେ ଯେଉଁ ଶାସନପ୍ରଣାଳୀ ଚଳାଇଲେ ତହିଁରୁ ଅଶାନ୍ତି ଜାତହୋଇ ସମସ୍ତଙ୍କ ବ୍ୟତିବ୍ୟସ୍ତ କରୁଅଛି । ଭାରତବାସିଙ୍କ ଶାନ୍ତ ସଭ୍ୟତମ ଜଗତର ପୂଜନୀୟ । ସେମାନେ ନ୍ୟାୟ ବିଚାରକୁ ହୃଦୟ ସହିତ ଭଲପାନ୍ତି । ସେହି ନ୍ୟାୟପୂର୍ଣ୍ଣ ଶାସନ ଗୁଣକୁ ମୂଠାଏ ଇଂରେଜଙ୍କ ବର୍ତ୍ତିର ସେମାନେ ଶାସିତ ହୋଇ ଆସୁଅଛନ୍ତି । ଅମ୍ଭମାନଙ୍କର ସମ୍ରାଟ ଅପଣାର ଜଗଦ୍ବିଖ୍ୟାତ ପ୍ରାତଃସ୍ମରଣୀୟା ମାତାଙ୍କ କଥାର ଅନୁସରଣ କରି ଯେଉଁ ପ୍ରୀତିପୂର୍ଣ୍ଣ ନ୍ୟାୟସଙ୍ଗତ ପତ୍ର ଭାରତବାସିଙ୍କ ସମୀପକୁ ପଠାଇଥିଲେ ତହିଁରେ ଭାରତବାସି ଏଣା ହୋଇ ରହିଅଛନ୍ତି ଏବଂ ଏହାପରେ ଏହା ସେତେ ହାଇକୋର୍ଟର ବିଚାରପତିମାନେ ନିରପେକ୍ଷଭାବେ କର୍ତ୍ତବ୍ୟ ଭାବରେ ବିଚାର ଚଳାଇ ଗଲେ ସେମାନେ ସମସ୍ତ ଲୋକଙ୍କ ହୃଦୟରେ ଚିରକାଳ ଜାଗ୍ରତ ଅଛନ୍ତି । ଅମ୍ଭମାନଙ୍କର ବର୍ତ୍ତମାନ ପ୍ରଧାନ ବିଚାରପତି ହାଇକୋର୍ଟରେ ଆସନ ଗ୍ରହଣ କଲାସମୟରୁ ଲୋକେ ତହିଁର ଯଥେଷ୍ଟ ପରିଚୟ ପାଇ ଆଶ୍ୱସ୍ତ ହୋଇ ରହିଅଛନ୍ତି ; ଉପରୋକ୍ତ ବକ୍ତୃତାରୁ ତାଙ୍କର ଉଦାର ହୃଦୟର ଯଥେଷ୍ଟ ପରିଚୟ ମିଳଇ । ଆଶାକରୁଁ ତାଙ୍କର କଥାଗୁଡ଼ିକ ପ୍ରତ୍ୟେକ ଶାସନକର୍ତ୍ତା ଓ ବିଚାରପତି ମନେ ରଖି ଇଂରେଜ ଜାତିର ମର୍ଯ୍ୟାଦା ରକ୍ଷାକରିବା ସଙ୍ଗେ ସାମ୍ରାଜ୍ୟର ଭିତ୍ତି ଦୃଢ଼ୀଭୂତ କରିବେ ।

---

## ଗଧାଧାଥ ସନ୍ନଧି ପ୍ରତିଷ୍ଠା ।

ଉତ୍କଳର ଆଧୁନିକ କବିବର ରାୟ ଗଙ୍ଗାଧର ରାୟ ବାହାଦୁର ପ୍ରାୟ ଦୁଇବର୍ଷ ହେଲା ଏହି ନଗରରେ କାଳପ୍ରାପ୍ତ ହେବାରେ ତାହାଙ୍କର ଦେହ ଏଠାର ସତୀଚୌରା ଶ୍ମଶାନ ଭୂମିରେ ଦାହ ହୋଇଥିଲା । ସେହି ସ୍ଥାନରେ ତାହାଙ୍କର ସୁଯୋଗ୍ୟ ପୁତ୍ର ଶ୍ରୀଯୁକ୍ତ ଶଶିଭୂଷଣ ରାୟ ଗୋଟିଏ ସୁନ୍ଦର ସମାଧି ନିର୍ମାଣ ଓ ତହିଁରେ ଖଣ୍ଡିଏ ମାର୍ବଲ ଉପଯୁକ୍ତ ପ୍ରସ୍ତର ଫଳକ ଯୋଜନା କରିଅଛନ୍ତି । ଏହି ସମାଧିର ପ୍ରତିଷ୍ଠାକ୍ରିୟା ଗତ ସୋମବାର ଅପରାହ୍ଣ ୫ ଘଣ୍ଟା ସମୟରେ ସମାହିତ ହେଲା । ଶଶିବାବୁଙ୍କର ଆମନ୍ତ୍ରଣମତେ ଏ ନଗରର ନାନା ବର୍ଣ୍ଣ ଓ ସମ୍ପ୍ରଦାୟର ଭଦ୍ରଲୋକ ସେଠାରେ ଉପସ୍ଥିତ ହୋଇଥିଲେ ଏବଂ ଛାତ୍ର ଓ ଅନ୍ୟାନ୍ୟ ବର୍ଣ୍ଣର ସହିତ ଶତାଧିକ ଲୋକର ସମାଗମ ହୋଇଥିଲା । ଆମନ୍ତ୍ରିତଗଣର ବସିବା କାରଣ ଆସନାଦିର ଆୟୋଜନ ହୋଇ ଥିଲେହେଁ ଶ୍ମଶାନ ଭୂମି ଏବଂ ଅନୁଷ୍ଠାନର ପବିତ୍ରତା ଦୃଷ୍ଟିରେ ସମସ୍ତେ ଠିଆହୋଇ କାର୍ଯ୍ୟ ସମାଧା କଲେ । ରାୟ ମଧୁସୂଦନ ରାଓ ବାହାଦୁର ସଭାପତି ମନୋନୀତ ହୋଇ କାର୍ଯ୍ୟାରମ୍ଭ କଲେ । ପ୍ରଥମେ ଗୋଟିଏ ସଙ୍ଗୀତ ହେଲାରୁ ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ, ମାଟ୍ୟବର ଶ୍ରୀଯୁକ୍ତ ମଧୁସୂଦନ ଦାସ ଏବଂ ଶ୍ରୀଯୁକ୍ତ ବିଶ୍ୱନାଥ କର ସମୟୋଚିତ ବକ୍ତୃତାରେ ସ୍ୱର୍ଗୀୟ କବିଙ୍କର ଗୁଣ କୀର୍ତ୍ତନ କଲେ । ପ୍ରଥମେ ବକ୍ତା କବିଙ୍କର ସରଳ ସୌଜନ୍ୟ ବିନୟତା ଉତ୍କଳ ପ୍ରେମ ଓ ଅନୁରାଗର ଯଥୋଚିତ ପ୍ରଶଂସା କରି ଉତ୍କଳୀୟମାନେ ଏପର୍ଯ୍ୟନ୍ତ ଯେମନ୍ତ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସାମନ୍ତ ସେମନ୍ତ ରାୟ ବାହାଦୁର ଗଙ୍ଗାଧରଙ୍କର ସ୍ମୃତି ରକ୍ଷାରେ ହେଳା କରିବା ହେତୁ ଦୁଃଖ ପ୍ରକାଶକଲେ । ଶେଷ ବକ୍ତା କହିଲେ ଯେ ଗଙ୍ଗାଧର ସଂସାରକ୍ଷେତ୍ରରେ ଥିଲେହେଁ ସଦା ବୈରାଗ୍ୟ ଭାବରେ କାଳ କଟାଇଥିଲେ । କେଣୁ ତାହାଙ୍କର ଯୋଗ୍ୟ ପୁତ୍ର ପ୍ରଥମେ ତାହାଙ୍କର ସ୍ମୃତି ରକ୍ଷାରେ ସ୍ଥାପନ କରି ପୁରୋହିତର କାର୍ଯ୍ୟ କରିଅଛନ୍ତି । ଲୋକମାନେ ତାହାଙ୍କ ସ୍ମୃତି ସେହି ଜନସାଧାରଣର କାର୍ଯ୍ୟ ଓ ଯଥା ସମୟରେ ତାହା ଦେଖିବାର ଆଶା କରନ୍ତି । ଏଥିରୁ ଅମ୍ଭେମାନେ ଶୁଣିଅଛୁଁ ଯେ ଜନସାଧାରଣମଧ୍ୟରୁ କେହି ଜଣେ ଏହି ସମାଧିର ବ୍ୟୟ ପ୍ରଦାନ କରିଅଛନ୍ତି । ସମ୍ଭବତଃ ବକ୍ତାଙ୍କୁ ତାହା ଜଣା ନଥିଲା ଅଥବା ଟିପ୍ପଣିରେ ଭଲାଇବା ସାଧାରଣ ପ୍ରଥା ବୋଲି ସେଥିର ଉଲ୍ଲେଖ ହୋଇ ନାହିଁ । ଯାହାହେଉ ବକ୍ତୃତା ପରେ ସଭାପତି ମହାଶୟ ସମାଧି ନିକଟକୁ ଆସି ପ୍ରସ୍ତର ଫଳକର ଆବରଣ ଉନ୍ମୋଚନ କଲେ ତହିଁରେ ଯାହା ଲେଖାଅଛି ତାହା ସମସ୍ତଙ୍କର ଦୃଷ୍ଟିଗୋଚର ହେଲା । ତହିଁର ପ୍ରତିଲିପି ଏହି :—

ଓଁ

ବଡ଼ କ୍ରୂର କାଳ, ବଡ଼ ଅବିଶ୍ୱାସୀ
ହାବୋଡ଼ି ପିବ ସେ ଅଚମ୍ଭିତେ ଆସି,
ଦୂରବର୍ତ୍ତୀ ଜାଣି କାଳକୁ ଯେ ବସେ
ବସି ସେ ତା ପଛେ, ଆସି ଲୁଚବସେ ।

---

ସଂସାରେ ଥାଇ ମୁଁ ସଦା ଉଦାସୀନ,
ଉଦାସୀନ ପ୍ରାୟେ କଟାଇଲି ଦିନ,
ସଂସାରୀ ସଙ୍ଗରେ ସଙ୍ଗୀ ହେବାପାଇଁ
କେବେହେଁ ମୋହର ମନ ବଳେ ନାହିଁ
ବସି ଗଲା ସେତୁ ରହନ୍ତି ସମୟ
ଜୀବନ ମଣନ୍ତି ମହୋତ୍ସବମୟ,
ଛାର ଭାଗ୍ୟ ମୋର ପିହିତ ପଶାଣେ.
ଏ ଜୀବନ ଗଢ଼ା ଅନ୍ୟ ଉପାଦାନେ
ତର ହା ହା ମୟ ଏ ଛାର ଜୀବନ
ଜୀବନ ନୁହଇ, ଜୀବନ୍ତ ମରଣ !
ଚିରଦିନ ଦୁଃଖପ୍ରହାରେ ଜର୍ଜର
ପଞ୍ଜୁରିଷ୍ୟ ମୁହିଁ ଦୁଃଖ ଗୁରୁଙ୍କର,
ଦୁଃଖ ଦଉ୍ଥି ଜ୍ଞାନ ଉଡ୍ଡରେ ଜଗତ
ଦେଖିବାରେ ମୁହିଁ ଅଭ୍ୟସ୍ତ ସତତ;
ସୁଖ ବୋଲି ଯାକୁ ବୋଲଇ ସଂସାର

Split by PDF Splitter
Digitized by srujanika@gmail.com

ବଳୁଥାଇ ତାଙ୍କୁ ଦୂରୁଁ ମୁଁ ଜଣାଇ
ସ୍ୱର୍ଣ୍ଣରୂପେ ଯାହା ଜଳ ତେଜେ ବଦେ
ତା'ରେ ଅଛେ, ତାକୁଁ ପଢ଼ିବା ପାଇଁ ସେ
ବସ୍ତୁ ନ ହୁଅ ଯେ ଅଟଇ ଧୂପ
ଅତ୍ୟ ଭାଗ ତାର ଅଟ ସ ରୁ ସୁମ ।

ରାଧାନାଥ ରାୟ ( ରାୟ ବାହାଦୁର । )

ଜନ୍ମ—କେଦାରପୁର ଗ୍ରାମ, ବାଲେଶ୍ୱର ଜନ୍ମ ତା ୨୮ ରଖ ସେପ୍ଟେମ୍ବର ୧୮୪୮ ମସିହା ସ୍ୱର୍ଗାରୋହଣ—ଡାଲୀଗଞ୍ଜ, କଟକ ତା ୧୭ରଖ ଅପ୍ରେଲ ୧୯୦୮ ମସିହା ।

ପରେ ସଭାପତି ମହାଶୟ ତେତେଶ୍ୱରଙ୍କ ଭକ୍ତି ପୂର୍ଣ୍ଣଚିତ୍ତରେ ରାଧାନାଥ ବାବୁ ବାଲ୍ୟକାଳରୁ ତାହାଙ୍କର ଗୁରୁ ଓ ସଖା ଥିବାର ଓ ତେଜିକ ଉପାସନାରେ ସ୍ୱର୍ଗରେ ଈଶ୍ୱରଙ୍କର କୋଳରେ ତାହାଙ୍କ ଦର୍ଶନ କରୁଥିବାର କହି କାର୍ଯ୍ୟ ଶେଷକଲେ ଏବଂ ଗୋଟିଏ ସଙ୍ଗୀତ ହୋଇ ସଭା ଭଙ୍ଗହେଲା । ଏ ପ୍ରଦେଶରେ ସମାଧି ପ୍ରତିଷ୍ଠା ଗୋଟିଏ ଅଭିନବ କାର୍ଯ୍ୟ । ଏଥି ପୂର୍ବେ ଏ ନଗରରେ ଦୁଇ ଜଣ ସମାଧି ହେଲେ, ତତ୍ସ୍ଥାନରେ ପ୍ରତିଷ୍ଠା କାର୍ଯ୍ୟ ହୋଇ ନାହିଁ । ତାହାଁର ଦୃଷ୍ଟାନ୍ତ ସ୍ଥାନ ନିର୍ଦ୍ଦିଷ୍ଟ ହେବା ହେତୁ-ଭଳରେ ବିଜ୍ଞାପିତ ଲିଖିତ ବାଳଣ କରିବା ଯୁକ୍ତି ସଙ୍ଗତ । ବୈଷ୍ଣବମାନଙ୍କର ସମାଧି ମଠ ସଂଲଗ୍ନରେ ହେବାର ଦେଖାଯାଏ । ସ୍ନାତକମାନ ସବୁ ମେଳାଳୟରେ ସ୍ଥାପନ ହେବା ପ୍ରଶସ୍ତ ଓ ହିତକର ମନେହୁଏ !

—✼—

## ବଙ୍ଗଳାର ଶିକ୍ଷା ବିବରଣୀ ।

ବିଗତ ୧୯୦୮—୯ ବର୍ଷର ବଙ୍ଗପ୍ରଦେଶର ଶିକ୍ଷା ସମ୍ବନ୍ଧରେ ମାନ୍ୟବର ପ୍ରେଟଲେଟ ମହୋଦୟ ଯେଉଁ ବାର୍ଷିକ ବିବରଣୀ ଲିପିବଦ୍ଧ କରିଅଛନ୍ତି ତହିଁର ସାର ମର୍ମ ଏହି ଯେ ସନ ୧୯୦୧ ମସିହାରେ ଶିମଲାଠାରେ ଯେଉଁ ଶିକ୍ଷା କମିଶନ ବସିଥିଲା ତହିଁର ପ୍ରସ୍ତାବ ଅନୁଯାୟୀ ଶିକ୍ଷା କାର୍ଯ୍ୟ ଚଳାଇବା ହେତୁ ବର୍ତ୍ତିତ ବର୍ଷରେ ଭଦ୍ରଲ ପଡ଼ିଯାଇଥିଲା ଏବଂ ତଦନୁସାରେ ଶିକ୍ଷାବିଭାଗ କ୍ରମାଗତ ଡାକାଡାକି ଦାବୀ ଉପସ୍ଥିତ କରିବାରୁ ଗବର୍ଣ୍ଣମେଣ୍ଟ ବ୍ୟସ୍ତରେ ପଡ଼ିଥିଲେ । ସନ ୧୯୦୩।୭ ରେ ସମସ୍ତ ପ୍ରକାର ଶିକ୍ଷାର ବ୍ୟୟ ୧୧୦ ଲକ୍ଷ ଥିବା ସ୍ଥଳେ ଗତ ବର୍ଷ ୧୪୪ ଲକ୍ଷ ଟଙ୍କା ହୋଇଥିଲା ଏବଂ ପ୍ରାଦେଶିକ ରାଜସ୍ୱରୁ ୩୪ ଲକ୍ଷ ସ୍ଥଳେ ୪୯୪ଲକ୍ଷ ଦେବାକୁ ପଡ଼ିଥିଲା । ପୁଣି ଗତ ଦୁଇବର୍ଷମଧ୍ୟରେ ୧୩ ଲକ୍ଷ ଟଙ୍କା ଅଧିକା ହୋଇଥିଲା । ଶିକ୍ଷାବିଭାଗର ଡାଇରେକ୍ଟର ଅଧିକ ଅଧିକ ଟଙ୍କା ଲୋଡ଼ୁଥିବାର କହି ଗବର୍ଣ୍ଣମେଣ୍ଟ କେତେ ଖର୍ଚ୍ଚ କରିପାରିବେ ତାହା ନିର୍ଦ୍ଦିଷ୍ଟ କରି ଦେବାକାରଣ ଲେଖିଅଛନ୍ତି । କାର୍ଯ୍ୟ କରିଥିବା ହେତୁ ଡାଇରେକ୍ଟରଙ୍କ ସାହାଯ୍ୟ କରିବାକାରଣ ଜଣେ ସହକାରୀ କର୍ମଚାରୀ ଦିଆ ଯାଇଅଛି ଏବଂ ନୂତନ ନିୟମ ଚାଲିବାରେ ଅଳ୍ପ କାର୍ଯ୍ୟ ପଡ଼ୁଥିଲେହେଁ ଯାହା ମନ୍ଥର ହୋଇଅଛି ତାହା କାର୍ଯ୍ୟରେ ପରିଣତ କରିବାକାରଣ ବିଶେଷ ଭିଡ଼ ପଡ଼ିଅଛି । ପ୍ରାଥମିକ ଶିକ୍ଷାର ବିଦ୍ୟାଳୟମାନ ପରିଦର୍ଶନ କାର୍ଯ୍ୟ ଚଳାଇବାକାରଣ ପ୍ରତ୍ୟେକ କର୍ମଚାରୀଙ୍କ ନିର୍ଦ୍ଦିଷ୍ଟ ପରିମାଣ ଭୂମି ବାଣ୍ଟିଦିଆ ଯାଇ ସବଇନସ୍ପେକ୍ଟରମାନଙ୍କ ସଂଖ୍ୟା ବୃଦ୍ଧି କରାଯାଇଅଛି । ମାତ୍ର ପ୍ରେଟଲେଟଙ୍କ ମତରେ ପରିଦର୍ଶନ କାର୍ଯ୍ୟର ଯଥେଷ୍ଟ ବନ୍ଦୋବସ୍ତ ହୋଇଅଛି । ଏଣିକି ଶିକ୍ଷକଙ୍କର ଉନ୍ନତି ବିଧାନରେ ଚେଷ୍ଟା କରିବା ପ୍ରୟୋଜନୀୟ । ପ୍ରାଥମିକ ଶିକ୍ଷାର ପାଠଶାଳାମାନଙ୍କରେ ବାରଲକ୍ଷ ବାଳକ ପଢ଼ୁଅଛନ୍ତି ଏବଂ ତାହା ବିଦ୍ୟାଳୟଗାମୀ ହେବାର ଉପଯୁକ୍ତ ଲୋକସଂଖ୍ୟାର ଅନୁପାତରେ ଶତକଡ଼ା ୨୬୫ ଅଟେ । ବର୍ଷମଧ୍ୟରେ ସବସୁଦ୍ଧା ୩୪୪୭୨ ପାଠଶାଳା ଥିଲା ଯେ ତାହା ପୂର୍ବ ବର୍ଷାପେକ୍ଷା ୫୧୮ ଅଧିକ ଅଟେ । ଡାଇରେକ୍ଟରଙ୍କ ମତରେ ପାଠଶାଳାର ଅବଧାନମାନଙ୍କ ଯେ ଦରମା ଦିଆଯାଏ ତାହା ନିତାନ୍ତ ଅଯଥେଷ୍ଟ ଅଟେ ଏବଂ ଅବଧାନମାନଙ୍କୁ ବେତନ ଦିଆ ଯିବାର ନିୟମ ହୋଇଥିବାରୁ ଛାତ୍ରମାନଙ୍କର ପିତା ମାତା ଓ ଅଭିଭାବକମାନେ ପୂର୍ବେ ଯାହା ଦେଇ ଆସୁଥିଲେ ତାହା ଊଣା କରିବାର ବାଟ ପାଇଅଛନ୍ତି । ପ୍ରେଟଲେଟ ମହୋଦୟଙ୍କ ମତରେ ଶିକ୍ଷକମାନଙ୍କର ଗୁଣର ଉନ୍ନତି ବିଧାନ ଏବଂ ତତ୍ସଙ୍ଗେ ସେମାନଙ୍କୁ ପ୍ରାଣରକ୍ଷା କଲା ମୂଲ ଯୋଗାଇବା ଏହି ଯୋଡ଼ିଏ ପ୍ରଶ୍ନ ଉପସ୍ଥିତ ହୋଇଅଛି । ପ୍ରଥମ କଥା ସମ୍ବନ୍ଧେ ଦେଶର ସବୁଠି ଗୁରୁଟ୍ରେନିଂ ବିଦ୍ୟାଳୟମାନ ସ୍ଥାପିତ ହୋଇଅଛି । ଏହା ସମୟ ସାପେକ୍ଷ କାରଣ ଅନେକ ପଶ୍ଚାଦ୍‌ଗତ ନିଷେଧ କରିବାକୁ ହେବ । ବୋମ୍ବାଇ ମିଉନିସିପାଲିଟୀ ଗୋ ୯୩ ଟି ସ୍କୁଲ ପଛରେ ୧½ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ସ୍ଥଳେ କଲିକତା ମିଉନିସିପାଲିଟିର ଗୋଟିଏ ସୁଦ୍ଧା ନାହିଁ ଏବଂ ତାହା ପ୍ରାଥମିକ ଶିକ୍ଷାରେ କେବଳ ½ ଲକ୍ଷ ଟଙ୍କା ବ୍ୟୟ କରେ । କଲିକତା ମିଉନିସିପାଲିଟୀ ଶିକ୍ଷାବିଭାଗର ପ୍ରତିନିଧିଙ୍କ ସଙ୍ଗେ ପରାମର୍ଶ କରିବାକାରଣ ଗୋଟିଏ ସବ୍‌କମେଟି ନିଯୁକ୍ତ କରିଅଛନ୍ତି । ଉଚ୍ଚ ଶିକ୍ଷାର ଉନ୍ନତି ବିଧାନାର୍ଥ ବଙ୍ଗ ଗବର୍ଣ୍ଣମେଣ୍ଟ ଯେଉଁ ପ୍ରସ୍ତାବ କରିଥିଲେ ଏବଂ ଯହିଁରେ କର୍ଣ୍ଣିକୁ ବର୍ଷ ୧୬ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ତାହା ଟଙ୍କା ଅଭାବରୁ ପଡ଼ି ରହିଅଛି । ବିଶ୍ୱବିଦ୍ୟାଳୟ ବିଭାଗୀୟ ପରିଦର୍ଶକ କର୍ମଚାରୀଙ୍କ ଦ୍ୱାରା କେତେକ କାର୍ଯ୍ୟ କରି ଉଚ୍ଚ ବିଦ୍ୟାଳୟମାନଙ୍କର ଶିକ୍ଷା ଉନ୍ନତ କରାଇଥିବାର ଡାଇ ପ୍ରେଟଲେଟ ମହୋଦୟ ଆଶ୍ୱସ୍ତ ହୋଇଅଛନ୍ତି । ଉଚ୍ଚ ବିଦ୍ୟାଳୟମାନଙ୍କର ଛାତ୍ର ସଂଖ୍ୟା ଦୁଇହଜାରରୁ ଅଧିକ ଏବଂ ଖର୍ଚ୍ଚ ୧୪୩୦୦୦ ବଢ଼ିଥିଲା । ସ୍କୁଲର ସଂଖ୍ୟା ମଧ୍ୟ ଦୁଇଗୋଟି ଅଧିକ ହୋଇଥିଲା । ଏଥିରୁ ଉପଯୁକ୍ତରୂପେ କାର୍ଯ୍ୟ ଚାଲୁଥିବାର ପ୍ରମାଣ ମିଳୁଅଛି । ସବୁ ଜିଲା ସ୍କୁଲରେ ଗ୍ରାଜୁଏଟ ଶିକ୍ଷାବିଭାଗର ଜଣେ କର୍ମଚାରୀଙ୍କି ହେଡ଼ମାଷ୍ଟର ପଦରେ ନିଯୁକ୍ତ କରିବାରେ ଭଲ କାର୍ଯ୍ୟ ହେଉଥିବାର ଅନୁଭବ ହୋଇ ପ୍ରେଟଲେଟ ମହୋଦୟ ଖୁସି ହୋଇଅଛନ୍ତି । ଦ୍ୱିତୀୟ ଶ୍ରେଣୀର କଲେଜ ଅପେକ୍ଷା ଉନ୍ନତ ଉଚ୍ଚ ସ୍କୁଲ ଭଲ ଅଟେ । ଦେଶୀୟ ଭାଷାର ମଧ୍ୟ-ବିଦ୍ୟାଳୟର ଉତ୍ତମ ଶିକ୍ଷା ଅପେକ୍ଷା ଇଂରାଜୀ ଭାଷାର ମଧ୍ୟ-ବିଦ୍ୟାଳୟର ମନ୍ଦଶିକ୍ଷା ଆଦରଣୀୟ ଥିବାର ମତ ଦେଖିବା ଦୁଃଖଜନକ । କଲିକତା ବିଶ୍ୱବିଦ୍ୟାଳୟର ନିୟମାନୁଯାୟୀ କଲେଜ ଶିକ୍ଷାରେ ଅଧ୍ୟାପକ, ଗୃହ, ବିଜ୍ଞାନର ଯାନସନ୍ତ୍ର, ପୁସ୍ତକାଳୟ ଏବଂ ଛାତ୍ରାବାସର ଉନ୍ନତି ହୋଇଅଛି । ପ୍ରେସିଡେନ୍ସି କଲେଜରେ ବିଜ୍ଞାନ ଶିକ୍ଷାର ସମଧିକ ଉନ୍ନତି ହେଉଥିଲେହେଁ ଛାତ୍ରମାନଙ୍କଠାରୁ ଯେଉଁ ବେତନ ନିଆଯାଏ ତଦପେକ୍ଷା ଅନେକ ଅଧିକ ଶିକ୍ଷା ଦାନର ବିଧାନ କରିବା ଯୁକ୍ତି ସଙ୍ଗତ ନୁହେ । ସରକାରୀ କଲେଜର ଛାତ୍ରଙ୍କ ପଛରେ ଜଣ ପିଛା ପ୍ରେସିଡେନ୍ସି କଲେଜରେ ଟ୧୪୫୯ ଠାରୁ ଉଚ୍ଚ ସଂଖ୍ୟା ସଂସ୍କୃତ କଲେଜରେ ଟ ୮୩୦ ଙ୍କା ପର୍ଯ୍ୟନ୍ତ ପଡ଼ୁଥିବାର ଦେଖାଯାଏ । ଭିନ୍ନ କଲେଜ ଆପଣା ସୀମା ମଧ୍ୟରେ ଖର୍ଚ୍ଚ କରିବାର ବ୍ୟବସ୍ଥା କରିବା ବାଞ୍ଛନୀୟ ଥିବା ବିଷୟରେ ପ୍ରେଟଲେଟ ଡାଇରେକ୍ଟରଙ୍କ ସହିତ ଏକମତ ହୋଇଅଛନ୍ତି । ପୂର୍ବ ବର୍ଷାପେକ୍ଷା ସେଲମାନ ଛାତ୍ରଙ୍କ ସଂଖ୍ୟା ୨୭୦୦୦ ବଢ଼ିଅଛି । ଶିବପୁର ଇଞ୍ଜିନିୟରିଂ କଲେଜକୁ ଏକବର୍ଷ ମଧ୍ୟରେ ନୂତନ ସ୍ଥାନକୁ ଉଠାଇ ନିଆଯିବ । ତହିଁରୁ କୃଷି ଶିକ୍ଷାର ଶ୍ରେଣୀ ଉଠାଇ ଦିଆଯାଇ ଥିଲେହେଁ ଛାତ୍ର ସଂଖ୍ୟା କ୍ରମାଗତ ବଢ଼ୁଅଛି । ଶିଳ୍ପୋପଯୋଗୀ ରସାୟନିକ ଶିକ୍ଷାର ଅଧ୍ୟାପକ ନିଯୁକ୍ତ ହେବାର ଷ୍ଟେଟ ସେକ୍ରେଟରୀ ମଞ୍ଜୁର କରିଅଛନ୍ତି । ବିହାର ଇଞ୍ଜିନିୟରିଂ ସ୍କୁଲରେ ଉତ୍ତମ କାର୍ଯ୍ୟ ହୋଇଅଛି ଏବଂ କଟକର ସର୍ଭେ ସ୍କୁଲକୁ ଓଡ଼ିଶାର ଇଞ୍ଜିନିୟରିଂ ସ୍କୁଲରୂପେ ପରିଣତ କରିବାର ପ୍ରସ୍ତାବ ଟଙ୍କା ଅଭାବରୁ ହୋଇ ପାରୁ ନାହିଁ । କଲିକତାରେ ବାଣିଜ୍ୟ

ଶିକ୍ଷାର ଶ୍ରେଣୀ ଦୃଢ଼ ଭିତ୍ତିରେ ସ୍ଥାପିତ ହୋଇଅଛି ଏବଂ ପୂର୍ବବର୍ଷ ୨୩ ସ୍ଥଳେ ୪ ବର୍ଷ ଜଣଙ୍କ ଛାତ୍ର ଉତ୍ତୀର୍ଣ୍ଣ ହୋଇଅଛନ୍ତି । ରାଜନଗରର ବାଲିକା ବିଦ୍ୟାଳୟ ସହିତ ନୂତନ ସବ ସ୍ଥାୟୀରୂପେ ନିର୍ମିତ ହେବାର ସ୍ଥାନ ବଣା ଯାଇଅଛି । ଏଥିରେ ଲ ୯୦ ଣ ଛାତ୍ର ନଧରୁ ଛାତ୍ରାବାସରେ ରହୁଅଛନ୍ତି । ପ୍ରତିଷ୍ଠା ସମ୍ବନ୍ଧୀୟ ବୋଧନିକଲେଜରେ ଲ୨୩ଣ ଏବଂ ଇସ୍କୁଲ ବିଦ୍ୟାଳୟରେ ଲ ୧୬୩ ଣ ଛାତ୍ରୀ ଅଛନ୍ତି । ଏଥିର ସଂସ୍ଥାପନ କାର୍ଯ୍ୟ ଅଦ୍ୟାପି ବିବେଚନାଧୀନ ଅଛି । ପ୍ରାଥମିକ ପାଠଶାଳାରେ ବର୍ତ୍ତିତ ବର୍ଷର ଶେଷରେ ୧୩୯୨୪୫ ଛାତ୍ରୀ ଥିଲେ । ସାଧ ବାଳିକା ସ୍କୁଲର ଛାତ୍ରୀ ସଂଖ୍ୟା ଊଣା ମାତ୍ର ବାଳିକଙ୍କ ପାଠଶାଳାରେ ପଢ଼ୁଥିବା ବାଳକଙ୍କ ସଂଖ୍ୟା ଅଧିକ ହୋଇଅଛି । ସନ ୧୯୦୯ ମସିହା ଜାନୁୟାରୀ ମାସରେ ପାଟଣାରେ ଶିକ୍ଷୟିତ୍ରୀ ପ୍ରସ୍ତୁତ କରିବା ବିଦ୍ୟାଳୟ ପାଇଁ ଇଂଲଣ୍ଡରୁ ସ୍ତ୍ରୀ ଅଧ୍ୟକ୍ଷ ଅଣାଯାଇଅଛି । ଛାତ୍ରୀମାନଙ୍କ ପଢ଼ିବାର ଆଗ୍ରହ ପ୍ରଶଂସନୀୟ । ଶିକ୍ଷୟିତ୍ରୀର ଅଭାବ ଏବଂ ବାଳିକାଙ୍କ ପଢ଼ାଇବା କାରଣ ଅନେକ ପିତାମାତା ବେତନ ଦେବାକୁ ଅସ୍ୱୀକୃତ ମଧ୍ୟ ବାଳିକାଙ୍କୁ ଅଳ୍ପ ବୟସରେ ବିଦ୍ୟାଳୟରୁ ଉଠାଇ ନେବା ସ୍ତ୍ରୀ ଶିକ୍ଷାର ବିଶେଷ ପ୍ରତିବନ୍ଧକ ଅଟେ । ପ୍ରାଥମିକ ଶିକ୍ଷା ସହିତ ଗୁରୁ ଟ୍ରେନିଂ ସ୍କୁଲ ହେବା ନିତାନ୍ତ ପ୍ରୟୋଜନୀୟ ହେଲେହେଁ ୧୯୧ଟି ପ୍ରସ୍ତାବିତ ସ୍କୁଲ ମଧ୍ୟରୁ କେବଳ ଗୋ ୫୪ ଟି ପ୍ରସ୍ତୁତ ହୋଇଅଛି । କିନ୍ତୁ ୨୧୯୦ ଗୁରୁଙ୍କ ମଧ୍ୟରୁ ୭୪୧ ଉତ୍ତୀର୍ଣ୍ଣ ହୋଇଥିଲେ ମାତ୍ର ଅନେକ ସ୍କୁଲ ପାଠ ସାରି ପଢ଼ାଇବା କାର୍ଯ୍ୟରେ ନ ଲାଗିବାରୁ ଗବର୍ଣ୍ଣମେଣ୍ଟଙ୍କ ଉଦ୍ଦେଶ୍ୟ ନିଷ୍ଫଳ ହେଉଅଛି । ଉଚ୍ଚ ବିଦ୍ୟାଳୟର ଛାତ୍ର ଏବଂ ଛାତ୍ରାବାସରେ ଥିବା ବାଳକମାନଙ୍କର ନୀତିଶିକ୍ଷା ଅତ୍ୟନ୍ତ ପ୍ରୟୋଜନୀୟ ଓ ତତ୍ସମ୍ବନ୍ଧରେ ଚେଷ୍ଟା ହେଉଥିବାର ଲେଫ୍ଟେଣ୍ଟ ମହୋଦୟ ଲକ୍ଷ୍ୟ କରିଅଛନ୍ତି । ଶିକ୍ଷା ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟଙ୍କର ଯେ ବିଶେଷ ଦୃଷ୍ଟି ରହିଅଛି ଏହି ରିପୋର୍ଟରୁ ତାହା ସୁଲକ୍ଷଣ ରୂପେ ଜଣା ଯାଉଅଛି । ପର-ବର୍ତ୍ତୀ ଛାତ୍ରଙ୍କ ସଂଖ୍ୟା ଅନେକ ଅଧିକ ହୋଇଥିବାର ଅମ୍ଭେମାନେ ଦେଖି ସୁଖୀ ହେଉଅଛୁଁ । ଗବର୍ଣ୍ଣମେଣ୍ଟ ତାହା ଜାଣିପାରି ଶିକ୍ଷକଙ୍କର ଉନ୍ନତି ଯଥାର୍ଥ ପର ଦେଖାଇବା ଆଶଂସାର କଥା ତାଙ୍କ ଅବସ୍ଥାଙ୍କ ଉପଯୁକ୍ତ ବେତନ ଦେଉ ନ ଥିବା ହେତୁ ସେମାନେ ଶିକ୍ଷକମାନେ ପାଠ ସାରି ଅଧ୍ୟାପନା କରିବାକୁ ଅନିଚ୍ଛୁକ ହେଉଛନ୍ତି ଗବର୍ଣ୍ଣମେଣ୍ଟ ସଙ୍ଗତ ଅଭାବରୁ ଉପଯୁକ୍ତ ବେତନ ଦେଇ ନ ପାରିବାରୁ ଅନେକ ସ୍କୁଲ ଉଠିବାର ଉପକ୍ରମ ହୋଇଅଛି । ଏଥିର ଉଚିତ ବ୍ୟବସ୍ଥା ହେବା କର୍ତ୍ତବ୍ୟ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ

କୁଞ୍ଚିତେ ଥିବା ଡେ : ମା : ଓ ଡେ : କଲେ : କ୍ଟର ବାବୁ ଶ୍ରୀ ରମଣଲାଲ ଘୋଷ ଜଜ ଭଦର ସଦର ମହକୁମାରେ ବଦଳି ହୋଇ ଓ ୧ ମ ଶ୍ରେଣୀ ମାଜିଷ୍ଟ୍ରେଟର କ୍ଷମତା ପାଇଲେ ।

କଟକର ଷ : ସବ୍ ମାଜିଷ୍ଟ୍ରେଟ ଓ ଡେ : କଲେକ୍ଟର ମି : ଏଚ ପି, ଦାସ ସାହାବାଦ ଜିଲ୍ଲା ବକ୍ସାର ସବ—ଡିଭିଜନର ଭାର ପାଇଲେ ।

କଟକର ସବ—ଡେ : କଲେକ୍ଟର ମୌଲବୀ ହେଦାୟତ ମହମ୍ମଦ ଏ ଜବର କଟକ, ପୁରୀ, ବାଲେଶ୍ୱର ଜିଲ୍ଲାର ଏକ୍ସିଷ୍ଟାଣ୍ଟ ସେଟଲମେଣ୍ଟ ଅଫିସର ହେଲେ ।

ଖୋର୍ଦ୍ଧାର ସବ୍‌ରେଜିଷ୍ଟ୍ରାର ବାବୁ ଚନ୍ଦ୍ରପ୍ରସାଦ ଦାସ ସାଲେପୁରକୁ ବଦଳି ହେଲେ ।

ସାଲେପୁରର ଅଫିସିଏଟିଂ ସବ୍‌ରେଜିଷ୍ଟ୍ରାର ବାବୁ ଲକ୍ଷ୍ମୀ ଭୂଷଣ ଦାସ୍ ଯାଜପୁରକୁ ବଦଳି ହେଲେ ।

କଟକର ନିଷ୍ଠାନଙ୍କ ସବ୍‌ରେଜିଷ୍ଟ୍ରାର ବାବୁ କେଦାରନାଥ ପାଲ ବଙ୍ଗଳା ସହିତ ଫେରସ୍ତ ବଦଳି ହେଲେ ।

ବାବୁ ଚନ୍ଦ୍ରଭୂଷଣ ମୁଖାର୍ଜୀ ଏମ୍, ଏ, ବି, ଏଲ୍ ସମ୍ବଲପୁରର ମନ୍ସଫ ହେଲେ । ବର୍ତ୍ତମାନ ତାଲେସ୍ୱରରେ କାର୍ଯ୍ୟ କରିବେ ।

ବାବୁ ରାମ୍ବିନୋଦ ଘୋଷ ଓ ମୌଲବୀ ସେଖ ତାଜ-ମୋହମ୍ମଦ ଅସ ପଟ୍ଟନା ଡିଭିଜନ ସହିତ ଡେପୁଟି ଇନ୍‌ସ୍ପେକ୍ଟର ମାଜିଷ୍ଟ୍ରେଟ ଓ ସ୍ୱାଧୀନ କୋର୍ଟର ସବ୍-ଜଜ ହେଲେ ।

ବାବୁ ଅମ୍ବିକାଚରଣ ବୋଷ ପୌଢ଼ରାମ ମୋକଦମାର ଇଂଗ୍ଲଣ୍ଡଦେଶରେ ସାକ୍ଷୀ ନେବାର ଛୁଟି ପାଇଲେ ।

ଏସିଷ୍ଟାଣ୍ଟ ରେଜିଷ୍ଟ୍ରାର ବାବୁ ମହେନ୍ଦ୍ରନାଥ ଦତ୍ତ ଡ୍ରାଇଭର ପେନସନ ମହାଜନ ଦତ୍ତରେ ଅବସ୍ଥାପିତ ହେଲେ ।

ନିମ୍ନଲିଖିତ ଛାତ୍ରମାନେ ସନ ୧୯୦୯ ମସିହାରେ ହାଇକୋର୍ଟର ମିଡଲ୍‌ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଯଥା : —

ମେ, ଡେ, ଲେକ, ମେଣ, ନୋଟେଶନଙ୍କଟେଣ୍ଟ ଅଟକ ବ୍ରଜ,ପ୍ର, ଜେଲର ପ୍ରୋବେଶନ ଏଜେଣ୍ଟ ଷଷ୍ଠ ବାବୁ

ନୀଳକଣ୍ଠ, ରଘୁନାଥ, ଅନ, ବିଶ୍ୱ ଏବଂ

ଗତ ତା ୧୪ ରଖ ଶେଷ ହେବା ସପ୍ତାହରେ ଗ୍ରହଣ ଚାଉଳ ଦର କଟକରେ ସେ ୧୪ /, ବାଲେଶ୍ୱରରେ ସେ ୧୬ ଆଠଗଡ଼ରେ ସେ ୧୬୩/, ପୁରୀରେ ସେ ୧୪।୬ ଓ ସମ୍ବଲପୁରରେ ସେ ୧୭ ( ।

—※—

### ସ୍ଥାନୀୟ ସମ୍ବାଦ ।

ଏଥର ଭଲ ଶୀତ ହେବା ଦରୁ ରୋଗ ଅଧିକ ଚାଲିଥିବା ଅସ୍ତ୍ରୋପଚାର ଓ ଦୁଇ ଟା ମୃତ୍ୟୁ ହେଲା ।

୪ ସପ୍ତାହର ୪ ଜଣର ଲ ଅକାଳ ନିର୍ମଳ ମାସ ପାର ଶୀତ ହୋଇଥିବା ଦେଖାଯାଉ ଅଛି ଓ ଶୀତ ଲାଗୁଅଛି । ସାଧାରଣ ସ୍ୱାସ୍ଥ୍ୟ ଭଲ ।

ରେଭେନ୍‌ସା କଲେଜ ଛାତ୍ରମାନଙ୍କ ପୁରୁଣା ଫଣ୍ଡ ଓ ଭାରତ ସେବାଶ୍ରମ ପାଇଁ ଅର୍ଥରେ ଭାର ସହିତ ପ୍ରଦର୍ଶନ କରାଗଲା ନ : ଭି ରୋକ୍ରେଶ ଜଣଙ୍କୁ ୫ ୧୦୦ ଟଙ୍କା ମୋଟ ପଠାଇ ସହରରେ ବ୍ୟାଙ୍କରେ ରଖାଗଲା ଏସ ୩ ଓ ୧୭୨ ଟା ମଧ୍ୟରେ ନେଇଦେମା ଠାବର କରାଯାଉଛି । ଆଗାମୀ ମ,କ ୫ ୧୦୦ ଟା ନେଇ ସମିତିରେ ଥାଇ ମୋକଦ୍ଦମା ଚଳାଇ ହେଉଅଛି ।

---

ସେଟଲମେଣ୍ଟ କାର୍ଯ୍ୟ ଶେଷହେବା ଯାଏ କେତେକ ଓଡ଼ିଆ କେତେକ ମହଲରେ ଖେସ୍ରା ଦେଇ ପ୍ରସ୍ତୁତ ହେଉଥିବା ଅବସ୍ଥାରେ 'ଜଗନ୍ନାଥ ବଲ୍ଲଭ ମହାନ୍ତି' ଗତ ବୁଧବାର ଡେ : ମା ବାବୁ ଶ୍ରୀ ରମଣଙ୍କ ଘୋଷଙ୍କ ଦରବାରରେ ମା ୨ ର ଦଣ୍ଡ ହୋଇଅଛି ।

୧୦। ଟେଂଆସ୍ଥିରପୁରର ସରକାରୀ ଓ ସାନ୍ ଗୋ ୨ ଟି ରାସ୍ତା ଗୋରୁମାନଙ୍କ ସେ ସେଠାର ମାରୁଥିବା ଅପରାଧରେ ଗିରଫ ହୋଇ ଚାଲାଣ ହେଉଛନ୍ତି ।

ଏହିପରି ଥାନାରେ ଚଣ୍ଡ ନୂତନ ଏକ ଥଣା ଚାଳକର ଅଞ୍ଚଳରେ ଲାଗିବା ସୁଦିବା ସେବ ଛଡ଼ା ସାଧାରଣ ସେବକ ସେହି ନ ଥିବାରୁ ଜିଲ୍ଲା ଅସୁବିଧା ପଡ଼ୁଅଛି । ଏହା ସେବି ପଥ ମାଣରେ ଅନୁଯୋଗ ହେଲେ ସେମାନେ ବୁଝି ଯିବେ କି ଏହାର ପ୍ରତିକାର କିଛି ହୋଇ ପାରିବ ।—ସ : ବା :

ବାବୁ ଦାମୋଦର ମିଶ୍ର "ଫଳ ଗୌରବ ବିବୃତି" ଏହି ପ୍ରମାଣ ହାସ ଦେଖାଇ ଅଛନ୍ତି ଯେ ପାଣ ଜାଡି ସମ୍ବନ୍ଧ ପାଇବା କଦଳୀ ପ୍ରଭୃତି ଫଳ ଗୌତ କର ଅଧିକ ଦେଖାଇ ସେଥ ଲଭପାଇ ପାରେ ।—ଗ : ବା :

ଓଡ଼ିଶାର କମିଶନର ସାହେବ ଗତ ତା ୫ ରିଖରେ ସମ୍ବଲପୁରର ପହଞ୍ଚି ତା ୧୦ ରିଖରେ ବରଗଡ଼ରେ ପହଞ୍ଚିବାର ଥିଲା ସେ ହୋଇ ସମ୍ବଲପୁର ଫିରିଙ୍ଗିଣୀରେ ସ୍ଥାପନ । ସୋଇଚିକଲ ଏକେଶ ନଥ ସେଠାରୁ ଯାଇ ଅଛନ୍ତି ।

### ଜଗତ୍‌ସିଂହପୁର ସମ୍ବାଦ

ଏହି ଗ୍ରାମ ସନ୍ନିକଟ ହେଡ଼ କଟକରେ ଗୋଟିଏ ନୂତନ ସ୍କୁଲ ଜନୈକ ଉତ୍ସାହୀ ଅଧିବାସୀ ମହାଯୋଗୀ ହୋଇ ପରଦିନ୍ ସେଠ ଉଦ୍ଯମ କରିବାର ସ୍ଥିର କଲେ । ସୂର୍ଯ୍ୟ ଏବେ ତାହାଙ୍କ ପ୍ରଚାରଣା ଜଣା ପଡ଼ୁଅଛି ।

ଏହି ଗ୍ରାମର ଦାଳନସେଠ ନାମକ ବର୍ତ୍ତ୍ତମାନ ଠାରେ ଗୃହ ୨ ଅବେଦନ କରି ଗୋଲଚିପଳ ହୋଇନାହିଁ । ଗ୍ରାମବାସୀ ଏଥର ମାନ୍ୟବର କଲେକ୍ଟର କମିଶନରଙ୍କ ନିକଟ ଯାଉଛନ୍ତି । ଏଣୁ ତିଥି ଅଛନ୍ତି କେବେ ଫଳ ଦର୍ଶିବ ।

ଗତ ୨ ରବିବାରେ ହେଉଥିବା ସର୍ବ ମର୍ଜ୍ଜୀ—ସ୍ୱଦେଶ ନାମସ୍ଥାନ ଅନୁଷ୍ଠାନ ସ୍ୱାଧ୍ୟାୟରେ ସମ୍ପନ୍ନ ହେଲା । ଏଥିରେ ହାସ୍ ଓ ୧୨ ଓ ନେତୃତ୍ୱ ସମାଗମ ଓ ସଙ୍କଟ ପୁରଣରେ ନେତାଙ୍କ ଶର୍ମ୍ମା ହୋଇଥିଲା । ମ୍ୟାଣ ଏକଟି ସାର୍ବଜନୀନ ସମ୍ପ୍ରଦାୟରୁ ଡ ୧୨ ଲ ସଭା, ଏବଂ ରସ ପଦ୍ମପଦଲ ପାନ—ତାଦାରେ ଜଣ୍ଟି ଥିଲେ ।

୪ ସପ୍ତାହରେ ୨ ହେଉଥିବା ପ୍ରଚଳିତ ପ୍ରତିଷ୍ଠାନ ସମ୍ପର୍କ ଜଣାଯାଇ ୨ ଘଣ୍ଟା ବୃଷ୍ଟି ହେବାରୁ ବେଶ ଥଣ୍ଡା ପଡ଼ୁଅଛି

ଏହି ଗ୍ରାମର ବାସ୍ତବ୍ୟ ଚକ୍ରଧର ଦାସଙ୍କ ଜଣେ ଗିଳ ପଲପୁରରେ ଗଙ୍ଗାଦ୍ୱାର ନିକଟରେ ୦୮୦ ଟା ମଧ୍ୟ ଅଦାଲତ ହୋଇଥିଲେ । ଗତ ତା ୧୧ ରିଖରେ ଡ଼ : ମା ବାବୁ ରାଧାକୃଷ୍ଣ ଦତ୍ତଙ୍କ ଦରବାରରେ ଜରିମାନା ହୋଇ ଖଲାସ ପାଇଲେ ।

### ବାସୁଦେବପୁର ସମ୍ବାଦ ।

ଗତ ମାସ ତା ୮ ରଖ ସନ୍ଧ୍ୟାର ସବଡିଭିଜନାଲ ମାଜିଷ୍ଟ୍ରେଟ ସାହେବ ଏଠାରେ ଆସି ତା ୧୩ ରଖ ପର୍ଯ୍ୟନ୍ତ ମୋକଦ୍ଦମା ମାନ ବିଚାର କରି ଓ ଏଠାର ସ୍କୁଲ ପରିଦର୍ଶନ କରିଥିଲେ ।

ବାଲେଶ୍ୱର ଡ : ବୋର୍ଡ ପକ୍ଷରୁ ପୂର୍ବରେ ସଂସ୍ଥାପିତ ହୋଇଥିବା ଏଠାର ଦାତବ୍ୟ ଚିକିତ୍ସାଳୟ ଗୃହ ଜୀର୍ଣ୍ଣ ହୋଇଅଛି । ସେମାନେ ସେଠାରେ ପୁନଃ ନୂତନ ଗୃହ ନିର୍ମାଣ କରିବେ ସ୍ଥିର କଲେ ।

ଦୁର୍ଭିକ୍ଷ ଏବର୍ଷ ପ୍ରବଳ ଏଠାର ଅଧିକ ହୋଇଅଛି । ବହୁ ଲୋକ ଧାନ ଚାଉଳ ଅଭାବରେ କଷ୍ଟ ପାଉଅଛନ୍ତି । ବହୁତ ବାଙ୍ଗର ଘୋର ମୋଫସଲରେ ଏହା ଦେଖା ଯାଉଛି ।

ସବ୍ ଡିଭିଜନାଲ ମାଜିଷ୍ଟ୍ରେଟ ସାହେବ ତା ୧୧ ରଖ ଦିନ ଏଠା ଡାକ୍ତରଖାନା ପରିଦର୍ଶନ କରି ଡାକ୍ତରଖାନାର ବୃତ୍ତ

Split by PDF Splitter

Digitized by srujanika@gmail.com

Split by PDF Splitter



ସେତେବେଳଯାଏ ଅନ୍ତର୍ଭୁକ୍ତ ଥିଲା, ନିଃସ୍ୱାର୍ଥ ଦେଶହିତୈଷିତା ଏତାଧାରରେ ଉତ୍କଳ ଧମନୀରେ ପ୍ରବାହିତ ନ ହୁଏ ସେତେବେଳଯାଏ ତ, ଯୋଗ୍ୟତା, ବ ସତ୍ତ୍ୱ ସବୁ ଅକାଶକୁସୁମ ତୁଲ୍ୟ ।

ବଶମ୍ବଦ

ଶ୍ରୀ ବାଞ୍ଛାନିଧି ପଟ୍ଟନାୟକ

---

ମହାଶୟ

ଗତ ତା ୨୯।୧।୧୦ ର ଉତ୍କଳ ବାର୍ତ୍ତାରୁ ଅଜ୍ଞାତ କୁଳଶୀଳ ଜନୈକ ଓଡ଼ିଆ ଓଡ଼ିଶାବାସୀ ବଙ୍ଗାଳୀ ବିଶେଷତଃ ଉତ୍କଳ ସମ୍ପାଦକ ତ ୨୨।୧।୧୦ ର ସ୍ୱୀୟ ଉକ୍ତି ପ୍ରତିବାଦ ସଭାର କାର୍ଯ୍ୟ ପ୍ରଣାଳୀ ବିରୁଦ୍ଧରେ କେତେକ କଥା ଲେଖିଥିବାର ଦେଖି ଉକ୍ତ ଲେଖକଙ୍କ ମୋଟର ସୂତ୍ର ବୁଦ୍ଧିରେ ଯାହା ଦେଖାଗଲା ତାହାହିଁ ପ୍ରକାଶ କରେ । ଅନୁଗ୍ରହ କରି ଆପଣଙ୍କର ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନ ଦାନ କଲେ ବାଧିତ ହେବି । ଲେଖକ ସ୍ୱୀୟ ଉକ୍ତି ପ୍ରତିବାଦ ସଭାରେ ଉପସ୍ଥିତ ଥିବା ବନ୍ଧୁ ଓ କେତେକ ଉତ୍କଳୀୟ ବ୍ୟକ୍ତିଙ୍କ ପ୍ରତି କଟାକ୍ଷ କରିଥିବାର ବୋଧ ହୁଏ । କଟାକ୍ଷର କାରଣ ବର୍ତ୍ତମାନ ଉତ୍କଳୀୟମାନେ ଏଠାର ଉପନିବେଶୀ ନ ଥିବା ସ୍ଥଳେ ସଭାରୁ ପ୍ରକାଶ କରାଗଲା ଯେ ସେମାନେ ଉପନିବେଶୀ । ଏ କଥାଟା ଲେଖକଙ୍କ ସ୍ୱଦର ସହିଲା ନାହିଁ । ଲେଖକ ଏହାର ଯୁକ୍ତି ସ୍ୱରୂପ ପ୍ରଥମେ ଶାଣ୍ଡିଲ୍ୟ, କଶ୍ୟପ ପ୍ରଭୃତି ଉପାଧିଦ୍ୱାରା ପ୍ରକାଶ କଲେ ଯେ ଉତ୍କଳୀୟମାନେ ଏଠାର ପୂର୍ବବାସୀନ୍ଦା । ଲେଖକ ଓଡ଼ିଶା ଇତିହାସ ଦେଖି ତାହାନ୍ତି କିମ୍ବା କୌଣସି ଗୂଢ଼ ଉଦ୍ଦେଶ୍ୟ ସାଧନ ନିମିତ୍ତ ଏପରି ଅଯୌକ୍ତିକ ମତ ବ୍ୟକ୍ତ କରୁଅଛନ୍ତି । ଶାଣ୍ଡିଲ୍ୟ ପ୍ରଭୃତି ଉଚ୍ଚ ଶ୍ରେଣୀର ବ୍ରାହ୍ମଣମାନେ ଯଜାତିଙ୍କ ସମୟରେ କାନ୍ୟକୁବ୍ଜରୁ ଆସିଥିଲା କଥାଟା ବୋଧ ହୁଏ ଲେଖକ ଜାଣନ୍ତି ନାହିଁ । ଉକ୍ତ ବ୍ରାହ୍ମଣମାନେ କାଳକ୍ରମେ ଉତ୍କଳୀୟ ରାଜାମାନଙ୍କଠାରୁ ଉପାଧି ଲାଭ କରି ଏପରି ପରିବର୍ତ୍ତିତ ହୋଇ ଅଛନ୍ତି । ଏପରି ହେବା ସ୍ୱାଭାବିକ; କାରଣ ସେ ସମୟରେ ରାଜଦତ୍ତ ଉପାଧି ଲାଭରେ ବର୍ତ୍ତମାନ ସମୟପରି ଗୌରବର ବିଷୟ ଥିଲା । ସୁତରାଂ ଅତ୍ୟାଚାର୍ମ ରେ ଯେ ଏହିପରି ଉପାଧି ଲାଭ କରି ସୂର୍ଯ୍ୟ ଚେତନ୍ୟ ବଢ଼ିଛ ଅଛନ୍ତି ଏଥିରେ ସନ୍ଦେହ କଣ ? ବରଂ ଏହାହିଁ ଯୁକ୍ତିସିଦ୍ଧ । ଉତ୍କଳୀୟ ବଙ୍ଗାଳମାନେ ଉପାଧି ଲାଭ କରି ତାହାନ୍ତି ହେଲ ଯେ ସ୍ୱଜାତିର ଅନୁଗ୍ରହରୁ ବଞ୍ଚିତ ହେବେ ଏ ଚିନ୍ତାକାଳ ମାତ୍ର ବଢ଼ି ବୁଝି ପାରୁନାହାନ୍ତି । ଲେଖକଙ୍କର ଯୁକ୍ତି ଅନୁସାରେ ବିଚାର କଲେ ଦେଖାଯିବ ଯେ ମଙ୍ଗଳମାନମାନେ ମଧ୍ୟ ଉକ୍ତ ପ୍ରକାର ଅନୁଗ୍ରହରୁ ବଞ୍ଚିତ ହେବେ ବ

ଯୋଗ୍ୟ ଅଟନ୍ତି କାରଣ ସେମାନେ ଓଡ଼ିଆମାନଙ୍କ ଠାରୁ କୌଣସି ଉପାଧି ଲାଭ କରି ପାରି ନାହାନ୍ତି ।

ହିଁ ସମୟରେ ଲେଖକ ଭାଷା ଓ ଜାତି ଘଟିତ ସମ୍ବନ୍ଧରେ ଯାହା ଲେଖି ଅଛନ୍ତି ସେ କଥାଟି ଯୁକ୍ତିଯୁକ୍ତ ବୋଲି ବୋଧ ହେଲା ନାହିଁ କାରଣ ଯେତେବେଳେ ପୈତୃକ ଭାଷା ଇତ୍ୟାଦି ଶୀଘ୍ର ପରିତ୍ୟାଗ କରିପାରିବା ସହଜ ହେଲେହେଁ ଲୋକ ସହିତ ମିଶଣରେ କାଳକ୍ରମେ ସେ ସବୁ ଭୁଲିଯିବା ଅସମ୍ଭବ ନୁହେ । ଦୃଷ୍ଟାନ୍ତ ସ୍ୱରୂପ ଯାଜପୁରର ଖ୍ୟାତନାମା ଜମିଦାର ଶଙ୍ଖଚୂଡ଼ ଦ ସିଂହଙ୍କର କଥା କଥା ଧରା ଯାଉ । ସେମାନେ କେତେକ ବର୍ଷ ପୂର୍ବେ ଉତ୍ତର ପଶ୍ଚିମାଞ୍ଚଳରୁ ଆସିଥିବାର ଓ ସେମାନଙ୍କର ଭାଷା ହିନ୍ଦୀ ଥିବାର ତଥା ବର୍ତ୍ତମାନ କେତେ ପଡ଼ଆନ୍ତି କିନ୍ତୁ ଏହି ଅଳ୍ପ କାଳମଧ୍ୟରେ ସେମାନେ ସମ୍ପୂର୍ଣ୍ଣ ଓଡ଼ିଆ ହୋଇ ଅଛନ୍ତି, ଅଥଚ ବଙ୍ଗାଳିମାନେ ଯେ ଉକ୍ତ ଶୀଘ୍ରରୁ ଅବ୍ୟାହତ ପାଇ ଅଛନ୍ତି ତାହା ନୁହେ । ସେମାନେ ଓଡ଼ିଆମାନଙ୍କ ସହିତ ମିଶି ନିଜର ଭାଷା ଓ ଅନ୍ୟର ବ୍ୟବହାର—ଏପରି କି ଓଡ଼ିଆଙ୍କ ସବୁ ପର୍ବାଣୀ ପର୍ଯ୍ୟନ୍ତ—କୁ ଅନେକଟା ଓଡ଼ିଆଙ୍କ ପରି କରିବା କଥାଟା ଲେଖକ ଚେଷ୍ଟା କରି ଥିଲେ ଦେଖି ପାରିଥାନ୍ତେ । ପୁନଶ୍ଚ ଲେଖକ ଲେଖି ଅଛନ୍ତି ଯେ ବଙ୍ଗାଳୀମାନେ ଓଡ଼ିଆ ବୋଲି କହିବାକୁ ଲଜ୍ଜା ବୋଧ କରନ୍ତି କିନ୍ତୁ ସେମାନଙ୍କ 'କଣାରୁ ଓ 'କଲସ' ପ୍ରଭୃତି କେତେକ ଓ ସାଧାରଣ ପ୍ରଚଳିତ ଶବ୍ଦର ବଙ୍ଗଳା ନାମ ପଶ୍ଚିମରେ କହି ପାରନ୍ତି ନାହିଁ । କାଳକ୍ରମେ ଏହିପରି ଘଟିପାରେ ଏବଂ କିଛିଦିନ ପରେ ବଙ୍ଗାଳୀମାନଙ୍କ ବଙ୍ଗାଳୀ ବୋଲି କହିବା ସେ ଦୁଷ୍କର ହୋଇ ଉଠିବ ଏଥିରେ ସନ୍ଦେହ କରିବା ତଥାପି ନଦୋଷ କଥା ।

ତୃତୀୟ ଯୁକ୍ତି ବିବାହାଦି ସମ୍ବନ୍ଧ କଥା ଲେଖକ ସହଜରେ ବୁଝିପାରିବେ । ଓଡ଼ିଆମାନେ ସେ କେବଳ ଓଡ଼ିଶାରେ ଅବଦ୍ଧ ଅନ୍ୟ ବଙ୍ଗଳା ସହିତ ମିଶନ୍ତି ନାହିଁ ତେଣୁ ବିବାହାଦି କରନ୍ତି ନାହିଁ ଏ କେବଳ କଥା । କିଛିଦିନ ପୂର୍ବେ ଉତ୍କୋ-ଲଥାନା ଲୁଣର 'ଏକସାନା' ନବାଶୀ ସମ୍ପର୍କ ସମ୍ପାଦକ ପଣ୍ଡିତାଯୁତ ଓ ପ୍ରସିଦ୍ଧ ସମ୍ପର୍କ ବାବୁ ଗୌରୀଶଙ୍କର ମହାନ୍ତି ବି. ଏ. ବଙ୍ଗଳା ଅଞ୍ଚଳରେ ବିବାହ କରିଥିବା ବିଷୟ ଲେଖକ ଜାଣନ୍ତି ନାହିଁ କି ? ଲେଖକଙ୍କ ମତାନୁସାରେ ସେମାନେ ଓଡ଼ିଆରୁ ବଞ୍ଚିତ ହେବେ ଓ ସେମାନଙ୍କର ସ୍ୱାର୍ଥ ଓଡ଼ିଶାରୁ ଭୁଲିଯିବ କି ? ସମୟ, ସୁବିଧା ଓ ଅର୍ଥ ଥିଲେ ଯେ ଓଡ଼ିଆମାନେ ବିବାହାଦି ଦ୍ୱାରା ବଙ୍ଗ ଦେଶ ସହିତ ସମ୍ବନ୍ଧ ସ୍ଥାପନ କରି ନ ଥାନ୍ତେ ଏହା ଏ କଳ୍ପନାର ? ଭାଗଲପୁର ଅଞ୍ଚଳରେ ଥିବା

ବଙ୍ଗାଳିମାନେ ବର୍ତ୍ତମାନ ଓଡ଼ିଆ ବୋଲି ପରିଚୟ ଦେବାରୁ ସେମାନଙ୍କ ସେଠାର ସ୍ୱାର୍ଥରୁ ବଞ୍ଚିତ କରସାରୁ ନ ଥିବା ସ୍ଥଳେ ଉତ୍କଳୀୟ ବଙ୍ଗାଳିମାନଙ୍କ ଓଡ଼ିଶାର ସ୍ୱାର୍ଥରୁ ବଞ୍ଚିତ କରିବା ନ୍ୟାୟସଙ୍ଗତ ହେବ କି ? ବଙ୍ଗାଳିମାନେ ଓଡ଼ିଶାରେ ରହି ଓଡ଼ିଶା ମଙ୍ଗଳରେ ନିଜ ମଙ୍ଗଳ ସନ୍ନିବେଶିତ ଜାଣି ବଙ୍ଗଭାଷା ପରିବର୍ତ୍ତେ ଓଡ଼ିଆ ଭାଷାର ଉନ୍ନତି କରୁଥିବା ତଥା ତାହାରୁ ଅନ୍ତର ନାହିଁ । ଯେ ଦେଶର ଓ ଭାଷାର ଉନ୍ନତି କଲା ସେ ଓଡ଼ିଆ ଭାଷା ନ କହିଲେ ମଧ୍ୟ ଉତ୍କଳ ମାତାର ସୁସନ୍ତାନ ଓ ଉତ୍କଳୀୟ ଅଟେ । ଏପରି ସ୍ଥଳେ ସେମାନଙ୍କୁ ଉତ୍କଳ ସ୍ୱାର୍ଥରୁ ବଞ୍ଚିତ କରିବା ନ୍ୟାୟ କରୁନ ।

ଅବଶେଷରେ ଉତ୍କଳବାର୍ତ୍ତାର ସମ୍ପାଦକ ମହୋଦୟଙ୍କୁ ଅନୁରୋଧ ଯେ ଏ ମତ ମିଳନ ସମୟରେ ଏପରି ଭାବ ମଧ୍ୟରେ ବିବାଦ ଲଗାଇ ଦେବା ଲୋକଙ୍କୁ ପ୍ରଶ୍ରୟ ନ ଦେବା ଓ ସେମାନଙ୍କର ଉଚ୍ଛେଦ ସାଧନରେ ଯତ୍ନବାନ ହେବା ଉଚିତ । ତାହାହେଲେ ଓଡ଼ିଶାରେ ବିଶେଷ ମଙ୍ଗଳ ହେବ । ଇତି ।

| | |
|---|---|
| ଢେଙ୍କାନାଳ | ବଶମ୍ବଦ. |
| | ଶ୍ରୀ ଶଶୀଭୂଷଣ ନାଗ |
| ୭।୨।୧୯୧୦ | ଇଞ୍ଜିନିୟର ଢେଙ୍କାନାଳ |

---

ମୂଲ୍ୟ ପ୍ରାପ୍ତି ।

| | | |
|---|---|---|
| ବାବୁ ଶ୍ରୀ ଜନାର୍ଦ୍ଦନ ପଟ୍ଟନାୟକ | କଟକ | ଟ ୨ |
| " ଜାହ୍ନବୀଚରଣ ଦାସ | ଡମ୍ବୁର | ଟ ୧୮ |
| " ଗଙ୍ଗାଧର ସତ୍ପଥି | ରଣପୁର | ଟ ୧୮ |
| ମୁନ୍‌ସି ଅବଦୁଲ ହାମିଦ୍ | କଟକ | ଟ ୧ |
| ବାବୁ ଶ୍ରୀ ଗୋବର୍ଦ୍ଧନ ସାମନ୍ତ | କଟକ | ଟ ୧ |
| " ବୈକୁଣ୍ଠନାଥ ଦତ୍ତ | କଟକ | ଟ ୨ |
| ଅଧ୍ୟାପକ ସନାତନ ଦାସ ଗୋସ୍ୱାମୀ | ପୁରୀ | ଟ ॥ |
| ବାବୁ ଶ୍ରୀ ଧର୍ମ ମହାପାତ୍ର | ଦମପଡ଼ା | ଟ ॥ |
| ମୁନସି ସେଖ ଖଦୋର | ଗୋପୀନାଥପୁର | ଟ ୧୮ |
| ବାବୁ ଶ୍ରୀ ହରିହର ପଟ୍ଟନାୟକ | ଜୟପୁର | ଟ ॥ |
| " ମଧୁସୂଦନ ପଟ୍ଟନାୟକ | ଗୁଣ୍ଡର | ଟ ॥ |
| " ମଧୁସୂଦନ ଦାସ | ତୋଳସାହି | ଟ ॥ |
| " ପୀତାମ୍ବର ମହାପାତ୍ର | ବୌଦ | ଟ ୪ |
| " ଶ୍ୟାମଚରଣ ଘୋଷ | ନଳଗାଆ | ଟ ୨ |
| " ଚନ୍ଦ୍ରଶେଖର ସତ୍ପଥି | ଟଙ୍ଗଅର | ଟ ॥ |
| " ଜଳମଣି ସିଂହ | ଖଲଗିର | ଟ ॥ |
| " ଜେ, ଡି, ଦାସ | ମାଣ୍ଡା | ଟ ୧ |
| " ରାୟ ଗୁଦାମଚରଣ ନାୟକ ବାହାଦୂର | କଟକ | ଟ ॥ |
| " ଗୋବର୍ଦ୍ଧନ ମହାପାତ୍ର | ତିଗିରିଆ | ଟ ॥ |
| " ଯୋଗେନ୍ଦ୍ର ମହାନ୍ତି | ଭୁବନେଶ୍ୱର | ଟ ୧ |
| " ବୈଦ୍ୟନାଥ ଷଡ଼ଙ୍ଗୀ | ଗଡ଼ସାହି | ଟ ॥ |
| " ନୀଳକଣ୍ଠ ମହାନ୍ତି | ବାଲେଶ୍ୱର | ଟ ୧୮ |
| " ଲକ୍ଷ୍ମୀମଣି ମିଶ୍ର | କୁଚିଲା | ଟ ॥ |
| " ମଦନମୋହନ ପାଣି | ଭଦ୍ରପୁର | ଟ ୧ |
| " ରାଜକୁମାର ଗୋପୀନାଥ ସିଂହ ଦେଓ | | ଟ ॥ |
| " ବାସୁଦେବ ମିଶ୍ର | କୁଲଗ | ଟ ॥ |

Digitized by srujanika@gmail.com

Split by PDF Splitter



# ଭାରତ ଇନ୍‌ସିଓରେନ୍ସ କୋମ୍ପାନୀ, ଲିମିଟେଡ

ହେଡ଼ ଅଫିସ—ଭାରତ ବିଲ୍‌ଡିଙ୍ଗ୍, ଲାହୋର।
(ପାଞ୍ଜାବର ସ୍ୱଦେଶୀଅଫିସ)

ବ୍ରାଞ୍ଚ ଅଫିସ : ଲାହୋର, ରାୱଲପିଣ୍ଡି, ସକ୍କୁର, ନାଗପୁର, ଅଜମିର, ଅହମଦାବାଦ ମାନ୍ଦ୍ରାଜ, ହାଇଦରାବାଦ, ଦେହଲୀ

ଚିଫ ଏଜେନସି :—କଲିକତା ଓ ବମ୍ବେ।

ଚେଆରମ୍ୟାନ :—ଅନରେବଲ ମିଷ୍ଟର ହରକିଷନ୍ ଲାଲ ଓକିଲ, ଲାହୋର

ବାର୍ଷିକ ଆୟ :—ଟ ୪୦୦୦୦୦ ଟଙ୍କାର ଉର୍ଦ୍ଧ୍ୱ।

ସାଧାରଣ ଦାନ ବାଣିଜ୍ୟ, ବିବାହ ଓ ଶିକ୍ଷା, ପୁରସ୍କାର ଓ ପେନସନ୍ ଓ ଟଙ୍କା ବଂଶସ୍ୱ, ସ୍ୱାସ୍ଥ୍ୟପରୀକ୍ଷା କରି ନ ଯାଇ ଜୀବନର ବୀମା କରାଯାଏ।

୧ ବୀମା କୌଣସି ପ୍ରକାରେ ନଷ୍ଟ ହୁଏ ନାହିଁ।
୨ ଦେୟ ମୂଲ୍ୟ ସ୍ଥିର ଥାଏ।
୩ ବୀମାକାରମାନେ କମ୍ପାନୀର ଲାଭରୁ ଅଂଶ ପାଇ ପାରନ୍ତି।
୪ ଦାବୀ ଟଙ୍କା ନିୟମିତ ସମୟରେ ଦିଆଯାଏ
୫ ସମସ୍ତ ପ୍ରକାର ସୁବିଧା ଦିଆଯାଏ

ଜାମିନ ସଙ୍ଗେ ରେଟର ସମାନ ଅନୁପାତ

ଭାରତର ସମସ୍ତ ପତ୍ରିକାମାନଙ୍କଦ୍ୱାରା ଏବଂ ପୃଷ୍ଠପୋଷିତ ବ୍ୟବସାୟୀମାନଙ୍କ ସର୍ବଦା ଉତ୍ସାହିତ କରାଯାଏ

ବିଶେଷ ବିବରଣ ସକାଶେ ନିମ୍ନଲିଖିତ ଠିକଣାରେ ଆବେଦନ କର।

ଲଜପତ ରାୟ ସାହ୍ନି
ମେନେଜର

---

## ବିଜ୍ଞାପନ

ଏତଦ୍ୱାରା ସର୍ବ ସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନୟାଗଡ ରାଜ୍ୟର ନିମ୍ନଲିଖିତ ଅବକାରୀ ଦୋକାନ ଓ ଚମଡ଼ା ଲାଇସେନ୍ସ ସନ ୧୯୧୦—୧୧ ମସୀହା ଏକ ଶ ଆସନ୍ତା ମାର୍ଚ୍ଚ ମାସ ତା ୨୨ ରିଖରେ ନୟାଗଡ଼ ଅଫିସରେ ନିଲାମ ହୋଇବ। ଯାହାଙ୍କର ଡାକ ସର୍ବୋଚ୍ଚ ହେବ କୌଣସି ଆପତ୍ତି ନ ଥିଲେ ନିୟମାନୁସାରେ ତା ୧ ଏ ସକାଶ ତାଙ୍କୁ ଲାଇସେନ୍ସ ଦିଆଯିବ

୩।୨।୧୦

| ୧ଅଫିମ | ୨ଗଞ୍ଜା | ୩ଦେଶୀମଦ |
|---|---|---|
| ୧ ନୟାଗଡ଼ | ୧ନୟାଗଡ଼ | ୧ଇଟମାଟି |
| ୨ ଇଟାମାଟି | ୨ଇଟାମାଟି | ୨ହେନ୍ଦୁଡ଼ିପ |
| ୩ ଗୋଡିପଡ଼ | ୩ଗୋଡିପଡ଼ା | ୩ଶିଖରପୁର |
| ୪ ଶରଣକୂଳ | ୪ଶରଣକୂଳ | ୪କେମଣ୍ଡ |
| ୫ ଓଡ଼ଗାଁ | ୫ଓଡ଼ଗାଁ | ୫ମହିପୁର |
| ୬ ଦୁର୍ଗ | ୬ଦୁର୍ଗ | ୬ବେରଗଡ଼ି |
| ୭ବାହାଡ଼ାଝୋଲ | ୭ବାହାଡ଼ାଝୋଲ | ୭ବାହାଡ଼ା-ଝୋଲ |
| ୮ ମହିତମା | ୮ମହିତମା | |
| | ୪ଭାତ | ୮ମହିତମା |
| | ୧୦ଚନ୍ଦ୍ରପୁର | |

G. S. Mahanti
Superintendent
Nayagarh State.

---

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଅଛି କି ମୟୂରଭଞ୍ଜ ଷ୍ଟେଟର ନିମ୍ନଲିଖିତ ଅବକାରୀ ଦୋକାନମାନ ସନ ୧୯୧୦ ୧୯୧୧ ସାଲ ସକାଶ ବାରିପଦା, କପ୍ତିପଦା, କରଞ୍ଜିଆ ଓ ଉଦଳା ମୁକାମମାନଙ୍କରେ ଆଗାମୀ ମାର୍ଚ୍ଚ ମାସର ନିମ୍ନଲିଖିତ ତାରିଖମାନଙ୍କରେ ନିଲାମ ହେବ। କେତାମାନେ ସ୍ୱୟଂ କିମ୍ବା କ୍ଷମତାପ୍ରାପ୍ତ କର୍ମଚାରୀଦ୍ୱାରା ଉପସ୍ଥିତ ହୋଇ ଉଚ୍ଚ ଡାକରେ ନିଲାମ ଧରି ପାରିବେ।

୧ ଉଦଳା ତା ୨।୩।୧୦ଠାରୁ ତା ୪।୩।୧୦ — ମଦଦୋକାନ ※
୨ ବାରିପଦା ତା ୭।୩।୧୦ଠାରୁ ତା ୧୨।୩।୧୦ — ଅଫିମଦୋକାନ
୩ କପ୍ତିପଦା ତା ୧୫।୩।୧୦ଠାରୁ ତା ୧୮।୩।୧୦ — ଗଞ୍ଜାଦୋକାନ
୪ କରଞ୍ଜିଆ ତା ୨୦।୩।୧୦ ଠାରୁ ତା ୨୪।୩।୧୦ — ହାଣ୍ଡିଆଦୋକାନ, ତାଡ଼ି ଦୋକାନ

※ ପ୍ରକାଶ ଥାଉ କି ଯେ ବାରିପଦା ଓ ଉଦଳା ମଦ ଦୋକାନ ସମସ୍ତ ଡିଷ୍ଟିଲେରୀ ମଦର ଦୋକାନ ଏବଂ କପ୍ତିପଦା ଓ କରଞ୍ଜିଆ ଅଧୀନସ୍ଥ ସମସ୍ତ ମଦ ଦୋକାନ ଖୋଲା ଭାଟି।

ବାରିପଦା ୧୭।୨।୧୦ } J. M. Dhar,
ଏକ୍ସାଇଜ ଡେପୋଟୀ କଲେକ୍ଟର

---

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଅଛି ଯେ କେନ୍ଦୁଝର ରାଜ୍ୟର ଉକ୍ତ ସ୍ଥିତ ଜମାମାନ ୧୯୧୦—୧୧ ସାଲ ସକାଶ ଆଗାମି ମାର୍ଚ୍ଚ ମାସ ତା ୧୦ ରିଖଠାରୁ ତା ୨୫ ରିଖ ପର୍ଯ୍ୟନ୍ତ କେନ୍ଦୁଝର ସଦର ଡିଭିଜନର — ଜମାମାନ କେନ୍ଦୁଝର ମୁକାମରେ ଓ ଚମ୍ପୁଆ ସ: ଡି: ଚମ୍ପୁଆ ମୁକାମରେ ଏବଂ ଆନନ୍ଦପୁର ସ: ଡି: ଆନନ୍ଦପୁର ମୁକାମରେ ନିଲାମ ହେବ ଯେଉଁମାନେ ନିଲାମ ଧରିବେ ସେମାନେ ଜମାର ଏକ ଚତୁର୍ଥାଂଶ ଦାଖଲ କରି ପଟ୍ଟା ଗ୍ରହଣ କରିବେ ଓ ଅବଶିଷ୍ଟ ମାସର ଜମା ମାସକୁ ମାସ ଅପ୍ରେଲଠାରୁ ଡିସେମ୍ବର ଶେଷତକ୍ ଦାଖଲ କରୁଥିବେ ଇତି ତା ୧୮।୨।୧୯୧୦

୧ ଅଫିମଦୋକାନ — ୭ଗୋ ମହିଷ ଛେଳି ଓ ମେଣ୍ଢା ଚମଡ଼ା
୨ ଗଞ୍ଜା ଦୋକାନ — ୮ ମହୁଲ ଫଳ
୩ ସିଦ୍ଧି ଦୋକାନ — ୯ ଲପାଘାଟ
୪ ମଦର ଦୋକାନ — ୧୦ ମଛଦିଅ
୫ ତାଡ଼ି ଦୋକାନ — ୧୧ ପାଉଣ୍ଡ
୬ ଜଙ୍ଗଲରେ ଉତ୍ପନ୍ନ ଦ୍ରବ୍ୟ — ୧୨ ହାଟ

୧ ହରଡ଼ା — ୬ ସୁନାଘସା ଘର
୨ ବାହାଡ଼ା — ୭ ପଲୁର ଖଣି } ଆନନ୍ଦପୁର
୩ କୋଟଲ୍ଲା — ୮ ପଥର ଖଣି } ସ: ଡି
୪ ଘାଗଡ଼ା ଓ କରଞ୍ଜା (ବା ଟୋଲ)
୫ ପଳାଶୀ ବା ସବାଇ ଘାସ

Keonjhar } Sd. Baikuntha Nath Das
18—2—10 } Superintendent

---

## ବିଜ୍ଞାପନ।

ପୁସ୍ତକ ଗ୍ରନ୍ଥ — ନୂତନମୁଦ୍ରିତ

## ସୁଲକ୍ଷଣା।

ଅଷ୍ଟରଙ୍ଗ ନିବାସୀ ଶ୍ରୀ ନରସିଂହ ପଟ୍ଟନାୟକଙ୍କଦ୍ୱାରା ନାନା ଛନ୍ଦରେ ବିରଚିତ। ଇହା ଉପେନ୍ଦ୍ର ଭଞ୍ଜଙ୍କ ରଚନାଠାରୁ କୌଣସି ଗୁଣରେ ଊଣା ନୁହେ। ଲାବଣ୍ୟବତୀ ଓ କୋଟିବ୍ରହ୍ମାଣ୍ଡସୁନ୍ଦରୀ ପ୍ରଭୃତି ବହି ଲେଖା ପରି କାହାରି ଦେଶର ମନୋରଞ୍ଜନ୍ୟ ସମ୍ପାଦନାର ଉଚିତ ଅବଲମ୍ବନରେ ଏହି ଗ୍ରନ୍ଥ ଲିଖିତ।

ମୂଲ୍ୟ ଟ ୦ ୫

ପ୍ରାପ୍ତିସ୍ଥାନ—କଟକ ପ୍ରିଣ୍ଟିଂକମ୍ପାନୀଙ୍କର ପୁସ୍ତକ ଦୋକାନ ଦରଘାବଜାର କଟକ।

Digitized by srujanika@gmail.com

Split by PDF Splitter




WANTED.

A cash-collecting Agent at Berhampore for a leading Indian Insurance Company. None but those who have had previous experience and are able to write a large new business need apply to "Insurance, Care of Utkal Dipika, Cuttack."

ଭାରତବର୍ଷୀୟ ପ୍ରଧାନ ଇନ୍ସିଓରେନ୍ସ କମ୍ପାନୀର ବରହମପୁରଠାରେ ଟଙ୍କା ଅସୁଲ କରିବା ପାଇଁ ଜଣେ ଏଜେଣ୍ଟ ଆବଶ୍ୟକ । ଯେଉଁମାନଙ୍କର ଏହି କାର୍ଯ୍ୟରେ ଅଭିଜ୍ଞତା ଥିବ ଏବଂ ନୂତନ ବୃହତ୍ ବ୍ୟବସାୟ ବିଷୟରେ ଭଲ ଲେଖି ପାରୁଥିବେ ସେମାନଙ୍କର ଆବେଦନ ଗ୍ରହଣ କରାଯିବ । ନିମ୍ନ ଠିକଣାରେ ଆବେଦନ କରିବାକୁ ହେବ ।

ଇନ୍ସିଓରେନ୍ସ କମ୍ପାନୀ Care of ଉତ୍କଳ-ଦୀପିକା, କଟକ ।

Secretary
Oriental Government Security
Life Assurance Co. Ld
Madras


---

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉ ଅଛି ଯେ ଅତ୍ର ରାଜ୍ୟସ୍ଥ ନିମ୍ନଲିଖିତ ଅଫିମ-ଗଞ୍ଜା-ଦେଶୀ ମଦ୍ୟ-ତମାଖୁ ଓ ଜେରମାନ ସନ ୧୯୧୦-୧୧ ସାଲ ବ ୧ ର୍ଥ ସହାଣ ମାର୍ଚ୍ଚ ମାସ ତା ୧୫ । ୧୬ରଖ ସୋମମଙ୍ଗଳଓ ବୁଧବାର ଦିବା ସ ୧୦ଘଣ୍ଟା ଠାରୁ ଅପରାହ୍ନ ସ ୪ ଘଣ୍ଟା ପର୍ଯ୍ୟନ୍ତ ଅତ୍ର ରାଜ୍ୟ ଗଡ଼ କଚେରୀରେ ପ୍ରକାଶ୍ୟ ନିଲାମ କରାଯିବ ଡାକନ୍ଦମାନେ ଯଥା ସମୟରେ ଉପସ୍ଥିତ ହୋଇ ନିଲାମ ଡାକ ପାରନ୍ତେ । ଯାହାର ସର୍ବୋଚ୍ଚ ଡାକ ହେବ ତାହାଠାରୁ ନିଲାମ ଖତମ ହେଲାମାତ୍ରେ ନିଲାମ ଟଙ୍କାରୁ ଚତୁର୍ଥାଂଶ ଡିପୋଜିଟ ନିଆଯାଇ ପଟ୍ଟା ଦିଆଯିବ ⁄ ଦେଲେ ବାକୀ ନିଲାମ ଡାକଯାଇ କିସ୍ତମତ ଖଜଣା ପୂରଣ ଆଦାୟ କରାଯିବ ଇତି :

ତପସିଲ

| | |
|---|---|
| ସବକାଷ | ଖୋସାମହଲ |
| ଅଫିମ | ବନ୍ୟଜନ୍ତୁ ଶିଙ୍ଗ |
| ଗଞ୍ଜା | ସିମିଳି ତୁଳା |
| ଦେଶୀମଦ୍ୟ | କାଳଣୀ କାଠ |
| ତୋହାଗମାନ | ( ଜଙ୍ଗଲପାସ ) |
| ଗୋମହିଷ ଚମଡ଼ା | ହରିଡ଼ାଫଳ, ଅଁଳାମୂଳ |
| „ ଶିଙ୍ଗ | ବରଡ଼ାଛେଲି, ଅର୍କତୁଳା |
| „ ହାଡ଼ | ହୋଉଲା, ଯବକ୍ଷାର |
| ବନଜାତ | ମତ୍ସ୍ୟଧରାମାନ |
| ବରଡ଼ା-ବାହାଡ଼ା | ଘାଟ, ପେଣ୍ଡ, ହାଟ |
| ଅଁଳା-ବହେଳ | ଧାଉଡ଼ ହାଉଁଷମାନ |
| ହଯାଇ ଘାଟ ( ଫଡ଼ାଏ ) | ହଟର ଝତ୍ରୀଦାରୀ |

ସତା ( ପତ୍ରି-ଭଣ୍ଡି ଚରଣ )
( ଧବଳେଶ୍ୱର କଟକ )
Raja Bahadur
and Feudatory Chief
Atgar

# ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ସନ ୧୯୧୦-୧୧ ମସିହା ବର୍ଷ ନିମନ୍ତେ ଦଶପଲ୍ଲା ରାଜ୍ୟର ନିମ୍ନଲିଖିତ ବଜାରାତ ଦ୍ରବ୍ୟ ପ୍ରଭୃତି ଆଗାମୀ ମାର୍ଚ୍ଚମାସ ତା ୧° ଖଣ ଠାରୁ ତା ୨୧ ଖଣ ସୁଦ୍ଧା କ୍ରମାନ୍ୱୟରେ ଏହି ରାଜ୍ୟର ସଦର କଚେରୀଠାରେ ନିଲାମ କରାଯିବ ସୁତରାଂ ଯେଉଁମାନଙ୍କର ନିଲାମ ଡାକିବାର ଇଚ୍ଛା ଥାଏ ସେମାନେ ପୂର୍ବୋକ୍ତ ତାରିଖମାନଙ୍କରେ ଏବଂ ଉଚିତ ସମୟରେ ଉପସ୍ଥିତ ହୋଇ ନିଲାମ ଡାକ ପାରିବେ କିନ୍ତୁ ଯେଉଁମାନଙ୍କର ଡାକ ସର୍ବୋଚ୍ଚ ହେବ ସେମାନଙ୍କ ନାମରେ ନିଲାମ ଟାହେଲ କରାଯାଇ ନିଲାମ ଟଙ୍କାର ଏକ ଚତୁର୍ଥାଂଶ ଡିପୋଜିଟ ନିଆଯାଇ ଦଖଲ ପଟ୍ଟା ଦିଆଯିବ । ଇତି ।

ତପସିଲ ।

| | |
|---|---|
| ୧ ଅଫିମ | ୨ ଗଞ୍ଜସାହି ଗଞ୍ଜା |
| ୩ ଦେଶୀ ମଦ୍ୟ | ୪ ତାଡ଼ି ଦୋକାନ |
| ୫ ଚମଡ଼ା, ଶିଙ୍ଗ | ୬ହାଡ଼ |
| ୭ ଦଣ୍ଡିହାଟି | ୮ ଜଙ୍ଗଲ<br>ନାଗପୁଣଜଙ୍ଗ ହାଟ |
| ୯ ଘାଟ | ୧୦ ମଛିଧରା |

୧୧ କାଠ

୧୨ ବଜାର ଦ୍ରବ୍ୟ ।

| | |
|---|---|
| ବାହାଡ଼ା | ଅଁଳା |
| ମହୁ | ମହଣ |
| ଖଇର | ଗୁଡ଼ |
| ପଥର | ଛିଣ |
| ଫଳାଣି | ହୋଉଲା |
| ହରିଡ଼ା | ଜୋଷା |
| ବେଲ | ଚୂଣ |
| ଲାକ୍ଷ | କଳୁଣଦ |
| କମଳାଗୁଣ୍ଡି | ସୁନାଉଛଲ |
| ଟୋଲ | ଶେକାସୁ |
| ପାଳୁଅ | ଗେଙ୍ଗୁଟି |

ବରଘୋଲ

Raj office,
Daspalla,
15—2—10

B. BISWAL,
Dewan,
For Rajah.


**Wanted** a plucked F. A. with experience in teaching and knowledge of drill and gymnastics for the post of the Drill Master of the Dhenkanal H. E. School on Rs 25 per mensem. Preference will be given to one who possesses a certificate from the Calcutta Madrasah showing his proficiency in drill and gymnastics. The applications, with testimonials should reach the undersigned on or before the 25th March.

Head master's Office
Dhenkanal
Feudatory
State Orissa
24-2 1910

Anukul Chandra Ghose B.A
Secretary
to the Managing
Committee, High
school P. O Dhenkanal
Cuttack


# ଉତ୍କଳ ଦୀପିକା ।

ଗତ ତା ୨ ଖଣରେ ଶେଷ ହେବା ସପ୍ତାହରେ ଭାରତରେ ପ୍ଲେଗରୋଗ ମୃତ୍ୟୁ ୧୫୨୮୬ ଥିଲା ଯେ ତହିଁ ମଧ୍ୟରେ ଏକା ଯୁକ୍ତ ପ୍ରଦେଶର ଅଙ୍କ ୬୭୦୦ ଓ ଅନ୍ୟାନ୍ୟ ପ୍ରଦେଶ ମଧ୍ୟରେ ପଞ୍ଜାବ ୨୩୧୮ ବଙ୍ଗ ୨୧୨୦ ମଧ୍ୟପ୍ରଦେଶ ୧୭୦୬ ଓ ବମ୍ବଇ ୧୦୧୫ ଥିଲା । ଏକା ପଞ୍ଜାବ ଛଡ଼ା ଅନ୍ୟ ସମସ୍ତ ପ୍ରଦେଶର ମୃତ୍ୟୁ ବଢ଼ିଥିଲା । ପୂର୍ବ ସପ୍ତାହର ମୋଟ ମୃତ୍ୟୁ ୧୪୧୪୪ ଥିଲା ।

---

ବଡ଼ଲାଟ ସଭାରେ ମାନ୍ୟବର ବାହାଦୁର ଙ୍କର ପ୍ରଶ୍ନର ଉତ୍ତରରେ ମାନ୍ୟବର ଉଇଲସନ ସାହେବ ସରକାର ପକ୍ଷରୁ କହିଥିଲେ ଯେ ଖାଦ୍ୟ ଦ୍ରବ୍ୟର ମୂଲ୍ୟ ବୃଦ୍ଧିର ଅନୁସନ୍ଧାନ ସକାଶେ କମିଟୀ ବସାଇବା ପୂର୍ବେ ମୂଲ୍ୟ ବୃଦ୍ଧି ସମ୍ବନ୍ଧୀୟ ତାଲିକା ପ୍ରସ୍ତୁତ କରିବା ପ୍ରଥମେ ଆବଶ୍ୟକ । ସେଥି ପାଇଁ ଅର୍ଥ ବିଭାଗର ଜଣେ ବହୁଦର୍ଶୀ କର୍ମଚାରୀ ଶ୍ରୀଯୁକ୍ତ କୃଷ୍ଣଲାଲ ଦତ୍ତ ନିଯୁକ୍ତ ହୋଇଅଛନ୍ତି । ସେ ଅନୁସନ୍ଧାନ କରି ରିପୋର୍ଟ ଦେଲା ଉତ୍ତାରୁ ଯାହା ଆବଶ୍ୟକ ତାହା ଗବର୍ଣ୍ଣମେଣ୍ଟ କରିବେ ।

---

ଏ ଜିଲା ମାହାଙ୍ଗା ଅନ୍ତର୍ଗତ ଧାରପୁର ଗ୍ରାମନିବାସୀ ଶ୍ରୀ ଅପର୍ତ୍ତିମହାନ୍ତି ନାମକ ଜଣେ ଖୋସବାସ କରଣ ଏକଶତ ଛଅ ବର୍ଷ ବୟସରେ ଗତ ମାସ ତା ୧୩ରଖରେ ପରଲୋକ ଗମନ କଲେ, ସେ ଏପରି ବୟୋବୃଦ୍ଧ ହୋଇଥିଲେହେଁ ଅଙ୍ଗ ଅକ୍ଷମ ହୋଇ ନ ଥିଲେ । ସୁ ଚକ୍ଷୁରେ ଏକମାତ୍ର ଲଙ୍ଗୋଟି ପିନ୍ଧୁଥିଲେ ଓ ଏକଶତ ବର୍ଷ ପର୍ଯ୍ୟନ୍ତ ଆପଣା ବିଲବାଡ଼ିକୁ ଯାଇ କୃଷିକର୍ମ ଦେଖୁଥିଲେ । ଅଧିକାଂଶ ଦାନ୍ତ ଟାଣ ଥିଲା ସେ ମୃତ୍ୟୁର ଅଳ୍ପଦିନ ପୂର୍ବେ ସାମାନ୍ୟ ଗ୍ରହଣୀରୋଗରେ ପୀଡ଼ିତ ହୋଇ ପ୍ରାଣ ତ୍ୟାଗ କଲେ । ବର୍ଷେ

Digitized by srujanika@gmail.com

ହେଲା ବାଡ଼ି ସାହାଯ୍ୟରେ ସାମାନ୍ୟ ଉପାୟରେ କରୁଥିଲେ । ସେ କେବଳ ଅତି ସାଧାରଣ, ସରଳ ଓ ନମ୍ରପ୍ରକୃତି ଥିଲେ ସେହିପରି ଦୀର୍ଘାୟୁ ହେଲେ । ବୃଦ୍ଧକାଳରେ ହେଁ ଅତି ସବଳ ।

---

ଏଠାରେ ର ସନ୍ନିକଟ ଶ୍ରୀ ଅଖିଳେଶ୍ୱର ମହାଦେବ ଠାକୁର ନିମନ୍ତେ ମନ୍ଦିରଦ୍ୱାରରେ ଯାତ୍ରୀ ନେଇ ଯାଜକଙ୍କ ଗଡ଼ିବାର ସୁବିଧା ଅନେକ ଟଙ୍କା ଖର୍ଚ୍ଚ ଏବଂ ଦେହରେ ଦୁଃଖ ଘଟିଅଛି । ଏଥିରେ ଲୋକେ ବଡ଼ ଅସନ୍ତୁଷ୍ଟ ଥିବାର ଜଣାଯାଏ ମନ୍ଦିରର ଅଧିକାରୀ ଜଣେ ବ୍ରାହ୍ମଣ ବିଦ୍ୱାନ୍ ଓ ଧର୍ମପରାୟଣ ଅଠଗଡ଼ର ରାଜା ଥିବା ପ୍ରତ୍ୟକ୍ଷେ ଜନସାଧାରଣର ଅସନ୍ତୋଷପ୍ରତି ତାହାଙ୍କର ମୌନ ରହିବା ଯୁକ୍ତିସଙ୍ଗତ ବୋଧ ହେଉନାହିଁ । ଏପରି ଦର୍ଶନୀ ମାସୁଲ ଯେବେ ସେ ବସାଇ ଅଛନ୍ତି ତେବେ ତହିଁର ତହସିଲ ବନ୍ଦୋବସ୍ତ ମନ୍ଦିରଦ୍ୱାରରେ ଏବଂ ଅନ୍ୟ ସୁବିଧାସ୍ଥାନରେ ଘାଟମାସୁଲ ଉଠାଇବା ପରି ହେବା ଓ ନିଷେଧ ଥିଲେ ତହିଁର ବନ୍ଦୋବସ୍ତ ମଧ୍ୟ ସେହିପରି କରିଦେବାକୁ ଏହାଙ୍କୁ ଅନୁରୋଧ କରୁ । ତାହା ହେଲେ ତାହାଙ୍କି ଭ୍ରମ ବା ଅସନ୍ତୋଷ ରହିବ ନାହିଁ ।

---

ପାଟିଆଲା ରାଜଦ୍ରୋହ ମୋକଦ୍ଦମାର ଯେତେ ଅସାମୀ ବିରୁଦ୍ଧରେ ପ୍ରମାଣ ନ ଥିବାରୁ ପୂର୍ବେ ଖଲାସ ପାଇଥିଲେ । ଅବଶିଷ୍ଟ ଅସାମୀଗଣ ମହାରାଜା ଅଥବା ଇଂରେଜ ଗବର୍ଣ୍ଣମେଣ୍ଟ ବିରୁଦ୍ଧରେ ବିଦ୍ୱେଷ ଭାବ ରଖୁ ନ ଥିବ ଓ ସେମାନଙ୍କର କୌଣସି କଥା ବା କାର୍ଯ୍ୟ ହେତୁ ସେମାନଙ୍କ ପ୍ରତି ସନ୍ଦେହ ହେଉଥିଲେ ତହିଁପାଇଁ ସେମାନେ ଦୁଃଖିତ ହୋଇ କ୍ଷମା ପ୍ରାର୍ଥନା କରନ୍ତେ ମହାରାଜା ସେମାନଙ୍କୁ କ୍ଷମା କରି ମୋକଦ୍ଦମା ଉଠାଇ ନେବାଦ୍ୱାରା ଛାଡ଼ି ଦେଲେ ମାତ୍ର ସେମାନଙ୍କ ମଧ୍ୟରୁ ଯେଉଁମାନେ ମହାରାଜାଙ୍କ ସରକାରରେ ଚାକିରି କରୁଥିଲେ ସେମାନଙ୍କୁ ବରଖାସ୍ତ କଲେ ଏବଂ ସେମାନଙ୍କ ସହିତ ସମସ୍ତ ଅସାମୀ ପ୍ରତି ଏକ ସପ୍ତାହମଧ୍ୟରେ ପାଟିଆଲା ରାଜ୍ୟରୁ ବାହାରି ଯିବାର ଆଦେଶ ହୋଇଅଛନ୍ତି । ଏଥିରେ ଅନେକ ଅସାମୀ ଖଲାସ ହେଲେ ବୋଲିବା ବାହୁଲ୍ୟ । କ୍ଷମାଟି ସମ୍ପୂର୍ଣ୍ଣ ହୋଇଥିଲେ ସୁନ୍ଦର ହୁଅନ୍ତା ।

---

ଗତ ୧୯୦୯ ସାଲର ଆଖୁ ଫସଲର ସରକାରୀ ଏଷ୍ଟିମେଟ ବାହାରିଅଛି । ବଙ୍ଗପ୍ରଦେଶରେ ୪ଲକ୍ଷ ଏକର ଜମିରେ ଏ ଫସଲ ସାଧାରଣତଃ ହୋଇଥାଏ । ସନ ୧୯୦୮ ସାଲରେ ୩ଲକ୍ଷ ୭୫ ହଜାର ଏକର ମାତ୍ର ସନ ୧୯୦୯ ସାଲରେ ୩ଲକ୍ଷ ଏକର ରୁଆ ହୋଇଥିଲା । ଆଖୁ ଲଗଇବା ସମୟରେ ଜଳ ବର୍ଷା ନ ହେବାରୁ ଉଣା ପଡ଼ିଅଛି । ଆଖୁ ଛଡ଼ା ଖେଜୁରୀ ଓ ତାଳଗୁଡ଼ ବଙ୍ଗପ୍ରଦେଶରେ ହୁଅଇ । ସକଳ ମିଶି ଏ ବର୍ଷ ୨୭୫ ଲକ୍ଷ ଟନର ଗୁଡ଼ ଏ ବର୍ଷ ଉତ୍ପନ୍ନ ହେବାର ଆଶା ଅଛି । ବଙ୍ଗପ୍ରଦେଶରେ କେଉଁଠାରେ ଓ ପାଟନା ବିଭାଗରେ ବିଶେଷ ଆଖୁ ହୁଏ । ଓଡ଼ିଶା ବିଭାଗର କଟକରେ ୩୧୦୦, ବାଲେଶ୍ୱରରେ ୨୦୦୦ ଅନୁଗୁଳରେ ୨୩୦୦ ପୁରୀ ୩୧୦୦ ଏବଂ ସମ୍ବଲପୁରରେ ୩୭୦୦ ଏକର ଜମିରେ ଏ ବର୍ଷ ଆଖୁ ହୋଇଥିଲା । ସୁତରାଂ ଏହା ବର୍ତ୍ତମାନର ଆଖୁ ରୁଆ ୧୫ହଜାର ଏକରରୁ ସମସ୍ତ ଓଡ଼ିଶା ସମାନ ନୁହେ ।

---

ସ୍ଥାନାନ୍ତରେ ପ୍ରକାଶିତ ତାଲିକାରେ ପାଠକମାନେ ଦେଖିବେ ଯେ ଉତ୍କଳ ସମ୍ମିଳନୀର ଚାନ୍ଦାଦାତାମାନେ ଚାନ୍ଦା ଦେବାରେ ମନୋଯୋଗୀ ହୋଇଅଛନ୍ତି । ସମ୍ମିଳନୀ ପ୍ରତି ସାଧାରଣଙ୍କର ଆସ୍ଥା ଓ ଅନୁରାଗର ଏହା ଉତ୍ତମ ପ୍ରମାଣ ଅଟେ । ଆଦାୟ ହେବା ଚାନ୍ଦା ମଧ୍ୟରେ ବାର୍ଷିକ ଚାନ୍ଦା ଅଧିକ ଏବଂ କେହି୨ ପ୍ରଥମ ବର୍ଷର ଦେଣ ପରିଶୋଧ କରି ୨ୟ ବର୍ଷରୁ ଦେବାର ଆରମ୍ଭ କରିଅଛନ୍ତି । ସମ୍ମିଳନୀର କର୍ମକର୍ତ୍ତୃମାନେ ପ୍ରଥମରୁ ଏହିପରି ଚେଷ୍ଟା କରିଥିଲେ ଅନେକ ଅଧିକ ସୁଫଳ ହୋଇଥାନ୍ତା । ଏପର୍ଯ୍ୟନ୍ତ ଯେତେ ଟଙ୍କା ଆଦାୟ ହୋଇଅଛି ତହିଁରେ ଏତାଧିକ ଛାତ୍ର ବୃତ୍ତି ଆଦାୟୀରେ ଦିଆଯାଇ ପାରେ ଏବଂ ଅଣ୍ଟା ହୁଅଇ ବ୍ୟୟ ହେବାର ଦେଖିଲେ ଚାନ୍ଦା ସ୍ୱାକ୍ଷରକାରୀ ଏବଂ ଅନ୍ୟ ଲୋକମାନେ ସାହାଯ୍ୟ ଦେବାରେ ଅଧିକ ତତ୍ପର ହେବେ । ସମ୍ମିଳନୀର କାର୍ଯ୍ୟ ବର୍ଷାଧିକ କାଳ ଅଗ୍ରସର ନ ହେବାର ଦୋଷୀ ଜନସାଧାରଣ ନ ଥାଇ ସମ୍ମିଳନୀର କର୍ମକର୍ତ୍ତାମାନେ ଥିବାର ଏଥିରୁ ଉତ୍ତମରୂପେ ବୁଝାଯାଉଅଛି ।

---

ଏ ନଗରର ପଶ୍ଚିମକୋଣ ଅଲ୍ପ ଦୂରତା ଗ୍ରାମରେ ମାସକ ୪୦ ଙ୍କ ହେବ ଗୋଟିଏ ଅପ-ରଥ୍ୟାଟମେଣ୍ଟ ଦୂର ସେହି ଗ୍ରାମବାସୀ ହକିମଶ୍ରୀ ବାବୁ ନାରାୟଣ ଦତ୍ତ ସ୍ଥାନୀୟ ଜନ ରଙ୍କର ସମ୍ପାଦକ ପଦରେ ରହି ବହୁ ଯତ୍ନ ଓ ଉତ୍ସାହ ସହକାରେ ତାହାକୁ ସାମାନ୍ୟ ଅବସ୍ଥାରୁ ଉନ୍ନତ ଶ୍ରେଣୀକୁ ଆଣିଅଛନ୍ତି ଏବଂ ତହିଁ ସହାୟେ ସରକାର ଓ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଗୋଟିଏ ସ୍ଥାୟୀ ଗୃହ ନିର୍ମାଣ କରିଦେଇଅଛନ୍ତି । ବର୍ତ୍ତମାନ ବାର୍ଦ୍ଧକ୍ୟ ହେତୁ ସମ୍ପାଦକ ପଦ ତ୍ୟାଗ କରିବାରୁ ଗତ ସୋମବାର ଶ୍ରୀପଞ୍ଚମୀ ଦିନ ତାହାଙ୍କୁ ସମ୍ମାନରେ ବିଦାୟ ଦେବା କାରଣ ଛାତ୍ରଗଣ ସରସ୍ୱତୀ ପ୍ରତିମା ପୂଜା କରିଥିଲେ ଓ ଶିକ୍ଷକମାନଙ୍କ ଗୃହରେ ଗୋଟିଏ ସଭା ହୋଇଥିଲା ; ସ୍ଥାନୀୟ ଅନେକ ଭଦ୍ରଲୋକ ସଭାରେ ଯୋଗ ଦେଇଥିଲେ ଏବଂ ବାବୁ ଗୋବିନ୍ଦଚନ୍ଦ୍ର ଦେ ସଭାପତି ହୋଇଥିଲେ । ଦତ୍ତ ମହାଶୟଙ୍କ ଗୁଣାବଳୀ ବର୍ଣ୍ଣିତ ପଦ୍ୟପାଠ ଓ ସଙ୍ଗୀତାଦି ଉପରୁ ଛାତ୍ରଗଣଙ୍କ ପ୍ରସ୍ତୁତ ମାନପତ୍ର ଦିଆଯାଇଥିଲା । ଦେଶରେ ଚଳିଥିବା ପର୍ଯ୍ୟନ୍ତ ସ୍ଥାନୀୟ ଶିକ୍ଷା ବିସ୍ତାର ସହାୟେ ଏତାଧିକମେ ଦୃଢ଼ତା ନମ୍ରତା ଦୀର୍ଘକାଳ ଯତ୍ନ ଓ ପରିଶ୍ରମ ଦ୍ୱାରା ସଫଳତା ଦେଖାଇବା ଅବଶ୍ୟ ପ୍ରଶଂସାର ବିଷୟ ଏବଂ ଅନୁକରଣୀୟ ।

---

ଆମ୍ଭମାନଙ୍କ ସମ୍ରାଟଙ୍କ ପ୍ରତି ମନେରଖି ଅଭୁତ ରକ୍ଷିବା ଉଦ୍ଦେଶ୍ୟରେ ବଙ୍ଗଳାର କେତେକ ସମ୍ଭ୍ରାନ୍ତ ଲୋକେ ମିଳି "ଇମ୍ପେରିଆଲ ଲିଗ" ନାମକ ଗୋଟିଏ ସମିତି ସ୍ଥାପନ କରିଅଛନ୍ତି । ବର୍ତ୍ତମାନର ମହାରାଜାଧିରାଜ ତହିଁର ସଭାପତି ଏବଂ ମହାରାଜା ସର ପ୍ରଦ୍ୟୋତକୁମାର ଠାକୁର ସମ୍ପାଦକ ହୋଇଅଛନ୍ତି । ଏଥିର ସଭ୍ୟସଂଖ୍ୟା ଶତାଧିକ । ସେମାନଙ୍କ ମଧ୍ୟରେ ଓଡ଼ିଶାର ମାନ୍ୟବର ମଧୁସୂଦନ ଦାସ ସି, ଆଇ, ଇ, ମାନ୍ୟବର କନିକାର ରାଜା ବାବୁ ଜାନକୀନାଥ ବସୁ, ବାବୁ ଗୋକୁଳାନନ୍ଦ ଚୌଧୁରୀ, ବାବୁ ବିଶ୍ୱନାଥ ସିଂହ, ବାବୁ ଜଗତ୍‌ବନ୍ଧୁ ଘୋଷ, ବାବୁ ଯୋଗେନ୍ଦ୍ରନାଥ ବସୁ, ଏବଂ ବାବୁ ଶଶିଭୂଷଣ ବସୁ ପୁରୀର ବାବୁ ରାସବିହାରୀ ନାୟକ, ବାଲେଶ୍ୱରର ରାଜା ବୈକୁଣ୍ଠନାଥ ଦେ ବାହାଦୁର, ବାବୁ ନରେନ୍ଦ୍ରନାରାୟଣ ରାୟ ମହାଶୟ, ଡାକ୍ତର ଅବଧୂତ ସୋବରଣା, ବାବୁ ଗୋବିନ୍ଦପ୍ରସାଦ ଦାସ, ବାବୁ ଭୋଳାନାଥ ସାମନ୍ତରାୟ, ବାବୁ କୃଷ୍ଣପ୍ରସାଦ ବସୁ, ବାବୁ ମନ୍ମଥନାଥ ଦେ ଏବଂ ବାବୁ ଉପେନ୍ଦ୍ରଚନ୍ଦ୍ର ବସୁ ଓ କେନ୍ଦ୍ରାପଡ଼ାର ବାବୁ ରଘୁନାଥ ଘୋଷଙ୍କର ନାମ ଦେଖି ସୁଖୀ ହେଲୁଁ ।

---

ବସ୍ତରଠାରେ ଆଦିମ ମୁଡ଼ିଆ ଜାତୀୟ ଲୋକେ ମେଳ ବାନ୍ଧି ଯେଉଁ ବିଦ୍ରୋହ ଉପସ୍ଥିତ କରିଅଛନ୍ତି ତତ୍ସମ୍ବନ୍ଧରେ ସମ୍ବାଦ ମିଳଇ ଯେ ତାହା ନିବାରଣ କରିବାକାରଣ ରାୟପୁର ସାହେବ ୧୩୦ ଜଣ ସୈନିକ ପୁଲିଶ ନେଇ ବସ୍ତରର ପ୍ରଧାନ ଛତିଶଗଡ଼ର ପୋଲିଟିକାଲ ଏଜେଣ୍ଟ ଓଡ଼୍‌ନେଟ ସାହେବଙ୍କ ସଙ୍ଗେ ତା ୨୬ ରିଖରେ ଜଗଦଲପୁରରେ ପହୁଞ୍ଚ ଦେବାରେ ପହଞ୍ଚିବାବେଳେ ବିଦ୍ରୋହୀମାନେ ବାଧା ଦେବାରୁ ଯୁଦ୍ଧରେ ୭୫ ଜଣ ବିଦ୍ରୋହୀ ହତ ହେଲେ । ଜଗଦଲପୁରର ଚତୁର୍ଦ୍ଦିଗରେ ବହୁ ସହସ୍ର ମୁଡ଼ିଆ ବେଢ଼ି ରହିଅଛନ୍ତି ଏବଂ ତାଙ୍କର ସଂଖ୍ୟା କ୍ରମାଗତ ବଢ଼ିଅଛି । ସେଥିପାଇଁ ରାୟପୁର ସାହେବଙ୍କ ସାହା-

Split by PDF Splitter
Digitized by srujanika@gmail.com

Split by PDF Splitter



ସ୍ୟାର୍ଟ ରାଜ୍ୟର ଅନ୍ତର୍ଗତ ଏ ନଗରରୁ ୧୬୦ ଶ ସୈନିକ ପ୍ରାଣ ରକ୍ଷା ଚାହିଁ ଅଛନ୍ତି । ତନ୍ମଧ୍ୟରୁ ମାନ୍ଦାଜର ପ୍ରାଣ ସାହାଯ୍ୟ କରୁଅଛନ୍ତି । ଜଙ୍ଗଲ ସ୍ୱରର ସେନାପତି ଦୁଇ କୁମ୍ପାନି ପଲଟଣ ସେନା-ବିଦ୍ରୋହ ଦମନାର୍ଥ ତ୍ୱଳ ବନ୍ଧୁକ ଖଣ୍ଡର ପଠାଉଅଛନ୍ତି । ଏମାନେ ଧାମନଗରଠାରୁ ରେଲରେ ଆସି ସେଠାରୁ ଜଙ୍ଗଲ ବାଟ ୧୦୦ ମାଇଲ ଅତିକ୍ରମ କରି ବିଦ୍ରୋହ ସ୍ଥାନରେ ଉପସ୍ଥିତ ହେବେ । ମେଳର କାରଣ ଅବଧି ଜଣାଯାଇ ନାହିଁ ।

—*—

ବିଲାତ ପାର୍ଲିଆମେଣ୍ଟ ସଭାର ନୂତନ ନିର୍ବାଚନ ଶେଷ ହୋଇ ନିର୍ବାଚିତମାନେ ଶପଥ ଗ୍ରହଣପୂର୍ବକ କାର୍ଯ୍ୟ ହୋଇଅଛନ୍ତି । ଏଥର ନିର୍ବାଚନରେ ୨୭୪ ଜଣ ଲିବରଲ ୨୭୩ ଜଣ ଇଉନିୟନିଷ୍ଟ ୪୧ ଜଣ ଲେବର ବା ଶ୍ରମଜୀବୀ ଦଳର ଏବଂ ୮୨ ଜଣ ଆଇରଲଣ୍ଡର ନାସନାଲିଷ୍ଟ ସଭ୍ୟ ହୋଇଅଛନ୍ତି । ଏଥିରୁ ଦେଖାଯାଏ ଯେ ସନ ୧୯୦୬ ସାଲରୁ ଲିବରଲମାନେ ଯେ ପ୍ରାଧାନ୍ୟ ଲାଭ କରି ଥିଲେ ବର୍ତ୍ତମାନ ତାହା ନାହିଁ । ଇଉନିୟନିଷ୍ଟଦଳ ଅପେକ୍ଷା ଲିବରଲ ଦଳର ସଭ୍ୟ କେବଳ ଏକଜଣ ଅଧିକ । ଏଥିରେ ସେ ଦଳର କେବଳ ମାତ୍ରକ ହେଲେ ଏବଂ ଶାସନ ଭାର ହାତରେ ରଖିପାରିଲେ ମଧ୍ୟ ଲେବର ଓ ନ୍ୟାସନାଲିଷ୍ଟ ଦଳର ସାହାଯ୍ୟ ବିନା କାର୍ଯ୍ୟ ଚଳାଇବାକୁ ସମର୍ଥ ହେବା ସମ୍ଭବ ନୁହେ । ଏଥିପାଇଁ କେତେଲୋକଙ୍କର ଧାରଣା ଯେ ଏ ଦଳ ଅଧିକ ଦିନ ଶାସନଭାର ପରିଚାଳନ କରି ପାରିବେ ନାହିଁ ଓ ଅଳ୍ପଦିନପରେ ସମ୍ଭବତଃ ଏହି ବର୍ଷମଧ୍ୟରେ ପୁନର୍ବାର ନିର୍ବାଚନ ହେବ । ଯାହାହେଉ ବର୍ତ୍ତମାନ ଲିବରଲଦଳ ହାତରେ ଶାସନଭାର ରହିଲା । ଗତ ତା ୨୧ ରିଖରେ ପ୍ରବଳ ପ୍ରତାପ ସମ୍ରାଟ ଯଥାକ୍ରମରେ ନବଗଠିତ ପାର୍ଲିଆମେଣ୍ଟର କାର୍ଯ୍ୟାରମ୍ଭ କରିଦେଲେ । ସମ୍ରାଟଙ୍କର ବକ୍ତୃତାରେ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ଭାରତ ବ୍ୟବସ୍ଥାପକ ସଭା ସଂସ୍କାର ତଥା ସୁଖ ପାଇଥିଲା ଓ ତାହା ସନ୍ତୋଷ ଜନକ ହୋଇଥିବାର ଆଶ୍ୱାସରେ ବ୍ୟକ୍ତ କଲେ । ବର୍ତ୍ତମାନ ଲିବରଲଦଳ ହସ୍ତରେ ଶାସନଭାର ରହିଲା ଏବଂ ଲର୍ଡ ମର୍ଲି ଭାରତର ଷ୍ଟେଟ ସେକ୍ରେଟରୀ ପଦରେ ସ୍ଥିର ରହିଲେ ଭାରତ ପକ୍ଷ ଏହା ସୁମଙ୍ଗଳ ଅଟେ ।

———

ଅଲିପୁର ବମ୍ ମୋକଦ୍ଦମାରେ ଯେଉଁ ପାଞ୍ଚଜଣ ଆସାମୀଙ୍କୁ କଲିକତା ହାଇକୋର୍ଟର ପ୍ରଧାନ ବିଚାରପତି ଅପରାଧର ପ୍ରମାଣ ଅଭାବ ହେତୁ ଖଲାସ ଦେଲା ମାତ୍ର ତାହାଙ୍କର ସଙ୍ଗୀ ବିଚାରପତି ଦୁଇଜଣ ଦୋଷୀ ବୋଲି ଦଣ୍ଡ ଦେବାର ହେତୁ ତରଫାରେ ମତଭେଦ ହେତୁ ଅନ୍ୟ ବିଚାରପତି ହାରିଂଟନଙ୍କ ଶେଷ ବିଚାର ସମର୍ପଣ ଅର୍ପିତ ହୋଇଥିଲା । ଶେଷ ଲିଖିତ ବିଚାରପତି ମହୋଦୟ ଉଭୟ ପକ୍ଷର ବାରିଷ୍ଟରମାନଙ୍କର ବାଦ ପ୍ରତିବାଦ ଶୁଣି ଓ କାଗଜ ପତ୍ର ଦେଖି ସେହି ୫ ଜଣ ଆସାମି ମଧ୍ୟରୁ କୃଷ୍ଣଜୀବନ ସାନ୍ୟାଲ, ସୁଶୀଲକୁମାରସେନ ଏବଂ ଇନ୍ଦ୍ରନାଥ ନନ୍ଦୀ ଏହି ତିନି ଜଣଙ୍କୁ ମାନ୍ୟବର ପ୍ରଧାନ ବିଚାରପତିଙ୍କ ସଙ୍ଗେ ଐକ୍ୟ ହୋଇ ମୁକ୍ତ ଦେଇଅଛନ୍ତି ଏବଂ ଅନ୍ୟ ବିଚାରପତିଙ୍କ ସହିତ ଐକ୍ୟ ହୋଇ ଶୈଳେନ୍ଦ୍ରନାଥ ବୋଷ ଏବଂ ବୀରେନ୍ଦ୍ରଚନ୍ଦ୍ର ସେନ ଏହି ଦୁଇଜଣ ଆସାମିଙ୍କୁ ଦୋଷୀ ସାବ୍ୟସ୍ତ କରି ଯଥାକ୍ରମେ ୭ବର୍ଷ କଠିନ ପରିଶ୍ରମଯୁକ୍ତ କାରାଦଣ୍ଡ ଏବଂ ୧୦ ବର୍ଷ ଦ୍ୱୀପାନ୍ତର ଦଣ୍ଡ ବିଧାନ କରିଅଛନ୍ତି । ସନ ୧୯୦୮ ସାଲ ମଇ ମାସରେ ଏ ମୋକଦ୍ଦମା ଉତ୍ପନ୍ନ ହୋଇ ଏକବର୍ଷ ୯ ମାସରେ ଶେଷ ନିଷ୍ପତ୍ତି ହେଲା । ଏ ମାମଲା ଅତ୍ୟନ୍ତ ଜଟିଳ ଥିବା ଏବଂ ପୁଲିସ ଏହା ଧରିବାରେ ବିଶେଷ ଦକ୍ଷତା ପ୍ରକାଶ କରିଥିବାର ବିଚାରପତି ମହୋଦୟ ଆପଣା ରାୟରେ ଲେଖିଅଛନ୍ତି ।

———

'ଉତ୍କଳଷ୍ଟାର' ଯୋଗେ ବାବୁ ଶଶିଭୂଷଣ ରାୟ ସର୍ବସାଧାରଣଙ୍କୁ ଜଣାଇଅଛନ୍ତି ଯେ ତାହାଙ୍କର ପିତା ସ୍ୱର୍ଗୀୟ ଗଗନଙ୍କର ସ୍ମରଣାର୍ଥ ଯେଉଁ ସମାଧି ପ୍ରତିଷ୍ଠା କରିଅଛନ୍ତି ତହିଁର ସମସ୍ତ ବ୍ୟୟ ଓଡ଼ିଶାର ଜଣେ ବଦାନ୍ୟବର ପ୍ରଦାନ କରି ଅଛନ୍ତି ଯେ ସେ ମୃତ ମହାତ୍ମାଙ୍କ ଅନୁରକ୍ତ ଭକ୍ତ ଅଟନ୍ତି । ତାହାଙ୍କର ଇଚ୍ଛାମତେ ସେ ତାହାଙ୍କର ନାମ ପ୍ରକାଶ କରନ୍ତି ନାହିଁ । ତାହାର ଇଚ୍ଛା ଗ୍ରହଣୀୟ ଅବଶ୍ୟ ପାଳନୀୟ ମାତ୍ର ଏପରି କାର୍ଯ୍ୟରେ ନାମ ପ୍ରକାଶ ହେବା ସାଧାରଣ ଶିକ୍ଷା ଓ ଉତ୍ସାହର ପ୍ରବର୍ତ୍ତକ । ଏଣୁ ଆମ୍ଭେମାନେ ଯାହା ଶୁଣିଅଛୁ ତାହା ପ୍ରକାଶ କରିବା କର୍ତ୍ତବ୍ୟ ମନେକରୁଁ । ତାହା ଏହି ଯେ ଏ ନଗରର ଗୁଣୀ ଶ୍ରେଷ୍ଠ ମାନ୍ୟବର ମଧୁସୂଦନ ଦାସ ସି, ଆଇ ଇ ଉକ୍ତ ସମାଧିନିର୍ମାଣର ସମସ୍ତ ବ୍ୟୟ ଟ ୩୦୦ଙ୍କା ଦେଇ ଅଛନ୍ତି ।

———

ପୂର୍ବ ପୂର୍ବ ବର୍ଷମାନଙ୍କ ପ୍ରାୟ ଏବର୍ଷ ଗତ ଶ୍ରୀପଞ୍ଚମୀ ଉପଲକ୍ଷେ ଏ ନଗରର ଟାଉନହଲରେ ସୋମବାର ପଞ୍ଚମୀଠାରୁ ଶନିବାର ଦଶମୀ-ପର୍ଯ୍ୟନ୍ତ ୭ ଦିନ ନାଟକାଭିନୟ ହୋଇଥିଲା । ଅଭିନୀତ ନାଟକମାନଙ୍କ ମଧ୍ୟରୁ ବାବୁ ଭିକାରୀଚରଣ ପଟ୍ଟନାୟକଙ୍କ ବତ୍ସହରଣ ନାଟକର ଅଭିନୟ ପ୍ରଥମ ହୋଇ ଏଠା ରଙ୍ଗମଞ୍ଚରେ ଦେଖାଗଲା । ନାଟକପ୍ରଣେତା ସ୍ୱୟଂ ସଭାସ୍ଥଳରେ ଉପସ୍ଥିତ ଥିବାରୁ ଅଭିନେତାମାନେ ଉତ୍ସାହସହକାରେ ଅଭିନୟ ଦେଖାଇଥିଲେ ଏବଂ ବାଳକ ଓ ନଗରବାସୀ ଲୋକ ଏବଂ ଯାତ୍ରୀଙ୍କର ଅଭିନୟ ଭଲ ହୋଇଥିଲା । ନାଟକପ୍ରଣେତା ନାଟ୍ୟକଳା ରଙ୍ଗମଞ୍ଚୋପଯୋଗୀ କରିବାକୁ ଯେଉଁ ଯେଉଁ ସ୍ଥାନରେ ଯତ୍ନ କରିଅଛନ୍ତି ତାହା ଏଠାରେ ସ୍ପଷ୍ଟ ଦେଖାଗଲା ଏବଂ ଦ୍ୱିତୀୟ ସଂସ୍କରଣରେ ଏ ଦୋଷ ସଂଶୋଧିତ ହେଲେ ଆମ୍ଭେମାନେ ସୁଖୀ ହେବୁଁ । ଅନ୍ୟ ନାଟକମାନଙ୍କ ଅଭିନୟ ପୂର୍ବାପେକ୍ଷା ଭଲ ହୋଇଥିଲା ଏବଂ ଦର୍ଶକମାନଙ୍କର ଭିଡ଼ ଏମନ୍ତ ହୋଇଥିଲା ଯେ ସେମାନଙ୍କୁ ସମ୍ଭାଳି ରଖିବା କଷ୍ଟକର ହେଲା । ଦଶକୋଶ ବାଟରୁ ଥିଏଟର ଦେଖିବାକୁ ଲୋକେ ଆସିଥିଲେ ଏବଂ ସମସ୍ତେ ଦେଖି ଆନନ୍ଦ ପ୍ରକାଶ କରିଅଛନ୍ତି । ଏରୂପେ ଲୋକଙ୍କର ରୁଚି ପରିମାର୍ଜିତ କରିବା ଅଶେଷ ପ୍ରଶଂସାର ବିଷୟ ଏବଂ ସେଥିପାଇଁ ସେଠା ମହନ୍ତ ତପୋନିଧି ରଘୁନାଥପୁରୀ ଗୋସାଇଁଙ୍କର ଅଦମ୍ୟ ଉତ୍ସାହ ଥିବାରୁ ଆମ୍ଭେମାନେ ତାଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରୁଅଛୁଁ । ଦୋଳ ପରେ ଏ ଥିଏଟର ଦଳ କଲିକତାକୁ ଯାଇ ଅଭିନୟ କରିବାର କଳ୍ପନା କରୁଅଛନ୍ତି ।

—:o:—

ସମ୍ବଲପୁର ହିତୈଷିଣୀରେ ଗତ ସମ୍ବଲପୁର ପ୍ରଦର୍ଶନୀର ବିସ୍ତାରିତ ବିବରଣ ପ୍ରକାଶ ହୋଇଅଛି । ସେହି ପ୍ରଦର୍ଶନୀ ଗତମାସ ତା ୨୩ ରିଖରେ ଫେଷ୍ଟ ବୁଲଡଲରେ ଶେଷ ହୋଇଥିଲା । ବଙ୍ଗ କୃଷିବିଭାଗର ଡାଇରେକ୍ଟର ସଭାପତି ହୋଇ ଉଦ୍‌ଘାଟନ କାର୍ଯ୍ୟ ସମ୍ପନ୍ନ କରିଥିଲେ । ୪ ଟା ରକମ ୧୫୦ ସାର୍ଟିଫିକେଟ ଓ ପ୍ରାୟ ୫୧୦୦ଟଙ୍କା ପୁରସ୍କାର ଦିଆଯାଇଥିଲା । ଓଡ଼ିଶାର କୃଷିଡାଇରେକ୍ଟର ମାନଙ୍କ ଲଣ୍ଠନରେ କୃଷିଯନ୍ତ୍ର ଓ ପ୍ରକ୍ରିୟାର ଛବି ଦେଖାଇଥିଲେ । ଗ୍ରାମ୍ୟ ବସ୍ତ୍ରକାର୍ଯ୍ୟାଳୟର ପ୍ରିନ୍ସିପାଲ ସାହେବ ଏ ପ୍ରଦର୍ଶନୀ ଦେଖିବାକୁ ଆସିଥିଲେ । ସଭାପତି ଡାଇରେକ୍ଟର ମହାଶୟ ନିଜ ବକ୍ତୃତାରେ ତାହାଙ୍କ ମଧ୍ୟରେ କହିଲେ ଯେ ବଙ୍ଗଳାର ଅନ୍ୟାନ୍ୟସ୍ଥାନର ପ୍ରଦର୍ଶନୀ ଅପେକ୍ଷା ଏହି ଅଂଶରେ ଉତ୍କୃଷ୍ଟ ଅଟେ ଏବଂ ଏ ସେଠାରେ ଗୋଟିଏ ଆଦର୍ଶ କୃଷିକ୍ଷେତ୍ର ସ୍ଥାପନର ଆଶା ଦେଇଅଛନ୍ତି ।

ସନ ୧୯୦୯ । ୧୦ ସାଲ ଫର୍ଚାରୁ ଜାଣିବାକୁ ବଙ୍ଗପ୍ରଦେଶର ଶାରଦ ଫସଲର ସରକାରୀ ଶେଷ ଏଷ୍ଟିମେଟ ଏହି ଯେ ଗତ ବର୍ଷ ୧୬୯ ଲକ୍ଷ ଏକର ଜମି ଆବାଦ ହୋଇଥିଲା । ମାତ୍ର ଏବର୍ଷ ପୂର୍ବାପେକ୍ଷା ଅବାଦଜମିର ପରିମାଣ ୨୧ ଲକ୍ଷ ହୋଇଥିଲା ସାଧାରଣତଃ ୨୦୬ ଲକ୍ଷ ଏକର ଜମିରେ ଶାରଦ ଫସଲ ହୁଏ । କେତେକ ସ୍ଥାନରେ ଉତ୍ପନ୍ନ କମ ହୋଇଥିଲେହେଁ ସବୁ ମିଶି ଯୋଗେ ଅଧିକାଂଶ

Digitized by srujanika@gmail.com

Split by PDF Splitter



ସ୍ଥଳରେ ଉତ୍ତମ ଫସଲ ହୋଇଥିଲା ଏବଂ ମୋଟ ଉତ୍ପନ୍ନ ସାଧାରଣ ବର୍ଷରୁ ପ୍ରାୟ ଶତକଡ଼ା ୧୦ ବଢ଼ିଥିଲା । ଏଥିରୁ ଜଣାଯାଏ ଏବର୍ଷ ୨୫ କୋଟି ହନର ଚାଉଳ ଅମୁ ହେବ । ଗତବର୍ଷର ଅମୁ ୧୪ କୋଟି ହନର ଥିଲା । ଓଡ଼ିଶାର ଭିନ୍ନ ଭିନ୍ନ ଜିଲ୍ଲାମଧ୍ୟରେ ଏବା ସମ୍ବଲପୁରରେ ଷୋଳଅଣ ଏବଂ କଟକ ଓ ବାଲେଶ୍ୱରରେ ବହୁଁ ଲ ଜଳ ବା ଚୂଳ ଛନ ପଇଷା ଉଣା ମାତ୍ର ପୁରୀ ଓ ଅନୁଗୁଳରେ ଚୌଦଅଣା ଫସଲ ହୋଇଅଛି ।

———:୦:———

ଗତ ତା ୨୦ ରଖ ରବିବାର ଅପରାହ୍ନ ୫ ଘଣ୍ଟା ସମୟରେ ପୁରୀ ଶ୍ରୀ ମନ୍ଦିର ମୁକ୍ତିମଣ୍ଡପ ଲାଇବ୍ରେରୀ ଗୃହରେ "ଶ୍ରୀ ମୁକ୍ତିମଣ୍ଡପ ପଣ୍ଡିତ ସଭା"ର ଏକ ଅଧିବେଶନ ହୋଇଥିଲା । ଗୋବର୍ଦ୍ଧନ ମଠାଧୀଶ ପୂଜ୍ୟପାଦ ଶ୍ରୀ ଜଗନ୍ନାଥ ତୀର୍ଥ ସ୍ୱାମୀ ମହାରାଜ ସଭାପତିର ଆସନ ଗ୍ରହଣ କରିଥିଲେ । ସଭ୍ୟ ଏବଂ ସାଧାରଣ ସମ୍ଭ୍ରାନ୍ତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ । ସ୍ଥାନାଭାବଯୋଗୁଁ ଅନେକେ ଇତଃସ୍ତତଃ ଠିଆହୋଇ ରହିଥିଲେ । କଟକ ରେଭେନ୍ସା କଲେଜର ଅଧ୍ୟାପକ ଶ୍ରୀଯୁକ୍ତ ଯୋଗେଶଚନ୍ଦ୍ର ରାୟ ମହାଶୟଙ୍କୁ ସଭାରୁ ଉପାଧି ପ୍ରଦାନ ଏବଂ ଉକ୍ତ ବାବୁ ମହୋଦୟଙ୍କଦ୍ୱାରା "ଧୂମକେତୁ" ସମ୍ବନ୍ଧୀୟ ବକ୍ତୃତା ପଠିତ ହେବା ଏ ଦିନ ସଭାର ଉଦ୍ଦେଶ୍ୟ ଥିଲା । ଏକଘଣ୍ଟାଧିକ ମଧ୍ୟରେ ଭିନ୍ନ ଧୂମକେତୁର ଆବର୍ତ୍ତନ, ଉଦ୍‌ବେଗ, ଏମାନଙ୍କର ସ୍ଥିତିକାଳ ଓ ପଥ ନିରୂପଣ, ଅନ୍ୟ ଗ୍ରହର ପାର୍ଥକ୍ୟ, ସୁଲକ୍ଷଣ ଲକ୍ଷଣ, ଧୂମକେତୁର ଉପାଦାନ ନିର୍ଣ୍ଣୟ ଏବଂ ବର୍ତ୍ତମାନ ପରିଦୃଷ୍ଟ ଧୂମକେତୁ "ହେଲି" ଧୂମକେତୁ ନ ଥିବା ବିଷୟମାନ ଦୃଷ୍ଟାନ୍ତଦ୍ୱାରା ପ୍ରମାଣିତ କରି ଯୋଗେଶ ବାବୁ ଅତିଦ୍ୱାରା ସୁସ୍ପଷ୍ଟ ଓ ବିଶଦ ଭାବରେ ବୁଝାଇ ଦେଇ ଥିଲେ । ପରେ ସଂସ୍କୃତ ବିଦ୍ୟାଳୟର ପ୍ରଧାନ ପଣ୍ଡିତ ଶ୍ରୀଯୁକ୍ତ ବିଶ୍ୱନାଥ ମହାପାତ୍ର ମହୋଦୟ ଯୋଗେଶବାବୁଙ୍କ ବକ୍ତୃତା ଶ୍ରବଣେ ଉପସ୍ଥିତ ସଭ୍ୟ ବର୍ଗ ପରିତୁଷ୍ଟ ଥିବା ଏବଂ ସ୍ୱର୍ଗୀୟ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କ କୃତ ଜ୍ୟୋତିଃ ଶାସ୍ତ୍ର ପ୍ରକାଶ ଦ୍ୱାରା ସାମନ୍ତଙ୍କ ପ୍ରତିଭା ବିକାଶର ପୂର୍ତ୍ତି ସହାୟ ଥାଇ ଉତ୍କଳର ପ୍ରଭୂତ ଉପକାର କରିଥିବାରୁ ଭାରତ ପ୍ରସିଦ୍ଧ ପୁରୀ ମୁକ୍ତିମଣ୍ଡପ ସଭାର ତାହାଙ୍କୁ ଉପାଧି ଦିଆଯିବା ବିଷୟ ସରଳ ବକ୍ତୃତାଦ୍ୱାରା ପ୍ରକାଶ କରନ୍ତେ ସହକାରୀ ସମ୍ପାଦକ ଶ୍ରୀଯୁକ୍ତ ଜୟକୃଷ୍ଣ କାବ୍ୟତୀର୍ଥ ଗତ ଜନ ମାସର ଏକ ଅଧିବେଶନରେ ଶ୍ରୀଯୁକ୍ତ ଯୋଗେଶଚନ୍ଦ୍ର ରାୟଙ୍କୁ "ବିଦ୍ୟାନିଧି" ଉପାଧି ପ୍ରଦାନ କରିବା ନିମନ୍ତେ ଶ୍ରୀ ମୁକ୍ତିମଣ୍ଡପ ସଭା ସ୍ଥିର କରିଥିବା ଏବଂ ତାହାର ସନନ୍ଦ ଅତ ଦିଆଯିବାର କଥା ସଭାରେ ପାଠ କରିଥିଲେ । ସେହି କାରଣରୁ ଉକ୍ତ ଉପାଧି ଦିଆଗଲା ତାହା ସଂସ୍କୃତ ପଦ୍ୟାକାରରେ ସନନ୍ଦରେ ଲିପିବଦ୍ଧ ହୋଇ ଅଛି । ଶେଷରେ ସଭାପତି ସ୍ୱାମୀ ମହାରାଜ ସ୍ୱ ହସ୍ତରେ ବାବୁ ମହୋଦୟଙ୍କ "ବିଦ୍ୟାନିଧି" ଉପାଧିର ସନନ୍ଦ ପ୍ରଦାନ କରିବାରୁ ବାବୁ ମହାଶୟ ସାଦରେ ଗ୍ରହଣ କରି ବିଶେଷ କୃତଜ୍ଞତା ପ୍ରକାଶ କଲାପରେ ସଭାପତିଙ୍କୁ ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହେଲା ।

———

ସ୍କୁଲପିଲାମାନଙ୍କୁ ଶିକ୍ଷାଦ୍ୱାରା ଉତ୍ତେଜିତ କରିବା ଅଭିପ୍ରାୟରେ କେହି ଦୁଷ୍ଟଲୋକ ରାଜଦ୍ରୋହ ପୂର୍ଣ୍ଣ କେତେକ ମିଥ୍ୟା ଏବଂ ଅନିଷ୍ଟକର କଥା ବଙ୍ଗଳାଭାଷାରେ ଛପାଇ ଏ ନଗରର କଲିଜିଏଟସ୍କୁଲ ମେଡିକେଲସ୍କୁଲ ପ୍ରଭୃତିକୁ ପଠାଉଅଛି । ଡାକମୋହରରୁ ଜଣାଯାଏ କଲିକତାରୁ ଆସିଅଛି । ପ୍ରେରକର ନାମ ଠିକଣା ଓ ପାଇବା ବ୍ୟକ୍ତି କୌଣସି ଛାତ୍ରର ନାମ ନ ଥାଇ କେବଳ ଅମୁକସ୍କୁଲ ଛାତ୍ରବର୍ଗ ବୋଲି ଲେଖା ଅଛି । ଏହି ଲେଖାର କୁଇଖଣ୍ଡ କର୍ତ୍ତୃପକ୍ଷଙ୍କ ଗୋଚରରେ ଆସିଅଛି । ଶଙ୍କା ହୁଏ ଆଉ କେତେ ସ୍କୁଲକୁ ଏହିପରି ପଠାଯାଇଥିବ । ସାଧାରଣତଃ ଓଡ଼ିଶାର ଛାତ୍ରମାନେ ଏପରି ଲେଖାରେ ଭୁଲିବାର ସମ୍ଭବ ନ ହେଲେହେଁ କେହି ଦୁର୍ବଳମତି ଛାତ୍ରର ମନ ବିଚଳିତ ହେବା ଅସମ୍ଭବ ନୁହେ ଯେମନ୍ତ କି ବଙ୍ଗଳାର କେତେ ଛାତ୍ର ଏହିପରି ଦୁଷ୍ଟଲୋକର କୁହୁକରେ ପଡ଼ି ନିଜର ଭବିଷ୍ୟତ ନଷ୍ଟ କରି ପିତା ମାତାଦି ଅଭିଭାବକ ବର୍ଗଙ୍କ ଚିରଦୁଃଖର ହେତୁ ହୋଇଅଛନ୍ତି । ଅତଏବ ଛାତ୍ରବର୍ଗ ଏ ପ୍ରକାର ଲେଖା ପାଇଲେ ତାହା ଆପଣା ଶିକ୍ଷକ ବା ଅଭିଭାବକମାନଙ୍କୁ ତତ୍‌କ୍ଷଣାତ୍ ଅର୍ପଣ କରିବ ଓ ସେ ଲେଖାରେ ଆଦୌ ଆସ୍ଥା ନ କରିବା କାରଣ ଉପଦେଶ ଦେଉଅଛୁଁ ଏବଂ ଅଭିଭାବକବର୍ଗଙ୍କୁ ଆପଣା ପିଲାଙ୍କ ସାବଧାନ କରିଦେବା କାରଣ ଅତ୍ୟନ୍ତ ଅନୁରୋଧ କରୁଅଛୁଁ । ଏବେ ଚିନ୍ତନା ହେବ, ପ୍ରତ୍ୟକ୍ଷ ଅଶାନ୍ତିକର ବିସ୍ତାର ଓ ପୋଷଣରେ ଲିପ୍ତଥିବା କେତେକ ଏ ଲୋକ ସେହି ଘୃଣିତ ଓ ସଧାରଣ ଅନିଷ୍ଟକର ପ୍ରବୃତ୍ତି ଛାଡ଼ି ନାହାନ୍ତି ଏକାନ୍ତ ପରିତାପର ବିଷୟ । ଏହା ଦେଖି କଏ ବୋଲିବ ଯେ ମୁଦ୍ରାଯନ୍ତ୍ର ବିଷୟକ ନୂତନ କଠୋର ଆଇନ ଅନାବଶ୍ୟକ ହୋଇଅଛି? ଦୁଷ୍ଟଦଳନ ସକାଶେ କେବେ ଶିଷ୍ଟର କଷ୍ଟ ହେବା ଅନିବାର୍ଯ୍ୟ ।

———

## ମାଗଣ ରହସ୍ୟ ।

ମାଗଣ ପ୍ରଥା ବହୁକାଳରୁ ମୋଗଲବନ୍ଦୀରୁ ଉଠି ଯାଇଅଛି ଏବଂ ଗଡ଼ଜାତର ରଜାମାନେ ଯଦର ଜନ୍ମ, ବିବାହ, ଶ୍ରାଦ୍ଧ ଏବଂ ଅଭିଷେକାଦି ଉପଲକ୍ଷେ ମାଗଣ ନେଉଥିଲେ, ଏଣିକି ଗଡ଼ଜାତର ସୁପରଇଣ୍ଟେଣ୍ଡେଣ୍ଟ ମହୋଦୟମାନେ ସେ ସବୁ ପ୍ରାୟ ଉଠାଇ ଦେଉଅଛନ୍ତି । ଏବକୁ କି ଗଡ଼ଜାତ କି ମୋଗଲବନ୍ଦୀ କେଉଁଠି ମାଗଣ ପ୍ରଥା ପ୍ରଚଳିତ ନାହିଁ ଏବଂ ମୋଗଲବନ୍ଦୀର ଅଦାଲତମାନେ ମାଗଣ ନେବା ଦଣ୍ଡନୀୟ ଅଟେ । ଅଳ୍ପକାଳ ପୂର୍ବେ ଲେପ୍ଟନେଣ୍ଟ ମହୋଦୟ ବଙ୍ଗଳାର ଶାସନସମ୍ବନ୍ଧରେ ସମାଲୋଚନା କଲାବେଳେ ମାଗଣ ବା ଅନୁଚିତ ଅମୁଲ ଜମିଦାରମାନେ ଆଦାୟ କରି ନ ଥିବାର ଦେଖି ଦୁଃଖ ପ୍ରକାଶ କରିଥିଲେ । କୌଣସି ଜମିଦାର ଅନୁଚିତ ଅମୁଲ କରିବାର ଆମ୍ଭମାନଙ୍କୁ ଜଣା ନାହିଁ ଏବଂ କେହି ଲର୍ଡ୍ ଫ୍ରେଜରଙ୍କ ବଙ୍ଗଳାରେ ଅମୁଲ କରୁଥିଲେହେଁ ଓଡ଼ିଶାରେ ତାହା ହେଉ ନ ଥିବାର ଆମ୍ଭେମାନେ ବିଶ୍ୱାସ କରିଥିଲୁଁ ମାତ୍ର ଆମ୍ଭମାନଙ୍କର ସହଯୋଗୀ "ଉତ୍କଳ-ଷ୍ଟାର" ଗତ ସଂଖ୍ୟାରେ ଭଙ୍ଗାରପୁର ଷ୍ଟେଟର ମ୍ୟାନେଜରଙ୍କର ଯେଉଁ ବ୍ୟବହାର ପ୍ରକାଶ କରିଅଛନ୍ତି ତାହା ଦେଖି ଆମ୍ଭେମାନେ ଅବାକ୍ ହୋଇଅଛୁଁ । ମ୍ୟାନେଜରଙ୍କର ସ୍ୱୟଂ ବିଜ୍ଞ ଏବଂ ବହୁଦର୍ଶୀ ଲୋକ ଅଟନ୍ତି ଏବଂ ନାନା ସ୍ଥାନରେ ସୁଖ୍ୟାତି ସହିତ ଜମିଦାରୀ କାର୍ଯ୍ୟ ଚଳାଇଥିବାରୁ ଜଜ ସାହେବ ତାହାଙ୍କୁ ଭଙ୍ଗାରପୁର ଇଲାକାରେ ନିଯୁକ୍ତ କରିଥିଲେ । ଆମ୍ଭେମାନେ ମନେ କରିଥିଲୁଁ ଯେ ଭଙ୍ଗାରପୁର ଜମିଦାରୀର କାର୍ଯ୍ୟ ଅନ୍ୟ ଜମିଦାରଙ୍କ ପ୍ରତି ଆଦର୍ଶ ସ୍ଥାନୀୟ ହେବ । ମାତ୍ର ସେ ଭ୍ରମ ଆମ୍ଭମାନଙ୍କର ଦୂରଗଲା । କୌଣସି ଜମିଦାର ପ୍ରଜାଙ୍କର ହେତୁ ଅଥବା ନିଜର ସ୍ୱାର୍ଥ କିମ୍ବା ଧର୍ମ ସାଧନ ନିମିତ୍ତ ହେତୁ ବନ୍ଧ, ଘାଟ, ଦେଉଳ, କୂପ ବା ତଡ଼ାଗ କରି ପାରନ୍ତି ମାତ୍ର ତାହା ବୋଲି ତାଙ୍କର ଉତ୍ତରାଧିକାରୀମାନଙ୍କର ଖଜଣା ଉପରେ ମାଗଣ ବସାଇବାର ଅଧିକାର ନାହିଁ । ଯେଉଁଠାରେ ଜମିଦାରର ଉନ୍ନତି ସାଧକ କାର୍ଯ୍ୟ ହୁଏ ଅଥବା ତହିଁ ସକାଶେ ଯାହା ଦ୍ରବ୍ୟ ଏବଂ ଯେଉଁପରି କାର୍ଯ୍ୟ କରିବାକୁ ହେବ ତାହା ସ୍ଥ ନିର୍ଦ୍ଦିଷ୍ଟଅଛି । ଖଜଣା ଉପରେ କୌଣସି କୋଟିଏ କାରଣରେ ହେଉ ଅଥବା ଯାହା ଜମିଦାର ଅମୁଲ କରନ୍ତେ ତାହା ବେଆଇନୀ ଏବଂ ଅନୁଚିତ ମଧ୍ୟରେ ଗଣ୍ୟ ହେବ । ତାହାକୁ ସ୍ୱେଚ୍ଛାକୃତ ଦେୟ ବୋଲିବା ଯଥାର୍ଥ ନୁହେଁ । ଯେବେ ରୟତମାନେ ଆପଣା ମଧ୍ୟରେ ସ୍ୱେଚ୍ଛାକ୍ରମେ ଚାନ୍ଦା କରି ଜମିଦାର ବା ତାଙ୍କ ଉତ୍ତରାଧିକାରିମାନଙ୍କୁ କୌଣସି କାର୍ଯ୍ୟ ସକାଶେ ଭେଟ ଦିଅନ୍ତି ତହିଁର କାହାର କିଛି ଆପତ୍ତି ହୋଇ ନ ପାରେ ମାତ୍ର ଜମିଦାର ନିଜେ ଅଥବା ତାଙ୍କର କୌଣସି ସରକାରୀ ବା ବେସରକାରୀ

Digitized by srujanika@gmail.com

ସ୍କୁଲର ଉତ୍କଳମାନଙ୍କ ଉପରେ ସ୍କୁଲମାଷ୍ଟର ଦ୍ୱାର ଦସ୍ତା ତାଙ୍କ ପ୍ରବର୍ତ୍ତିତ ଅଦାୟ କରିବା ଅନୁଚିତ ଭିନ୍ନ ଆଉ କିଛି ନୁହେ । ମାଗଣର ଅର୍ଥହିଁ ମାଗିବା ମାତ୍ର ଦୁଃଖୀ ଲୋକ ଦ୍ୱାର ' ଯାଇ ମାଗିବା ଓ ପେଟଭରଙ୍କ ଘରୁ ଅଦେଖା ପ୍ରକାର ହୋଇ ମାଗିବାର ଆକାଶ ପାତାଳ ପ୍ରଭେଦ । ଶେଷୋକ୍ତ ମାଗଣ ଭୃତ୍ତ ବୋଲି ଗଭର୍ଣ୍ଣମେଣ୍ଟ ଜାଣିବା ଦର ଅଛନ୍ତି ଏବଂ କେବଳ ଏଥିରେ ଯେତେ ବଳ ପ୍ରୟୋଗ କର ନ ଯିବାର ପରମ କଥା ଥାଉ ମୁଣ୍ଡରେ କାର୍ଯ୍ୟ.ଃ ହେଁବୁ ମାଷ୍ଟର ଛାତ୍ର ହୋଇ ମେଳେ ଫଉଜଦାରୀ ମୋକଦ୍ଦମା ପର୍ଯ୍ୟନ୍ତ କଥା ଲୋ ହେବେ ତାହା ଅଭ୍ୟାନ୍ତର ଦାମରୁ ଅବ୍ୟା-ହତ ପାଇ ନ ପାରେ । ମାଗିବା କଥାଟା ଅସୁ-ନର ବୋଲି ସମସ୍ତ ଇନ୍ସପେକ୍ଟରଙ୍କର ଜାଣି ରଖିବା ଉଚିତ ଏବଂ ମାଗଣ ଅମନୁଷ୍ୟତାର ପ୍ରଧାନ ପରିଚୟ । ଆମ୍ଭେମାନେ ଆଶା କରୁଁ ବଙ୍ଗ ହୁମାନମେନନର ମହୋଦୟ ଏହା ପ୍ରତ୍ୟାହାର କରିବେ ଏବଂ ଭବିଷ୍ୟତରେ ଯେପରି ନେହି ନେବେ ମାଗଣ କଥା ନ ଉଠାନ୍ତି ତହିଁପ୍ରତି ଗୁପ୍ତ ଦୃଷ୍ଟି ରଖିବେ । ଗୋଟିଏ କଥା ଅଛି ଯେ ଉତ୍କଳରୁ ଧର ଅଣ ବୋଲି କହିଲେ ପିଅଦାଏ ମାଡ଼ିଚଢ଼ାଇ ଭୁମୁଳ କାଣ୍ଡ କର ବସନ୍ତି । ଏହା ତାଙ୍କ ପରି ବହୁଦର୍ଶୀ ଲୋକଙ୍କୁ କହିବା ଅଧିକ ।

---

## ଉତ୍କଳ ସଭାର ପରିଣାମ ।

ଏ ନଗରରେ ପ୍ରତିଷ୍ଠିତ ଉତ୍କଳ ସଭା ସନ ୧୮୮୨ ମସିହାରେ ସ୍ଥାପିତ ହୋଇଥିବା ଅବଧି କାର୍ଯ୍ୟ କରି ଆସୁଅଛି । ସ୍ୱାୟତ୍ତ ଶାସନ ପ୍ରଣାଳୀ ଯେ ସମୟରେ ଗଭର୍ଣ୍ଣମେଣ୍ଟ ପ୍ରଦାନ କରିବାର ସଂକଳ୍ପ କରିବାରେ ତାହା ପ୍ରବର୍ତ୍ତିତ ହେବା ଭଲ ଏବଂ ଦେଶର ସାଧାରଣ କଲ୍ୟାଣାର୍ଥ ସଭା ସ୍ଥାପିତ ହୋଇ ନାନା ଶ୍ରେଣୀର ଯୋଗ୍ୟ ଲୋକ ତହିଁରେ ସଭ୍ୟ ହେବାର ନିୟମ ହୋଇଥିଲା । ସଭାର କାର୍ଯ୍ୟକାରିତା ବୃଦ୍ଧି ଲଭିବାରେ ନୂତନ ନିୟମାବଳୀ ପ୍ରସ୍ତୁତ କରିବାର ଆବଶ୍ୟକ ଜାଣି ସଭାରୁ କାର୍ଯ୍ୟକାରୀସଭା ପ୍ରତି ତହିଁର ଭାର ଦିଆଯାଇଥିଲା ଏବଂ କାର୍ଯ୍ୟକାରୀ ସଭା ଗତ ଜାନୁୟାରୀ ମାସ ତା ୨୫ ଦିନରେ ନିୟମାବଳୀ ଧାର୍ଯ୍ୟ କରିବାରୁ ତାହା ସଭାର ସମ୍ପାଦକ ଶ୍ରୀଯୁକ୍ତ ସମସ୍ତ ସଭ୍ୟଙ୍କ ନିକଟକୁ ପଠାଇ ତହିଁର ବିଚାର କରିବା କାରଣ ଚଳିତମାସ ତା ୧୮ ଦିନରେ ସଭା ଆହ୍ୱାନ କରିଥିଲେ । ସଭାରେ କେବଳ ନ ୧୫ ଣ ସଭ୍ୟ ଉପସ୍ଥିତ ହେଲେ । କାର୍ଯ୍ୟକାରୀ ସଭାର ନିୟମରେ ଲେଖିଥିଲେ ଯେ ଓଡ଼ିଶାରେ ବାସ କରୁଥିବା ବା ସମ୍ପତ୍ତି ଧରିଥିବା ବା କାରବାର କରୁଥିବା କୌଣସି ଲୋକ ସଭାର ମନୋନୀତ ହେଲେ ସଭ୍ୟ ହୋଇପାରିବେ । ବାବୁ ଗୋକୁଳାନନ୍ଦ ଚୌଧୁରୀ ତହିଁରେ ଆପତ୍ତି କରି ପ୍ରସ୍ତାବ କଲେ ଯେ ଓଡ଼ିଶାରେ ସ୍ଥାୟୀରୂପେ ବାସ କରୁଥିବା ଲୋକ ଓ ଯାହାର ଘର ଅନ୍ୟସ୍ଥାନରେ ନାହିଁ ଏବଂ ଓଡ଼ିଆଙ୍କ ସଙ୍ଗେ ଯାହାର ସ୍ୱାର୍ଥ ସମାନ କେବଳ ସେହି ଏଣିକି ସଭାର ସଭ୍ୟ ହୋଇପାରିବେ ( The resolution runs thus:—That permanent resident of Orissa having no home elsewhere and having interest identical with Uriyas shall alone henceforth be eligible for the membership of the association. ) ଏହିକି ପ୍ରସ୍ତାବଦ୍ୱାରା ସଭାର ଦେହ ବଦଳ ଯାଉଥିବା ହେତୁ ସମ୍ପାଦକ ସାହେବ ଦୋହିସ ମେମ୍ବରମାନଙ୍କ ଦେଇ ତହିଁର ବିଚାର କରିବାକୁ କହିବା ଏବଂ ଦୋହିସ ମଧ ସମସ୍ତ ସଭ୍ୟ ପାଇ ନ ଥିବାର ସଭାରେ ଜଣାପଡ଼ିଲେ ହେଁ ତାହା ଉପସ୍ଥିତ ଅଧିକାଂଶ ସଭ୍ୟମାନେ ପ୍ରମାଣ ଉକ୍ତ ପ୍ରସ୍ତାବ ଧାର୍ଯ୍ୟ କଲେ । ସୁତରାଂ ଫଳ ଏହି ହେଲା ଯେ ଏଣିକି ଓଡ଼ିଶାର ସମସ୍ତ ଲୋକଙ୍କର ସଭାରେ ପ୍ରବେଶ କରିବାର ଅଧିକାର ରୁଦ୍ଧ ହେଲା ଏବଂ ସଭାଟି ସମ୍ପ୍ରଦାୟ ବିଶେଷର ହୋଇଗଲା । ଉତ୍କଳରେ ବର୍ତ୍ତମାନ ମାର-ବାଡ଼ି, ତେଲଙ୍ଗା, ଭୋଜପୁରୀ, କଟକବାସୀ ପ୍ରଭୃତି ନାନାପ୍ରକାର ଲୋକ ସମ୍ପତ୍ତିର ଅଧିକାରୀ ବା ବ୍ୟବସାୟୀ ହୋଇ ରହିଅଛନ୍ତି । ଗଭର୍ଣ୍ଣ-ମେଣ୍ଟ ସମ୍ପର୍କରେ ଦେଶର ମଙ୍ଗଳାମଙ୍ଗଳ ପ୍ରତି ସେମାନଙ୍କର ବିଶେଷ ସମ୍ବନ୍ଧ ଅଛି ଏବଂ ତହିଁ ରା ଆଲୋଚନାରେ ସେମାନେ ଯୋଗ ଦେବା ନିତାନ୍ତ ପ୍ରୟୋଜନ । ଏ ଛଡ଼ା ଦେଶଲୋକ ଶିକ୍ଷିତ ବିଦେଶୀୟ ବଙ୍ଗଲୋକମାନଙ୍କଠାରୁ ମଧ ସଭାର ଆଲୋଚନାଦ୍ୱାରା ଅନେକ ସମୟରେ ସାହାଯ୍ୟ ମିଳପାରେ ଏବଂ ସେହି ହେତୁ ସଭାରେ ସମସ୍ତଙ୍କୁ ପ୍ରବେଶାଧିକାର ଦେବା ପ୍ରୟୋଜନୀୟ । ଏହି ସବୁବିବେଚନା କରି ସଭାର ପ୍ରତିଷ୍ଠାତାମାନେ ସମସ୍ତଙ୍କ ସକାଶେ ଦ୍ୱାର ମୁକ୍ତ ରଖିଥିଲେ ଏବଂ ସେମାନଙ୍କର ଭାବ ଉଦାରଥିଲା । କାର୍ଯ୍ୟକାରୀ ସଭା ଯେ ନିୟମ କଲେ ତଦ୍ୱାରା ଉତ୍କଳର ସ୍ଥାୟୀ ଅସ୍ଥାୟୀ ସମସ୍ତ ବାହିନା ଓ ଉତ୍କଳସଙ୍ଗେ ସମ୍ପର୍କ ରଖିଥିବା ସମସ୍ତଲୋକ ସଭ୍ୟ ହୋଇପାରନ୍ତେ ଏବଂ ତାହିଁ ପ୍ରତିଷ୍ଠାତାମାନଙ୍କର ଉଦ୍ଦେଶ୍ୟ । ବର୍ତ୍ତମାନ ନିୟମଦ୍ୱାରା ଯେ ୟୁରୋପୀୟ ବା ୟୁରେସିୟମାନେ ଏଠାରେ ଅଛନ୍ତି କିମ୍ବା ଯେ ଓଡ଼ିଆଙ୍କ ସ୍ଥାୟୀ ଘର ଏଠାରେ ନାହିଁ ମଧ କୌଣସି ଓଡ଼ିଆ ଏଣିକି ସଭ୍ୟ ହୋଇପାରିବେ ନାହିଁ । ଏରୂପ ସଂକୀର୍ଣ୍ଣ-ଭାବ କ ହେତୁରୁ ସଭାରେ ପ୍ରବେଶ କଲା ଆମ୍ଭେମାନେ କହି ନ ପାରୁଁ । ବରୁ ଏଣିକି ସଭାକୁ ଉତ୍କଳ ସଭାନାମରେ ଡାକିବା ଉଚିତ ନୁହେ । ଯେଉଁ ଶ୍ରେଣୀଙ୍କ ସକାଶେ ସେ ସଭା ଚିହ୍ନିଲା ତାଙ୍କ ସେଇ ଅନ୍ୟ ନାମକରଣ ଦେବା ଉଚିତ । ଆମ୍ଭ-ମାନଙ୍କୁ ଜଣାଯାଏ ଯେ ଏହି ସଂକୀର୍ଣ୍ଣତା ହେତୁ ଏତାଦୃଶ ଏ ସଭାର ଗଭର୍ଣ୍ଣମେଣ୍ଟଙ୍କଠାରେ ଯେଉଁ ପ୍ରତିପତ୍ତିଥିଲା ତାହା ଆଉ ରହିବ ନାହିଁ । ଏହିଦିନର ଅଧିବେଶନରେ ସଭାପତି ଏବଂ ସହ-କାରୀ ସଭାପତି ଅନୁପସ୍ଥିତ ହେବୁ ସଭାର କାର୍ଯ୍ୟ ନିର୍ବାହାର୍ଥେ ବାବୁ ଗୌରୀଶଙ୍କର ରାୟ ସଭାପତି ମନୋନୀତ ହୋଇଥିଲେ ମାତ୍ର ସଭାର ଏପରି ଭାବ ଦେଖି ସେ ବିଦ୍ୟୁ ହୋଇ ସଭାପତି ପଦ ତ୍ୟାଗକରି ଅନ୍ତର ହେବାରେ ବାବୁ ମାଧୁ-ସୂଦନ ଦାସ ସଭାପତି ମନୋନୀତ ହୋଇ ସେଦିନର କାର୍ଯ୍ୟ ଶେଷକଲେ ।

---

## ବାଲେଶ୍ୱରରେ ଗୁପ୍ତସାହେବ ।

ଗତ ତା ୧୦ ଦିନ ଶୁକ୍ରବାର ସନ୍ଧ୍ୟାରେ କଲିକତା ମାନ୍ଦ୍ରାଜ ଡାକ ରେଲଗାଡ଼ିରେ ଆମ୍ଭମାନଙ୍କର ପରିଚିତ ମାନ୍ୟବର କେ ଜି ଗୁପ୍ତ ମହୋଦୟ ବାଲେଶ୍ୱରରେ ଅବତରଣ କଲେ ଷ୍ଟେସନଟି ଏତଦୁପଲକ୍ଷେ ଗ୍ୟାସଲାଇଟରେ ଆଲୋକିତ ଏବଂ ପୁଷ୍ପଦାମ ଦ୍ୱାରେ ସୁସଜ୍ଜିତ ହୋଇଥିଲା । ସହରର ଭଦ୍ରଲୋକମାନେ ଅଭ୍ୟର୍ଥନା କରିବା କାରଣ ସମବେତ ହୋଇ ମାନ୍ୟ-ବର ମହୋଦୟଙ୍କୁ ଗାଡ଼ିରୁ ପାଛୋଟିଅଣି ପ୍ରେମ ଓ ଭକ୍ତିପୂର୍ବକ ଗୋଟିଏ ଅଭିନନ୍ଦନପତ୍ର ପ୍ରଦାନ କଲେ ! ସେହି ଅଭିନନ୍ଦନପତ୍ରରେ ସେ ଲୋକ-ମାନଙ୍କର ଅବସ୍ଥା ଜ୍ଞାତ କରିବା ଓ ଶାସକ ଏବଂ ଶାସିତଙ୍କମଧ୍ୟରେ ସଦ୍ଭାବ ସଂସ୍ଥାପନାର୍ଥେ ଯତ୍ନକର ଦେଶଲୋକଙ୍କର ପ୍ରେମ ଓ ପ୍ରଶଂସାଭାଜନ ହୋଇଥିବାର ଲେଖାଥିଲା । ଗୁପ୍ତସାହେବ ଏଥିର ଉତ୍ତରରେ ତାଙ୍କ ଅଭ୍ୟର୍ଥନା ସକାଶେ ଧନ୍ୟବାଦ ଦେଇ ଓଡ଼ିଶାକୁ ଆସୁଥିବା ସମୟରେ ଆପଣା ଘରକୁ ଆସୁଥିବାପରି ଅନୁଭବ କରିବାର ପ୍ରକାଶ କରି କହିଲେ ଯେ ଅପରିଚିତ ଦେଶରେ ବିଚରଣ କରୁଥିବା ସ୍ଥଳେ ଓଡ଼ିଶା ତାହାର ଦାଣ୍ଡକୁ ମିଳୁଥିବା ହେତୁ ସେ ଅତ୍ୟନ୍ତ ଆନନ୍ଦିତ ଅଛନ୍ତି । ତା ୧୨ ରିଖ ଦିନ ରାଜାବାହାଦୁରଙ୍କ ପ୍ରମୋଦ ଉଦ୍ୟାନରେ ସାହେବ ମହୋଦୟଙ୍କ ଗୋଟିଏ ଉଦ୍ୟାନମିଳନରେ ଅଭ୍ୟର୍ଥିତ କରା ଯାଇଥିଲା । ଏ ମିଳନରେ ଦେଶୀୟ ଏବଂ ଇଂରେଜ ସମ୍ଭ୍ରାନ୍ତ ଲୋକେ ଓ ମହିଳାମାନେ ରାଜାବାହାଦୁରଙ୍କ ଆମନ୍ତ୍ରଣ ମତେ ଯୋଗ ଦେଇଥିଲେ । ଚିତ୍ତ ବିନୋଦନାର୍ଥ ଏ ମିଳନରେ ଜଳଯୋଗ ସଙ୍ଗେ ସଙ୍ଗୀତ, ଖେଳବାଜି ତଥା ଆତସବାଜି ପ୍ରଦର୍ଶିତ ହୋଇଥିଲା ଏବଂ ଗୁପ୍ତ ମହୋଦୟ ସମସ୍ତଙ୍କ ସଙ୍ଗେ ସମଭାବେ ମିଶି କଥାବାର୍ତ୍ତା କରିବାଦ୍ୱାରା ତାଙ୍କ ଚରିତାର୍ଥ କରିଥିଲେ । ତା ୧୩ ରିଖ ସକାଳେ ରାଜାବାହାଦୁର ପ୍ରମୁଖ କେତେକ ଉତ୍କଳୀୟ ବଙ୍ଗାଳି ସାହେବ ମହୋଦୟଙ୍କ ଗୋଟିଏ ଅଭି-

Split by PDF Splitter



ଉତ୍ପୀଡ଼ନ କରିଥିଲେ । ତାହାଙ୍କ ବନ୍ଦୋବସ୍ତର ମାଲଗୁଜାରି ଦରଣ କମ ଥିବା ଦେଖି ଜମିଦାରମାନଙ୍କର ଦୁର୍ଦ୍ଦଶା ଉପସ୍ଥିତ ହୋଇଥିବା, ଅସ୍ଥିରମନୋହର ଜମିଦାର ମଧ୍ୟବର୍ତ୍ତୀମାନେ ଆପଣା ସମ୍ପତ୍ତି ପ୍ରାୟ ଉଦ୍ଧାର ହେଉଥିବା ହେତୁ ତାଙ୍କ ସହିତ ସହର ଲୋକଙ୍କର ଉତ୍ତର ବସ୍ତି ହେଉଥିବା, ପ୍ରତ୍ୟେକ ଥାନାରେ ପଞ୍ଚାଏତ ବୈଠକ ସ୍ଥାପିତ ହେଲେ ମଫସଲର ଦୂରସ୍ଥ ଲୋକଙ୍କର ସହର ବା ସବ୍‌ଡିଭିଜନକୁ ଦେବାନୀ ଓ ଫଉଜଦାରୀ ମୋକଦ୍ଦମା ଦାଏର କରିବାର ଅସୁବିଧା ଲାଘବ ହେବା ଓ ଜନାବ୍ୟୟରେ ପ୍ରାଥମିକ ଶିକ୍ଷା ଦେଶରେ ପ୍ରଚଳିତ ହେବା ବିଷୟ ସହିତ ଉତ୍କଳୀୟ ବଙ୍ଗାଳୀଙ୍କ ବିଷୟରେ ଏକଟିର ଲେଖା ହୋଇଥିଲା—ଯଥା ।

First of all we refer to the position of our community as it stands at presents. Long, long ago our ancestors came to this country and settled here under the patronage of the then Ruler of the land either for the purpose of trade or of service, our interest being now identical with those of the descendants of the earlier settlers now specially designated as Oriyas, we can legitimately claim a just share of the Government employments offered to the children of the soil and in the educational privileges held out to our oriya brethern. In this connection we may refer to the scholarships recently created for the educations of oriyas in Law, Medicine and, Engineering. ଅର୍ଥାତ୍ ଅମ୍ଭମାନଙ୍କ ପୂର୍ବପୁରୁଷମାନେ ବହୁକାଳ ପୂର୍ବରୁ ଦେଶର ତତ୍କାଳୀନ ଶାସନକର୍ତ୍ତାମାନଙ୍କ ଆଶ୍ରୟ ବଶତଃ ଚାକିରି ବା ବାଣିଜ୍ୟ କରିବା କାରଣ ଏ ଦେଶକୁ ଆସିଥିଲେ । ତହୁଁ ଅଗ୍ରତଃ ଆସିଥିବା ଲୋକଙ୍କ ବଂଶଧର ଯେ ସାହାଙ୍କୁ ବିଶେଷରୂପେ ଓଡ଼ିଆ ବୋଲି ଅଭିହିତ କରଯାଏ ତାଙ୍କ ସଙ୍ଗେ ଅମ୍ଭମାନଙ୍କର ସ୍ୱାର୍ଥ ଏକ ଓ ଅଭିନ୍ନ ହୋଇ ଯିବା ହେତୁ ଏ ଦେଶ ଲୋକଙ୍କ ଯେଉଁ ଚାକିରି ବା ଶିକ୍ଷାର ଅଧିକାର ଦିଆଯାଉଅଛି ତହିଁର ଅଂଶ ଅମ୍ଭେମାନେ ନ୍ୟାଯ୍ୟସଙ୍ଗତରୂପେ ଦାବି କରିପାରୁ ଏବଂ ଏତତ୍ସମ୍ପର୍କରେ ଅମ୍ଭେମାନେ ଓଡ଼ିଆଙ୍କ ଆଇନ, ଡାକ୍ତରୀ ଓ ଇଞ୍ଜିନିୟରିଂ ଶିକ୍ଷା ସକାଶେ ଦିଆ ଯାଉଥିବା ବୃତ୍ତି ପ୍ରତି ଦୃଷ୍ଟି ଆକର୍ଷଣ କରୁଅଛୁଁ । ମାନ୍ୟବର ଗୁପ୍ତ ମହୋଦୟ ଯେଉଁ ସାର ଉପଦେଶପୂର୍ଣ୍ଣ ଉତ୍ତର ପ୍ରଦାନ କଲେ ଅମ୍ଭେମାନେ ତାହା ଅବିକଳ ନିମ୍ନେ ପ୍ରକାଶ କଲୁଁ ଯଥା;—

I consider that there should be no distinction between the Oryas and the domiciled Bengalees, and that both should be considered as permanent residents of Orissa. While I was in Orissa I always advocated that policy and I wrote to Government accordingly If you find that the policy has since been changed you may represent your grievances strongly and at the same time moderately, first to the Local Government and if you fail there you may move the Government of India and if you do not get any redress still you may go up to the Secretary of state in Council with your prayer. If I happen to be in the Council at that time I shall have an opportunity to express my views and help you as much as I can.

ଏଥିର ଅର୍ଥ ଏହି କି ତାହାଙ୍କ ମତରେ ଓଡ଼ିଆ ଓ ଉତ୍କଳୀୟ ବଙ୍ଗାଳୀଙ୍କ ମଧ୍ୟରେ କୌଣସି ପ୍ରଭେଦ କରିବା ଉଚିତ ନୁହେ । ସେ ଉତ୍କଳରେ ଥିବାବେଳେ ଏହି ନୀତି ଅନୁସାରେ ଗବର୍ଣ୍ଣମେଣ୍ଟଙ୍କୁ ଲେଖିଥିଲେ । ଯଦି ଏଥି ମଧ୍ୟରେ ସେ ନୀତି ପରିବର୍ତ୍ତିତ ହୋଇଥାଏ ତେବେ କ୍ରମାଗତ ଭାବରେ ପ୍ରବଳ ଯୁକ୍ତି ଦେଖାଇ ସ୍ଥାନୀୟ ଗବର୍ଣ୍ଣମେଣ୍ଟରେ ଆପଣା ଗୁହାରି ଜଣାଇବାକୁ ହେବ । ସେଠାରେ ପ୍ରତିକାର ନ ପାଇଲେ ଭାରତ ଗବର୍ଣ୍ଣମେଣ୍ଟ ଓ ସେଠାରେ ବିମୁଖ ହେଲେ ଷ୍ଟେଟ ସେକ୍ରେଟରୀଙ୍କ ସମ୍ମୁଖେ ଜଣାଇବାକୁ ହେବ । ଯଦି ସେତେବେଳେ ଷ୍ଟେଟ ସେକ୍ରେଟରୀଙ୍କ ସଭାରେ ସେ ଥିବେ ତେବେ ସେ ଆପଣା ମତ ବ୍ୟକ୍ତ କରି ସାଧ୍ୟମତ ସାହାଯ୍ୟ ପ୍ରଦାନ କରିବେ । ମାଲଗୁଜାରି ସମ୍ବନ୍ଧରେ କହିଲେ ଯେ ବର୍ତ୍ତମାନ ବନ୍ଦୋବସ୍ତର ମିଆଦ ଶେଷ ହେବା ଯାଏ ଅନ୍ତତଃ ବା ୨୦ ବର୍ଷ କାଳ ଏହା ଉତ୍ଥାପିତ ହେବାର ନୁହେ । ଅମୃତ ମଣୋହି ବିଷୟରେ କୋ ୨ ଟି ଆଇନର ପାଣ୍ଡୁଲିପି ଭାରତ ବ୍ୟବସ୍ଥାପକ ସଭାରେ ଆଗତ ହୋଇଥିଲା ମାତ୍ର ଦେଶୀୟ ସମ୍ବାଦ ପତ୍ରମାନ ଧର୍ମରେ ହସ୍ତକ୍ଷେପ ଘଟିବାର ଭୟ ପ୍ରତିବାଦ କଲାରୁ ତାହା ରହିତ ହୋଇଅଛି । ସେ ପୁରୀରେ ଥିବା ସମୟରେ ଜଗନ୍ନାଥଙ୍କ ନୀତି ଭଲରୂପେ ନ ଚଳିବାର ବାବଦରେ ଗୁହାରି ହେବାରୁ ସେ ଦେଶର ପ୍ରଧାନ ଲୋକଙ୍କ ସଙ୍ଗେ ପରାମର୍ଶ କରି ଗବର୍ଣ୍ଣମେଣ୍ଟଙ୍କ ସମ୍ମତିକ୍ରମେ ଦେବାନୀ ଅଦାଲତରେ ସୁପରିଣ୍ଟେଣ୍ଡେଣ୍ଟ ନାମରେ ମୋକଦ୍ଦମା ଆଗତ କରିଥିଲେ । ମନ୍ଦିର ମାନଙ୍କ ଧନରେ ଉପଲବ୍ଧ ହେଉଥିବା ଲୋକେ ସେମାନଙ୍କୁ ତାଙ୍କର ସ୍ୱତ୍ୱ ହାନି ବିଷୟ ବୁଝାଇ ଦେବାରୁ ସେମାନେ ତହୁଁ ବିରୁଦ୍ଧରେ ଘୋର ଆପତ୍ତି କଲେ । ସେମାନେ ଧନୀ ଏବଂ କଲିକତାର ଅନେକ ଦେଶୀୟ ଭାଷାର ସମ୍ପାଦକ କିଣି ନେବାକୁ ସକ୍ଷମ ଥିବାରୁ ସେମାନେ ଧର୍ମନାମରେ ଘୋର ପ୍ରତିବାଦ ଉଠାଇଲେ । ଯେତେବେଳେ ହିନ୍ଦୁମାନେ ମୋକଦ୍ଦମାର ବିରୋଧୀ ଥିବାର ଗବର୍ଣ୍ଣମେଣ୍ଟ ଦେଖିଲେ ତେତେବେଳେ ସେ ମୋକଦ୍ଦମା ଉଠାଇ ନେଲେ । ସୁତରାଂ ହିନ୍ଦୁ ସାଧାରଣଙ୍କୁ ଏ ବିଷୟରେ ଆପଣା ସଙ୍ଗେ ଏକମତ କରି ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଲେ ଅବଶ୍ୟ ଗବର୍ଣ୍ଣମେଣ୍ଟ ସହାୟ ହେବେ । ପ୍ରତ୍ୟେକ ଥାନାରେ ପଞ୍ଚାଏତ ବୈଠକ ସ୍ଥାପନ କରିବା ବିଷୟ ବିଚାରଣ ଅଟେ ଏବଂ ଅଧିକାର ବଣ୍ଟନ ବିଷୟ ତଥା ଷ୍ଟେଟ ସେକ୍ରେଟରୀଙ୍କ ସମ୍ମୁଖରେ ଆଗତ ହେଲେ ସେ ଏ ବିଷୟ ବୁଝାଇ ଦେବେ । ଜନା ବ୍ୟୟରେ ପ୍ରାଥମିକ ଶିକ୍ଷା ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଅଛନ୍ତି ତାହା ଅର୍ଥାଭାବରୁ ପ୍ରବର୍ତ୍ତିତ ହୋଇ ପାରୁ ନାହିଁ । ଶୀଘ୍ର ଅର୍ଥାଭାବ ଦୂରୀଭୂତ ହେବ ଓ ଜନା ଖର୍ଚ୍ଚରେ ପ୍ରାଥମିକ ଶିକ୍ଷା ପ୍ରବର୍ତ୍ତିତ ହେବ । ଏହି ଯୁକ୍ତି ଏବଂ ସହାନୁଭୂତିପୂର୍ଣ୍ଣ ବଚନମାନ ଶୁଣି ସଭ୍ୟମାନେ ବାହୁଡ଼ି ଆସିଲେ । ସେ ଦିନ ଅପରାହ୍ଣ କାଳରେ ବାବୁ ଗଙ୍ଗାଧରଣ ଦାସ ଲୋଟିଏ ଉଦ୍ୟାନ ମିଲନର ବନ୍ଦୋବସ୍ତ କରିଥିଲେ ଏବଂ ତାହା ଯଥାରୀତି ସମ୍ପନ୍ନ ହୋଇଥିଲା । ସେହିଦିନ ଅପରାହ୍ଣ ସମୟରେ ସେ ମାନ୍ଦ୍ରାଜ ଅଭିମୁଖେ ଯାତ୍ରା କଲେ । ଗୁପ୍ତ ମହୋଦୟଙ୍କୁ ବାଲେଶ୍ୱର ବାସିମାନେ ସୌଭାଗ୍ୟ କ୍ରମେ ପାଇ ଦେଲଉତ୍ତି କାର୍ଯ୍ୟ ସାଧନ କରିଥିବାର ଦେଖି ଅମ୍ଭେମାନେ ଯତ୍ପରୋନାସ୍ତି ଆନନ୍ଦିତ ହୋଇ ଅଛୁ । ଯେଉଁ ପଦ ଭାରତୀୟ ଲୋକଙ୍କ ଭାଗ୍ୟରେ ଦୁଷ୍ପ୍ରାପ୍ୟ ସେ ମହୋଦୟ ସେ ପଦରେ ସମାସୀନ, ତାଙ୍କୁ ଅଭ୍ୟର୍ଥନା କରିବାକୁ ସୁବିଧା ପାଇବା ସ୍ୱଳ୍ପ କଥା ଆଉ କିଛି ନୁହେ ଏବଂ ବାଲେଶ୍ୱର ବାସିମାନେ ସେ ସୁବିଧାକୁ ଯେ ବୃଥା ଯିବା ଦେଇ ନାହାନ୍ତି ଏହା ପରମ ସୁଖର ବିଷୟ । ଏ କାର୍ଯ୍ୟରେ ରାଜା ବାହାଦୁର ସମସ୍ତଙ୍କ ସହ କରିଅଛନ୍ତି ଏବଂ ବାଲେଶ୍ୱରବାସିଙ୍କୁ ବିଶେଷତଃ ରାଜା ବାହାଦୁରଙ୍କୁ ଅମ୍ଭେମାନେ ଆନ୍ତରିକ ଧନ୍ୟବାଦ ପ୍ରଦାନ କରୁଅଛୁଁ । ବର୍ତ୍ତମାନ ମାନ୍ୟବରଙ୍କ କଥା ଅନୁସାରେ ଦେଶ ଲୋକେ ଏକମେଳରେ ଦେଶୋନ୍ନତିରେ ବ୍ରତୀ ହେଲେ ଅମ୍ଭେମାନେ ପରମ ସୁଖୀ ହେବୁଁ ।

---

# ସାପ୍ତାହିକ ସମ୍ବାଦ

## କଲିକତା ଗେଜେଟ ।

ବାଲେଶ୍ୱରର ଡେ: ମାଜିଷ୍ଟ୍ରେଟ ବାବୁ ହେମଚନ୍ଦ୍ର ନନ୍ଦୀ, ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟର କ୍ଷମତା ପାଇଲେ ।

ମୌଲବି ମନ୍ଦୁର ମହମ୍ମଦ ଦେ ବର୍ଷ ସକାଶେ ୩ୟ ଶ୍ରେଣୀର ମାଜିଷ୍ଟ୍ରେଟ ନିଯୁକ୍ତ ହୋଇ ବାଲେଶ୍ୱର କଲେ ସଦର ବେଞ୍ଚର ସଭ୍ୟ ପଦରେ ନିଯୁକ୍ତ ହେଲେ ।

ବଙ୍ଗ ଓ ଓଡ଼ିଶା ରହର ଡେ: ସାନିଟାରି କମିଶନର ମେଜର ପାଉଲ୍‌ଲର, ଡାଲହଉସି, କେମେରା ଏକ ଡ଼ ଆଇ ଏମ ଏ ପନ୍ତ୍ୟ ମାଙ୍କର ପର୍ଯ୍ୟନ୍ତ ବଙ୍ଗର ଏବଂ ସାନିଟାରି କମିଶନର ନିଯୁକ୍ତ ହେଲେ ।

Digitized by srujanika@gmail.com

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭମାନେ ଦାୟୀ ନୋହୁଁ ।

---

ମାନ୍ୟବର ମହାଶୟ !

ଗତର ଫିବୃୟାରୀ ମାସ ତା ୪ ଉଣ ମାଘ କୃଷ୍ଣ ଶୁକ୍ରବାର ପଞ୍ଚମୀ ଦିନ ଏହି ଅଠଗଡ଼ ବୋଦଲା ଗ୍ରାମରେ କେତେକ ଭଦ୍ରବ୍ୟକ୍ତିଙ୍କ ପ୍ରଯତ୍ନ ସହକାରେ ଗୋଟିଏ ସାଧାରଣ ସଭାର ଅଧିବେଶନ କରାଯାଇଥିଲା । ଏହି ସଭାରେ ଛତିଆ ଜଗନ୍ନାଥପୁର ଶାସନର ସାମନ୍ତ ଶ୍ରୀ ହରିହର ରଥଗୁରୁ ମହାଶୟ ମହାଶୟ ସଭାପତିଙ୍କର କାର୍ଯ୍ୟ କରିଥିଲେ । ବୋଦଲା ଗ୍ରାମ ନିବାସୀ ଶ୍ରୀଯୁକ୍ତ ହରିହର ପଟ୍ଟନାୟକ ମହାଶୟ ସମ୍ପାଦକ ଏବଂ ପଣ୍ଡିତ ଶ୍ରୀ ଜଗନ୍ନାଥ ମିଶ୍ର କାବ୍ୟତୀର୍ଥ ମହାଶୟ ସହକାରୀ ସମ୍ପାଦକ ପଦରେ ମନୋନୀତ ହୋଇଥିଲେ । ଏହି ସଭାର କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ଅପରାହ୍ନ ୩ ଘଣ୍ଟାରୁ ପ୍ରାରମ୍ଭ ହୋଇ ରାତ୍ର ୯ ଘଣ୍ଟା ପରେ ଶେଷ ହେଲା । ଏହି ସଭାରେ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକର ଆଲୋଚନା ଓ ନିର୍ଦ୍ଧାରିତ ହେଲା ।

୧ମ ପ୍ରସ୍ତାବ । ଏହି ସଭା "ଉତ୍କଳଦାୟିନୀ ସମିତି" ଆଖ୍ୟାରେ ପ୍ରତିଷ୍ଠିତ ହେଉ ।

୨ୟ ପ୍ରସ୍ତାବ । ଏହି ସ୍ଥାନରେ ସମ୍ପ୍ରତି ବିଦ୍ୟାଳୟ ଗୋଟିଏ ସ୍ଥାପନା କରାଯିବା ମହାରେ ସଭ୍ୟଗଣଙ୍କର ସ୍ୱୀକାର ସମ୍ପାଦିତ ହେଉ ।

୩ୟ ପ୍ରସ୍ତାବ । ଏହି ବିଦ୍ୟାଳୟ ପାଠଶାଳା ବିଷୟରେ ସଂସ୍କୃତ ବିଭାଗ ଓ ଚେଷ୍ଟା କରାଯାଉ ।

ଏହି ସଭାରେ ଗ୍ରାମ୍ୟ ପଣ୍ଡିତ ବ୍ରାହ୍ମଣ ଏବଂ ବ୍ରାହ୍ମଣେତର ଲୋକେ ଯୋଗଦାନ କରିଥିଲେ । ସଭାର ଅଦ୍ୟରେ ଓ ପ୍ରାନ୍ତରେ ଜାତୀୟ ସଙ୍ଗୀତ ଏବଂ ମଙ୍ଗଳାଷ୍ଟକ ସଙ୍କୀର୍ତ୍ତନ ଗାନ କରାଯାଇଥିଲା । ପରଶେଷରେ ଜଗଦୀଶ୍ୱରଙ୍କ ଚରଣରେ ପ୍ରାର୍ଥନା ଏହି ଯେ ଏହି "ଉତ୍କଳଦାୟିନୀ ସମିତି" ଦ୍ୱାରାରୁ ସାର୍ଥ ଜନ ଦେଶର ଶୋଭା ପ୍ରଭୃତି ବହୁବିଧ ମଙ୍ଗଳ ସାଧନ କରୁ । ଇତି ।

| | |
|---|---|
| ଉତ୍କଳଦାୟିନୀ ସମିତି ବୋଦଲା ଗ୍ରାମ ୫।୨।୧୦ | ବଶମ୍ବଦ ଶ୍ରୀ ହରିହର ପଟ୍ଟନାୟକ ସମ୍ପାଦକ |

☞ ଆଗାମୀ ହେବୁ ଶେଷ ଦୁଇ ପ୍ରସ୍ତାବ ଓ ପ୍ରସ୍ତାବର ପ୍ରତ୍ୟେକର ନାମ ସହ ଦିଆଗଲା ।—ସ

---

ଉତ୍କଳ ସମ୍ମିଳନୀ ଶାଖା ପାଣ୍ଠି ବାବଦ ଅଦ୍ୟାପି ହୋଇଥିବା ଚାନ୍ଦାର ତାଲିକା । (ଗତ ପ୍ରକାଶିତ ଦିନରେ) ପ୍ରଥମବର୍ଷ ପାଇଁ

| ନାମ | | ବାର୍ଷିକ ଚାନ୍ଦା |
|---|---|---|
| ଶ୍ରୀଯୁକ୍ତ ରଜା ସାହେବ କନିକା | | ଟ ୧୦୦୲ |
| " ଗୋକୁଳାନନ୍ଦ ଚୌଧୁରୀ କଟକ | | ଟ ୫୦୲ |
| " ରାୟ ସୁଦାମଚନ୍ଦ୍ର ନାୟକ ବାହାଦୁର | " | ଟ ୫୦୲ |
| " ଗୋପାଳଚନ୍ଦ୍ର ପ୍ରହରାଜ ଟ ୨୦ ମୂଧ | " | ଟ ୧୦୲ |
| " ହରମୋହନ ଚୌଧୁରୀ | " | ଟ ୧୲ |
| " ଲୋକନାଥ ନାୟକ | " | ଟ ୧୲ |
| " ନୃସିଂହଚରଣ ଦାସ | " | ଟ ୨୦୲ |
| " କୃଷ୍ଣଚନ୍ଦ୍ର ଭଞ୍ଜ ଦର୍ପଣ ଟ ୨୦ ମୂଧ | | ଟ ୧୫୲ |
| " ବୈଦ୍ୟନାଥ ସତପଥୀ କଟକ ଟ ୨୦ ମୂଧ | | ଟ ୧୦୲ |
| " ରାଧାମୋହନ ଘୋଷ | " | ଟ ୧୲ |
| " ମହନ୍ତ ବୃନ୍ଦାବନ ରାମାନୁଜ ଦାସ | " | ଟ ୧୲ |
| " ମୁରଲୀଧର ମାରୱାଡ଼ି | " | ଟ ୨୲ |
| " ଚୌଧୁରୀ ଭଗବାନଦାସ ଭଣ୍ଡାରୀ ପୁର | | ଟ ୩୲ |
| " (ପୂର୍ବେ " ) ୨ୟ ବର୍ଷର | | ଟ ୫୲ |
| " ଚୌଧୁରୀ ମୁକୁନ୍ଦ ଦାସ ଭଣ୍ଡାରୀ ପୁର | | ଟ ୨୲ |
| " (ପୂର୍ବେ ") ୨ୟ ବର୍ଷର | | ଟ ୩୲ |
| " ଏନ୍ ସୁବ୍ରାଓ | ଚତ୍ରପୁର | ଟ ୧୨୲ |
| " ମହନ୍ତ ଗଦାଧରରାମାନୁଜ ଦାସ ପୁରୀ ଏମାରମଠ | | ଟ ୩୦୲ |
| " ପ୍ରାଣକୃଷ୍ଣ ପ୍ରଭାକର ଗଡ଼ନାୟକ | | ଟ ୧୲ |
| " ମହାରଜା ବାହାଦୁର ମୟୂରଭଞ୍ଜ | | ଟ ୧୦୦୲ |
| " ମହେନ୍ଦ୍ରନାଥ ମହାନ୍ତି କଟକ ଏକକାଳୀନ | | ଟ ୧୲ |
| " ସାମନ୍ତ ବିନୋଦ ସୁରଦେବ ତିରନ | | ଟ ୫୲ |
| ଅଦ୍ୱୈତ ବର୍ମ୍ମା | କଟକ | ଟ ୫୲ |
| ଶ୍ରୀଯୁକ୍ତ ଜଗମୋହନ ମହାନ୍ତି ଶଙ୍ଖରପୁର | | ଟ ୩୲ |
| " କୃଷ୍ଣପ୍ରସାଦ ମହାନ୍ତି | କଳ୍ପଣ୍ଡ | ଟ ୫୲ |
| " ମଦନ ସାହୁ | କଟକ | ଟ ୫୲ |
| " ଶ୍ୟାମସୁନ୍ଦର ସାହୁ | " | ଟ ୫୲ |
| " ଦ୍ୱାରିକନାଥ ମହାରଣା | " | ଟ ୧୲ |
| " ସୁଦର୍ଶନ ମହାନ୍ତି | " | ଟ ୧୲ |
| " ହରେକୃଷ୍ଣ ପଟ୍ଟନାୟକ | " | ଟ ୧୲ |
| " କାଳୀଚରଣ ଦତ୍ତ | " | ଟ ୧୲ |
| " ଈଶ୍ୱରଚନ୍ଦ୍ର ସାହୁ | " | ଟ ୧୲ |
| " ବଳଦେବ ବହିଦାର ଭଲେଇଆଣ୍ଡ | | ଟ ୦। |
| " ଗଙ୍ଗାଧର ଗୋସ୍ୱାମୀ | " | ଟ ୦। |
| " ହରିହର ଚାରଦତ୍ତ | କଟକ | ଟ ୧୲ |
| " ରଣଜିତ୍ ଲାଲ ସେଠ | " | ଟ ୧୲ |
| " କୃଷ୍ଣଚନ୍ଦ୍ର ରାୟ ବଡ଼ ଟ ୪ ମୂଧ | | ଟ ୧୲ |

ଅଶାକରୁଁ ଅବଶିଷ୍ଟ ଚାନ୍ଦା ସ୍ୱାକ୍ଷରକାରୀଗଣ ଶୀଘ୍ର ଟଙ୍କାକର ଦେଇ ପ୍ରେରଣଦ୍ୱାରା ଉତ୍ସାହିତ କରିବେ ।

| | |
|---|---|
| ସମିଲନୀ କାର୍ଯ୍ୟାଳୟ କଟକ ୧୭।୨।୧୯୧୦ | ଶ୍ରୀ ଗୋକୁଳାନନ୍ଦ ଚୌଧୁରୀ ସମ୍ପାଦକ ଉତ୍କଳସମ୍ମିଳନୀ |

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ମଧୁସୂଦନ ସାମନ୍ତ | ପାଟଣା | ୬।୦ |
| " ଲକ୍ଷ୍ମୀଧର ମହାନ୍ତି | ଭଦ୍ରକ | ୬।୦ |
| ଶ୍ରୀ ଯଦୁନନ୍ଦନ ମହାପାତ୍ର | ଦିଗପହଣ୍ଡି | ୬।୦ |
| ଶ୍ରୀ ବାବୁ ଦୟାନିଧି ରାୟ ମହାଶୟ ପୋଲସରା | | ୬।୦ |
| " ଗୋବିନ୍ଦଚନ୍ଦ୍ର ଦାସ | ଜୟପୁର | ୬।୦ |
| " ରାୟ ବାସ ମହାନ୍ତି | ପୋଖରୀପୁର | ୬।୧ |
| " ଶଙ୍କରନାଥ ବେହେରା | ରମ୍ଭା | ୬।୦ |
| " ହରିଶ୍ଚନ୍ଦ୍ର ପଣ୍ଡା | ଅଠମଲ୍ଲିକ | ୬।୧ |
| " ମାଧବ ମହାପାତ୍ର | ଦରଣୀଗଡ଼ | ୬।୦ |
| " କୃପାସିନ୍ଧୁ ମହାନ୍ତି | ଓମାପଡ଼ା | ୬।୦ |
| " ଲୋକନାଥ ପାଢ଼ୀ | ଭଦ୍ରକ | ୬।୨ |
| ମ୍ୟାନେଜର ହେଡ଼ ମାଷ୍ଟର ରାୟ ବାହାଦୁର ସ୍କୁଲ ଜଗନ୍ନାଥପଡ଼ା | | ୬।୦ |
| ଶ୍ରୀ ବାବୁ ଶିବ ମିଶ୍ର | ବୁଗୁଡ଼ା | ୬ |
| " ଗୋପୀନାଥ ରାୟ | ବାଙ୍କୀ | ୬।୧ |
| " ବିଶ୍ୱନାଥ ହରିଚନ୍ଦନ | ଖାରୁଆପଡ଼ା | ୬।୦ |
| " ବାଳକ ଜେନା | ଜଗତସିଂହପୁର | ୬।୦ |
| " ଜଗନ୍ନାଥ ମୁଦୁଲି | ବାଲିପଟଣା | ୬।୦ |
| " ମାଧବ ଦାସ | ଚେଙ୍ଗପଡ଼ା | ୬।୧ |

### ଧନ୍ୟବାଦ ।

ଗେଜେଟରୁ ଜଣାଯାଏ ଯେ ଜିଲ୍ଲା ଅନ୍ତର୍ଗତ ସଦର ଜଗତସିଂହପୁର, ଭଦ୍ରଖ, ବାଲେଶ୍ୱର ଓ ବାଙ୍କୀ ଥାନା ମଧ୍ୟରେ ସମସ୍ତ ଉତ୍କଳ ଦେଶର (ଥାନା) ସନ ୧୯୧୦ ମସିହା ଅପ୍ରେଲ ମାସ ତା ୧ ରିଖ-ଠାରୁ ସନ ୧୯୧୧ ମସିହା ମାର୍ଚ୍ଚ ମାସ ତା ୩୧ ରିଖ ପର୍ଯ୍ୟନ୍ତ ୧ ବର୍ଷ ନିମନ୍ତେ ସନ ୧୯୧୦ ମସିହା ମଇ ମାସ ତା ... ସନ ୧୩୧୭ ସାଲ ଫାଲ୍ଗୁନ ମାସ ତା ୨୨ ରିଖ ଦିନ ୧୨ ଘଣ୍ଟା ସମୟରେ କଟକ ସଦର କାଲେକ୍ଟରୀ କୋର୍ଟ ଅଫିସରେ ଶ୍ରୀଯୁକ୍ତ ଶ୍ରୀ ଡେପୁଟିମେଜି ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମ ଦ୍ୱାରା ଇଜାରା ବନ୍ଦୋବସ୍ତ ହୋଇଥିବ ଅତଏବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉ ଦିଆଯାଉଅଛି ଯେ ଯେଉଁମାନେ ଉକ୍ତ ଇଜାରାରେ ଉକ୍ତ ନେବାକୁ ଇଚ୍ଛା କରନ୍ତି ସେମାନେ ନିର୍ଦ୍ଦିଷ୍ଟ ଉପରଲିଖିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଯୋଗ ଦେଇ ପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ଡାକରେ ନିଲାମ ସ୍ଥିର ହୋଇବ ଓ ନିଲାମ ଶେଷ ହେବା ଉତ୍ତାରୁ ଅର୍ଥାତ୍ ନିଲାମ ଡାକ ଶେଷ ହେଲାକ୍ଷଣି ଇଜାରାଦାର ଅର୍ଦ୍ଧାଂଶ ଜାମିନ ସ୍ୱରୂପ ସରକାରଙ୍କ ତହବିଲରେ ଓ ବାକି ଇଜାରାନାମା ଲେଖିଦେବା ଅବସରରେ ତାଙ୍କ ଦାଖଲ କରିବାକୁ ହେବ । ଉକ୍ତ ଅର୍ଦ୍ଧାଂଶ ଟଙ୍କା ଦାଖଲ ନ ହେଲେ ପୁନ ନିଲାମ ହୋଇବ ଓ ପୁନର୍ବାର ନିଲାମରେ ଅଳ୍ପ ଟଙ୍କା ହେଲେ ପ୍ରଥମ ଡାକଦାରରେ ଅଗାମୀ ଦେବାକୁ ହେବ । ପ ହେଲେ ବର୍ଷର ଯେ ସବୁ ହେବ ତାହା ଧୂଳିବାରକ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଇଜାରା ନେବାର ୟୁକ୍ତ ବାବଦରେ

Split by PDF Splitter
Digitized by srujanika@gmail.com

## NOTICE.

All persons having claims against the late Maharaja Dalganjan Sing Deo, Feudatory Chief of the Patna State, Orissa, should file the same, with all evidence in support thereof before the Dewan, Patna State, Bolangir Post office Via Sambalpur Bengal Nagpur Railway on or before 1st May 1910 after which date no claims will be considered.

Dated Bolangir 25—2—10. Balmukund Bohidar, Dewan of Patna State.

## SALE NOTICE.

The District Forest officer Ganjam will put up to public auction at 10 A. M. on 6th March 1910 at the Forest Range office Berhampur some 12000 c. ft. of sound well seasoned Sal logs of large dimensions suitable for conversion into Railway sleepers or for building purposes. The logs will be roughly squared and put up for sale in lots to suit purchasers.

Intending bidders will be required to deposit Rs. 25 at the commencement of the sale. Successful bidders will be required to pay ¼ of the bid amount the day after the sale and the rest of the bid amount within 8 days.

The timber can be seen at the Range office Berhampur between 1st and 6th March.

Chatrapur 7-2-10. Sd H. C. BENNETT, District Forest officer.

WANTED an Assistant Jailor for the Baripada Jail, Mourbhanj, on Rs. 30 rising to Rs. 40. Entrance passed Uria candidates with a fair knowledge of accounts should apply stating age and experiences to the undersigned in their own handwriting by the 20th instant.

Baripada 2—3—10. Sd. H. B. KIDDELL, Supdt. of Jails Mourbhanj.

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଯାଉଅଛି ଯେ ଏ ରାଜ୍ୟର ସମସ୍ତ ଅବକାରୀ ଦୋକାନ, ଗୋ ମହୁଲର ଚମଡ଼ା ଓ ଶିଙ୍ଗ ଏବଂ ଜଙ୍ଗଲୋତ୍ପନ୍ନ ଦ୍ରବ୍ୟମାନଙ୍କର ଲାଇସେନ୍ସ ସନ ୧୯୧୦-୧୧ ବର୍ଷ ନିମନ୍ତେ ଆଗାମୀ ମାର୍ଚ୍ଚମାସ ତା ୧୪ ରୁଖରେ ପ୍ରକାଶ୍ୟରୂପେ ନିଲାମ କରାଯିବାର ସ୍ଥିର କରାଯାଇଅଛି । ଏଣୁ ଯେଉଁମାନେ ନିଲାମ ଡାକିବାକୁ ଇଚ୍ଛା କରନ୍ତି ସେମାନେ ଧାର୍ଯ୍ୟ ତାରଖ ଦିବସ ଦିବା ଘ ୧୧ ଘଣ୍ଟା ସମୟେ ଅତ୍ର କଚେରୀରେ ଉପସ୍ଥିତ ହୋଇ ନିଲାମ ଡାକ ପାରିବେ ।

Raj office Pal Lahara 25—2—10. Ganeswar Pal, Raja and Feudatory Chief Pal Lahara State.

### ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଅତ୍ର ନରସିଂହପୁର ରାଜ୍ୟସ୍ଥ ଅବକାରୀ ଦୋକାନ, ବନଜାତ ଦ୍ରବ୍ୟ, ଘାଟ, ଓ ମତ୍ସ୍ୟଧରା ପ୍ରଭୃତିର ଲାଇସେନ୍ସ ସନ ୧୯୧୦-୧୧ ମସୀହା ନିମନ୍ତେ ଆସନ୍ତା ମାର୍ଚ୍ଚମାସ ତା ୧୪ ରଖରେ ନିଲାମ ହେବାର ସ୍ଥିର ହୋଇଅଛି । ଲାଇସେନ୍ସ ଗ୍ରହଣକାରୀମାନେ ଉକ୍ତ ଦିବସ ଦିବା ଘ ୧୨ ଘଣ୍ଟା ସମୟରେ ଅତ୍ର ରାଜ୍ୟସ୍ଥ ସଦର କଚେରୀରେ ଉପସ୍ଥିତ ହୋଇ ନିଲାମ ଡାକ ପାରିବେ ।

Narsingpur Raj office 23—2—10. Damodar Patnaik, Dewan. For Raja.

## ଠିକାଦାର ଆବଶ୍ୟକ ।

କଟକ ଜିଲ୍ଲା ଅନ୍ତର୍ଗତ କେନ୍ଦ୍ରାପଡ଼ା ସବ୍‌ଡିଭିଜନ ଇଲାକାର ପଟ୍ଟାମୁଣ୍ଡାଇ କେନାଲର ମାଟିକାମ ଦୁଆ କରିବା ନିମନ୍ତେ ଠିକାଦାର ଆବଶ୍ୟକ । କେତେ ମାଟିକାମ ହେବ ଓ ତାହାର ଦର ଇତ୍ୟାଦି ବିଷୟରେ ଯେଉଁ ଜାଣିବାର ଆବଶ୍ୟକ ହେଲେ କଟକ ମହାନଦୀ ବ୍ରାହ୍ମଣୀ ବୈତରଣୀ ଡିଭିଜନର ଏକଜିକ୍ୟୁଟିଭ ଇଞ୍ଜିନିୟର ଅଥବା କେନ୍ଦ୍ରାପଡ଼ା ମୁକାମ P. W. D. ସବଡିଭିଜନ ଦଫ୍ତରରୁ ବୁଝି ପାରିବେ । ଇତି ।

କଟକ ୨୮।୨।୧୦. W. S. BREMNER, Executive Engineer Brahmini Byterni Dn.

ପୁଣି କେତେଦିନ ସକାଶେ ସୁଯୋଗ ।
ସତ୍ୱର କ୍ରୟ କରନ୍ତୁ ।

## ବିଚିତ୍ର ହରିବଂଶ ।

ଡିମାଇ ଆଠପେଜି ୫୭୯ ପୃଷ୍ଠା ।
କୃଷ୍ଣଙ୍କ ଜନ୍ମଠାରୁ ସ୍ୱର୍ଗାରୋହଣ ପର୍ଯ୍ୟନ୍ତ
ନାନାପ୍ରକାର ଛନ୍ଦରେ ରଚିତ ।

ଆସନ୍ତା ବର୍ଷର ସଂକ୍ରାନ୍ତି (ଏପ୍ରେଲ ୧୩ ତାରଖ) ପର୍ଯ୍ୟନ୍ତ ଟ ୨୲ ଙ୍କା ମୂଲ୍ୟର ଏହି ବୃହତ୍ ପୁସ୍ତକ ଟ ୧୲ ଙ୍କା ମୂଲ୍ୟରେ ବିକ୍ରୟ କରାଯିବ ଡାକ ମାସୁଲ ଓ ଭିଃ ପିଃ ଖରଚ ଟ ।୵ ମାତ୍ର ।

ପ୍ରାପ୍ତି ସ୍ଥାନ—ଉତ୍କଳ ସାହିତ୍ୟ ପ୍ରେସ, ପୋଃ ଅଃ ଗୃନ୍ଥିଲିଭିକ, କଟକ ।

। ଶ୍ରୀ । ଶ୍ରୀ ଯୁକ୍ତ ଦେଓ୍ୟାନ । କ । ବଡ଼ାମ୍ବା ।

### ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଇ ଦିଆଯାଉଅଛି ଯେ ସନ ୧୯୧୦।୧୧ ସାଲ ନିମନ୍ତେ ତଫସିଲ ଦୋକାନମାନଙ୍କର ଲାଇସେନ୍ସ ଆଗାମୀ ମାର୍ଚ୍ଚମାସ ତା ୧୮ ରିଖ ଶୁକ୍ରବାର ଦିବା ଘ ୧୨ ଘଣ୍ଟା ସମୟରେ ଅତ୍ର ସଦର କଚେରୀରେ ନିଲାମ ହେବ । ଲାଇସେନ୍ସ ନେବାକୁ ବ୍ୟକ୍ତିମାନେ ଜରୁରିତ ସମୟରେ ନିର୍ଦ୍ଦିଷ୍ଟ ସ୍ଥାନରେ ଉପସ୍ଥିତ ହୋଇ ନିଲାମ ଡାକ ପାରିବେ । ଇତି

ବଡ଼ାମ୍ବା ରାଜ୍ୟର ଗୋ, ମହିଷ ଚମଡ଼ା ଓ ମହିଷୀ ଶିଙ୍ଗର ଲାଇସେନ୍ସ ।
କୋଚିଲା, ବାଦାମ୍ବା, ଝୁଣା ଓ ହରିଡ଼ା ପ୍ରଭୃତିର ବନଜାତ ଦ୍ରବ୍ୟର ଲାଇସେନ୍ସ ।
କଳଗଡ଼ ଅଫିମ ଦୋକାନ
,, ଗଞ୍ଜେଇ ଦୋକାନ
ମାଣିଆବନ୍ଧ ଅଫିମ ଦୋକାନ
,, ଗଞ୍ଜେଇ ଦୋକାନ
,, ମଦ୍ୟ ଦୋକାନ
,, ତାଡ଼ି ଦୋକାନ
ଗୋଇଅଗର ମଦ୍ୟ ଦୋକାନ,

Raj Office Baramba 27.2.10. Bhagawan Mahapatra, Dewan

### ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଦର୍ପଣ କୋର୍ଟ ଅଫ୍ ଓ୍ୟାର୍ଡ୍‌ସ ଷ୍ଟେଟର ଯେ କୌଣସି ଆମ, ପାଇକ ବା ଶୂନ୍ୟ ପ୍ରଜା ଆପଣା ଜମିର ସତ୍ତ୍ୱ ବିକ୍ରୟ ଅଥବା ହସ୍ତାନ୍ତର କରିବାକୁ ଇଚ୍ଛା କରିବେ ସେ ପ୍ରଥମେ ଜମିଦାର ଅର୍ଥାତ୍ କୋର୍ଟ ଅଫ୍ ଓ୍ୟାର୍ଡ୍‌ସ ମାନେଜରଙ୍କ ଅନୁମତି ନେଇ ତାହା କରି ପାରିବେ ନଚେତ୍ ସେ ହସ୍ତାନ୍ତରକରଣ ଅଗ୍ରାହ୍ୟ ହୋଇ କେତାର ନାମ ସେରସ୍ତା କାଗଜାତରେ ଦରଜ ହୋଇ ପାରିବ ନାହିଁ ବା କେତା ସେପରି ଜମିକୁ ଦଖଲ କରି ପାରିବେ ନାହିଁ ।

CUTTACK The 1st March 1910. K. C. Nund. Manager, Darpan Wards Estate,

## ଉତ୍କଳ ଦୀପିକା ।

### THE NEW TAXES.

Our present Finance Minister Sir Guy Fleetwood Wilson while presenting the Budget last year hoped to effect a permanent reduction in expenditure, but a year's experience has taught him to view with "grave anxiety the steady growth of our expenditure." He believes that the remedy lies in "a general recasting of our scale of public charges." While presenting the Budget he discarded the old established method of resorting to temporary expedients of "reduction of a temporary urgent character, with a view to restore some sort of equilibrium of income and expenditure."

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED No. C 61

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

| | | |
|---|---|---|
| ଖ ୪୫ ଶ | CUTTACK SATURDAY THE 5th March February 1910. | ଅଗ୍ରୀମ ୪ |
| | ଫାଲ୍ଗୁନ ୧୨ ଶ ସନ ୧୩୧୭ ସାଲ ଶନିବାର | ନଗଦ ମୂଲ୍ୟ |
| ସ ୧୦ ଖ୍ୟା | ସହର କଟକ ଦଉଘାଟ ଜାର ପ୍ରିଂଟିଂ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା | ପ୍ରତିଖଣ୍ଡର ୪ ୦ / |

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା:—

ପ୍ରଥମବାର ସକାଶେ ଧାଡ଼ି ପ୍ରତି ୪୦ । ଓ ଅର୍ଦ୍ଧସ୍ତମ୍ଭର ୪୩୧ ପୂର୍ଣ୍ଣ ଏକ ସ୍ତମ୍ଭର ୫୪୦ ମାତ୍ର । କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେହେଁ ପ୍ରତିବାର ଦର ୫୧୦ରୁ ଊଣା ହେବ ନାହିଁ । ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ । ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗରେ ପଠାଇବାକୁ ହେବ ।



## ବିଜ୍ଞାପନ ।

### କଟକ ପ୍ରିଣ୍ଟିଂକମ୍ପାନୀଙ୍କର

## ନୂତନ ପଞ୍ଜିକା ।।

ଶକାବ୍ଦା ୧୮୩୨ ସନ ୧୩୧୭ ଓ ୧୩୧୮ ସାଲ ଇଂରାଜୀ ସନ ୧୯୧୦ । ୧୯୧୧ ମସିହାର ପୂର୍ବପରି ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ଏହି ପଞ୍ଜିକା ଉତ୍କଳର ପଞ୍ଜିକାମାନଙ୍କ ମଧ୍ୟରେ ସର୍ବାପେକ୍ଷା ପ୍ରାଚୀନ, ବୃହତ୍, ଉତ୍ତମ କାଗଜରେ ମୁଦ୍ରିତ ଏବଂ ଅଧିକ ବ୍ୟବସ୍ଥାଯୁକ୍ତ ଅଟେ । ସୁତରାଂ ଏହି ପଞ୍ଜିକାର ଅଧିକତର ଆଦର ଏବଂ ଅଧିକତର ଆଦୃତ । ଏହାର ବିଶୁଦ୍ଧତା ସମ୍ବନ୍ଧେ ଅଧିକ କହିବା ବାହୁଲ୍ୟ ଅଟେ ।

| | |
|---|---|
| ବଡ଼ପଞ୍ଜିକା | ୮ ୦ । |
| ଛୋଟପଞ୍ଜିକା | ୮ ୦ ୧ ୬ |

ଯେଉଁମାନେ ବିକ୍ରୟ କରିବାକୁ ଅଧିକ ସଂଖ୍ୟାରେ ନେବେ ସେମାନେ ଯଥେଷ୍ଟ କମିଶନ ପାଇବେ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ ।

## THE BHARAT INSURANCE COMPANY, LIMITED.

HEAD OFFICE:—

Bharat Buildings, Lahore.
(THE PIONEER SWADESHI OFFICE)

Branches :—Lahore, Rawalpindi, Sukkur, Nagpore, Ajmere Ahmedabad, Madras, Hyderabad Deccan.
Chief Agencies :—Calcutta & Bombay.
Chairman :—The Honourable Mr. Harkishna Lal Bar-at-law Lahore
Yearly Income :—Over 100,000.
Issues all kinds of Life, Endowment, Industrial, Marriage and Education, Annuity and Pension and Rupee policies without Medical Examination,

1. Policies non-forfeitable.
2. Surrender Values fixed.
3. Policy holders may participate in the profits of the Co.
4. Prompt Payment of claims.
5. All kinds of facilities are offered.

RATES LOWEST COMPATIBLE WITH SECURITY.
Patronised by all classes in India *Canvassees & Introducers of business* (wanted) encouraged.

For full particulars apply to:—
Lajpat Rai Sahni,
Manager. 3

## ଓରିଏଣ୍ଟାଲ ଗଭର୍ଣ୍ଣମେଣ୍ଟ ସିକିଉରିଟି ଲାଇଫ ଏସିଓରେନ୍ସ କୋମ୍ପାନି ଲେମିଟେଡ

ବମ୍ବେ, ୧୮୭୪ ସାଲରେ ସ୍ଥାପିତ

ଏହି ଜୀବନ ବୀମା କୋମ୍ପାନି ଅତୁଳନୀୟ, ଏହି କୋମ୍ପାନି ଅତି ସୁଲଭରେ ଏବଂ ସକଳ ପ୍ରକାର ସୁବିଧାରେ ଦେବାକୁ ପ୍ରସ୍ତୁତ ।

ଭାରତବର୍ଷର ପ୍ରଧାନ ବୀମା କୋମ୍ପାନୀ

କଲିକତା ହେଡ଼ ଅଫିସ
ନଂ ୨୮ ନୂଆ ଡେଲହାଉସି ସ୍କୋୟାର
ଉତ୍କଳର ଜେନେରାଲ ଏଜେଣ୍ଟ
ସେକ୍ରେଟରୀ

କଟକ ଅଫିସ, ଲାଲବାଗ
ଏଜେଣ୍ଟ, ଶ୍ରୀପ୍ରବୋଧ କୁମାର ଘୋଷ

Digitized by srujanika@gmail.com

Split by PDF Splitter



## NOTICE

A large commodious house with ample ground ( about one acre ) called the *Ghumsar kotha* belonging at present to the Chowdhuries of Bhingarpur and formerly, partly to the Tributary Raja of Keonjhar, situated on Revenue and rent-free land immediately on the Baradand (*i.e.* the great Jaggarnath Car Road at Puri ) with the temple of Jaggarnath directly in sight, will be sold by public auction on the 15th of March next at 2 P. M. at the said house. The house is fit for the residence of Rajas, Ranies and other noble men and ladies desirous of living permanently or occasionally at Puri or for the establishment of such charitable institutions as pilgrim rest houses, Arna chhatras, pilgrim Hospitals &c. &c. The great Rath Jatra (*i.e.* the Jaggarnath car festival procession) passes in the front of the house. Other particulars may be had on application to the undersigned.

Cuttack 25-1-1910 } Hemendranath Roy. Common Manager Bhingarpur Chowdhuries Estate under the District Judge Cuttack, Orissa

## NOTICE

Is hereby given that the Dhenkanal State Mica Mines will be leased out on certain condition on the 20th March next at a public auction to be held within the precient of this Court to him who will bid highest. The bidder will have to deposit first ¼ of the auction sale price.

Parbati Charan Das
Assistant Dewan
In charge.

ସୂଚନା ।

[illegible] ଉତ୍କଳ ଦୀପିକା [illegible] ଉପକାର [illegible] ଏହାଙ୍କ [illegible] ସାଧାରଣ ଲୋକେ [illegible] ଏହି [illegible] ସଂଶୋଧନ [illegible] ଏହି ପୁସ୍ତକ [illegible] ହୋଇଅଛି [illegible] ଲୋକ ଏହା [illegible] ପ୍ରତ୍ୟେକ [illegible] ହୋଇଅଛି ।

ଅବପକ୍ଷ ୫ ॰ ୩ ମଧ୍ୟପକ୍ଷ ୮ ॰/ ଷଟପକ୍ଷ ୫ ॰ ୩ ବଳପକ୍ଷ ୮ ॰ ୨ ବକ୍ଷଟପକ୍ଷ ୮ ॰ ୩/ ଉଦ୍ଯୋଗପକ୍ଷ ୮ ॰ ୨ ସ୍ୱରୂପକ୍ଷ ୮ ॰ । [illegible] ୮ ॰ । [illegible] ପ୍ରକାଶିତ ହେବ ।

କଟକ [illegible] ପୁସ୍ତକ ଦୋକାନରେ ବିକ୍ରି ହେଉଅଛି ।

## NOTICE.

Wanted a Head Teacher for the Jolahsahi U. P. Girl's School Cuttack on a monthly salary of Rs9, A female candidate will be preferable. Applications with copies of testimonials will be recieved by the undersigned up to 10th march 1910.

15-2-10 } Ahmed Bukhsh, Secretary Jolahsahi U. P. Girls School Nimusahi, Cuttack.

ଏତଦ୍ଦ୍ୱାରା [illegible] ଜଣାଇ ଦିଆଯାଉଅଛି ଯେ [illegible] ଅନ୍ତର୍ଗତ [illegible] ମେଳା [illegible] ଏବଂ [illegible] ଏହି [illegible] ପ୍ରକାର ପଦାର୍ଥ [illegible] ମେଳାର [illegible] ପ୍ରଦର୍ଶନୀରେ [illegible] ପଦାର୍ଥ [illegible] ଏତଦ୍ଦ୍ୱାରା [illegible] ସେମାନେ ଆଗାମୀ [illegible] ପଦାର୍ଥ [illegible] ଏହି ମେଳା [illegible] ପ୍ରଦର୍ଶନୀ ସମ୍ବନ୍ଧରେ କୌଣସି ବିଷୟ ଜାଣିବାକୁ ଇଚ୍ଛା [illegible] ବାବୁ [illegible] ତାହା ଜାଣି ପାରନ୍ତି ।

ତା ୧୩—୨—୧୦

[illegible] ପ୍ରେସିଡେଣ୍ଟ
ଶ୍ରୀମାନ୍ [illegible] ବାବୁ
[illegible] ପୋ: ଅ: ପାନପୋଷ
ବେ: ନା: ରେ:

ଶ୍ରୀମାନ୍ ଚୈତନ୍ୟ ପ୍ରସାଦ ଦେ ଠାକୁର
[illegible] ପାନପୋଷ
ବେ: ନା: ରେ:

[illegible]

ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ [illegible] ଅନ୍ତଃପାତୀ ଜମିଦାରୀ ଓ୍ୟାର୍ଡ଼ସ୍ ଷ୍ଟେଟର କୌଣସି ବସ୍ତୁ ବାହାର କରିବା ଜମିଦାର ଅର୍ଥାତ ଓ୍ୟାର୍ଡ଼ସ୍ ମାନେଜରଙ୍କ ଅନାନୁମତରେ କୌଣସି ପ୍ରକାର ହସ୍ତାନ୍ତର ହୋଇ ପାରିବ ନାହିଁ । ଯଦି କୌଣସି ବସ୍ତୁ ଅନାନୁମତରେ ହସ୍ତାନ୍ତର ହେବାର ପ୍ରକାଶ ପାଏ ତାହାହେଲେ ଉକ୍ତ ଜମିର ସ୍ୱତ୍ୱବାନ୍ ଆଇନାନୁସାରେ ଜମିରୁ ବେଦଖଲ ହେବ ।

ଦଃ
Balmukund Kanungo,
ମାନେଜର

## NOTICE.

Notice is hereby given that the lease to purchase and export Sabal-grass from the Bonai State forest will be sold by Public auction at the office of the Superintendent Bonai State on the 15th March 1910. Intending purchasers should send up their applications to the undersigned stating the amount they are prepared to offer or personally appear on the fixed date.

Basudev Misra,
Superintendent,
Bonai State
18—2—10, Via Panposh P. O.
B. N. R.

ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନୟାଗଡ଼ ରାଜ୍ୟର ଅବକାରୀ ଦୋକାନ ଓ [illegible] ସନ ୧୯୧୦—୧୧ ମସିହା ଅବଶିଷ୍ଟ ମାର୍ଚ୍ଚମାସ ତା ୨୨ ରିଖରେ ନୟାଗଡ଼ ଅଫିସରେ ନିଲାମ ହୋଇବ । ଯାହାଙ୍କର ଡାକ ସର୍ବୋଚ୍ଚ ହେବ କୌଣସି [illegible] ନିୟମାନୁସାରେ [illegible] ଦିଆଯିବ ।

| | | |
|---|---|---|
| ୧ ଅଫିମ | ୧ ଗଞ୍ଜା | ୧ ଦେଶୀ ମଦ |
| ୧ ନୟାଗଡ଼ | ୧ ନୟାଗଡ଼ | ୧ ଇଟାମାଟି |
| ୨ ଇଟାମାଟି | ୨ ଇଟାମାଟି | ୨ କେନ୍ଦୁଝର |
| ୩ ଗୋଡ଼ିପଡ଼ା | ୩ ଗୋଡ଼ିପଡ଼ା | ୩ ଶଶଧରପୁର |
| ୪ ଶରଣକୁଳ | ୪ ଶରଣକୁଳ | ୪ ଦୋମଣ୍ଡ |
| ୫ ଓଡ଼ଗାଁ | ୫ ଓଡ଼ଗାଁ | ୫ ମହୀପୁର |
| ୬ ଦୁର୍ଦ୍ଦସ | ୬ ଦୁର୍ଦ୍ଦସ | ୬ ବୈରଟ |
| ୭ [illegible] | [illegible] | ୭ [illegible] |
| ୮ ମହୁବନା | ୮ ମହୁବନା | ଖୋଲ |
| | ୯ ଚାଉ | ୮ ମହୁବନା |
| | | ୧୦ ଚନ୍ଦ୍ରପୁର |

G. S. Mahanti
Superintendent
Nayagarh State.

Digitized by srujanika@gmail.com

Split by PDF Splitter



**Wanted** a plucked F. A' with experience in teaching and knowledge of drill and gymnastics for the post of the Drill Master of the Dhenkanal H. E. School on Rs 25 per mensem. Preference will be given to one who possesses a certificate from the Calcutta Madrasah showing his proficiency in drill and gymnastics. The applications with testimonials should reach the undersigned on or before the 25th March.

Anukul Chandra Ghose F. A
Secretary
to the Managing Committee, High school P. O Dhenkanal
Cuttack

Head master's Office
Dhenkanal Feudatory State Orissa.
24-2-1910

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ସନ ୧୯୧୦-୧୧ ମସିହା ବର୍ଷ ନିମନ୍ତେ ଦଶପଲ୍ଲା ରାଜ୍ୟର ନିମ୍ନଲିଖିତ ବନଜାତ ଦ୍ରବ୍ୟ ପ୍ରଭୃତି ଆଗାମୀ ମାର୍ଚ୍ଚମାସ ତା ୧୦ ରଖ ଠାରୁ ତା ୨୧ ରିଖ ସୁଦ୍ଧା ଜମାବନ୍ଦିରେ ଏହି ରାଜ୍ୟର ସଦର କଚେରୀଠାରେ ନିଲାମ ହୋଇଯିବ । ସୁତରାଂ ଯେଉଁମାନଙ୍କର ନିଲାମ ଡାକିବାର ଇଚ୍ଛା ଥାଏ ସେମାନେ ପୂର୍ବୋକ୍ତ ତାରିଖମାନଙ୍କରେ ଏବଂ ଉକ୍ତ ସମୟରେ ଉପସ୍ଥିତ ହୋଇ ନିଲାମ ଡାକ ପାରିବେ ଏବଂ ଯେଉଁମାନଙ୍କର ଡାକ ମଞ୍ଜୁର ହେବ ସେମାନଙ୍କ ନାମରେ ନିଲାମ ବାହେଲ ହୋଇଯାଇ ନିଲାମ ହେବାର ଏକ ଚତୁର୍ଥାଂଶ ଜମାଜିମ୍ମା ନଥିଲେ ତାହାଙ୍କୁ ପଟ୍ଟା ଦିଆଯିବ । ଇତି ।

ଉପସିଲ ।

| | |
|---|---|
| ୧ ଅଫିମ | ୨ ରଜସାହି ଗଞ୍ଜା |
| ୩ ଦେଶୀ ମଦ | ୪ ତାଡ଼ି ଦୋକାନ |
| ୫ ଚମଡ଼ା, ଶିଙ୍ଗ | ୬ ହାଟ |
| ୭ ଦଣ୍ଡିଦାଣି | ୮ ଜଙ୍ଗଲ ନାଗପୁରଣଙ୍କ ସାଟ |
| ୯ ଘାଟ | ୧୦ ମହୁବଥ |

୧୧ ହାଟ

୧୨ ବନଜାତ ଦ୍ରବ୍ୟ ।

| | |
|---|---|
| ବାବାଡ଼ା | ଅଁଳା |
| ମହୁ | ମହଣ |
| ଶାଳ | ଝୁନା |
| ପଥର | ଛିଣ |
| ହରିଣି | ହୋଉଳା |
| ବହିଡ଼ା | ହୋଷ |
| ବେଲ | ଝୁଣା |
| ଲାଖ | ଜଳୁଣଡା |
| ତମାଖାଣ୍ଡି | ସୁନାରଛେଲ |
| ଲୋହା | ଷିଡାସ୍ତା |
| ଲାକ୍ଷା | ବେଗୁଟୀ |

ଉପରୋକ୍ତ

Raj Office }
Daspalla }
10-2-10 }

B. BISWAL
Dewan,
For Rajah.

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଯାଉଅଛି ଯେ ସମ୍ବଲପୁର ଜିଲ୍ଲାର ନିମ୍ନଲିଖିତ ଆବକାରୀ ଦୋକାନମାନ ସନ ୧୯୧୦-୧୯୧୧ ସାଲ ସକାଶେ ବାରପଦା, ବରଗଡ଼, ଝାରସୁଗୁଡ଼ା ଓ ରେଢ଼ାଖୋଲ ମହକୁମାମାନଙ୍କରେ ଆଗାମୀ ମାର୍ଚ୍ଚ ମାସର ନିମ୍ନଲିଖିତ ତାରିଖମାନଙ୍କରେ ନିଲାମ ହେବ । ଡାକୁମାନେ ସ୍ୱୟଂ କିମ୍ବା କ୍ଷମତାପ୍ରାପ୍ତ କର୍ମଚାରୀଦ୍ୱାରା ଉପସ୍ଥିତ ହୋଇ ଉକ୍ତ ଡାକରେ ନିଲାମ ଧରି ପାରିବେ ।

| | |
|---|---|
| ୧ ଉଦ୍ଦୋଶିତା ୨୨।୩।୧୦ଠାରୁ ତା ୨୪।୩।୧୦ | ସଦରଦୋକାନ ※ |
| ୨ ବାରପଦା ତା ୨୫।୩।୧୦ଠାରୁ ତା ୨୭।୩।୧୦ | ଅଫିମଦୋକାନ |
| ୩ ବରଗଡ଼ତା ୧୭।୩।୧୦ଠାରୁ ତା ୧୮।୩।୧୦ | ଗଞ୍ଜାଦୋକାନ |
| ୪ ରେଢ଼ାଖୋଲତା ୨୦।୩।୧୦ ଠାରୁ ତା ୨୧।୩।୧୦ | ତାଡ଼ିଆଦୋକାନ / ଭାଙ୍ଗ ଦୋକାନ |

※ ପ୍ରକାଶ ଥାଉ ଯେ ବାରପଦା ଓ ଉଦ୍ଦୋଶିତା ସଦର ଦୋକାନ ମଧ୍ୟରୁ ଝାରସୁଗୁଡ଼ା ସଦର ଦୋକାନ ଏବଂ ବରଗଡ଼ା ଓ ରେଢ଼ାଖୋଲ ଅଧୀନସ୍ଥ ସମସ୍ତ ସଦର ଦୋକାନ ନିଲାମ ହେବ ।

ବାରପଦା
୧।୩।୧୦

M. Dhar,
ଏକ୍ସାଇଜ ଡେପୁଟୀ କଲେକ୍ଟର

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଏହି ରାଜ୍ୟର ନିମ୍ନଲିଖିତ ଅଫିମ-ଗଞ୍ଜା-ଦେଶୀ ମଦ-ତାଡ଼ି ଓ ଜଙ୍ଗଲମାନ ସନ ୧୯୧୦-୧୧ ସାଲ ପାଇଁ ଏହି ମହାଲ ମାର୍ଚ୍ଚ ମାସ ତା ୧୫, ୧୬ରଖ ଦେଓମଙ୍ଗଳବାର ଦିବା ୧୦ଘଣ୍ଟା ଠାରୁ ଅପରାହ୍ନ ୪ ଘଣ୍ଟା ପର୍ଯ୍ୟନ୍ତ ଅତ୍ର ରାଜ କଚେରୀରେ ପ୍ରକାଶ୍ୟ ନିଲାମ ହୋଇଯିବ ଡାକୁମାନେ ଯଥା ସମୟରେ ଉପସ୍ଥିତ ହୋଇ ନିଲାମ ଡାକ ପାରିବେ । ଯାହାର ସର୍ବୋଚ୍ଚଡାକ ହେବ ତାହାଠାରୁ ନିଲାମ ସମୟରେ ଦେଉଥିବା ଡାକ ଉପରେ ଏକ ଚତୁର୍ଥାଂଶ ଅଗ୍ରିମ ଜମା ନଆଯାଇ ପଟ୍ଟା ଦିଆଯିବ ନ ଦେଲେ ପୁଣି ନିଲାମ ହୋଇ ଉକ୍ତ କ୍ଷତି ତାହାଠାରୁ ଆଦାୟ କରାଯିବ ଇତି :

ଉପସିଲ

| | |
|---|---|
| ଅବକାରୀ | ଦୋକାନମହଲ |
| ଅଫିମ | ଜଙ୍ଗଲ ଶିଙ୍ଗ |
| ଗଞ୍ଜା | ସିମିଳି ତୁଳା |
| ଦେଶୀମଦ | କାଳାଣୀ କାଠ |
| ଦୋକାନମାନ | (ଜଙ୍ଗଲପାଟ) |
| ଚାମଡ଼ା ଚମଡ଼ା | ଜଙ୍ଗଲଫଳ, ଅଳକ୍ତମୂଳ |
| „ ଶିଙ୍ଗ | ହରଡ଼ାଛେଲ, ଅର୍କତୁଳା |
| „ ହାଡ଼ | ଦୋହଳ, ଯବକ୍ଷାର |
| ଜଳକର | ମହୁ, ମହୁଆଫୁଲ |
| ଉଡ଼ା-ନାବାଡ଼ା | ଘାସ, ଫେଣ, ବାଉଁଶ |

ଅଁଲା-ବରପେଲ ସବାଇ ଘାସ (ଯଡାସି) ଚାଉଳ ବାଉଁଶମାନ ଉଠେଇ ବଣ୍ଡାଦସ୍ତା ।

ପଠ (ପଣ୍ଡି-ବଣ୍ଡି ରଉଣି)
(ଧବଳେଶ୍ୱର କଟକ)

Raja Bahadur
and Feudatory Chief
Atgar

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଯାଉଅଛି ଯେ କେନ୍ଦୁଝର ରାଜ୍ୟର ଉକ୍ତ ଲିଖିତ ଜମାମାନ ୧୯୧୦—୧୧ ସାଲ ସକାଶେ ଆଗାମି ମାର୍ଚ୍ଚମାସ ତା ୧୦ ରଖଠାରୁ ତା ୨୫ ରଖ ପର୍ଯ୍ୟନ୍ତ କେନ୍ଦୁଝରଗଡ଼ ସଦର ଉତ୍ତ ଜନର — ଜମାମାନ କେନ୍ଦୁଝରଗଡ଼ ମୁଦ୍ରାମରେ ଓ ଚମ୍ପୁଆ ସ : ଡ : ଚମ୍ପୁଆ ମୁଦ୍ରାମରେ ଏବଂ ଆନନ୍ଦପୁର ସ : ଡ : ଆନନ୍ଦପୁର ମୁଦ୍ରାମରେ ନିଲାମ ହେବ ଯେଉଁମାନେ ନିଲାମ ଧରିବେ ସେମାନେ ଜମାର ଏକ ଚତୁର୍ଥାଂଶ ଦାଖଲ କଲେ ପଟ୍ଟା ଗ୍ରହଣ କରିବେ ଓ ଅବଶିଷ୍ଟ ମାସର ଜମା ମାସକୁ ମାସ ଅପ୍ରେଲଠାରୁ ଡିସେମ୍ବର ଶେଷରେ ଦାଖଲ କରୁଥିବେ ଇତି ତା ୧୮।୨।୧୯୧୦

| | |
|---|---|
| ୧ ଅଫିମଦୋକାନ | ୭ ଗୋ ମହିଷ ଛେଳି ଓ ମେଣ୍ଢା ଚମଡ଼ା |
| ୨ ଗଞ୍ଜା ଦୋକାନ | ୮ ମହିଷ ଶିଙ୍ଗ |
| ୩ ଭିକ୍ଷି ଦୋକାନ | ୯ ଚଗାଘାଟ |
| ୪ ସଦର ଦୋକାନ | ୧୦ ମହୁବଥ |
| ୫ ଭାଙ୍ଗ ଦୋକାନ | ୧୧ ଘାଉଣ୍ଡ |
| ୬ ଜଙ୍ଗଲରେ ଉତ୍ପନ୍ନ ଦ୍ରବ୍ୟ | ୧୨ ହାଟ |

୧ ହରଡ଼ା ୬ ସୁନାଗିରିଳ
୨ ବାହାଡ଼ା ୭ ପତ୍ରର ଖଣୀ } ଆନନ୍ଦପୁର
୩ କୋଚିଲା ୮ ପଥର ଖଣି } ସ : ଡ
୪ ଯାଗଡ଼ା ଓ ଚମଡ଼ା (ବା ଟୋଲ)
୫ ପଟାଶୀ ବା ସବଇ ଘାସ

Keonjhar }
18—2—10 }

Sd. Baikuntha Nath Das
Superintendent


# ବିଜ୍ଞାପନ ।

ପ୍ରକାଶକ ଗ୍ରନ୍ଥ — ଦ୍ୱିତୀୟସଂସ୍କରଣ

## ସୁଲକ୍ଷଣା ।

ଅଷ୍ଟଦ୍ରବ୍ୟ ବାସୀ ବାବୁ ଗୋବିନ୍ଦ ପଟ୍ଟନାୟକଙ୍କଦ୍ୱାରା ନାନା ଗ୍ରନ୍ଥରେ ରଚିତ । ଏହା ଉପନ୍ୟାସ ଉକ୍ତ ରଚନାଠାରୁ କୌଣସି ଅଂଶରେ ନ୍ୟୁନ ନୁହେ । ଲାବଣ୍ୟବତୀ ଓ କୋଟିବ୍ରହ୍ମାଣ୍ଡସୁନ୍ଦରୀ ପ୍ରଭୃତି ଗ୍ରନ୍ଥ ରଚନା ପରି ଦାଣ୍ଡି ଦେଶର ମହିଳାମାନଙ୍କ ସଲକ୍ଷଣାର ଚରିତ ଅବଲମ୍ବନରେ ଏହି ଗ୍ରନ୍ଥ ଲିଖିତ । ମୂଲ୍ୟ ୮ • ପ୍ରାପ୍ତିସ୍ଥାନ—କଟକ ପ୍ରିଣ୍ଟିଂକମ୍ପାନୀର ପୁସ୍ତକ ଦୋକାନ ଦରଘାବଜାର କଟକ ।


Digitized by srujanika@gmail.com

## NOTICE.

All persons having claims against the late Maharaja Dalganjan Sing Deo, Feudatory Chief of the Patna State, Orissa, should file the same with all evidence in support thereof before the Dewan, Patna State, Bolangir Post office Via Sambalpur Bengal Nagpur Railway on or before 1st May 1910 after which date no claims will be considered.

Dated Bolangir 25-2-10. | Balmukund Bohidar Dewan of Patna State.

## SALE NOTICE.

The District Forest officer Ganjam will put up to public auction at 10 A. M. on 6th March 1910 at the Forest Range office Berhampur some 12000 c. ft. of sound well seasoned Sal logs of large dimensions suitable for conversion into Railway sleepers or for building purposes. The logs will be roughly squared and put up for sale in lots to suit purchasers.

Intending bidders will be required to deposit Rs. 25 at the commencement of the sale. Successful bidders will be required to pay ½ of the bid amount the day after the sale and the rest of the bid amount within 8 days.

The timber can be seen at the Range office Berhampur between 1st and 6th March.

Chatrapur 7-2-10 | Sd H. C. BENNETT District Forest officer.

WANTED an Assistant Jailor for the Baripada Jail, Mourbhanj, on Rs. 30 rising to Rs. 40. Entrance passed Uria candidates with a fair knowledge of accounts should apply stating age and experiences to the undersigned in their own handwriting by the 20th instant.

Baripada 2—3—10 | Sd. H. B. KIDDELL, Supdt. of Jails Mourbhanj.

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଯାଉଅଛି ଯେ ଏ ରାଜ୍ୟର ସମସ୍ତ ଅବକାରୀ ଦୋକାନ, ଗୋ ମହିଷର ଚମଡ଼ା ଓ ଶିଙ୍ଗ ଏବଂ ଜଙ୍ଗଲୋତ୍ପନ୍ନ ଦ୍ରବ୍ୟମାନଙ୍କର ଲାଇସେନ୍ସ ସନ ୧୯୧୦-୧୧ ବର୍ଷ ନିମନ୍ତେ ଆଗାମୀ ମାର୍ଚ୍ଚମାସ ତା ୧୪ ରଖରେ ପ୍ରକାଶ୍ୟରୂପେ ନିଲାମ କରାଯିବାର ସ୍ଥିର କରାଯାଇଅଛି । ଏଣୁ ଯେଉଁମାନେ ନିଲାମ ଡାକିବାକୁ ଇଚ୍ଛା କରନ୍ତି ସେମାନଙ୍କୁ ଧାର୍ଯ୍ୟ ତାରିଖ ଦିବସ ବେଳା ୧୧ ଟା ସମୟରୁ ଏଠା କଚେରୀରେ ଉପସ୍ଥିତ ହୋଇ ନିଲାମ ଡାକ ପାରିବେ ।

Raj office Pal Lahara 25—2—10 | Ganeswar Pal Raja and Feudatory Chief Pal Lahara State,

ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆ ଯାଉଅଛି ଯେ ଏଠା ନରସିଂହପୁର ରାଜ୍ୟର ଅବକାରୀ ଦୋକାନ, ବନଜାତ ଦ୍ରବ୍ୟ, ଘାଟ, ଓ ମତ୍ସ୍ୟ ଆଦି ପ୍ରଭୃତିର ଲାଇସେନ୍ସ ସନ ୧୯୧୦-୧୧ ମସିହା ସକାଶେ ଆସନ୍ତା ମାର୍ଚ୍ଚମାସ ତା ୧୪ ରଖରେ ନିଲାମ ହେବାର ସ୍ଥିର ହୋଇଅଛି । ଇଚ୍ଛୁକ ଲୋକମାନେ ଉକ୍ତ ତାରିଖ ବେଳା ୧୨ ଘଣ୍ଟା ସମୟରେ ଏଠା ରାଜ ସଦର କଚେରୀରେ ଉପସ୍ଥିତ ହୋଇ ନିଲାମ ଡାକ ପାରିବେ ।

Narsingpur Raj office 28—2—10 | Damodar Patnaik Dewan. For Raja.

## ଠିକାଦାର ଆବଶ୍ୟକ ।

କଟକ ଜିଲ୍ଲା ଅନ୍ତର୍ଗତ କେନ୍ଦ୍ରାପଡ଼ା ସବଡିଭିଜନ ଇଲାକାର ପଟ୍ଟାମୁଣ୍ଡାଇ ଡେଙ୍ଗାଲର ମାଟିବନ୍ଧ ଉଞ୍ଚା କରିବା ସକାଶେ ଠିକାଦାର ଆବଶ୍ୟକ । ଯେଉଁ ମାନେ ମାଟିକାମ କରିବେ ଓ ତାହାର ଦର ଇତ୍ୟାଦି ବୁଝିବାକୁ ଚାହାନ୍ତି ସେ ଜାଣିବାର ଆବଶ୍ୟକ ହେଲେ କଟକ ମହାନଦୀ ବ୍ରାହ୍ମଣୀ ବୈତରଣୀ ଡିଭିଜନ ଏକଜକ୍ୟୁଟିଭ ଇଞ୍ଜିନିୟର ଅଥବା କେନ୍ଦ୍ରାପଡ଼ା ମହାନ P. W. D. ସବଡିଭିଜନ କଚେରୀରୁ ବୁଝି ପାରିବେ, ଇତି ।

କଟକ ୨୮।୨।୧୦ | W. B. [illegible], Executive Engineer Brahmini [illegible] Dn.

ପୁଣି ନୂତନ ସଂସ୍କରଣ ପ୍ରକାଶିତ ହେଲା ।

ମୂଲ୍ୟ [illegible] ।

## [illegible] ।

[illegible] ।

[illegible] ପର୍ଯ୍ୟନ୍ତ [illegible] ।

ଅଗଷ୍ଟ ମାସ [illegible] ( [illegible] ) [illegible] ତା ୨୫ ରୁ [illegible] ପୁସ୍ତକ [illegible] ୧୧ ଟା [illegible] ଡାକ ମାସୁଲ ଓ ଭି: ପି: [illegible] ।

ପ୍ରାପ୍ତି ସ୍ଥାନ—ଉତ୍କଳ [illegible] ପ୍ରେସ, ପୋ: ଅ: [illegible], କଟକ ।

। ତୃ । ଣ ସ୍ୱତ୍ୱ ଦେଓ [illegible] । ବଡ଼ାମ୍ବା ।

ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ [illegible] କରା ଯାଉଅଛି ଯେ ସନ ୧୯୧୦।୧୧ ସାଲ ନିମନ୍ତେ ଅବକାରୀ ଦୋକାନମାନଙ୍କର ଲାଇସେନ୍ସ ଆଗାମୀ ମାର୍ଚ୍ଚମାସ ତା ୧୮ ରିଖ ଶୁକ୍ରବାର ଦିବା ଘ ୧୨ ଘା ସମୟରେ ଏଠା ସଦର କଚେରୀରେ ନିଲାମ ହେବ । ଇଚ୍ଛୁକ ବ୍ୟକ୍ତିମାନେ ଉକ୍ତ ସମୟରେ ବର୍ତ୍ତମାନ ସ୍ଥାନରେ ଉପସ୍ଥିତ ହୋଇ ନିଲାମ ଡାକ ପାରିବେ । ଇତି

ବଡ଼ାମ୍ବା ବସ୍ତାର ଗୋ, ମହିଷ ଚମଡ଼ା ଓ ମହିଷୀ ଶିଙ୍ଗର ଲାଇସେନ୍ସ ।

ହୋଟଲ, ବାହାଡ଼ା, ଥଁଲା ଓ ହରିଡ଼ା ଓ ବେଲ ବନଜାତ ଦ୍ରବ୍ୟର ଲାଇସେନ୍ସ ।

କଳଗଡ଼ ଅଫିମ ଦୋକାନ

„ ଗଞ୍ଜେଇ ଦୋକାନ

ମାଣିଆବନ୍ଧ ଅଫିମ ଦୋକାନ

„ ଗଞ୍ଜେଇ ଦୋକାନ

„ ମଦ୍ୟ ଦୋକାନ

„ ତାଡ଼ି ଦୋକାନ

ଗୁରୁଅମର ମଦ୍ୟ ଦୋକାନ,

Raj Office Baramba 27.2.10 | Bhagawan Mahapatra Dewan

ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଦର୍ପଣ କୋର୍ଟ ଅଫ୍ ୱାର୍ଡ୍ସ ଷ୍ଟେଟର ଯେ କୌଣସି ଆମ୍ବ, ପାହୁ ବା ଶୂନ୍ୟ ପ୍ରଜା ଅପଣା ଜମିର ସତ୍ତ୍ୱ ବିକ୍ରୟ ଅବହାର ହସ୍ତାନ୍ତର କରିବାକୁ ଇଚ୍ଛା କରନ୍ତି ସେ ପ୍ରଥମେ ଜମିଦାର ଅର୍ଥାତ୍ କୋର୍ଟ ଅଫ୍ ୱାର୍ଡ୍ସ ମାନେଜରଙ୍କ ଅନୁମତି ନେଇ ତାହା କରି ପାରନ୍ତି ନଚେତ୍ ସେ ହସ୍ତାନ୍ତରକରଣ ଅଗ୍ରାହ୍ୟ ହୋଇ କେହିହେଲେ ନାମ ସିରସ୍ତା କାଗଜାତରେ ଦର୍ଜ ହୋଇ ପାରିବ ନାହିଁ ବା ସେମାନେ ଜମିକୁ ଦଖଲ କରି ପାରିବେ ନାହିଁ ।

Cuttack The 1st March 1910 | K. C. Nund. *Manager*, Darpan Wards Estate,

# ଉତ୍କଳ ଦୀପିକା ।

## THE NEW TAXES.

Our present Finance Minister Sir Guy Fleetwood Wilson while presenting the Budget last year hoped to effect a permanent reduction in expenditure, but a year's experience has taught him to view with "grave anxiety the steady growth of our expenditure." He believes that the remedy lies in "a general recasting of our scale of public charges." While presenting the Budget he discarded the old established method of resorting to temporary expedients of "reduction of a temporary urgent character, with a view to restore some sort of equilibrium of income and expenditure."

Split by PDF Splitter

Digitized by srujanika@gmail.com

or as it has been quaintly put by some "starving the spending departments." He calculates the shortage of revenue at over 1¼ millions sterling and this he has resolved to make up by imposition of fresh taxes. The sources from which the additional revenue are proposed to be raised are customs duties on liquor, tobacco, silver, petroleum and stamp duties on certain instruments. Burma forms a part of India and so Burma oil will not be taxed. It is too premature to say how the new taxes will affect the country but the Hon'ble Finance Minister deserves our thanks for having tapped sources of revenue so little open to objection. It cannot be denied that the use of foreign liquor is spreading among the Indians. A glance at the figures for the last 5 years will convince any one. The smoking of foreign cigarettes has become a craze among the younger generation. An additional imposition of taxes on these will help the revenue and promote temperance. The silver duty will likely check the depreciation of our coin the Rupee. The duty on petroleum is likely to fall on the poor as well as the rich, since it has become a universal necessity. The presentation of the new Budget has produced a great commotion in certain quarters. The leading European firms of Madras have protested against the sudden imposition of duty on liquors and tobacco. No fewer than three deputations waited on the Hon'ble Mr. Wilson on Monday last and represented to him the effect of the new taxation. It is stated that the additional duty on silver will cause considerable hardship to the Bombay mercantile community. The financial Statement throws considerable light on the cost of the new Reforms. The Imperial Legislative Council cost Rs 76,165 in 1907–8; in the following year there was an increase of Rs 37,000. For the current year a sum of Rs 3,42,000 had been provided in anticipation of the earlier introduction of the Reform Scheme, but as this expectation was not fulfilled there was a saving of Rs 2,21 lakhs. The Budget for 1910-11 provides for an expenditure of Rs 2,01 lakhs. The embarred financial condition is we think partly due to the Partition of Bengal which entails additional expenditures.

---

ଦର୍ପଣ ଦେଖିଲୀ ମହାଲ ଅଧିକାରରେ ଥିବା ପଟିଆ ଅନ୍ତର୍ଗତ କେଣାଗଡ଼ିଆ, ଭୁବନପୁର ଓ ଭୁବନେଶ୍ୱରଡ଼ୀ ଏବଂ ହରିପଦା ଅନ୍ତର୍ଗତ ଓ ସତମା, ଓଡ଼ିଶା ବଲ୍ଲଭପୁର ଏବଂ ଅନ୍ୟାନ୍ୟ ମୌଜାମାନଙ୍କର ସଦ୍ଧଲିପି ବର୍ଣ୍ଣିତ ପ୍ରକାଶର ଅନୁସାରେ ଗତ ତା ୨୨ ରଖରେ ଘୋଷଣାଦ୍ୱାରା ପ୍ରଚୁର ହୋଇଅଛି ।

---

ଗତ ତା ୧୯ ରଖରେ ଶେଷହେବା ସପ୍ତାହରେ ଭାରତରେ ପ୍ଲେଗ ମୃତ୍ୟୁ ୧୮୯୯୨ ହୋଇଥିଲା ସେ ତହିଁ ମଧ୍ୟରେ ଯୁକ୍ତପ୍ରଦେଶ ୭୪୨୦ ପଞ୍ଜାବ ୩୭୭୨ ବମ୍ବେ ୨୪୭୧ ବଙ୍ଗ ୧୯୭୭ ମଧ୍ୟପ୍ରଦେଶ ୧୬୯୩ ଏବଂ ବମ୍ବେର ୧୧୧୭ ପର୍ଯ୍ୟନ୍ତ ଅଟେ । ବଙ୍ଗ ଓ ମଧ୍ୟପ୍ରଦେଶ ଛଡ଼ା ଅନ୍ୟ ଲିଖିତ ପ୍ରଦେଶସମୂହରେ ପୂର୍ବ ସପ୍ତାହରୁ ବଢ଼ିଅଛି । ପୂର୍ବ ସପ୍ତାହର ମୋଟ ମୃତ୍ୟୁ ୧୫୨୮୭ ଥିଲା ।

---

ଦକ୍ଷିଣଆଫ୍ରିକାର ଟ୍ରାନ୍ସଭାଲ ରାଜ୍ୟରେ ଭାରତୀୟ ଲୋକଙ୍କପ୍ରତି ଅତ୍ୟାଚାର ହେଉଥିବାରୁ ତାହା ଦମନ କରିବା ଉଦ୍ଦେଶ୍ୟରେ ନେଟାଲ-ରାଜ୍ୟକୁ କୁଲିପଠାଇବା ବନ୍ଦକରିବା ମର୍ମରେ ଭାରତବ୍ୟବସ୍ଥାପକ ସଭାରେ ଗତମାସ ତା ୨୫ ରଖରେ ମାନ୍ୟବର ଗୋଖେଲଙ୍କର ପ୍ରସ୍ତାବ ସର୍ବସମ୍ମତିରେ ଧାର୍ଯ୍ୟ ହୋଇଯାଇଅଛି । ସରକାରପକ୍ଷରୁ ଏହା ସମର୍ଥିତ ହେବା ସୌଭାଗ୍ୟର ବିଷୟ ଏବଂ ଭାରତର ଷ୍ଟେଟ ସେକ୍ରେଟରୀ ଏ ପ୍ରସ୍ତାବ ଅନୁମୋଦନ କରିଅଛନ୍ତି । ଆଶା କରୁ ଏତଦ୍ୱାରା ଦକ୍ଷିଣଆଫ୍ରିକାର ଗବର୍ଣ୍ଣମେଣ୍ଟଙ୍କ ଜ୍ଞାନ ଉପୁଜିବ ।

—:※:—

ମାନ୍ୟବର ଦାଦା ଭାଇ ନଉରୋଜୀଙ୍କ ପେନସନ ଟିକସ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତରରେ ଗବର୍ଣ୍ଣମେଣ୍ଟ କହିଲେ ଯେ ଏହି ନିୟମରେ ପେନସନ୍‌ଟିକସ ଧାର୍ଯ୍ୟ ହେବା ଅସମ୍ଭବ । ସେ ଟିକସ ଲୋକପ୍ରିୟ ଥିବାର ଗବର୍ଣ୍ଣମେଣ୍ଟ କହି ନ ପାରନ୍ତି ଏବଂ ଟିକସ ଦାତାଙ୍କ ଆଡ଼ୁଙ୍କୁ ଅଭାବ ହେଲେ କୌଣସି ଟିକସ ଲୋକପ୍ରିୟ ନ ଥିବାର ବୋଲାଯିବ । ଗବର୍ଣ୍ଣମେଣ୍ଟ ପେନସନ୍‌ଟିକସ ମାନଙ୍କ ସମ୍ବନ୍ଧରେ ଦେବାନୀ ଅଦାଲତରେ ମାମଲା କରିବାର ଅଧିକାର ଦେଇ ନ ପାରନ୍ତି । କେବଳ ଚାଷୀ ଲୋକଙ୍କଦ୍ୱାରା ଦେଉଥିବା ସ୍ଥାନରେ ପରୀକ୍ଷା ସ୍ୱରୂପ ଟିକସ ଧାର୍ଯ୍ୟ ହେଉଥିବା ଆଉ ଟିକସସମ୍ବନ୍ଧୀୟ ଆପତ୍ତି ଶୁଣିବାର ଭାର ବେସରକାରୀ ଲୋକଙ୍କୁ ଦିଆଯାଇ ନ ପାରେ ।

---

ଚନ୍ଦ୍ରଭାଗା ତୀରର ଅଧୀନ ହେଲେହେଁ ଚନ୍ଦ୍ରଭାଗର ଶାସନକର୍ତ୍ତା ଦଲେଇଲାମା ଆପଣାକୁ ଏତଦ୍ଦ୍ୱାରା ସ୍ୱାଧୀନ ମନେ କରୁଥିଲେ । ଚୀନ ବର୍ତ୍ତମାନ ତାହାଙ୍କ ବ୍ୟବହାରରେ ଅସନ୍ତୋଷ ହୋଇ ତିବ୍ବତ ଅଧିକାର ସକାଶେ ସୈନ୍ୟ ପଠାଇବାରେ ଦଲେଇଲାମା ଯୁଦ୍ଧରେ ପ୍ରବୃତ୍ତ ହେଲେ ମାତ୍ର ଚୀନର ଉଦାମୀ ଶିକ୍ଷିତସୈନ୍ୟ ଓ ଉତ୍କୃଷ୍ଟ ଅସ୍ତ୍ର ପାଖରେ ତିବ୍ବତର ପୁରୁଣାକାଳିଆ ଅସ୍ତ୍ରଧାରୀ ସେନା ଛିଡ଼ାହୋଇ ପାରିଲେନାହିଁ, ଓ ଶୋଚନୀୟ ସମ୍ବାଦ ପଢ଼ିଲେ । ଦଲେଇଲାମା ଏହା ଶୁଣି ରାଜ୍ୟ ତିବ୍ବତର ରାଜଧାନୀ ଲାସାନଗରରୁ ପଳାଇ ଆସି ଇଂରାଜ ଗବର୍ଣ୍ଣମେଣ୍ଟର ସାହାଯ୍ୟ ଚାହିଁଅଛନ୍ତି । ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ତାହାଙ୍କୁ ଯଥାସମ୍ଭବରେ ଆଶ୍ରୟ ଦେଇ ଚୀନ ସହିତ ପତ୍ରଦ୍ୱାରା ବନ୍ଧୁଭାବରେ ସଙ୍ଘର୍ଷ କରୁଅଛନ୍ତି ।

—※—

ହିନ୍ଦୁବାନ୍ଧବ ଲକ୍ଷ୍ନୌରୁ ଏ ସପ୍ତାହରେ ବାଦ୍ୟର ବିଷମ କାହିଁ । ବାଣ, ଘେଷଡାଇ, ନାଚ, ଏଗାର ଅନେକଲୋକଙ୍କ ଆନନ୍ଦ ବଢ଼ାଉଅଛି ଏବଂ ଅନେକପ୍ରକାର ଶ୍ରମଜୀବୀ ଜୀବିକା ଉପାର୍ଜ୍ଜନ କରିବାକୁ ସମର୍ଥ ହୋଇଅଛନ୍ତି । ଏକେଲୋକର ଆନନ୍ଦ ମଧ୍ୟରେ ଏହା ବଙ୍ଗାଳୀ କାୟସ୍ଥଜାତିର ବିବାହରେ ବରପକ୍ଷର ଦୁର୍ଦ୍ଦଶ ବ୍ୟବହାର ଓ କନ୍ୟାପକ୍ଷର ଯନ୍ତ୍ରଣା ଓ ଅପମାନ ଅତ୍ୟନ୍ତ ହୃଦୟ-ବିଦାରକ ଅଟେ । କନ୍ୟାକର୍ତ୍ତା ବରପକ୍ଷର ଦାବୀ ବା ଆଶାମତେ ଅର୍ଥ ଦେଇ ବର କିଣିଅଣି କନ୍ୟାଦାନ କଲାଉତ୍ତାରୁ ଯନ୍ତ୍ରଣା ଭୋଗ କରିବା ଅଧିକ ଦୁଃଖର କଥା । ଶ୍ରେଷ୍ଠ ଜାତି ମଧ୍ୟରେ ବର କନ୍ୟା କିଣା ବିକା କରାକୁ ଅଧମ କଥା । ଜାତିଭାଇମାନେ ଏପ୍ରକାର ବ୍ୟବହାରରେ ଯୋଗ ଦେବା ଉଚିତ ମନେ କରନ୍ତି ତାହିଁ ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ ! ! !

---

ସରକାରୀ ଆଦର୍ଶ କୃଷିକ୍ଷେତ୍ର ସମୂହର ଅନ୍ୟାନ୍ୟ ଉପକାର ମଧ୍ୟରେ ଭଲ ମଞ୍ଜି ବା ବିହନ ଯୋଗାଇବା କାର୍ଯ୍ୟ ସର୍ବଥା ଆଦରଣୀୟ ହୋଇଅଛି ଏବଂ ତଦ୍ଦ୍ୱାରା କୃଷି କାର୍ଯ୍ୟରେ ପ୍ରଭୂତ ମଙ୍ଗଳ ହେବାକୁ ସୁଫଳ ଫଳିବାର ଅବସରରେ ବୋଲାଯିବ । ବଙ୍ଗଳାର କୃଷି କ୍ଷେତ୍ରମାନଙ୍କରୁ ବଡ଼ ଛୋଟ ମଞ୍ଜି କୃଷକମାନଙ୍କୁ ଦିଆଯାଉଅଛି । ଯେଉଁଠାରେ ଆଦର୍ଶ କୃଷିକ୍ଷେତ୍ର ନାହିଁ ସେଠାରେ ମଧ୍ୟ ସରକାରରୁ ମଞ୍ଜି ବା ବିହନର ଗୋଦାମ ରଖାଯାଇ ରୟତମାନଙ୍କୁ ଦିଆଯିବାର ବ୍ୟବସ୍ଥା ହୋଇଅଛି । ଏରୂପ ସରକାରଙ୍କର କୃଷି-କାର୍ଯ୍ୟର ଉନ୍ନତିପ୍ରତି ପ୍ରଭୂତ ଦୃଷ୍ଟି ଥିବାର ଦେଖାଯାଏ । ଆମ୍ଭେମାନେ ଏହା ବ୍ୟବହାର କରିପାରିଲେ ଯେ ମଙ୍ଗଳ ହେବ ଏଥିରେ ସନ୍ଦେହ ନାହିଁ ।

---

ପରେଶନାଥ ଶୈଳରେ ଶ୍ୱେତାମ୍ବରୀୟ ଦିଗମ୍ବର କୈନ ମହାସଭାର ଚତୁର୍ଦ୍ଦଶ ସାମ୍ବତ୍ସରିକ ଅଧିବେଶନ ଗତମାସ ତା ୧୦ ରଖରେ ହୋଇଥିଲା, ଇନ୍ଦୋରର ମାଧବଲାଲ ଶେଠ ହୁକୁମଚାନ୍ଦ ଜ ସଭାପତିର ଆସନ ଗ୍ରହଣ କରିଥିଲେ ଏବଂ ଭାରତର ନାନାସ୍ଥାନରୁ ଦିଗମ୍ବର ଶ୍ରେଣୀଭୁକ୍ତ ଦଶହଜାର

Digitized by srujanika@gmail.com

ଜୈନ ସମ୍ବେତ ହୋଇଥିଲେ । ସଭାପତି ମହୋଦୟ ଚେଳାଃଚୂର୍ଣ୍ଣି ବକ୍ତୃତାଦ୍ୱାରା ଉପସ୍ଥିତ ଜୈନମାନଙ୍କୁ ଧର୍ମ, ସମାଜ ଏବଂ ବାଣିଜ୍ୟର ଉନ୍ନତି ସାଧନ କରିବାକାରଣ ଉତ୍ସାହ ଦେଲେ । ଭାରତର ସମସ୍ତ ଶ୍ରେଣୀର ଲୋକମାନେ ଆପଣା ଆପଣାର ଉନ୍ନତି କରିବାକାରଣ ଜାଗ୍ରତ ହୋଇଥିବା ସ୍ଥଳେ ଜୈନମାନେ ନିଶ୍ଚିନ୍ତ ହୋଇ ବସିବେ କାହିଁକି ? ସେମାନେ ଅଧିକାଂଶ ଧନୀ ଏବଂ ତାଙ୍କର ବ୍ୟବସାୟ ବୁଦ୍ଧି ସତତ ଜାଗ୍ରତ । ସେଥି ସଙ୍ଗେ ଶିକ୍ଷାର ଉନ୍ନତି ସାଧନ ହେଲେ ଅଚିରେ ଜାତିର ମଙ୍ଗଳ ସାଧିତ ହେବ ।

———

ବଙ୍ଗଳାର ଖ୍ୟାତ ପଣ୍ଡିତ ରାମନାଥ ତର୍କ ରତ୍ନ ମହୋଦୟ ଗତମାସ ତା ୮ ରଖରେ ଇହଲୀଳା ସମ୍ବରଣ କରିଥିବାର ପାଠକମାନଙ୍କୁ ଦୁଃଖ ସହକାରେ ଜଣାଉଅଛୁଁ । ସଂସ୍କୃତ ଭାଷାରେ ଏହାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା ଏବଂ ବସୁଦେବ ବିଜୟ ନାମକ ପୁସ୍ତକ ପ୍ରଣୟନ କରି ଏ ମହୋଦୟ ସୁଧୀସମାଜରେ ସୁଖ୍ୟାତି ଅର୍ଜ୍ଜିଥିଲେ । ସଂସ୍କୃତ, ପାଲି ଏବଂ ପ୍ରାକୃତ ଭାଷାର ପୁସ୍ତକ ଓ ଲିପିର ଅନୁବାଦ କାର୍ଯ୍ୟରେ ଏସିଆଟିକ ସୋସାଇଟିକୁ ବହୁତ ସାହାଯ୍ୟ କରୁଥିଲେ । ଏଥିପାଇଁ ଏହାଙ୍କୁ ଗବର୍ଣ୍ଣମେଣ୍ଟରୁ ପାଣ୍ଡିତ୍ୟ ସକାଶେ ପେନସନ ମିଳୁଥିଲା । ପୁରୁଣା ରକ୍ଷଣଶୀଳ ପଣ୍ଡିତଙ୍କ ପରି ଏହାଙ୍କ ମତ ନ ଥାଇ ଉଦାର ଏବଂ ଉନ୍ନତିଶୀଳ ମତ ଥିଲା ଏବଂ ଆପଣା ବିଶ୍ୱାସ ଅନୁଯାୟୀ ସାହସପୂର୍ବକ ପ୍ରକୃତ ବ୍ୟବସ୍ଥା ସମସ୍ତଙ୍କୁ ପ୍ରଦାନ କରୁଥିଲେ । ଏହାଙ୍କ ବିୟୋଗରେ ଏକା ବଙ୍ଗଳା କାହିଁକି ସମସ୍ତ ଭାରତବର୍ଷର ବହୁତ କ୍ଷତି ହୋଇଅଛି ।

———

ସଂସ୍କୃତ ପରୀକ୍ଷା ବୋର୍ଡ ବା ସମିତିର ସଭାପତି ଓ ମେମ୍ବରଗଣର ଆଦେଶରେ ସେକ୍ରେଟାରୀ ଗତ ସନ ୧୯୧୦ ସାଲ ସକାଶେ ସଂସ୍କୃତ ପରୀକ୍ଷାର ପରୀକ୍ଷକ ନିଯୁକ୍ତ ହୋଇଅଛନ୍ତି ସେମାନଙ୍କ ମଧ୍ୟରୁ ଓଡ଼ିଶାବାସୀ ପରୀକ୍ଷକଙ୍କର ନାମ ଓ ବିଷୟ ନିର୍ଦ୍ଦେଶ ସହିତ ଏଠାରେ ପ୍ରକାଶ କଲୁଁ ଯଥା :—

ପଣ୍ଡିତ ଜଗନ୍ନାଥ ମିଶ୍ର ସଂସ୍କୃତସ୍କୁଲ ପୁରୀ — ନ୍ୟାୟ ସ୍ମୃତି ଓ ବେଦାନ୍ତ ଓ ବ୍ୟାକରଣ
„ ସଦାଶିବ ମିଶ୍ର କଲେଜ ପୁରୀ — କାବ୍ୟ ଓ ବ୍ୟାକରଣ
„ ଭବନାଥ ମହାପାତ୍ର ପୁରୀ ଟୋଲ „ „
„ ଅନନ୍ତ ରଥ କଲେଜ „ — ସାରସ୍ୱତ, ଚନ୍ଦ୍ରିକା, ପ୍ରାକୃତକୌମୁଦୀ
„ ଭବନାଥ ଶତପଥୀ ସଂସ୍କୃତ ସ୍କୁଲ ପୁରୀ — ସଂକ୍ଷିପ୍ତସାର ଓ ବ୍ୟାକରଣ
„ ଚନ୍ଦ୍ରମଣି ତର୍କ ବାଚସ୍ପତି ଜଗନ୍ନାଥଟୋଲ ପୁରୀ — ବ୍ୟାକରଣ
„ ଗୋବିନ୍ଦ ମିଶ୍ର କାବ୍ୟ ବିଶାରଦ ସଂସ୍କୃତଟୋଲ — ସ୍ମୃତି
„ ହରିହର ମିଶ୍ର „ — ପ୍ରକ୍ରିୟାକୌମୁଦୀ
„ ବୈଦ୍ୟନାଥ ଷଡ଼ଙ୍ଗୀ „ — ସାରସ୍ୱତଚନ୍ଦ୍ରିକା
„ ଦାମୋଦରମହାନ୍ତଦାସ କଟକିମଠଟୋଲ ସ୍କୁଲ ପୁରୀ „

———

ବିଲାତର ପାର୍ଲିଆମେଣ୍ଟର ଲର୍ଡ଼ମାନଙ୍କ ସଭାଗୃହରେ ଲର୍ଡ ଲାନ୍ସଡାଉନ ନବ ସଗଠିତ ଭାରତ ବ୍ୟବସ୍ଥାପକ ସଭାର କାର୍ଯ୍ୟ ସନ୍ତୋଷଜନକ ଥିବାର କହି ନୂତନ ମୁଦ୍ରାଯନ୍ତ୍ର ଆଇନକୁ ସମର୍ଥନ କଲେ ମାତ୍ର ନିର୍ବାସିତ ଲୋକମାନଙ୍କୁ ସଙ୍ଗେ ସଙ୍ଗେ ଛାଡ଼ି ଦେବା ବିଷୟଟି ବୁଝି ନ ପାରିବାର କହିଲେ । ରକ୍ଷଣଶୀଳ ଝଣ୍ଟିଦାସ୍ୟର ନେତା ବାଲଫୋର ମହାଶୟ ମଧ୍ୟ ସେହିପରି ମତ କମନ୍ସମାନଙ୍କ ସଭାଗୃହରେ ପ୍ରକାଶ କଲେ । ଏଥିରୁ ପ୍ରଧାନ ମନ୍ତ୍ରୀ ଅସକୁଇଥ ସାହେବ ମହୋଦୟ କହିଲେ ଯେ ଭାରତ ଗବର୍ଣ୍ଣମେଣ୍ଟ ଯାହା କରି ଅଛନ୍ତି ତାହା କୌଣସି ସଭ୍ୟ ଗବର୍ଣ୍ଣମେଣ୍ଟ କରିବାକୁ ସହଜରେ ମତ ବଳାଇବେ ନାହିଁ । ସେତେବେଳେ ନିର୍ବାସନ ଅତ୍ୟାବଶ୍ୟକ କାର୍ଯ୍ୟ କରିବାର ଆବଶ୍ୟକତା ନ ରହିଲା ସେତେବେଳେ ନିର୍ବାସିତ ଲୋକଙ୍କୁ ମୁକ୍ତି ପ୍ରଦାନ କରି ସାଧାରଣ ଅଦାଲତରେ ଅଭିଯୋଗ ବିଚାର କରାଇବା ସମ୍ଭବ । ମାତ୍ର ଯେ ଅବସ୍ଥାରେ ସେମାନେ ନିର୍ବାସିତ ହୋଇଥିଲେ ତାହା ଅଗତ ହୋଇଥିବା ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଭିଳଷିତ ସୁଫଳ ଫଳ ଥିବାରୁ ଲର୍ଡ ମର୍ଲି ଅଥବା ଭାରତ ପ୍ରତିନିଧି ରାଜନୈତିକ ବା ସାମାଜିକ କୌଣସି କାରଣରୁ ଆଉ ସେମାନଙ୍କୁ ଅଟକାଇ ରଖିବାର ବିହିତ ବୋଧ କରନ୍ତି ନାହାନ୍ତି ।

—※—

ମୁଦ୍ରାଯନ୍ତ୍ର ବିଷୟରେ ଯେଉଁ ନୂତନ ଆଇନ ବିଧି ହୋଇଅଛି ଗତ ଫେବୃଆରୀ ମାସ ତା ୧୨ ରଖରେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ତାହା ମଞ୍ଜୁର କରିବାରେ ସନ ୧୯୧୦ ସାଲର ୧ ମର ଆଇନରୂପେ ସରକାରୀ ଗେଜେଟରେ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶିତ ହୋଇଅଛି । ଏହି ଆଇନର ସଂକ୍ଷେପ ନାମ ସନ ୧୯୧୦ ସାଲର ଭାରତୀୟ ମୁଦ୍ରାଯନ୍ତ୍ର ଆଇନ । ଯେତେ ହିଁ ଅଛନ୍ତି ଯେ ଏଣିକି ଯେଉଁମାନେ ମୁଦ୍ରାଯନ୍ତ୍ର ସ୍ଥାପନ କରିବେ ଏହି ଆଇନ ଅନୁସାରେ ସେମାନଙ୍କୁ ୫୦୦ ଠାରୁ ୨୦୦୦ ଟା ପର୍ଯ୍ୟନ୍ତ ମାଜିଷ୍ଟ୍ରେଟଙ୍କର ଇଚ୍ଛାମତେ ଜମା ରଖିବାକୁ ହେବ ଏବଂ ଯେ ସମସ୍ତ ଯନ୍ତ୍ରାଳୟ ବା ଛାପାଖାନା ଏହି ଆଇନ ଜାରି ହେବାବେଳେ ରହିଅଛି ସେ-ସମସ୍ତ ଏହି ଆଇନ ଗର୍ହିତ ଅପରାଧ ନ କଲେ ଟଙ୍କା ଜମା କରିବା ଦାୟରୁ ମୁକ୍ତ ରହିବ । ମାତ୍ର ଆଇନର ଧା ୩ ରାର ମର୍ମ ଏହି ଯେ ସନ ୧୮୬୭ ସାଲର ଆଇନ ୨୫ ଅନୁସାରେ ଯେ କେହି ଛାପାଖାନା ରଖିବାର ପ୍ରତିଜ୍ଞାପତ୍ର ଲେଖି ଦେବ ସେ ଟଙ୍କା ଜମା କରିବାକୁ ବାଧ୍ୟ । ଅତଏବ ଏହି ଆଇନଜାରୀ ହେବା ପୂର୍ବରୁ ଯେଉଁ ଛାପାଖାନାମାନ ଅଛି ସେଥି ମଧ୍ୟରୁ କୌଣସି ଛାପାଖାନା ସକାଶେ ପ୍ରତିଜ୍ଞାପତ୍ର ଲେଖି ଦେଇଥିବା ବ୍ୟକ୍ତି କୌଣସି କାରଣରେ ଅନ୍ତର ହେଲେ ତାହା ସ୍ଥାନରେ ଯାହାକୁ ପ୍ରତିଜ୍ଞାପତ୍ର ଲେଖି ଦେବାର ପ୍ରୟୋଜନ ହେବ ସେ ଟଙ୍କା ଜମା ଦେବାକୁ ବାଧ୍ୟ ହେବ । ଏଥି ମଧ୍ୟରେ ଏପରି ଏକାଧିକ ଘଟଣା ଘଟିସାରି ମାତ୍ର ଶେଷ ନିଷ୍ପତ୍ତି ହୋଇ ନାହିଁ । ଫଳେ ପୁରୁଣା ଛାପାଖାନା ଅପରାଧ ନ କରିବାଯାଏ ସୁଦ୍ଧା ଟଙ୍କା ଜମା କରିବା ଦାୟରୁ ମୁକ୍ତ ପାଉ ନାହିଁ ଓ କ୍ରମେ ପୁରୁଣା ଶିଳ ଛାପାଖାନାକୁ ନୂଆ ଛାପାଖାନା ପ୍ରାୟ ଟଙ୍କା ଜମା କରିବାକୁ ହେବ । ବୋଧହୁଏ ଏହି ଦାୟରୁ କୌଣସି ଛାପାଖାନାକୁ ଛାଡ଼ି ଦେବା ଅଭିପ୍ରାୟ ମାଜିଷ୍ଟ୍ରେଟଙ୍କୁ ମୂଳବିଶେଷରେ ସମ୍ପୂର୍ଣ୍ଣ ବା ଅଂଶିକ ଅମାନତ ଛାଡ଼ିଦେବାର ଅଧିକାର ଦିଆଯାଇଅଛି ।

———

କଲିକତାର ଶିକ୍ଷିତ ଯୁବକମାନଙ୍କ ସଭାଗୃହରେ ଗତ ମାଘମାସ ଶେଷଭାଗରେ ବିରାଟ ଧର୍ମସଭା ହେବାର ପ୍ରସ୍ତାବ ହୋଇଅଛି । ଏଥିରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ଜୈନ, ବ୍ରାହ୍ମ ଏବଂ ଅନ୍ୟାନ୍ୟ ଧର୍ମ ସମ୍ବନ୍ଧୀୟ ବକ୍ତୃତା ହେବ ଏବଂ ପୌରାଣିକ ତତ୍ତ୍ୱ ଓ ଭାରତର ଦର୍ଶନ, ବୌଦ୍ଧ ଧର୍ମ ଓ ବୌଦ୍ଧ ଦର୍ଶନ, ଜୈନ ଧର୍ମ, ବ୍ରାହ୍ମ ଧର୍ମ, ମୁସଲମାନ ଓ ଯିହୁଦୀ ଧର୍ମ, ଖ୍ରୀଷ୍ଟିୟାନ ଓ ପାର୍ସି ଧର୍ମ, ପାରସ୍ୟର ଧର୍ମ ଓ ଜାତି ବର୍ଣ୍ଣର ଆଉ ସାଧାରଣ ନାନା ନିବାରଣ ବିଷୟରେ ଯେଉଁମାନେ ବକ୍ତୃତା ଦେବେ ସେମାନେ ଗତ ମାର୍ଚ୍ଚମାସ ତା ୧୬ ରଖ ପୂର୍ବରୁ ସଭାର ସମ୍ପାଦକଙ୍କ ସମୀପକୁ ଆପଣ ଆପଣା ନାମ ଧାମ ଲେଖି ପଠାଇବେ । ଆମ୍ଭେମାନେ ଧର୍ମ ସମନ୍ୱୟର ଏକାନ୍ତ ପକ୍ଷପାତୀ । ରାଜନୈତିକ କ୍ଷେତ୍ରରେ ବିଭିନ୍ନ ଧର୍ମାବଲମ୍ବୀମାନେ ଆପଣା ସାମ୍ପ୍ରଦାୟିକଭାବ ଛାଡ଼ି ନ ଦେଲେ ଏକମେଳରେ କାର୍ଯ୍ୟ କରିବା ଯେମନ୍ତ ଅସମ୍ଭବ ଏବଂ ଉନ୍ନତିର ପ୍ରତିବନ୍ଧକ ସାମାଜିକ କ୍ଷେତ୍ରରେ ମଧ୍ୟ ସେମନ୍ତ । ସାମ୍ପ୍ରଦାୟିକ ଭାବ ଛାଡ଼ି ଦେବା ସମ୍ଭବପର ହେବ ଏବଂ ତାହା ଛାଡ଼ି ଦେବାର ଉପାୟ ଭାବରେ ନ ରହିଲେ ଏମନ୍ତ ଧର୍ମ ସଭାହିଁ ବହୁ ଉପକାର

Split by PDF Splitter
Digitized by srujanika@gmail.com

ହେବ ନାହିଁ । ତଥାପି ଏରୂପ ସଭାମାନ ଉତ୍ତରୋତ୍ତର ନ ବସିଲେ ଲୋକେ ସାମ୍ପ୍ରଦାୟିକ ଭାବ ଛାଡ଼ି ପାରିବେ ନାହିଁ । ତେଣୁ ଆମ୍ଭେମାନେ ଏ ସଭା ସଫଳ ହେବାର ସର୍ବାନ୍ତଃକରଣରେ କାମନା କରୁଅଛୁଁ ।

---

ପାଦ୍ରୀ ମିଲମାନ ସାହେବ ପ୍ରକାଶ କରିଅଛନ୍ତି ଯେ ଜେମାଲ ଇଲାକାରେ ପ୍ରାୟ ଅଧଲକ୍ଷ କନ୍ଧ ଅଛନ୍ତି । ଏମାନେ ମଦ୍ୟପାନରେ ବିଶେଷ ଆସକ୍ତିହେତୁ ନିତାନ୍ତ ଦୁର୍ଦ୍ଦଶା ଭୋଗ କରନ୍ତି । ଗତ ବର୍ଷକ ତଳେ ସଭା କରି ମଦ୍ୟପାନହେତୁ ସେମାନଙ୍କର ଭୂସମ୍ପତ୍ତି ଋଣ ଓ ବିଦେଶୀୟ ଲୋକଙ୍କ ହାତକୁ ଚାଲି ଯାଉଥିବା, ଦାରିଦ୍ର୍ୟ ଓ ତଜ୍ଜନିତ ନାନାପ୍ରକାର ଅମଙ୍ଗଳ ଉପସ୍ଥିତ ହେବା ଓ ସେମାନଙ୍କ ମଧ୍ୟରେ ନାନାପ୍ରକାର ଅପରାଧର ସଂଖ୍ୟା ବଢ଼ୁଥିବାରୁ ଆଉ ମଦ୍ୟପାନ ନ କରିବାର ନିୟମ କଲେ । ଏହିପରି ନିୟମ ଯୋଗେ ସେ ଅଞ୍ଚଳର ସୋ ୨୬ଟି ମଦ ଦୋକାନ ଏକପ୍ରକାର ବନ୍ଦ ହୋଇଗଲା ଓ ଛଅମାସ ସକାଶେ ଜେଲଖାନାମାନ ଖାଲି ହୋଇଗଲା । ଅନ୍ୟ ଦିଗରେ ସେମାନଙ୍କ ହାତରେ ଧନ ହେବାରୁ ହାଟରେ ଚାଉଳ ଏବଂ ଲୁଗା ବିକ୍ରୟ ବଢ଼ିଲା । ମାତ୍ର ଗତ ଅପ୍ରେଲ ମାସରେ ପୁନର୍ବାର ଅବକାରୀ ଦୋକାନ ନିଲାମ ହେବାରେ ପୁଣି ସୋ ୨୬ ଟି ଦୋକାନ ଖୋଲିଲା ଏବଂ ଲୋକେ ନିୟମ ରକ୍ଷି ନ ପାରି ପୁନର୍ବାର ଦୁର୍ଦ୍ଦଶାଗ୍ରସ୍ତ ହୋଇଯାଉଅଛନ୍ତି । ଯେଉଁମାନେ ମଦ ଦୋକାନ ଲୋଡ଼ନ୍ତି ନାହିଁ ସେମାନଙ୍କ ମଧ୍ୟରେ ପୁଣି ଦୋକାନ ଖୋଲିବା ବିଷୟରେ ପାଦ୍ରୀ ସାହେବ ମହୋଦୟ ବିଶେଷ ଆପତ୍ତି କରିଅଛନ୍ତି । ପାଦ୍ରୀ ସାହେବଙ୍କ କଥା ସତ୍ୟ ହେଲେ ସରକାରର କଳଙ୍କ ବୋଲାଯିବ । ଅତଏବ ଏଥିର ବିହିତ ତଦନ୍ତ ଓ ପ୍ରତିବିଧାନ ହେବା ଉଚିତ ।

—*—

ଶ୍ରୀଯୁକ୍ତ କ୍ଲେମେଣ୍ଟ ସାହେବ ଅନ୍ୟାନ୍ୟ ବର୍ଷପରି ଏବର୍ଷର ବର୍ଷା ଗଣନା ପ୍ରକାଶ କରିଅଛନ୍ତି । ତାହାଙ୍କର ଗଣନାର ଫଳ ଏହି କି ଆସନ୍ତା ମଇମାସ ତା ୧୬ ତାରିଖରୁ ତା ୨୩ ତାରିଖପର୍ଯ୍ୟନ୍ତ ମେଘୁଆପାଗ ଓ ବର୍ଷା ହେବ । ଜୁନମାସ ତା ୬ ତାରିଖରୁ ତା ୧୦ ତାରିଖଯାଏ ସେହିପରି ହେବ ମାତ୍ର ପ୍ରକୃତ ମୌସୁମି ବୃଷ୍ଟି ସେହି ମାସ ତା ୧୩ ଓ ୧୫ ତାରିଖ ମଧ୍ୟରେ ଆରମ୍ଭ ହୋଇ ଭଲ ବର୍ଷା ହେବ ଓ ତା ୧୮, ୨୦-୨୪, ଓ ୨୬-୩୦ ତାରିଖ ମାନଙ୍କରେ ବର୍ଷା ତହିଁମଧ୍ୟରେ ବିଶେଷ ଜୋରରେ ଭଲ ବର୍ଷା ହେବ । ଜୁଲାଇରେ କ୍ରମାଗତ ଲଗାଣ ବିଶେଷତଃ ତା ୧, ୩, ୪, ୫, ୬, ୮, ୯, ୧୨, ୧୩, ୧୫, ୧୬, ୧୮, ୧୯, ୨୧, ୨୨, ୨୪, ୨୫, ୨୬, ୨୭ ଓ ୨୮ ତାରିଖରେ ବର୍ଷା ହେବ । ଏ ମାସରେ ଭଲ ବର୍ଷା ହେବାର ଲକ୍ଷଣ ଘଟିଅଛି । ଅଗଷ୍ଟ ମାସରେ ପ୍ରଥମ କେତେଦିନ ବର୍ଷା ଛାଡ଼ି ମାତ୍ର ତହିଁମଧ୍ୟରେ କେତେ ଅଳ୍ପ ଜଳ ହେବ ଏବଂ ତା ୨୧, ୨୩, ୨୬, ୨୮, ୨୯ ଓ ୩୧ ତାରିଖରେ ଅଧିକ ଜଳ ହେବ । ସେପ୍ଟେମ୍ବର-ମାସ ତା ୨ ତାରିଖପର୍ଯ୍ୟନ୍ତ ଶୁଖିଲା ପାଗ ଓ ତା ୧୬, ୧୭, ୨୧ ରୁ ୨୪ ଓ ଶେଷଭାଗରେ ବର୍ଷା ହେବ । ଗଣକ ଲେଖିଅଛନ୍ତି ଯେ ବମ୍ବେ-ଉତ୍ତରଦେଶରେ ଏ ଗଣନା ପ୍ରଧାନତଃ ପ୍ରତ୍ୟକ୍ଷ ହେବ ମାତ୍ର ଭାରତର ଅନ୍ୟାନ୍ୟ ପ୍ରଦେଶରେ ଏଥିର ବିଶେଷ ବ୍ୟତିକ୍ରମ ଘଟିବ ନାହିଁ । ଏଥିରୁ ଜଣାଯାଉଅଛି ଯେ ଏବର୍ଷ ଉତ୍ତମ ବର୍ଷା ହେବ ଏବଂ ଶୀଘ୍ର ବର୍ଷାକାଳ ଆରମ୍ଭ ଏବଂ ଅକ୍ଟୋବରମାସରେ ପ୍ରଚୁର ଜଳ ବୃଷ୍ଟି ଦ୍ୱାରା କୃଷିର ଫାଶ ଭଲ ହେବ ।

---

ମୁଦ୍ରାଯନ୍ତ୍ର ସମ୍ବନ୍ଧୀୟ ଆଇନ ଭାରତ ବ୍ୟବସ୍ଥାପକ ସଭାରେ ବିବେଚନା ବେଳେ ବର୍ଦ୍ଧମାନର ମହାରାଜାଧିରାଜ ଯେଉଁ ବକ୍ତୃତା କରିଥିଲେ ତହିଁରେ ବିଲାତ ପାର୍ଲିୟାମେଣ୍ଟରେ ଶ୍ରମଜୀବୀ ପକ୍ଷରୁ ନିର୍ବାଚିତ ସଭ୍ୟ କେୟାର ହାର୍ଡ଼ିଙ୍କୁ ଲୁଟିମାନଙ୍କ ସରଦାର ବୋଲି କହିଥିବାରୁ ସମ୍ବାଦ ପତ୍ରମାନଙ୍କରେ ଭାରି ଆନ୍ଦୋଳନ ଲାଗି ଯାଇଅଛି । ମହାରାଜାଙ୍କ ଉକ୍ତି ଯେ ସୁରୁଚିସମ୍ମତ ନୁହେ ଏହା ଆମ୍ଭେମାନେ ଏକ ମତରେ କହୁଁ ଏବଂ ଭାରତ ବ୍ୟବସ୍ଥାପକ ସଭାର ସଭ୍ୟମାନେ ସର୍ବଦା ସୁରୁଚିସମ୍ମତ କଥା କହିବା ପ୍ରତି ସତର୍କ ରହିବା ସମୁଚିତ ଅଟଇ । କାହାରିପ୍ରତି ଅସମ୍ମାନ ପ୍ରୟୋଗ କଲେ ଆପଣା ହୀନବଳ ପ୍ରକାଶ ହୁଏ ଏହା ଅନେକଙ୍କୁ ଜଣା ନାହିଁ ଏବଂ ଉଚ୍ଚସ୍ଥଳରେ ଅଶାଳିତ ଭାବରେ ମୁଖ୍ୟ ପରପ୍ରତି ଅଶ୍ରଦ୍ଧା ପ୍ରକାଶ କରିବା କଦାପି କ୍ଷମଣୀୟ ନୁହଇ । ଇଂରାଜ ସମ୍ବାଦ ପତ୍ରମାନେ ବିଲାତର ଶ୍ରମଜୀବୀମାନେ ଭଲ ନ ଥାଇ ବରଂ ହିନ୍ଦୁ ତର ଲୋକଙ୍କଠାରେ ସମ୍ମାନାସ୍ପଦ ଏବଂ ଆମ୍ଭମାନଙ୍କର ଖ ସତ ବନ୍ଧୁ ବୋଲି ପ୍ରକାଶ କରୁଅଛନ୍ତି । ଆମ୍ଭେମାନେ କହୁଁ ବିଲାତ କାହିଁକି ସବୁଠାରେ ଶ୍ରମଜୀବୀ ସମ୍ମାନାସ୍ପଦ । ବିଲାତର ଲୋକେ ଶିକ୍ଷିତ ଏବଂ ସେଠାର ଶ୍ରମଜୀବୀମାନଙ୍କ ଯେଉଁ କାମରେ ହାତ ଦିଅନ୍ତି ସେଥିରେ ଆପଣାର ସ୍ୱାର୍ଥ ଉତ୍ତମରୂପେ ବୁଝନ୍ତି ମଧ୍ୟ ଦେଶର ବିଜ୍ଞ ଲୋକମାନେ ତାଙ୍କୁ ଆଦର କରନ୍ତି । ମାତ୍ର ନିରକ୍ଷର ବା ଅଜ୍ଞ ହେଲେ ମଧ୍ୟ ତାହାଙ୍କର ଅବଜ୍ଞା କରିବା ଉଚିତ ନୁହେ ।

---

ଗୋଚର ଭୂମି ସମ୍ବନ୍ଧରେ ସେ ଦିନ ବଡ଼ଲାଟ ସଭାରେ ଏଥିର ଉତ୍ତର ସରକାରପକ୍ଷରୁ ଜଣାଇ ଦିଆଗଲା ଯେ କୃଷିସମ୍ବନ୍ଧୀୟ ରିପୋର୍ଟରେ ଏ ଜମିମାନଙ୍କର ପରିମାଣ ପୃଥକ୍ ଦିଆ ନ ଯାଇ ଅନାବାଦୀ ଏବଂ ଜଙ୍ଗଲ ଜମି ସଙ୍ଗରେ ଦିଆ ଯାଇଥିବାରୁ ତହିଁର ପରିମାଣ କୁହାଯାଇ ନ ପାରେ ଏମ୍ପା ବ ୫୦ ଏର ପୂର୍ବ ଅବସ୍ଥା ସଙ୍ଗେ ତୁଳନା କରାଯାଇ ନ ପାରେ । ତଥାପି ଲୋକ ବୃଦ୍ଧି ଏବଂ ଚାଷଜମିର ବିସ୍ତାରଯୋଗୁଁ ଗୋଚର ଜମିର ପରିମାଣ ନିଃସନ୍ଦେହ ଊଣା ହୋଇଅଛି । ଉକ୍ତ ଜମି ସମୁଦାୟ ଭାରତବର୍ଷରେ ଅଯଥେଷ୍ଟ ଥିବା ବିଷୟ ବର୍ତ୍ତମାନ କହିବା ଅସମ୍ଭବ । ତଥାପି କେତେକ ସ୍ଥାନରେ ଉକ୍ତ ଜମି ବିଶେଷରୂପେ କଟା ଯାଉଅଛି ମାତ୍ର ଗ୍ରାମର ସାଧାରଣ ଲୋକଙ୍କ ସକାଶ ଛଡ଼ା ଯାଇଥିବା ଭୂମି ରକ୍ଷିତ ଜଙ୍ଗଲସାମିଲ ହୋଇଥିବା ବିଷୟ ଗବର୍ଣ୍ଣମେଣ୍ଟଙ୍କ ଜଣା ନାହିଁ ଏବଂ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ଗୋଚରକୁ ଆସିଲେ ଅବଶ୍ୟ ସେଥିର ବିଚାର ହେବ । ଜଙ୍ଗଲ ଆଇନ ଅନୁଯାୟୀ କୌଣସି କାର୍ଯ୍ୟ କରିବାଦ୍ୱାରା ଫଳ ମିଳିବ ନାହିଁ ମାତ୍ର ଗୋଚରସକାଶ ରଖାଯାଇଥିବା ଜମିପ୍ରତି ଜମିଦାରଙ୍କ ହସ୍ତକ୍ଷେପ ନିବାରଣ ହେଲେ ଫଳ ହେବ । ଜଙ୍ଗଲର ଉକ୍ତ ଜମି ସକାଶେ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଉପଯୁକ୍ତ ନିୟମ କରୁଅଛନ୍ତି । ସୁତରାଂ କମିଟି ନିୟୋଗର ପ୍ରୟୋଜନ ନାହିଁ । ଜମିଦାରମାନେ ଗୋଚର ଜମି ହରଣ କରୁଥିବା ବିଷୟ ଗବର୍ଣ୍ଣମେଣ୍ଟ ସ୍ୱୀକାର କରୁଥିବା ଏ ଉତ୍ତରରୁ ସ୍ପଷ୍ଟ ଜଣା ଯାଉଅଛି । ସ୍ଥାନେ ଜମିଦାରମାନେ ଯେ ହରଣ କରିବା ଅସମ୍ଭବ ନୁହେ, ମାତ୍ର କଲେକ୍ଟର ସାହେବମାନେ ତହିଁପ୍ରତି ବିଶେଷ ଦୃଷ୍ଟି ରଖି ସଜାଡ଼ିବାରେ ସର୍ବଦା ତତ୍ପର । ତେବେ ଏତିକି ଆମ୍ଭେମାନେ କହିପାରୁଁ ଯେ ଉପଯୁକ୍ତ ଜମି ଦେଖି ଶୁଣି ସର୍ବସ୍ଥାନରେ ବନ୍ଦୋବସ୍ତ ହାକିମ ଗୋଚରସକାଶେ ନିର୍ଦ୍ଦିଷ୍ଟ କରାନ୍ତୁ । ଆମ୍ଭେମାନେ ଜାଣୁ ଯେ କେତେସ୍ଥଳରେ ଘର ଡିହ ଗୋଚର ଜମିଭୁକ୍ତ ହୋଇଅଛି ଏବଂ ତାହା ସ୍ଥିର ରଖିଲେ ସୁଦ୍ଧା ଫଳ ନାହିଁ । ଏ ବିଷୟରେ ବିହିତ ତଦନ୍ତ ହେବା ପ୍ରୟୋଜନୀୟ ।

---

ମାନ୍ୟବର କନିକା ରାଜାଙ୍କ ଅଭ୍ୟର୍ଥନାକାରଣ ଗତ ବୁଧବାର ସନ୍ଧ୍ୟାସମୟରେ ଏଠାରେ କଟକରଣ୍ଡ୍ରିସ୍ଥିତ ମାଉଣ୍ଟହାଉସ ନାମକ କୋଠିରେ ଗୋଟିଏ ଉଦ୍ୟାନ ମିଳନ ହୋଇଥିଲା । ଦେଶୀୟ ଏବଂ ୟୁରୋପୀୟ ଅନେକ ଭଦ୍ରଲୋକ ଓ ମହିଳା ପ୍ରଶସ୍ତ ଚନ୍ଦ୍ରାତପତଳେ ରଚିତ ହୋଇଥିବା ପ୍ରକାଣ୍ଡ ସଭାସ୍ଥଳ ଅଳଂକୃତ କରିଥିଲେ । ସେମାନଙ୍କ ସହିତ ପ୍ରାୟ ତିନିଶହ ଲୋକର ସମାଗମ ହୋଇଥିଲା । ପ୍ରଥମେ କଲିକତାରୁ ଆସିଥିବା ଜଣେ ବଙ୍ଗାଳୀ ବାଦ୍ୟକ ନାନାପ୍ରକାର ସ୍ୱରର

ପ୍ରତିନିଧି ଦେଶୀୟ ସମସ୍ତଙ୍କର ମନ୍ତ୍ର ଅନୁମୋଦନ କରିଥିଲେ । ପରେ ନାନାପ୍ରକାର ସୁନ୍ଦର ବାଣ ଯୋଡ଼ା ହୋଇ ଜଳିବାରୁ ଅଣାଯାଇଥିବା ବାୟୋସ୍କୋପ ପ୍ରଦର୍ଶିତ ହେଲା ଏବଂ ରାତ୍ର ୩ଟା ସମୟରେ ମିଳନ ଭାଙ୍ଗିଲା । ଦେଶୀୟ ଏବଂ ୟୁରୋପୀୟମାନେ ଜଳଯୋଗର ବ୍ୟବସ୍ଥା ହୋଇଥିଲା ଏବଂ ଉପସ୍ଥିତ ଲୋକେ ଯଥାରୁଚି ତହିଁର ବ୍ୟବହାର କଲାପରେ ଜମିଦାର ପ୍ରମୁଖ ବାବୁ କାର୍ତ୍ତିକଚନ୍ଦ୍ର ରାୟ ଚୌଧୁରୀ ମୋ ୨ ସନ୍ତୁଷ୍ଟଚିତ୍ତ ଇଂରାଜୀ ବକ୍ତୃତାଦ୍ୱାରା ରାଜା ମହୋଦୟଙ୍କ ସମ୍ମୁଖରେ ଦେଶବାସିଏ ଆନନ୍ଦିତ ଥିବା ଓ ସେ ସମ୍ମିଳନ ସମ୍ପୂର୍ଣ୍ଣ ଉପଯୋଗୀ ଥାଇ ଆପଣାର ପଦମର୍ଯ୍ୟାଦା ଯାଉଁନ ଲୋକ ଜଣିବା ଉଚିତ ପ୍ରକାଶ କରିଥିଲେ । ତତ୍ପରେ ମାନ୍ୟବର ମଧୁସୂଦନ ଦାସ ସି, ଆଇ, ଇ ମହୋଦୟ ମଙ୍ଗଳକାମନା କରି ରାଜା ମହୋଦୟଙ୍କ ଗଳଦେଶରେ ସୁରମ୍ୟ ପୁଷ୍ପହାର ଲମ୍ବାଇ ଦେଲାରୁ ମାନ୍ୟବର ରାଜା ସାହେବ ଆନନ୍ଦିତ ଏବାଦୃଶ ଅନୁଗ୍ରହ ହେତୁ ସମସ୍ତ ଦେଶବାସିଙ୍କି ଧନ୍ୟବାଦ ଦେଇ କହିଲେ ଯେ ଇଂରାଜ ଗବର୍ଣ୍ଣମେଣ୍ଟ ଏଦେଶରେ ପଦାର୍ପଣ କଲାସମୟରୁ ତାଙ୍କ ପୂର୍ବପୁରୁଷ ତାଙ୍କର ସାହାଯ୍ୟ କରିଆସୁଅଛନ୍ତି ଏବଂ ସେ ସନ୍ଧିଦ୍ୱାରା ସାହାଯ୍ୟ କରିବାକୁ ଦାୟୀ ।—ଏ ମିଳନର କାର୍ଯ୍ୟ ଅତ୍ୟନ୍ତ ମନୋରୂପେ ନିର୍ବାହିତ ହୋଇଅଛି । ଏଠାର ସମୁଦାୟ ବନ୍ଦୋବସ୍ତ କରିବା କାରଣ ସର୍ବସାଧାରଣଙ୍କ ପକ୍ଷରୁ ପଣ୍ଡିତ ରଘୁନାଥପୁଣ ଗନ୍ତୁ ମହାଶୟ ଅଦମ୍ୟ ପରିଶ୍ରମ କରିବାରେ ଯେମନ୍ତ ଧନ୍ୟବାଦର ପାତ୍ର ସେମନ୍ତ ବଣ୍ୟାତ ଦୃକ୍ବାରୁ ସୁନ୍ଦର ଆତସବାଜି ଦେଖାଇ ପ୍ରଶଂସାର୍ହ ହୋଇଅଛନ୍ତି ।

—:※:—

### ଆଗାମୀ ବର୍ଷର ଭାରତ ବଜେଟ ।

ଗତ ସରକାରୀ ବର୍ଷ ଏହି ମାସ ତା ୩୧ ଦିନରେ ଶେଷ ହେଉଥିବାରୁ ଆଗାମୀ ବର୍ଷ ନିମନ୍ତେ ଭାରତବର୍ଷର ଆୟ ବ୍ୟୟର ବଜେଟ ପ୍ରସ୍ତୁତ ହୋଇ ଭାରତ ବ୍ୟବସ୍ଥାପକ ସଭାରେ ଗତ ଫିବ୍ରୁୟାରୀ ମାସ ତା ୨୫ ରିଖର ଅଧିବେଶନରେ ଅର୍ପିତ ହୋଇଥିଲା । ଗତ ବର୍ଷଠାରୁ ଭାରତର ଆର୍ଥିକ ଅବସ୍ଥା ମନ୍ଦ ହୋଇ ଆସିଅଛି ମାତ୍ର ଆମ୍ଭମାନଙ୍କୁ ନୂତନ ଟିକସ ପୂର୍ବ ବର୍ତ୍ତମାନ କରେ ମାଫ ହୋଇ ଗତବର୍ଷ ଠିକ୍ ମାଫ ହୁଅ ଯାଇ ନ ଥିଲେ ସୁଦ୍ଧା ଅଧିକା ଟିକସ ଦେବାକୁ ଦାୟୀ ହୋଇ ନ ଥିଲୁଁ । ଆଗାମୀ ବର୍ଷର ଯେଉଁ ବଜେଟ ଅର୍ପିତ ହୋଇଅଛି ତହିଁରେ ଖର୍ଚ୍ଚରୁ ଆୟ ଅଧିକ ହେବାହେତୁ ଅଧିକା ଟିକସ ଦେବାକୁ ପଡ଼ିବାର ଅର୍ଥସଚିବ ମହାଶୟ ସଭାରେ ପ୍ରକାଶ କଲେ । ଗତ ବର୍ଷ ସକାଶେ ଯେଉଁ ବଜେଟ ଗତବର୍ଷ ବ୍ୟବସ୍ଥାପକ ସଭାରେ ଅର୍ପିତ ହୋଇଥିଲା ତହିଁରେ ୭୩୭୫୦୯୦୦ ପାଉଣ୍ଡ ଆୟ ଧରାଯାଇଥିଲା ମାତ୍ର ଅଫିମରେ ଆଶାତୀତରୂପେ ଦଶଲକ୍ଷ ପାଉଣ୍ଡ ଅଧିକା ଆୟ ହେବାରୁ ଗତ ବର୍ଷର ଆୟ ୭୪୩୦୩୭୦୦ ପାଉଣ୍ଡ ହୋଇଗଲା । ସୁତରାଂ ବର୍ଷ ଶେଷରେ ୫୫୨୮୦୦ ପାଉଣ୍ଡ ବଳକା ରହିବ । ବର୍ତ୍ତମାନ ବଜେଟରେ ଆଗାମୀ ବର୍ଷର ଆୟ ୭୫୦୧୮୭୦୦ ରୁ ଖର୍ଚ୍ଚ ୭୫୨୬୪୬୦୦ ପାଉଣ୍ଡ ହେବାରୁ ୨୪୫୯୦୦ ପାଉଣ୍ଡ କମ ପଡ଼ିଅଛି ମାତ୍ର ଅନାବୃଷ୍ଟି ଇତ୍ୟାଦି ଦଇବ ଦୁର୍ଘଟଣା ଅଥବା ଖର୍ଚ୍ଚର ବ୍ୟୟର ଉପସ୍ଥିତ ହେଲେ ଅତିରିକ୍ତ ଟଙ୍କାର ପ୍ରୟୋଜନ ଦୃଷ୍ଟିରେ ବର୍ତ୍ତମାନ ୧୧୩୩୦୦୦ ପାଉଣ୍ଡ ଉଠାଇବାର ଆବଶ୍ୟକ ହୋଇଅଛି । ସେହି ହେତୁ ଅର୍ଥସଚିବ ମହୋଦୟ ବିଦେଶୀ ମଦ ଓ ବିଦେଶୀ ତମାଖୁ ଏବଂ କିରାସିନ ତେଲ ଉପରେ ଅଧିକା ଟିକସ ବସାଇବା ଶୁଳ୍କ ଓ ରୂପାର ଅଂଶ ବିକ୍ରୟାଦି ଉପରେ ଷ୍ଟାମ୍ପ ମାସୁଲ ବଢ଼ାଇବା ଓ ରୂପା ଆମଦାନୀରେ ମାସୁଲ ନେବାର ପ୍ରସ୍ତାବ କରିଅଛନ୍ତି । ପୂର୍ବବଙ୍ଗ ଓ ଆସାମର ଖର୍ଚ୍ଚର ଆଧିକ୍ୟ ମଧ୍ୟ ଶିକ୍ଷା ବିସ୍ତାର ହେବା ହେତୁ ପ୍ରଧାନତଃ ବ୍ୟୟ ବଢ଼ି ପଡ଼ିଅଛି ଏବଂ ସେ ହେତୁ ଗବର୍ଣ୍ଣମେଣ୍ଟ ଆପଣାର ଆର୍ଥିକ ବନ୍ଦୋବସ୍ତ କରିବାରେ ଯେ ଟିକସର ବ୍ୟବସ୍ଥା କରିଅଛନ୍ତି ତାହା ଅନ୍ୟାୟ ନ ଥାଇ ବରଂ ସ୍ୱଦେଶୀର ସମ୍ପୂର୍ଣ୍ଣ ଅନୁକୂଳ ଅଟେ । ଯେଉଁମାନେ ଦେଶୀ ମଦ ବା ପିଇବାରେ ପ୍ରବୃତ୍ତ ନ ଥାଇ ବିଦେଶୀରେ ଲୋଭ ଅଛି ସେମାନେ ଏ ଅଧିକା ଟିକସ ଦେବାକୁ ଦାୟୀ ହେବେ । ତମାଖୁ, କବଲା ବା ପଟ୍ଟା ଆଦିର ଷ୍ଟାମ୍ପର କରଣ ବୃଦ୍ଧି ହୋଇଥିଲେ ଲୋକଙ୍କୁ ବାଧିବାର କଥା ମାତ୍ର ବର୍ତ୍ତମାନ ପ୍ରସ୍ତାବ ଅଳ୍ପ ପରିମାଣ ଲୋକଙ୍କୁ ବାଧିବ କେବଳ ରୂପାର ମାସୁଲ ବସିବାଟା ଅଡୁଆ ଜଣାଯାଉଅଛି । ତହିଁରେ ଏ ଦେଶର କ୍ଷତି ହେବ ବର୍ତ୍ତମାନ ବୁଝାଯାଉନାହିଁ । ରୌପ୍ୟର ଦର କମ ହେବାଦ୍ୱାରା ଲୋକଙ୍କର ବିଶେଷ ଲାଭ ହେଉଅଛି ଏବଂ ସରକାରୀ ଭଲ ପ୍ରଚଳ ହେବା ଟଙ୍କାର ପ୍ରକୃତ ମୂଲ୍ୟ କମ ହେବାହେତୁ ଦ୍ରବ୍ୟାଦିର ମୂଲ୍ୟ ଆଶାମତେ ସୁଲଭ ହେଉନାହିଁ । ସରକାର ଏଥିର କିଛି ଉପାୟ ନ କରି ରୂପା ଉପରେ ମାସୁଲ ବସାଇବାର ପ୍ରସ୍ତାବ କରିଅଛନ୍ତି । ଅବଶ୍ୟ କଲିକତାର ଲୋକଙ୍କ ଦେଶହିତୈଷୀ ଭାବରୁ ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟର ଅଫିମର ଆୟ ଉଣାହେବାର ଦୃଷ୍ଟି ହୋଇଅଛି । ସୁତରାଂ ଭାରତ ଗବର୍ଣ୍ଣମେଣ୍ଟ ସେଥିର ସାହାଯ୍ୟ କରିବାକୁ ଆଶା କରିବା ସ୍ୱାଭାବିକ । ତାହା ନ କଲେ ଯେଉଁ କାରଣରୁ ବ୍ୟୟ ଭାର ବୃଦ୍ଧି ହୋଇଅଛି ଏବଂ ଯାହାକୁ ଏଠା ଲୋକଙ୍କଠାରୁ ବିଲାତର ଲୋକେ ମଧ୍ୟ ସ୍ପୋଟ ସେକ୍ରେଟରି ପର୍ଯ୍ୟନ୍ତ ସ୍ୱୟଂ ନିନ୍ଦା କରୁଅଛନ୍ତି, ସେହି କଙ୍କ ବିଭାଗକୁ ଉଠାଇ ଦେଲେ ଖର୍ଚ୍ଚ ଉଣା ହୋଇପାରିବ । ଦେଖାଯାଉ ବ୍ୟବସ୍ଥାପକ ସଭାରେ ଏଥିର କିପରି ବିଚାର ହେବ । ଏ ଥରର ସଭାରେ ଦର୍ଶକଙ୍କ ଗ୍ୟାଲେରି ପୂର୍ଣ୍ଣ ହୋଇଯାଇଥିଲା ଏବଂ ନ ୫୦ ଣ ସଭ୍ୟ ସଭାରେ ସମବେତ ହୋଇଥିଲେ । ମାସକ ଆଗରୁ ବଜେଟ ଆରମ୍ଭ କରି ଗବର୍ଣ୍ଣମେଣ୍ଟ ସଭ୍ୟମାନଙ୍କୁ ତାହା ପୁଙ୍ଖାନୁପୁଙ୍ଖ ବିଚାର କରିବାକାରଣ ଯଥେଷ୍ଟ ସମୟ ଦେଉଅଛନ୍ତି ଏବଂ ଆମ୍ଭେମାନେ ଆଶା କରୁଁ ସଦସ୍ୟମାନେ ଯଥେଷ୍ଟ ପରିଶ୍ରମପୂର୍ବକ ତନ୍ନ ତନ୍ନ କରି ଦେଖି ଆପଣାର ମତାମତ ସ୍ୱାଧୀନଭାବରେ ବ୍ୟକ୍ତ କରିବାକୁ କୁଣ୍ଠିତ ହେବେ ନାହିଁ । ଅର୍ଥସଚିବ ମହୋଦୟ ଯଥାର୍ଥ କହିଲେ ଯେ ବିଦେଶୀ ଦ୍ରବ୍ୟ ଉପରେ ଟିକସ ବଢ଼ାଇବାର ପ୍ରସ୍ତାବଦ୍ୱାରା ସ୍ୱଦେଶୀ କାରଖାନା ବୃଦ୍ଧି ପ୍ରାପ୍ତ ହୁଏ ତେବେ ଅବଶ୍ୟ ତାହା ସୁଖର ବିଷୟ ହେବ ।

———

# ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

କଟକର ଡେ: ମା: ଓ ଡେ: କଲେକ୍ଟର ବାବୁ କନ୍ଦର୍ପ ନାଥ ମୁଖର୍ଜ୍ୟା ୨ ମାସର ଛୁଟୀ ପାଇଲେ ।

ସମ୍ବଲପୁରର ଡେ: ମା: ବାବୁ ହେମଚନ୍ଦ୍ର ମିତ୍ର ୧ମ ଶ୍ରେଣୀ ମାଜିଷ୍ଟ୍ରେଟର କ୍ଷମତା ପାଇଲେ ।

ଯାଜପୁରର ସ: ଡେ: କଲେକ୍ଟର ବାବୁ ସୁଧାକୃଷ୍ଣ ବସୁ ସନ ୧୮୪୧ ମସିହାର ୧୦ ଆଇନମତେ ଶପଥ ଓ ଦେୱାନୀ ମୋକଦ୍ଦମା ବିଚାର କରିବାର କ୍ଷମତା ପାଇଲେ ।

ନୟାଗଡ଼ ଡିଭିଜନର ୧ମ ସେକେଣ୍ଡ ଓଭରସିୟର ବାବୁ ମଧୁସୂଦନ ଗୁହ ମା ୩ ସ ଛୁଟୀ ପାଇଲେ ।

ସୁନ୍ଦରବନର ସିଭିଲ ହସପିଟାଲ ସମୂହର ଅଫିସିଏଟିଂ ଇନସ୍ପେକ୍ଟର ଜେନେରଲ ଲେଫ୍ଟେନେଣ୍ଟ କର୍ଣ୍ଣେଲ ଜି, ଏଫ, ଡବ୍ଲ୍ୟୁ, ବ୍ରାଉନ, ଏମ, ଡି, ଏଚ, ଆର, ସି, ପି, ଆଇ, ଏମ ଏସ ସନ ୧୯୧୦ ମାର୍ଚ୍ଚ ତା ୧ ରିଖରୁ ବଙ୍ଗ ସିଭିଲ ହାସପିଟାଲ ସମୂହର ଇନସ୍ପେକ୍ଟର ଜେନେରଲ ନିଯୁକ୍ତ ହେଲେ ।

କଟକ ରେଭେନସା କଲେଜର ବାବୁ ଯୋଗେଶଚନ୍ଦ୍ର ଘୋଷ ଓ ବାବୁ ଗୋବିନ୍ଦ ପ୍ରସାଦ ଘୋଷ ସନ ୧୯୧୦ ମସିହା ଜାନୁଅରୀ ମାସର ବି, ଏଲ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ଗତ ଫେବ୍ରୁଆରୀ ତା ୨୮ ଦିନ ଶେଷହେବା ସପ୍ତାହରେ ଚାଉଳର ଦର ଶସ୍ତା କଟକରେ ସେ ୧୪/, ବାଲେଶ୍ୱରରେ ସେ ୧୨, ଅନୁଗୁଳରେ ସେ ୧୮।/, ପୁରୀରେ ସେ ୧୪।, ଓ ସମ୍ବଲପୁରରେ ସେ ୧୨ ର ।

———

### ସ୍ଥାନୀୟ ସମ୍ବାଦ ।

ଏ ସପ୍ତାହରେ ଏ ନଗରରେ ପ୍ରକାଶ ଗର୍ମି ଓ ବସନ୍ତ ମାତ୍ର ରୋଗ ବୃଦ୍ଧି ହୋଇଅଛି । ଶୀତ କେବଳ ଶେଷରାତ୍ରରେ ଅନୁଭୂତ ଜଣାଯାଉଅଛି । ସାଧାରଣ ସ୍ୱାସ୍ଥ୍ୟ ଉତ୍ତମ ।

ଗତ ମଙ୍ଗଳବାରଠାରୁ ଏଣ୍ଟ୍ରାନ୍ସ ପରୀକ୍ଷା ହେଉଅଛି ଆଜି ଶେଷ ହେବ । ଏଠାରେ ୧୭ ଜଣ ପରୀକ୍ଷା ଦେଉଅଛନ୍ତି ।

Split by PDF Splitter

Digitized by srujanika@gmail.com

Split by PDF Splitter



ଏ ବର୍ଷାହିରେ ଚଢାଉର ୪ମ, ଭଗ ପଡ଼ୁଥାଇଅଛି ଯଦ୍ୟପି ବାଜା ଓ ଶେଷନାଥ ପ୍ରାୟ ପ୍ରଚଳନ ହୋଇଅଛି ।

ଗତ ସୁବ୍ବାର ଡ଼କଟର୍ଷ୍ଟିନଙ୍ଗର ବେଡ଼, ସନିରେ ଏବ ସମ୍ମେଳନ ହୋଇଥିଲା । ଅସୁସ୍ଥତା ଗୁଜବ ତାହାରେ ଏବ ଚୋର ଗାଣ୍ଡୀ ଏବ ସଙ୍ଗେ ପଡ଼ୁଥିବାରେ ସନ୍ଧିଳଗ୍ନର ବାର୍ଷିକ ଅଧିବେଶନ ସେ ସମୟରେ ହୋଇ ନ ପାରିବାର ଆର୍ଥି ହୁଏ ।

## ଢେଙ୍କାନାଳ ସମ୍ବାଦ ।

ଗବ୍ଦର୍ଣ୍ଣମେଣ୍ଟ ମାନଙ୍କ ପଠ ଏ ବର୍ଷ ଗତ ମାସ ଦମସ୍ୱରେ ଢେଙ୍କାନାଳ ଗଡ଼ ଯାତ୍ରାର କାର୍ଯ୍ୟମାନ ସମ୍ପନ୍ନ ହେଉଥିଲା । ମହନ୍ତ ମହୋଦୟ ସାଧୁ, କର୍ମାଚାରୀ ପ୍ରଭୃତି ବୃଦ୍ଧସବ ଲୋକଙ୍କୁ ନିମନ୍ତ୍ରଣ ଦେଇଥିଲେ ।

ଓଡ଼ିଶା ଲେଖକ ମାନ୍ୟବର ମନମୋହନଙ୍କ ସାହେବ ମହୋଦୟ ଗତ ଡାଃ ସନରେ ଏ ଗାଁର ମଧ୍ୟ ଦ୍ଵିତୀୟ ଦୋକାନ ଦରଦର୍ଶନ କରି ବଶେଷ ସନ୍ତୁଷ୍ଟ ହୋଇଅଛନ୍ତି ।

ଏ ଅଞ୍ଚଳରେ ଅମ୍ବ ବଉଳ ଏ ପର୍ଯ୍ୟନ୍ତ ଦେଖା ନାହିଁ । ବୋଧହୁଏ ଏ ବର୍ଷ ଅମ୍ବ ଫଳ ଦେଖାନାହିଁ । ଅନ୍ନଦାର ଚାଉଳ ସେ ୧୨ ର ହିସାବରେ ମୋଟ ଚାଉଳ ମିଳୁଅଛି ।

## ଖୋର୍ଦ୍ଧା ସମ୍ବାଦ ।

ଗୋଟିଏ ବୃହତ୍ ମହାବଳ ବ୍ୟାଘ୍ର ଭୁମପଡ଼ା ଓ ବଳବନ୍ତ-ଚଇ ଓ ବାଣ୍ଡିମାଳଚଲା ଜଙ୍ଗଲରେ ଭ୍ରମଣ କରି ଅନେକ ଗୋରୁ ମନୁଷ୍ୟମାନଙ୍କୁ ହତ କରୁଅଛି । ବୃଦ୍ଧବଣକରର ଶର୍ମାସ୍ ପର୍ଣ୍ଣସ୍ନ ବିଷ ଭଲ୍ଲୁ ବ୍ୟାଘ୍ରକୁ ବନ୍ଧୁକଦ୍ୱାରା ବଧ କରିବାକୁ ଲୋକଙ୍କର ସ୍ୱତ ହୁର କରୁଅଛନ୍ତି । ସେ ବ୍ୟାଘ୍ର ଲମ୍ବରେ ହାଃ ୯ ତ ।

ବାଣ୍ଡିମାଳନଲା ଗ୍ରା ମଠପଡ଼ା ଜମିଦାରର ପ୍ରଜାମାନେ ସନଦ୍ଧ ହୋଇ ଅପଣାର ଦେୟ ଖଜଣା ନ ଦେଇ ହୁଏଣ ହୁକୋତ କରୁଅଛନ୍ତି ।

ଆଜ କାଲ ବଡ଼ ରାଜନ ଖୋର୍ଦ୍ଧା ସବଡ଼ିଭିଜନର ଅଫିସରେ ବସନ ଦସ୍ତାବେଜମାନ ରେଜଷ୍ଟ୍ରୀ ହୋଇ ଥିବାରୁ ଲୋକମାନେ ଅନନ୍ଦ ହେଉଅଛନ୍ତି ।

ଏବର୍ଷ ଅମ୍ବ ର ଫଳ ଦେଖା ଯାଉନାହିଁ ।

## ସାଧାରଣ ସମ୍ବାଦ ।

ପଞ୍ଜାବଙ୍ଗଳାର ଏକ ଡକାଏତି ମୋକଦ୍ଦମାରେ ଗୃହଜଣ ଅସାମୀ ଫାଶୀ ଓ ଜଣେ ଦ୍ୱୀପାନ୍ତର ହୋଇଅଛି । ଏଥିରେ ଚଳନ୍ତି କଲେକ୍ଟରୁ ଡକାଏତ ହୋଇଥିଲା । ଅନ୍ୟ ଗୋଟିଏ ଡକାଏତି ମୋକଦ୍ଦମାର ସମସ୍ତ ଅସାମୀ ମୁକ୍ତିଲାଭ କରୁଅଛନ୍ତି ଏହାସୁଦ୍ଧ ସୁଦ ଅନୁକୂଳ ନୁହେ ।

ବଙ୍ଗୋପସାଗରରେ ଅନ୍ତଃପୋତର ସବଇନସ୍ପେକ୍ଟରଙ୍କ ନାମରେ ଜଣେ ଘୁଷ ଦେଇ ମୋକଦ୍ଦମା କରିଥିଲା ତହିଁ ର ସଚେତନ ପ୍ରକୃତ ନାମରେ ଦଣ୍ଡ ଦେଇ ଅପରାଧ ଦ ୩୪୬ ଧା ମତେ ଅଭିଯୋଗ ହୋଇଥିଲା ତହିଁ ଗତ ଶୁକ୍ରବାର ଦିନ ବିଚାରରେ ସେ ମୁକ୍ତିଲାଭ କରିଅଛନ୍ତି । ଦେଶସତ ଅସାମି ଙ୍କି ସଢ଼ିଦେବା ସଙ୍ଗେ ମୁଦ୍ରେ ଉପରେ ୫୦୦ଙ୍କା ଉଠାଦେଲେ ହେବାର ଅଦେଶ ହେଲେ । ଉକ୍ତ ମୂଳ ମୋକଦ୍ଦମାରେ ମକ୍ତି ଦେଇ ଅଦାଲତରେ ବନ୍ଧୁପେ ଦଣ୍ଡ ପାଇବା ଅଭିଜନ ବ୍ୟଥାର ଏବ ବାପ୍ତର ତାହା ହେଇ ପୁଲିସର ଚୋରି ହାଃ ବୋଧ ହୋଇବାକୁ ହେବ ।

ତୁଳସୀର ପଞ୍ଚଭନର ସମ୍ପାଦକ ସନାତନ ଅଭ-ଯୋଗରେ ବୃଦ୍ଧବର୍ଷ ଏବ ତତ୍ତ୍ଵ ଟ୍ରିବ୍ୟୁନ ସମ୍ପାଦକ କାରାଦଣ୍ଡ ପାଇଅଛନ୍ତି । ଲାହୋରିର ସମ୍ପାଦକ ଓ ପ୍ରିଣ୍ଟରମାନେ କ୍ଷମା ପ୍ରାର୍ଥନା କରିବାରୁ ପ୍ରତ୍ୟେକ ଏକଶହ ଟଙ୍କା ଲେଖାଏଁ ଅର୍ଥଦଣ୍ଡରେ ଦଣ୍ଡିତ ହୋଇଅଛନ୍ତି । ପଞ୍ଜିକାର ସମ୍ପାଦକ ଓ ପ୍ରିଣ୍ଟର ଜାମୀନର ମୁଦ୍ରାଯନ୍ତ୍ର ବୋଲେ ହେବାର ଅଦେଶ ଦଣ୍ଡରେ ହାଇକୋର୍ଟରେ ଅପିଲ କରିଅଛନ୍ତି ।

ଗତ ମାସ ତା ୧୭ ରାତ୍ରରେ ସେଣ୍ଟପିଟର୍ସବର୍ଗଠାରେ ମୁସଲମାନମାନଙ୍କର ଗୋଟିଏ ମସଜିଦ ଗୃହରୁ ଶବ ବାହାରୁ ଥିବାର ବାର୍ତ୍ତା ମିଳଇ । ଏଥିରେ ପାଞ୍ଚଦ୍ଧାର ସେବ ବନ୍ଦୀ ପାଇବେ ।

ମିସର ଦେଶରେ ଅସନ୍ତୋଷ ଉତ୍ପନ୍ନ ହୋଇଅଛି ସେଠା ପ୍ରଧାନ ମନ୍ତ୍ରୀ ବୁଟ୍ରସପାଶାଙ୍କୁ ଜଣେ ମୁସଲମାନ ଯୁବକ ବନ୍ଦୁକ ଗୋ ୪ ଟି ଗୁଳି ମାରି ହତ କରିଅଛି । ଉକ୍ତ ଗୋଟି ଛଅ ଗୁଳିରେ ସେ ମାତ୍ର ନଅବଜ ନୁହନ୍ତି । ଗୁଳି ମାନ ବାହାରକରି ଦିଆଯାଇ ଅଛି । ସାତକ ବେଲେନ୍ଧାଲ ଇଂଲଣ୍ଡରେ ଶିକ୍ଷା ପାଇ ବଢ଼ିଥିଲା । ସେ କହେ ଯେ ପ୍ରଧାନ ମନ୍ତ୍ରୀଙ୍କ ଯୋଗୁଁ ଗବର୍ଣ୍ଣମେଣ୍ଟ ବେଶେଷ କାର୍ଯ୍ୟ କରିଥିବା ହେତୁ ସେ ପ୍ରତି ହିଂସା ସାଧନୋଦ୍ଦେଶ୍ୟରେ ଏହା କରିଅଛି ।

ଭାରତର ନୂତନ ଗବର୍ଣ୍ଣମେଣ୍ଟର ମାନ୍ୟବର ଲ, ଏସ, ମେଷ୍ଟର ମହୋଦୟ ଭାଇସରାୟର ଜନ୍ମସେକ୍ରେଟେରି ସ୍ୱରୂପ ନିଯୁକ୍ତ ହୋଇଅଛନ୍ତି ।

---

## ପତ୍ରପ୍ରେରକଙ୍କ ପ୍ରତି ।

ଶ୍ରୀ ବିଶ୍ୱନାଥରଥ ଦାସ—ଢେଙ୍କାନାଳ ନାଟ୍ୟାଭିନୟ ପ୍ରସଙ୍ଗ ପ୍ରକାଶ ହୋଇଅଛି । ଅତଏବ ଉପେକ୍ଷିତ ହେଲା ।

ଶ୍ରୀ ହରିକୃଷ୍ଣ ଦାସ—ବନ୍ଦୋବସ୍ତରେ ଯାହାର ଯେ ଅସନ୍ତୋଷ ନେଇ ବନ୍ଦୋବସ୍ତ ହାକିମଙ୍କୁ ଜଣାଇବା ଉଚିତ । ଏପରି ପତ୍ର ସମ୍ବାଦପତ୍ରରେ ପ୍ରକାଶର ଯୋଗ୍ୟ ନୁହେ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନନୀୟ ଶ୍ରୀଯୁକ୍ତ ଉତ୍କଳଦୀପିକାର ସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ ସ୍ୱଦେଶ ହିତୈଷୀ ବଦାନ୍ୟ ମହାତ୍ମାମାନେ ବନ୍ଧୁଗ୍ରାମ ମଧ୍ୟଇଂରାଜୀ ବିଦ୍ୟାଳୟର ନୂତନ ଗୃହ ନିର୍ମାଣକାର୍ଯ୍ୟ ନିମନ୍ତେ ଯେଉଁ ଚନ୍ଦା ଦାନ କରିଅଛନ୍ତି ତାହା ଆପଣଙ୍କ ସୁନାମ ପ୍ରସିଦ୍ଧ ପତ୍ରିକାର ଏକପାର୍ଶ୍ୱରେ ପ୍ରକାଶ କରି ବାଧିତ କରିବା ହେବେ ।

| | |
|---|---|
| ଶ୍ରୀଯୁକ୍ତ ଆଶୁତୋଷଚନ୍ଦ୍ର ମିଶ୍ର ଘାସପୁରର ଜମିଦାର | ୮ ୧୦୲ |
| ଦର୍ପଣୀର ରାଣୀ | ୮ ୧୦୲ |
| ଶ୍ରୀଯୁକ୍ତ ବନ୍ଧୁଗୋପାଳ ପଣ୍ଡିତ ଜମିଦାର | ୮ ୫୲ |
| ହାଜୀ ନଜୀରୁଦ୍ଦୀନ ବାଲେଶ୍ୱରର ମହାଜନ | ୫ ୫୲ |
| ଶ୍ରୀଯୁକ୍ତ ପ୍ୟାରୀମୋହନ ଦେ ଦ ଭଦୋରଗଡ଼ର | ୮ ୫୲ |
| „ ମଧୁସୂଦନ ଷଡ଼ଙ୍ଗୀ ଭଦ୍ରକେଶ୍ୱର | ୮ ୨୲ |
| „ କୃଷ୍ଣଚନ୍ଦ୍ର ଦାସ ଦର୍ପଣୀର ମ୍ୟାନେଜର | ୮ ୨୲ |
| „ ଗୋବିନ୍ଦଚନ୍ଦ୍ର ମିଶ୍ର ସେରସ୍ତାଦାର ବାଲେଶ୍ୱର | ୫ ୨୲ |

ପରଶେଷରେ ବକ୍ତବ୍ୟ ଏହି ଯେ ଦାତାମାନେ ଯାହା ଦାନ କରିଅଛନ୍ତି ସେଥି ନିମନ୍ତେ ଏହି ପଲ୍ଲିଗ୍ରାମବାସୀ ବ୍ୟକ୍ତିମାନେ ସେମାନଙ୍କ ନିକଟରେ କୃତଜ୍ଞତା ପାଶରେ ଆବଦ୍ଧ ରହିଲେ, ଏବଂ ସେମାନଙ୍କର ମଙ୍ଗଳ ସକାଶେ ଜଗଦୀଶ ପରମେଶ୍ୱରଙ୍କ ନିକଟରେ ସର୍ବଦା ପ୍ରାର୍ଥନା କରୁ ଅଛନ୍ତି । ଏହାପରେ ଅନ୍ୟାନ୍ୟ ଦାତାମାନେ ଯାହା ଦାନ କରିବେ ତାହା ଏହି ପତ୍ରିକାରେ ପ୍ରକାଶ କରିବୁଁ । ଇତି ।

ବନ୍ଧୁଗ୍ରାମ
୧୭।୨।୧୯୧୦
ବଶମ୍ବଦ
ଶ୍ରୀ ହରିପ୍ରସାଦ ଘୋଷ
ସମ୍ପାଦକ
ମଧ୍ୟଇଂରାଜୀ ବିଦ୍ୟାଳୟ
ବନ୍ଧୁଗ୍ରାମ

☞ ସ୍ଥାନାଭାବ ହେତୁ ଏକଟଙ୍କା ଲେଖାଏ ଦେଇଥିବା ୨୪ ଜଣ ନାମ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ସଂ

---

ମହାଶୟ !

ଉତ୍କଳର କେତେକ ବିଶିଷ୍ଟ ବ୍ୟକ୍ତି ବିଭିନ୍ନ ବିଷୟରେ ଉତ୍କୃଷ୍ଟ ପ୍ରବନ୍ଧଲେଖକଙ୍କୁ ପୁରସ୍କାର ଦେବାକୁ ଅଙ୍ଗୀକାର କରି ପ୍ରବନ୍ଧ ପରୀକ୍ଷାର ଭାର ଉତ୍କଳସାହିତ୍ୟ ସମାଜ ହସ୍ତରେ ନ୍ୟସ୍ତ କରି ଅଛନ୍ତି । ତଦନୁସାରେ ପ୍ରବନ୍ଧଲେଖନ ନିମିତ୍ତ ଉତ୍କଳସାହିତ୍ୟରେ ବିଜ୍ଞାପନ ଦିଆ ଯାଇଥିଲା । ବିଜ୍ଞାପନରେ ପ୍ରବନ୍ଧପ୍ରାପ୍ତିର ସମୟ ଗତ ଫେବୃୟାରି ତା ୨୮ ରଖ ନିର୍ଦ୍ଦିଷ୍ଟ ହୋଇଥିଲା । ମାତ୍ର କଲେଜ ଛାତ୍ରମାନଙ୍କର ପରୀକ୍ଷା ନିକଟବର୍ତ୍ତୀ ଥିବାରୁ ଇଚ୍ଛାସତ୍ତ୍ୱେ ସେମାନେ ଏହି ସମୟ ମଧ୍ୟରେ ପ୍ରବନ୍ଧ ଲେଖିବାକୁ ଅସମର୍ଥଥିବା ଜଣାଯିବାରୁ ଏବଂ ସେମାନଙ୍କର ଏ ଦିଗରେ ପ୍ରତିଯୋଗିତା କରିବା ସର୍ବତୋଭାବେ ବାଞ୍ଛନୀୟ ବିବେଚନା ହେବାରୁ ବିଜ୍ଞାପନର ନିର୍ଦ୍ଦିଷ୍ଟ ସମୟ ପରିବର୍ତ୍ତନ କରାଗଲା ଉତ୍ତରମାନେ ଜନ ସାଧାରଣଙ୍କ ଗୋଚରାର୍ଥେ ପ୍ରକାଶ କରୁଅଛୁଁ ଯେ ପ୍ରବନ୍ଧପ୍ରାପ୍ତିର ସମୟ ଆସନ୍ତା ମଇ ୩୧ ତାରିଖ ପର୍ଯ୍ୟନ୍ତ ରହିଲା ପୁରସ୍କାର ପ୍ରାର୍ଥୀ ଲେଖକଗଣ ଉକ୍ତସମୟ ମଧ୍ୟରେ ନିମ୍ନଲିଖିତ ସ୍ୱାକ୍ଷରକାରୀଙ୍କ ନିକଟକୁ ପ୍ରେରଣ କରିବେ ।

ଦାତାମାନଙ୍କର ନାମ ପ୍ରବନ୍ଧର ବିଷୟ ଓ ପୁରସ୍କାର ପରିମାଣ ନିମ୍ନେ ଲେଖାଗଲା ଯଥା ।

କଟକ
୨୫।୨।୧୦
ବଶମ୍ବଦ
ଶ୍ରୀ ବିଶ୍ୱନାଥକର
ଉତ୍କଳସାହିତ୍ୟ ସମାଜର । ସଂ

୧ । ଶ୍ରୀଯୁକ୍ତ ବ୍ରଜସୁନ୍ଦର ଦାସ—ଉତ୍କଳର ପ୍ରାକୃତିକ ସମ୍ପଦ (Resources of Orissa) ୮ ୧୫୲

Digitized by srujanika@gmail.com

୨। „ ଗୋକୁଳାନନ୍ଦ ଚୌଧୁରୀ—
ପ୍ରାଚୀନ ଉତ୍କଳର ଶ୍ରେଷ୍ଠ
ଅନ୍ୱେଷଣାର ଫଳ ଟ ୨୦୯

୩। ସୁଦାମଚନ୍ଦ୍ର ଦାସ—କବି
ଉପେନ୍ଦ୍ରଭଞ୍ଜଙ୍କ ଜୀବନଚରିତ ଟ ୧୬୯

୪। „ କୃଷ୍ଣଚରଣ—କବି
ଅଭିମନ୍ୟୁ ସାମନ୍ତ ଟ ୧୬୯

୫। ଜଗଦ୍ବନ୍ଧୁ—ଉତ୍କଳସାହିତ୍ୟ
ରଙ୍ଗମଞ୍ଚର ମିଳନର ଆବଶ୍ୟକତା ଟ ୧୬୯

୬। „ ରଘୁନାଥ ରୂପବ୍ୟାଖ୍ୟା—
ରଥଯାତ୍ରା ବଳଦେବରଥ ଚରିତ ଟ ୧୬୯

୭। „ ମୃତ୍ୟୁଞ୍ଜୟ ଗୋଷ୍ଠୀ ଟ ୧୬୯

କଟକ } ଶ୍ରୀବିଶ୍ୱନାଥକର
୨୦।୨।୧୦ } ଉତ୍କଳସାହିତ୍ୟ ସମାଜର । ସ

ସୁଦୂର ସମାଦ

ହଟେଡ଼ନିର ଘ ୨୧ଶ ସ ଏ ଶ୍ୟାରେ ହେଲେ ଚେତେ ହଉଥିବ ଘାଣ୍ଟି ପ୍ରମାଣ ଦେଇ ଯୁବକ ବଳାହର କର୍ତ୍ତବ୍ୟତା ପ୍ରତିପାଦନ କରୁଅଛନ୍ତି । ଏହି ବିଷୟରେ ବାହ୍ମଣ ସମିତିର ମତ ଜିଜ୍ଞାସା କରୁଅଛନ୍ତି । ଏହା ଏକ ପ୍ରଶଂସନୀୟ ଜିଜ୍ଞାସା ; ଏହି କ୍ଷୀଣ ଉପରେ ଅମକର ଅଗ୍ରର ବ୍ୟବହାର ଓ ତହିଁର ଲାଭ ଉନ୍ନତି ବା ଅବନତି ନିର୍ଭର କରେ । ଏହି ପ୍ରଶ୍ନକର୍ତ୍ତାଙ୍କ ଅଭିଜ୍ଞତା ଓ ହୃଦୟତା ସହାଯେ ସେ ଅମ୍ଭମାନଙ୍କର ଧନ୍ୟବାଦର ପାତ୍ର । ମନ୍ତ୍ରିମଣ୍ଡପ ପଣ୍ଡିତ ସଭାର ଏହା ଏକ ଗୁରୁତର ଅନୁରୋଧ ବିଷୟ । ମହାମହୋପାଧ୍ୟାୟ ପଣ୍ଡିତ ଚନ୍ଦ୍ରଶେଖର ସଦସ୍ୟ ପ୍ରାପ୍ତହୋଇ ମନ୍ତ୍ରିମଣ୍ଡପର ପଣ୍ଡିତମାନେ ଯଦି ଏହିପରି ଗୁରୁତର ବିଷୟରେ ଉଦାସୀନ ରହିବେ, ତେବେ ଉତ୍କଳର ଉନ୍ନତି ଆଶା ସୁଦୂରପରାହତ । ଅତଏବ ସେମାନଙ୍କ ନିକଟରେ ମୋହର ବିନୀତ ଅନୁରୋଧ ଏହି ଯେ ସେମାନେ ସୁଂଶାନୁଶାଂଶ ଶାସ୍ତ୍ରର ପର୍ଯ୍ୟାଲୋଚନା କରି ଏହି ବିଷୟରେ ସମୁଚିତ ବ୍ୟବସ୍ଥା ଦେବେ । ଅନେକେ ସମୟେ ଅଯଶର ପ୍ରଭବ ଓ ପାଣ୍ଡିତ୍ୟର ଉପେକ୍ଷା କରି ଚିରଅଭ୍ୟାସର ବଶୀଭୂତ ହୋଇଥାନ୍ତି, ସାମାଜିକ, ଛଳନାରେ କପଟତାର ପୋଷକତା କରି ଥାନ୍ତି ମନୋପେକ୍ଷୀ ଭାବର ବଶବର୍ତ୍ତୀ ହୋଇ ସାମ୍ପ୍ରଦାୟିକ ତୃଷ୍ଣା ହୋଇଥାନ୍ତି, ପୁଣି କଷ୍ଟଭସ୍ମାର୍ଥ ତ୍ୟାଗ କରିବାକୁ କୁଣ୍ଠିତ ହୋଇ ଦେଶହିତକର କାର୍ଯ୍ୟରେ ଯୋଗଦେଇ ନ ଥାନ୍ତି । ଅତଏବ ପର ଶେଷରେ ନିବେଦନ ଏହି ଯେ ପଣ୍ଡିତ ମହାଶୟମାନେ ଚିରଅଭ୍ୟାସ କବଳରୁ ବିମୁକ୍ତ ହୋଇ ନ ପାରି, ନିଷ୍ଠୁର ନିରପେକ୍ଷତା ଅବଲମ୍ବନ କରି ନ ପାରି ଶାସ୍ତ୍ରାନୁଯାୟୀ ସ୍ୱାର୍ଥ ତ୍ୟାଗ କରି ନ ପାରି କୌଣସି ବେଦ ବ୍ୟବସ୍ଥାଯୁକ୍ତ ସଙ୍ଗତ, ନୀତିଯୁକ୍ତ ଓ ଶାସ୍ତ୍ର ସମ୍ମତ ହୋଇଥିଲେହେଁ ତାହା କାର୍ଯ୍ୟ ପରିଣତ କରି ନ ପାରନ୍ତି, ତଥାପି ସେମାନେ ସହୃଦୟ ନିଷ୍ପକ୍ଷପାତ ବ୍ୟବସ୍ଥା ଦେବାକୁ କୁଣ୍ଠିତ ହେବେ ନାହିଁ, ଯେହେତୁ ଲୋକ ସାଧାରଣ ସେମାନଙ୍କ କଥାରେ ବିଶେଷ ଆସ୍ଥା ରଖି ଥାନ୍ତି, ପୁଣି ଅନେକ କର୍ମଶୀଳମାନେ ମଧ୍ୟ ଯୁକ୍ତିର ପ୍ରମାଣତା ଓ ନୀତିଶାସ୍ତ୍ରର ଅନୁମୋଦନକୁ ଅପେକ୍ଷା କରି ଅଛନ୍ତି ।

ଶ୍ରୀ ଶ୍ରୀବତ୍ସ ପଣ୍ଡା—
୨୦।୨।୧୦

ମହାଶୟ !

ଅମ୍ଭମାନଙ୍କର ଦେବାନ ସାମନ୍ତ ଶ୍ରୀ ଗ୍ରୀବସ୍ତାମ୍ଭ ବିଶାଳ ମହାଶୟ ଏଠାକୁ ପ୍ରାୟ ବ ୭ ବର୍ଷ ହେଲା ଶୁଭାଗମନ କଲେ । ଯେବେ ଅସନ୍ତ ଲେବରବେଳେ ସମସ୍ତ ବିଭାଗ ଏକପ୍ରକାର ବିଶୃଙ୍ଖଳ, ଦବାଳଣି ଅଦମ୍ୟ ପଦକ୍ଷେପ ଓ ଅଧ୍ୟବସାୟରେ ଏ ମହାଶୟ ନୀରବ ଭାବରେ ଏମନ୍ତ ବିଶୃଙ୍ଖଳ ଉତ୍ତର ସମୟରେ ଦୂରୀକରଣ କରି ଷ୍ଟେଟକୁ ଏପରି ଅବସ୍ଥାକୁ ଆଣି ଅଛନ୍ତି ଯେ ତାହା ତାଙ୍କର ଯଶ ସୁଖ୍ୟାତି ସ୍ୱୀକାର କରିବାକୁ ବାଧ୍ୟହେବ । ସ୍ଥାନେ ୨ ସ୍ଥାନୀୟ ପୁଷ୍କରିଣୀର ପଙ୍କୋଦ୍ଧାର, ନୂତନ ପୁଷ୍କରିଣୀ ଓ କୂପଖନନ ପ୍ରଭୃତି ରାସ୍ତାର ଉନ୍ନତି ନୂତନରାସ୍ତା ନିର୍ମାଣ ସାଧାରଣ ଶିକ୍ଷା ବିସ୍ତାର ପାଇଁ ସ୍ଥାନେ ୨ ବିଦ୍ୟାଳୟ ନିର୍ମାଣ ଓ ବିଦ୍ୟାଦାନ, ଟିଙ୍ଗଲରକା ସୁନ୍ଦର ପ୍ରଜାର ଅଭ ୨ ପ୍ରତ୍ୟେକ ବିଭାଗର ସୁନ୍ଦର ଓ ତହିଁ ପାଇଁ ସୁନ୍ଦର ପକ୍କା ଗୃହଅବ ନିର୍ମାଣ ଓ ନାନା ସ୍ଥାନରେ ବିଶେଷତଃ ସଡ଼କ ପଥର ଦୁଇ ପାର୍ଶ୍ୱରେ ଖାଦ୍ୟୋପଯୋଗୀ ଫଳବୃକ୍ଷ ରୋପଣ, ପ୍ରଜାମାନଙ୍କ ହିତପାଇଁ ନାନା ସ୍ଥାନରେ ହାଟ ସ୍ଥାପନ, କୃଷି, ବାଣିଜ୍ୟ ଓ ଶିଳ୍ପ ଉନ୍ନତି ପାଇଁ ନାନା ପ୍ରକାର ଉପାୟ ଅବଲମ୍ବନ ଏହି ସବୁ ବିଷୟମାନଙ୍କରେ ଏ ମହାଶୟ ଅହର୍ନିଶି ବ୍ୟାପୃତ ଅଛନ୍ତି । ଆନନ୍ଦର କଥା ଏହି ଯେ ତାଙ୍କର ଏପରି ଶ୍ରମ ବୃଥା ହୋଇନାହିଁ । ସବୁ ବିଭାଗରେ ସୁଫଳ ଫଳିବାର ଦର୍ଶନ ମାତ୍ରେ ଦେଖି ପାରିବେ । ଏ ବର୍ଷର ଜାତୀୟ ନିର୍ମିତ ବିବିଧ ପ୍ରକାର ଅଧିକନ୍ତୁ ଦ୍ରବ୍ୟ ସମାଜୋପଯୋଗୀ ଉନ୍ନତ ପ୍ରକାର ବାସନ ଏହି ମହାଶୟଙ୍କ ଯତ୍ନ ଅନୁକମ୍ପାରେ ବିଶେଷ ଖ୍ୟାତିଲାଭ କରିଅଛି । ସେହିପରି ଲୌହ ନିର୍ମିତ ଗୁପ୍ତି ଛୁରିକା ଇତ୍ୟାଦିର କାରିଗରୀର ପ୍ରଶଂସା ଚତୁର୍ଦ୍ଦିଗରେ ଶୁଣା ଯାଉଅଛି ବିଭିନ୍ନ ପ୍ରକାର ଧାନ, ମୁଗ, ଅଡ଼୍ଡ଼, ବାଇଗଣ-ଲଙ୍କାରୁ ଓ ଲଙ୍କାମରିଚ ଏ ମହାଶୟ ଏ ବର୍ଷରେ ପ୍ରସ୍ତୁତ କରି କୃଷିର ବିଶେଷ ହିତ ସାଧନ କରି ଅଛନ୍ତି ।

କଟକରୁ କାଠଗର ଅଣାଇ ଏସ୍ଥାନୀୟ ଲୋକମାନଙ୍କ ବନ୍ୟଶିକ୍ଷାରେ ଦେଶୀ, ମେଜ, ଅଲମାରି ଓ ସବାର ପ୍ରସ୍ତୁତ କରିବା ନିମନ୍ତେ ଶିକ୍ଷାଦାନ କରୁଅଛନ୍ତି । ସେହିପରି ତନ୍ତ୍ର ଅଣାଇ ତନ୍ତୁବାୟ ଶ୍ରେଣୀ ଏପରିକି ପାଣମାନଙ୍କୁ ସୂକ୍ଷ୍ମ ବସ୍ତ୍ର ବୟନର ଶିକ୍ଷା ଦେଉ ଅଛନ୍ତି ।

ଉପରୋକ୍ତ ବିଷୟମାନଙ୍କ ନିମନ୍ତେ ଅନୁଗୁଳ କଟକ ଓ କଲିକତା ପ୍ରଦର୍ଶନୀମାନଙ୍କରେ ଏହାଙ୍କ ପୁରସ୍କୃତ ଓ ପ୍ରଶଂସିତ ହୋଇ ପ୍ରଶଂସାପତ୍ର ଲାଭ କରିଅଛି ।

କଲିକତା ପ୍ରଦର୍ଶନୀରେ ଏଠାର ଗୁପ୍ତି ପ୍ରଥମ ସ୍ଥାନ ଅଧିକାରକରି ପ୍ରଥମ ଶ୍ରେଣୀର ପ୍ରଶଂସାପତ୍ର ଲାଭ କରିଅଛି । ଅମ୍ଭମାନଙ୍କ ପ୍ରଜାବତ୍ସଳ ଶ୍ରୀଯୁକ୍ତ ଶ୍ରୀଶ୍ରୀ ରାଜା ସାହେବ ମହୋଦୟ ଏ ମହାଶୟଙ୍କ ସତ୍‌କାର୍ଯ୍ୟାବଳୀରେ ଅତୀବ ସନ୍ତୁଷ୍ଟ ହୋଇଅଛନ୍ତି । ମହାମାନ୍ୟବର ପ୍ରତ୍ୟେକ କମିଶନର ଓ ପୋଲିଟିକାଲ୍ ଏଜେଣ୍ଟ ବାହାଦୁର ଏ ମହାଶୟଙ୍କ କାର୍ଯ୍ୟ ଦକ୍ଷତାରେ ସନ୍ତୁଷ୍ଟ ହୋଇ ପ୍ରତିବର୍ଷ ସୁପ୍ରଶଂସା କରି ଯାଉଅଛନ୍ତି ।

ଦଶପଲ୍ଲାଦୁର୍ଗ } ବଶମ୍ବଦ
୨୮।୨।୧୦ } ଶ୍ରୀ ସତ୍ୟବାଦୀ ମହାନ୍ତି ।

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ବନମାଳୀଚନ୍ଦ୍ର ପ୍ରଧାନ | ପୁରୀ | ଟ ୩( |
| „ ପଦ୍ମନାଭ ମହାପାତ୍ର | କଟକପୁର | ଟ ୩( |
| „ ଶ୍ୟାମସୁନ୍ଦର ଲଡ଼ହାୟକ ଏନ୍ନଗଡ | | ଟ ୩( |
| „ ବଳଭଦ୍ର ପାଲ | ଅଣଗୋଲ | ଟ ୬( |
| ମହନ୍ତ ବନମାଳୀପୁଣ ଦାସ | ଝୁଣ୍ଟପାଲୋ | ଟ ୩( |
| ବାବୁ ହରେକୃଷ୍ଣ ଦାସ | ତେଲାଗଡ଼ | ଟ ୩( |
| „ ବାସୁଦେବ ଦାସ | ସାମନ୍ତପୁର | ଟ ୧୯ |
| „ ପଦ୍ମନାଭ ସେନ | ବାଲିଆ | ଟ ୯( |
| ଗଜା । ଦୀ । ସୁନ୍ଦରୀ | | ଟ ୩( |
| ବାବୁ ଶ୍ୟାମସୁନ୍ଦରଚରଣ ଦାସ | କଟକ | ଟ ୬( |
| „ ହିତେନ୍ଦ୍ରନାଥ ସାମନ୍ତ | ଭଦ୍ରକ | ଟ ୩( |
| „ ଜଗନ୍ନାଥ ମହାନ୍ତି | ବାଲେଶ୍ୱର | ଟ ୩( |
| „ ନବଘନ ଦାସ | ଜାଜପୁର | ଟ ୩( |
| „ ଅର୍ଜ୍ଜୁନ ନାୟକ | ଶିବରାମପୁର | ଟ ୩( |
| ସେକ୍ରେଟେରୀ ସମାଜୋନ୍ନତି ସମାଜ | ଭାଲେରେଲ | ଟ ୧୨( |
| ସେକ୍ରେଟେରୀ ଟିପିନଗଡ଼ରେଲୁ | ବାଲେଶ୍ୱର | ଟ ୩ |
| ବାବୁ ବାଲକୃଷ୍ଣ ପଟ୍ଟନାୟକ | ନୟାଗଡ଼ | ଟ ୩( |
| „ ଡାକ୍ତର ବ, ଏଫ, ପାଇଏଲ୍ ବରହମପୁର | | ଟ ୩( |
| „ ସହାୟକର୍ମୀ ମହାନ୍ତ ଡାଇସ୍ତା | | ଟ ୧୨ |
| „ ଦାମୋଦର ପଟ୍ଟନାୟକ | କଟକ | ଟ ୬( |
| „ ଗୁରୁପ୍ରସାଦ ଦାସ | କଟକ | ଟ ୩( |
| ମୁନସି ମହମ୍ମଦ୍ ମଜହର | କଟକ | ଟ ୬( |

# ନିଲାମୀ ଇସ୍ତାହାର ।

ତା ୨୯୩ ମୁର ଛାପ୍ତି ସନ ୧୯୦୯ ମସୀହା ।
କଟକ । ମୁ । ୨ୟ ମୁନସଫଙ୍କ ଅଦାଲତ ।
ଡାକଗୋର ଗୋପୀନାଥ ଦାସ । ସା । ଧର୍ମ-
ଗଡପୁର । ପ୍ର । ସୁକିଣ୍ଡା ବାଦୀ

Split by PDF Splitter
Digitized by srujanika@gmail.com

REGISTERED No. C 81

ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

# THE UTKAL DIPIKA.

CUTTACK SATURDAY THE 12th March 1910.

ଫାଲ୍ଗୁନ ୭ ୨୯ ଦିନ ସନ ୧୩୧୭ ସାଲ

ସଦର କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ଼ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

ଅଗ୍ରିମ ୪ ଟଙ୍କା

ନଗଦ ମୂଲ୍ୟ

ପ୍ରତିଖଣ୍ଡର ୪ ୦ /

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା:—

ପ୍ରଥମବାର ପ୍ରକାଶେ ଧାଡ଼ିପ୍ରତି ୫୦ । ଓ ପରବର୍ତ୍ତୀ ପ୍ରକାଶେ ଦୁଇ ଏକ ପ୍ରତି ୫୪ ମାତ୍ର । କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ଉକ୍ତ ଦର ୫୨ ରୁ ଊଣା ହେବ ନାହିଁ । ବିଶେଷ ଓ ଦୀର୍ଘସ୍ଥାୟୀ ପ୍ରକାଶେ ଦର ପ୍ରଥମ ଥରର ଦେଢ଼ା ଓ ତିନିଗୁଣ ଯଥାକ୍ରମେ ହେବ । ଅଧିକ ଦିନ ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ବିଜ୍ଞାପନର ମୂଲ୍ୟ ବିଜ୍ଞାପନର ସଙ୍ଗରେ ପଠାଇବା ହେବ ।

## ବିଜ୍ଞାପନ ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କର

## ନୂତନ ପଞ୍ଜିକା ।।

ଶକାବ୍ଦ ୧୮୩୨ ସନ ୧୩୧୭ ଓ ୧୩୧୮ ସାଲ ଇଂରାଜୀ ସନ ୧୯୧୦ । ୧୯୧୧ ମସୀହାର ପଞ୍ଜିକା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି । ଏହି ପଞ୍ଜିକା ଉତ୍କଳର ପଞ୍ଜିକାମାନଙ୍କ ମଧ୍ୟରେ ସର୍ବାପେକ୍ଷା ପ୍ରାଚୀନ, ବୃହତ୍, ଉତ୍ତମ କାଗଜରେ ମୁଦ୍ରିତ ଏବଂ ଶୁଦ୍ଧ ବ୍ୟବସ୍ଥାଯୁକ୍ତ ଅଟେ । ସର୍ବତ୍ର ଏହି ପଞ୍ଜିକାର ଅଧିକତର ଆଦର ଏବଂ ଅଧିକତର ଗ୍ରାହକ । ଏହାର ବିଶୁଦ୍ଧତା ସମ୍ବନ୍ଧେ ଅଧିକ ବୋଲିବା ବାହୁଲ୍ୟ ଅଟେ ।

ବଡ଼ପଞ୍ଜିକା ଟ ୦ ।

ଛୋଟପଞ୍ଜିକା ଟ ୦ ୧୬

ଯେଉଁମାନେ ବିକ୍ରୟ କରିବାକୁ ଅଧିକ ସଂଖ୍ୟାରେ ନେବେ ସେମାନେ ଯଥେଷ୍ଟ କମିଶନ ପାଇବେ ।

ଶ୍ରୀ ଗୌରୀଶଙ୍କର ରାୟ
ମ୍ୟାନେଜର ।

## NOTICE.

WANTED an Assistant Jailor for the Baripada Jail, Mourbhanj, on Rs. 30 rising to Rs. 40. Entrance passed Uria candidates with a fair knowledge of accounts should apply stating age and experiences to the undersigned in their own handwriting by the 20th instant.

Baripada
2—3—10

Sd. H. B. KIDDELL,
Supdt. of Jails
Mourbhanj.

## NOTICE.

All persons having claims against the late Maharaja Dalganjan Sing Deo, Feudatory Chief of the Patna State, Orissa, should file the same with all evidence in support thereof before the Dewan, Patna State, Bolangirs Post office Via Sambalpur Bengal Nagpur Railway on or before 1st May 1910 after which date no claim will be considered.

Dated Bolangir
25—2—10.

Balmukund Bohidar
Dewan of
Patna State.

THE

## ORIENTAL LIFE ASSURANCE CO., LD.

HEAD OFFICE—BOMAY.

ESTABLISHED 1874.

BOSPORE FLICIES WITH

*Exceptional Security,*

*at Lowest Safe Rates*

Funds over 3½ crores

THE OLDEST INDIAN ASSURANCE COMPANY.

Cuttack Agency
Lalbag
Agent
Probodh Kumar Ghose

Calcutta Branch
28 Dalhousie Square.
W. St. John CHURCH
*Secretary.*

Digitized by srujanika@gmail.com

Split by PDF Splitter



## NOTICE

A large commodious house with ample ground (about one acre) called the *Ghumsar kotha* belonging at present to the Chowdhuries of Bhingarpur and formerly, partly to the Tributary Raja of Keonjhar, situated on Revenue and rent-free land immediately on the Baradand (*i.e.* the great Jaggarnath Car Road at Puri) with the temple of Jaggarnath directly in sight, will be sold by public auction on the 15th of March next at 2 P. M. at the said house. The house is fit for the residence of Rajas, Ranies and other noble men and ladies desirous of living permanently or occasionally at Puri or for the establishment of such charitable Institutions as pilgrim rest houses, Arna chhatras, pilgrim Hospitals &c. &c. The great Rath Jatra (*i.e.* the Jaggarnath car festival procession) passes in the front of the house. Other particulars may be had on application to the undersigned.

Cuttack 25-1-1910 | Hemendranath Roy, Common Manager Bhingarpur Chowdhuries Estate under the District Judge Cuttack, Orissa

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣା... ଦିଆ ଯାଉଅଛି ଯେ ପାରଲାଖେମୁଣ୍ଡି ... ଜାରି ... ଠାରେ ... ଦରକାର । ... ପରୀକ୍ଷା ଦେଇଥିବେ ବା ... ଶିକ୍ଷାକ୍ଷେତ୍ରରେ ... ଉତ୍ତମ କାର୍ଯ୍ୟ କରିଥିବେ ସେମାନେ ... ମାସ ତା ୨୦ ରଖ ସୁଦ୍ଧା ... ଯୋଗ୍ୟତା ... ଆବେଦନ କରିବେ । ଇତି ।

ତା ... ୧.୦ | ସମ୍ପାଦକ ଶ୍ରୀରାଜାବାହାଦୁର, ପାରଲାଖେମୁଣ୍ଡି ପ୍ରେସ ।

---

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଜଣାଇଦିଆ ଯାଉଅଛି ଯେ ଏହି ନରସିଂହପୁର ... ଅବକାରୀ ମୋହାଲ, ଜଙ୍ଗଲ ଦ୍ରବ୍ୟ, ଗାଞ୍ଜା ଓ ମଦ୍ୟଆଦି ପ୍ରଭୃତିର ଲିଜସେନ୍ସ ସନ ୧୯୧୦, ୧୧ ମସିହା ସକାଶେ ଆସନ୍ତା ମାର୍ଚ୍ଚ ମାସ ତା ୧୪ ରଖରେ ନିଲାମ ହେବାର ସ୍ଥିର ହୋଇଅଛି । ଲିଜସେନ୍ସ ଗ୍ରହଣେଚ୍ଛୁମାନେ ଉକ୍ତ ଦିବସ ଦିବା ଘ ୧୨ ଟା ସମୟରେ ଏଠାର କଚେରୀ ... କଚେରୀରେ ଉପସ୍ଥିତ ହୋଇ ନିଲାମ ଡାକ ପାରିବେ ।

Narsingpur Raj office 28—2—10 | Damodar Patnaik, Dewan, For Raja.

---

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆ ଯାଉଅଛି ଯେ ... ସନ ୧୯୧୦ ।୧୧ ମସିହା ... ଲେଖା ... କଷ୍ଟ ... ନିମ୍ନଲିଖିତ ... ଆଗାମୀ ମାର୍ଚ୍ଚ ମାସ ତା ୧୯ ... ଠାରୁ ... ଶୁଭ ... ଏହି ସ୍ଥାନରେ ... ଉକ୍ତ ... ନିଲାମ ଡାକବାର ଇଚ୍ଛା ଥାଏ ସେମାନେ ... ତାରଖମାନଙ୍କରେ ଏବଂ ... ରେ ଉପସ୍ଥିତ ହୋଇ ନିଲାମ ଡାକ ... ଯେଉଁମାନଙ୍କର ଡାକ ... ହେବ ସେମାନଙ୍କ ନାମରେ ନିଲାମ ... ହେବ ଏବଂ ... ଇତି ।

ଜଙ୍ଗଲ ।

| | |
|---|---|
| ୧ ... | ୬ ରଜସାହି ଘଷା |
| ୨ ... | ୪ ... ମୋହାଲ |
| ୩ ... | ୭ ବାଉ |
| ୪ ... | ୮ ... |
| | ... |
| ୫ ... | ୧୦ ମଦ୍ୟଆଦି |

୧୧ ... 

୧ । ଜଙ୍ଗଲ ଦ୍ରବ୍ୟ ।

| | |
|---|---|
| ... | ଅର୍ସଲା |
| ମହୁ | ମହଣ |
| ... | ରଙ୍ଗ |
| ... | ଛିଣ |
| ... | ... |
| ... | ... |
| ... | ... |
| ... | ... |
| ... | ... |
| ... | ... |
| ... | ... |

ଇତି

Raj office, Daspalla, 15—2—10 | B. BISWAL, Dewan, For Rajah.

---

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉ ଅଛି ... ଲିଖିତ ... ଦେଶୀ ... ସନ ୧୯୧୦ ।୧୧ ସାଲ ... ସକାଶ ମାର୍ଚ୍ଚ ମାସ ତା ୧୬ ... ବାର ଦିବା ଘ ୧୦ଟା ଠାରୁ ... ଏହି ... ରେ ପ୍ରକାଶ୍ୟ ନିଲାମ ହେବ ... ସମୟରେ ଉପସ୍ଥିତ ହୋଇ ନିଲାମ ଡାକ ପାରିବେ । ...

---

... ନିଲାମ ... ଇତି :

ତପସିଲ

| | |
|---|---|
| ଅବକାରୀ | ... |
| ଅଫିମ | ... |
| ଗଞ୍ଜା | ... |
| ... | ... |
| ... | ( ... ) |
| ... | ... |
| ,, ... | ... |
| ,, ... | ... |
| ... | ... |
| ... | ... |
| ... | ... |
| ... ( ... ) | ... |
| | ... ( ... ) |
| | ( ... ) |

Raja Bahadur and Feudatory Chief Atgar

---

। ... ।

ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ... ଦିଆଯାଉଅଛି ଯେ ସନ ୧୯୧୦।୧୧ ସାଲ ନିମନ୍ତେ ତପସିଲ ମୋହାଲମାନଙ୍କର ଲିଜ ... ଆଗାମୀ ମାର୍ଚ୍ଚ ମାସ ତା ୧୮ ରିଖ ଶୁକ୍ରବାର ଦିବା ଘ ୧୨ ଟା ସମୟରେ ଏହି ସ୍ଥାନ କଚେରୀରେ ନିଲାମ ହେବ । ଲିଜସେନ୍ସ ... ମାନେ ... ସମୟରେ ... ଉପସ୍ଥିତ ହୋଇ ନିଲାମ ଡାକ ପାରିବେ । ଇତି

... ଗୋ, ମହିଷ ... ଓ ... ଶିଙ୍ଗର ଲିଜସେନ୍ସ ।

... , ... , ... ଓ ... ଜଙ୍ଗଲାତ ଦ୍ରବ୍ୟର ଲିଜସେନ୍ସ ।

... ଅଫିମ ମୋହାଲ

,, ... ମୋହାଲ

... ଅଫିମ ମୋହାଲ

,, ... ମୋହାଲ

,, ... ମୋହାଲ

,, ... ମୋହାଲ

... ମୋହାଲ

Raj Office Baramba 27-2-10 | Bhagawan Mahapatra Dewan

Digitized by srujanika@gmail.com

ସମ୍ବଲପୁର ଜଲା, ବୁଢ଼ାସମ୍ବର ଜମିଦାରୀର ଜଙ୍ଗଲ ଜମିରୁ ଯେଉଁ ଭୂଖଣ୍ଡ ଛଡ଼ି ବାହାର କର ଦିଆଯାଇଅଛି ଭଙ୍ଗବଳ ପୁରର ଦକ୍ଷିଣସ୍ଥିତ ୧୮୧୫ ଏକର ଜମି ଖରୀଦଦ ପୁର ଗ୍ରାମରେ ଗୋଟିଏ ମୌଜା ଏବଂ ସୁଖସୁରି ପୁରର ଦକ୍ଷିଣସ୍ଥିତ ୧୧୯୪ ଏକର ଜମି କେଉଁଥାର ଟୁକାନରେ ଗୋଟିଏ ମୌଜା ହେବାର ମାନ୍ୟବର ଗଭର୍ଣ୍ଣରର ଘୋଷଣା ପ୍ରକାଶ କରଅଛନ୍ତି।

—※—

ମାଛ ମାର ଶୁଖୁଆ କରିବା ସକାଶେ ଶୁଣ-ଅଣଟିରେ, ବ୍ୟବହାର ହେବା ଲବଣ ଉପରେ ସରକାରୀ ମାଶୁଲ ଛାଡ଼ ହୋଇ ଥିବାରେ ସେହି ସମସ୍ତ ଘାଟି ଓ ତହିଁରେ ଖରଚ ହେବା ଲୁଣ ପ୍ରେରଣା ବା ଅପବ୍ୟୟ ନିବାରଣ ସମ୍ବନ୍ଧରେ ବଙ୍ଗ ଗବର୍ଣ୍ଣମେଣ୍ଟ ଗୋଟିଏ ନିୟମାବଳୀ ଗତ କଲିକତା ଗେଜେଟରେ ପ୍ରକାଶ କରଅଛନ୍ତି।

—※—

ବିଲାତସ୍ଥ ଭାରତୀୟ ଷ୍ଟେଟ ସେକ୍ରେଟରୀଙ୍କ ସଭାର ମୁସଲମାନ ସଦସ୍ୟ ନବାବ ସୟଦ ହୋସେନ ବେଲଗ୍ରାମୀ ଖାନ ବାହାଦୂର ସ୍ୱାସ୍ଥ୍ୟହାନି ହେତୁ କାର୍ଯ୍ୟ ପରିତ୍ୟାଗ କରିବାରେ ତାହାଙ୍କ ସ୍ଥାନରେ ମିର୍ଜା ଅବାସ ଅଲିବେଗ ସାହେବ ନିଯୁକ୍ତ ହୋଇଅଛନ୍ତି। ଏ ନିଯୋଗରେ ଯେମନ୍ତ ମୁସଲମାନ ସମ୍ପ୍ରଦାୟ ସେମନ୍ତ ହିନ୍ଦୁ ସକଳ ସମ୍ପ୍ରଦାୟ ଆନନ୍ଦିତ ହେଉଅଛନ୍ତି।

—※—

ଭାରତ ଗବର୍ଣ୍ଣମେଣ୍ଟ ସମ୍ବାଦପତ୍ର ଯୋଗେ ସର୍ବସାଧାରଣଙ୍କୁ ଜଣାଇ ଦେଇଅଛନ୍ତି କି ତିବ୍ବତର ବର୍ତ୍ତମାନ ଅବସ୍ଥା ଏବଂ ଦଲାଇ ଲାମାଙ୍କର ପଳାୟନ ସମ୍ବନ୍ଧରେ ସମ୍ବାଦପତ୍ର ସମୂହରେ ଯାହା ପ୍ରକାଶ ହୋଇଅଛି ତାହା ଠିକ ନୁହେ। ମଠ ସମୂହର ମହନ୍ତ ନିଯୋଗ ବିଷୟରେ ଦଲାଇଲାମାଙ୍କର ଅଧିକାର ଚୀନସରକାର ଅସ୍ୱୀକାର କରି ନାହାନ୍ତି ଅଥବା ଦଲାଇ ମହାଶୟ ଲାସା ନଗରରେ ପ୍ରବେଶ କରିବା ବିଷୟରେ ଉଦ୍ଯୋଗ ମଠ ବାଧା ଦେଇ ନାହିଁ। ଦଲାଇଲାମା ଲାସା ନଗରରେ ପହଞ୍ଚିବା ବେଳେ ସେ ନଗର ଅଥବା ତହିଁ ନିକଟରେ ୧୨୦୦ ଚୀନ ସୈନ୍ୟରୁ ଅଧିକ ନ ଥିଲେ ଏବଂ ସେଠାରେ ଯୁଦ୍ଧ ହୋଇ ନ ଥିଲା। ଦଲାଇଲାମା ଆପଣା ମନ୍ତ୍ରୀଗଣ ସହିତ ପଳାଇ ଆସିଅଛନ୍ତି ଏବଂ ପୋଟଲଙ୍ଗ ମଠର ଲାମାଙ୍କୁ ଲାସାରେ ତାହାଙ୍କର ପ୍ରତିନିଧି ନିଯୁକ୍ତ କରଅଛନ୍ତି।

———

ଅଲ୍ଲାହାବାଦ ହାଇକୋର୍ଟର ବିଚାରପତି ମହୋଦୟମାନେ ଅନୁମତି ଦେଲେ ଅଗ୍ରାର ପ୍ରଥମ ଅପିଲ ନିଷ୍ପତ୍ତି କରି ରାୟ ଦେବା ପରେ ବିଚାରପତି ରିଚାର୍ଡସ ମହୋଦୟ ପ୍ରକାଶ କଲେ ଯେ ସେ ଖଣ୍ଡିଏ ବେନାମି ଚିଠି ପାଇଥିଲେ। ତହିଁରେ ଲେଖାଥିଲା ଯେ ଅପିଲ ଡିକ୍ରୀ କରିଦେଲେ ତାଙ୍କୁ ଦେବା ସକାଶେ ଉପସାଲେଷଙ୍କ ବାଟଖୁଲ ମୋଭଲଲ କେଉ ମହାଶୟଙ୍କ ଜମା ପଚାଶହଜାର ଟଙ୍କା ଜମା ଅଛି। ବିଚାରପତି ମହୋଦୟ ପ୍ରକାଶ କଲେ ଯେ କୌଣସିଟା ମନ ନୁହେ ମାତ୍ର ଟଙ୍କା ତାଙ୍କ ନିକଟରେ ଅଦ୍ୟାପି ପହଞ୍ଚି ନାହିଁ। ବିଚାରପତିଙ୍କ ଏ ଉଦ୍ଦେଶ୍ୟଜନକ କଥାରେ ହୃଦୟର ସରଳତା ପ୍ରକାଶ ପାଉଅଛି ସତ୍ୟ ମାତ୍ର ସେ ତାଙ୍କ ମତ ବଜାଇବା ସକାଶେ ଯଦି ଧରିଥିଲେ ତାହାଙ୍କ ସାହସକୁ ଧନ୍ୟ ବୋଲିଥିବା ସଙ୍ଗେ ଲୁଟିଲ ହୃଦୟକୁ ପରିଧା କହା କରୁଥିବ, ପ୍ରକୃତପକ୍ଷେ ବେନାମି ଚିଠିର ଏହି ପରିଣାମ ଉଚିତ।

———

ଏ ସପ୍ତାହରେ ଏ ନଗରରେ ଅନେକ ହିନ୍ଦୁ ବିବାହ ମଧ୍ୟରେ ରାୟ ସୁଦାମଚନ୍ଦ୍ର ନାୟକ ବାହାଦୁରଙ୍କର ମଧ୍ୟମା କନ୍ୟା ସହିତ ବେଣାହାରର କଟକ ସ୍ୱର୍ଗୀୟ ପଣ୍ଡିତ ଦାସଙ୍କର ବଂଶୀୟ ଶ୍ରୀ ପୁରୁଷୋତ୍ତମ ଦାସଙ୍କ ପୁତ୍ରର ବିବାହ ବିଶେଷ ଉଲ୍ଲେଖ ଯୋଗ୍ୟ ଅଟେ। ରାୟ ବାହାଦୁର ଏହି ଉପଲକ୍ଷରେ ବ ନ ନ ବନ୍ଧୁ ସମାଗେହରେ ମଜଲିସ କରି ନଗର ବାସୀ ନାନା ସମ୍ପ୍ରଦାୟର ହିନ୍ଦୁ ମୁସଲମାନ ଭଦ୍ର ଲୋକଙ୍କ ଆମନ୍ତ୍ରଣପୂର୍ବକ ନୃତ୍ୟ ଗୀତାଦି ଏବଂ ଭୋଜନ ଦ୍ୱାରା ଯଥୋଚିତ ଆମୋଦ ଓ ସମ୍ମାନ ପ୍ରଦାନ କରିଥିଲେ। ଉତ୍ସବରେ ଯୋଗ ଦେବା ଭଦ୍ରଲୋକମାନେ ତାହାଙ୍କର ବିନମ୍ର ସ୍ନେହପୂର୍ଣ୍ଣ ଆଲାପରେ ଆନ୍ତରିକ ପ୍ରୀତ ହେବାର ଦେଖି ଅମ୍ଭେମାନେ ବଡ଼ ଆନନ୍ଦିତ ହୋଇଅଛୁଁ। ଏକପ୍ରକାର ଦୁଃଖ ହେଲା ସଭାରେ ଏ ନଗରର ସ୍ଥାୟୀ ଅସ୍ଥାୟୀ କେତେକ ଭଦ୍ରଲୋକଙ୍କର ପରସ୍ପର ବିରୋଧ ଦୃଶ୍ୟ ପରେ ଏପରି ସାମାଜିକ ମିଳନର ଦୃଶ୍ୟ ବାସ୍ତବରେ ବଡ଼ ପ୍ରୀତିପ୍ରଦ ଅଟେ।

———

ଉତ୍କଳସଭାର ଗତ ଦ୍ୱିତୀୟ ଶୁକ୍ରବାର ଅଧିବେଶନର ବିବରଣ ଯାହା ସ୍ଥାନାନ୍ତରେ ପ୍ରକାଶିତ ହୋଇଅଛି ତାହା ବିଶେଷରୂପେ ଚିନ୍ତା ଓ ଆଲୋଚନା କରିବାର ଆବଶ୍ୟକ। ସେ ସମ୍ବନ୍ଧରେ ଆଜ ଏତିକି କହୁଁ ଯେ ବ ୧୮ ବର୍ଷ ହେଲା ଏ ସଭା ନାନା ଶ୍ରେଣୀର ଲୋକଙ୍କୁ ନେଇ ଉତ୍କଳର ସାଧାରଣ ହିତକର ଚର୍ଚ୍ଚା କରିଆସୁଅଛି ଏବଂ ଏହି ଦୀର୍ଘକାଳ ମଧ୍ୟରେ ଓଡ଼ିଆ ଭିଷା ଓ ଗଦ୍ୟରେ ଅନେକ ଅନ୍ତର ହୋଇଅଛି। ମାତ୍ର ସେତେ ଅଧିକାଂଶ ବକ୍ତା ଯେପରି ବାକ୍ୟରେ ଅପଶବ୍ଦ ଅଭିମତ ବ୍ୟକ୍ତ କଲେ ତହିଁରେ ଉକ୍ତ ସ୍ଥାନରେ ଅବନତିର ସ୍ପଷ୍ଟ ସଙ୍କେତ ଦେଖି ଅତ୍ୟନ୍ତ ଦୁଃଖିତ ହେଲୁଁ। ଦେଶର ପ୍ରତିନିଧି ଯେଉଁଠାରେ ଏକ ବସନ୍ତି ସେଠାରେ ଦେଶର ଦରକାର ମତେ କହିବାକୁ ହେବ। ଏକ ସମ୍ମୁଖରେ ବାକ୍ୟରେ କୁତ୍ସା ଅସୁସ୍ଥାନ ତଥା ସଭାର ସମ୍ମାନ ହାନିକର। ସେ ସଭାର ବକ୍ତାମାନେ ପ୍ରାୟ ସମସ୍ତେ ଉଚ୍ଚ ଥିଲେ। ଅଧ୍ୟାପକ ଲଭର ବିଚାରପତି ସମ୍ମୁଖରେ ସେପରି ବାକ୍ୟ ପ୍ରୟୋଗ କରି ପାରନ୍ତେ କି? ମତ ଭେଦ ଏକ କଥା ଓ ଅବାକ୍ୟ ପ୍ରୟୋଗ ଅନ୍ୟ କଥା। ଭରସା କରୁଁ ବକ୍ତାମାନେ ଧୀରଭାବରେ ନିଜ କଥା ଚିନ୍ତା କର ଏ ଟି ଭ୍ରମରେ ପଶ୍ଚାତ୍ତାପ କରିବେ।

———

କାପିଟେଲ ନାମକ ବ୍ୟବସାୟ ସମ୍ବନ୍ଧୀୟ ପତ୍ରିକାରେ କଣ୍ଠାଳ "ମାଦ୍ରସ" ଲେଖିଅଛନ୍ତି ଯେ କଲିକତାର ଅଂଶୀଦାରମାନଙ୍କ ଔଦାସିନ୍ୟ ଅଦ୍ଭୁତ ପ୍ରକାର ଅଟେ। କୌଣସି ଗୋଟିଏ କମ୍ପାନି ବର୍ଷ ବର୍ଷ ଉତ୍ତମ ଲାଭ ତାଙ୍କୁ ଦେଉଥିଲେ ହେଁ ଯେଉଁମାନେ କାର୍ଯ୍ୟ ଚଳାନ୍ତି ତାଙ୍କ ଛଡ଼ା ଅନ୍ୟ ଲୋକ ସଭାରେ ଉପସ୍ଥିତ ହୁଅନ୍ତି ନାହିଁ, କେହି ଧନ୍ୟବାଦ ଦେବାର ପ୍ରସ୍ତାବ କରନ୍ତି ନାହିଁ, କମ୍ପାନି କାର୍ଯ୍ୟ କିରୂପ ଚାଲୁଅଛି ଦେଖନ୍ତି ନାହିଁ। ମାତ୍ର ଦୁର୍ବର୍ଷ ହେଲା ମାତ୍ରକେ କାର୍ଯ୍ୟକର୍ତ୍ତାଙ୍କ ପ୍ରତି ଅଂଶୀଦାରମାନଙ୍କ ଅନ୍ଧ ସନ୍ଦେହ ପ୍ରକାଶିତ ହୋଇ ଗାଳିଗୁଲଜରେ ତହିଁର ସମାଧାନ ହୁଏ। ସାଧାରଣ ଅଂଶୀଦାରମାନଙ୍କଠାରେ କୃତଜ୍ଞତା ନାହିଁ ଏବଂ ସେ ସନ୍ଦେହରର ଉପଯୁକ୍ତ ନୁହନ୍ତି। ଏ କଥା ଗୁଡ଼ିକ ଏକା କଲିକତା ନାହିଁ ଏ ଦେଶର ସବୁସ୍ଥାନ ପ୍ରତି ଖଟିବ। କମ୍ପାନି ଗଠନର ଅଂଶୀଦାର ପାଇବା ପ୍ରଥମତଃ ଅଭାବ କଷ୍ଟକର, ପରେ ଅଂଶୀଦାରମାନେ କମ୍ପାନିର କାର୍ଯ୍ୟ ଚଳିବା ପ୍ରତି ଉଦାସୀନ ରହନ୍ତି। ଲଭପ୍ରାପ୍ତ ପାଉଥିଲେ ଅଧିକ କଣ ଲୋଡ଼ିବାକୁ ନ ଯିବ, ଯେମନ୍ତ ସେମାନଙ୍କର ସ୍ୱଭାବ ଧନ୍ୟବାଦ ଦେବା କଥା ମଧ୍ୟ କେମନ୍ତ ଅଛି। ମାତ୍ର କୌଣସି କାରଣରୁ ଲଭାଂଶ କମ ପଡ଼ିଲେ ଯେତେ ପରିଶ୍ରମରେ କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟ କରନ୍ତୁ ପଛକେ ତାଙ୍କ ପ୍ରତି ସନ୍ଦେହ ଦେଖାଇବା ନିଶ୍ଚିତ ଥାଏ ଅଗ ନିନ୍ଦା କରିବାକୁ ବିସ୍ମିତ ହେବେ। ଏ ସମସ୍ତ ନୟର ଦୋଷ। କମ୍ପାନିର କାର୍ଯ୍ୟ ଯେ କେତେ କଷ୍ଟକର ଏହି ତାହା ଜଣା ଥିଲେ ଏମାନଙ୍କର ଏମନ୍ତ ଦଶା ହୋଇ ନ ଥାନ୍ତା। ସମସ୍ତ ଅଂଶୀଦାର ଉତ୍ସାହିତ

Digitized by srujanika@gmail.com